# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ପୃଷ୍ଠା–୮+୮

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୯/୨୦୨୬ (୮+୮=୧୬ ପୃଷ୍ଠା) | Bhubaneswar, Thursday, April 9/2026 | Page 16 | ₹ 7.00

୫୨ଶ ଭାଗ ୧୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 134 | ମୂଲ୍ୟ ₹୭/-




**ଇରାନ୍‌କୁ ଅସ୍ତ୍ର ଯୋଗାଇଥିବା ଦେଶକୁ ୫୦% ଟାରିଫ୍: ଟ୍ରମ୍ପ୍**

ଇରାନ୍‌କୁ ଯୁଦ୍ଧରେ ଅସ୍ତ୍ର ଯୋଗାଇଥିବା ଦେଶଗୁଡ଼ିକର ସାମଗ୍ରୀ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୫୦% ଟାରିଫ୍ ଘୋଷଣା କରିଛନ୍ତି ।

୦୨

୦୮

**ଶୁବମନ ଗିଲ୍‌ଙ୍କ ଅର୍ଦ୍ଧଶତକ**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରିଛନ୍ତି ଗୁଜରାଟ ଟାଇଟନ୍ସ ଅଧିନାୟକ ଶୁବମନ ଗିଲ୍।



## ମହିଳା ସଂରକ୍ଷଣ ଆଇନ | ସଂଶୋଧନ ଚିଠା ବିଲ୍‌କୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୮।୪(ପି.ଟି.)

୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ଲୋକ ସଭା ଆସନ ସଂଖ୍ୟା ୫୪୩ରୁ ୮୧୬କୁ ବୃଦ୍ଧି କରାଯିବା ପ୍ରସ୍ତାବ ରହିଛି। ସେଥିରୁ ୨୭୩ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରଖିବା ପାଇଁ ମହିଳା ସଂରକ୍ଷଣ ଆଇନରେ ସଂଶୋଧନ ଅଣାଯିବ। ଏ ସମ୍ପର୍କିତ ଚିଠା ବିଧେୟକକୁ ବୁଧବାର କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ମିଳିଛି।

ସୂତ୍ରରୁ ଜଣାପଡ଼ିଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ଆଇନରେ ସଂଶୋଧନ ସକାଶେ ଅଣାଯାଇଥିବା ସଂଶୋଧନ ପ୍ରସ୍ତାବକୁ ଅନୁମୋଦିତ ହୋଇଛି। ଇତିମଧ୍ୟରେ ସରକାର ପାର୍ଲାମେଣ୍ଟର ବଜେଟ ଅଧିବେଶନ ଅବଧିକୁ ଆଉ ୩ ଦିନ ବଢ଼ାଇଦେଇଛନ୍ତି। ଏପ୍ରିଲ ୧୬ରୁ ୧୮ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସ୍ୱତନ୍ତ୍ର ଅଧିବେଶନରେ ଉକ୍ତ ସଂଶୋଧନ ବିଧେୟକ ପାରିତ ☞ପୃଷ୍ଠା–୪

# ଇରାନ ମାନୁନି ଅସ୍ତ୍ରବିରତି

- **ୟୁଏଇ, କୁଏତ୍, ବାହାରିନ୍‌ରେ ଆକ୍ରମଣ ଜାରି**
- **ହେଜ୍‌ବୋଲ୍ଲାକୁ ଇସ୍ରାଏଲ୍‌ର ଟାର୍ଗେଟ**

ପାକିସ୍ତାନ ମଧ୍ୟସ୍ଥତାରେ ଆମେରିକା ଓ ଇରାନ୍ ମଧ୍ୟରେ ୨ ସପ୍ତାହର ଅସ୍ତ୍ରବିରତି ପାଇଁ ସହମତି ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନ୍‌କୁ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ' ଖୋଲିବା ପାଇଁ ଶେଷ ସମୟ ସୀମା ଦେଇଥିଲେ। ଏହି ସମୟ ସୀମା ଶେଷ ହେବାର ୨ ଘଣ୍ଟା ପୂର୍ବରୁ ଏହି ଚୁକ୍ତି ହୋଇଛି। କିନ୍ତୁ ଏହି ଚୁକ୍ତିକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ମୁଖ୍ୟ ବିବାଦଗୁଡ଼ିକର ସମାଧାନ ଏପର୍ଯ୍ୟନ୍ତ ହୋଇନାହିଁ। ଇରାନ୍ ଏବଂ ଆମେରିକା ପରସ୍ପରର ସର୍ତ୍ତକୁ ନେଇ ଅଟଳ ଅଛନ୍ତି। ଅସ୍ତ୍ରବିରତି ଘୋଷଣାର ମାତ୍ର କିଛି ଘଣ୍ଟା ପରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଉପରକୁ ଇରାନ୍ ପକ୍ଷରୁ ମିସାଇଲ ମାଡ଼ ହୋଇଥିବା ଖବର ମିଳିଛି। ସେହିପରି କୁଏତ୍ ମଧ୍ୟ ଡ୍ରୋନ୍ ଆକ୍ରମଣର ଜବାବ ଦେଉଥିବା କୁହାଯାଇଛି। ଇରାନ୍ ଦାବି କରିଛି ଯେ, ଏହି ଚୁକ୍ତି ଅନୁସାରେ ସେ ଜଳପଥ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ' ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଶୁଳ୍କ ଲଗାଇବ। ଇରାନର ସରକାରୀ ଗଣମାଧ୍ୟମ ଏହାକୁ ନିଜର ବିଜୟ ବୋଲି କହୁଛି। ସେମାନଙ୍କ କହିବା ଅନୁସାରେ, ଆମେରିକା ସମସ୍ତ କଟକଣା ହଟାଇବାକୁ ରାଜି ହୋଇଛି। ଅନ୍ୟପକ୍ଷରେ ଲେବାନନ ଉପରେ ଆକ୍ରମଣ ବନ୍ଦ କରିବ ନାହିଁ ବୋଲି ଇସ୍ରାଏଲ ସିଧାସଳଖ ମନା କରିଦେଇଛି। ତେହରାନର ରାଜପଥରେ ଇରାନ୍ ଶାସକ ସମର୍ଥକମାନେ ଆମେରିକା ଏବଂ ଇସ୍ରାଏଲ ବିରୋଧରେ ନାରାବାଜି କରୁଛନ୍ତି। ସେଠାରେ ଲୋକମାନେ ଏହି ଚୁକ୍ତିକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି, ଯାହା ଶାନ୍ତି ପ୍ରକ୍ରିୟା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। କାଗଜପତ୍ରରେ ଯୁଦ୍ଧ ବନ୍ଦ ହେବାର ଘୋଷଣା ହୋଇଥିଲେ ମଧ୍ୟ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ଲେବାନନ୍‌ର ସାଇଦାରେ ଇସ୍ରାଏଲ୍ ପକ୍ଷରୁ ବୁଧବାର ଏୟାର ଷ୍ଟ୍ରାଇକ୍ ପରେ ଭଗ୍ନାବଶେଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। **(ଫଟୋ: ଗାର୍ଡିଆନ୍)**

ତେହରାନ୍/ୱାଶିଂଟନ୍/ଦୁବାଇ, ୮।୪(ଏ.ପି./ରଏଟର୍ସ)

ମଧ୍ୟପ୍ରାଚ୍ୟ ଆକାଶକୁ ୩୯ ଦିନ ଧରି ଆଚ୍ଛାଦିତ କରି ରଖିଥିବା ଯୁଦ୍ଧ ଘନଘଟାର ଘନକଳାବାଦଲ ଶେଷରେ ହଟିଯାଇଛି। ଇରାନ୍ ସହ ଆମେରିକା ଓ ଇସ୍ରାଏଲ୍ ୨ ସପ୍ତାହ ପାଇଁ ସାମୟିକ ଅସ୍ତ୍ରବିରତି କରିବାକୁ ସହମତି ପ୍ରକାଶ କରିଛନ୍ତି। ୧୧ ଘଣ୍ଟାର ଡିଲ୍ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନୀୟ ସଭ୍ୟତାକୁ ଧ୍ୱଂସ କରିଦେବା ପାଇଁ ଦେଇଥିବା ଧମକରୁ ଓହରିଯାଇଛନ୍ତି। ଟ୍ରମ୍ପ୍ ଶାନ୍ତି ପାଇଁ ୧୫ ସୂତ୍ରୀ ପ୍ରସ୍ତାବ ରଖିଥିବାବେଳେ ଇରାନ୍ ୧୦ଟି ଦାବି ଉପସ୍ଥାପନ କରିଛି। ତେବେ ଏହି ଘୋଷଣାର କିଛି ଘଣ୍ଟା ପରେ ଇରାନ୍ ଓ ଉପସାଗରୀୟ ଆରବ ଦେଶଗୁଡ଼ିକରେ ☞ପୃଷ୍ଠା–୪

## ତୈଳ ବ୍ୟାରେଲ ଦର ୯୪ .୨୭ ଡଲାରକୁ ଖସିଲା

**୧ ଡଲାର= ୯୨.୫୫ ଟଙ୍କା**

ନୂଆଦିଲ୍ଲୀ , ୮।୪

ଇରାନ୍ ଉପରେ ଭୟଙ୍କର ଆକ୍ରମଣ କରିବାକୁ ଆମେରିକା ଧମକ ଦେଇଥିଲାବେଳେ ସାରା ବିଶ୍ୱରେ ଆଶଙ୍କା ଦେଖାଯାଇଥିଲା। ଆମେରିକା ଆକ୍ରମଣ କଲେ ବୈଶ୍ୱିକ ଅର୍ଥନୀତି ସ୍ଥିତି ଆହୁରି ଗମ୍ଭୀର ହୋଇପଡ଼ିବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ମଙ୍ଗଳବାର ରାତିରେ ଉଭୟ ପକ୍ଷ ମଧ୍ୟରେ ୧୫ ଦିନିଆ ଯୁଦ୍ଧ ବିରତି ଘୋଷଣା କରାଯିବା ପରେ ଏହାର ଅନୁକୂଳ ପ୍ରଭାବ ବିଶ୍ୱ ବଜାର ଉପରେ ତତ୍କାଳ ଅନୁଭୂତ ହୋଇଛି। ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟରେ ଅନ୍ୟୂନ ୧୫ ପ୍ରତିଶତ ହ୍ରାସ ଘଟିବା ସହ ବ୍ରେଣ୍ଟ କ୍ରୁଡ୍ ବ୍ୟାରେଲ ପିଛା ମୂଲ୍ୟ ୧୦୦ ଡଲାର ତଳକୁ ଖସି ୯୪.୨୭ ଡଲାର ରହିଛି। ପ୍ରାୟ ୬ ବର୍ଷ ପରେ ଗୋଟିଏ ଦିନରେ ଅଶୋଧିତ ତୈଳ ମୂଲ୍ୟରେ ଏହି ହ୍ରାସ ସର୍ବାଧିକ ବୋଲି କୁହାଯାଇଛି। ଫେବୃଆରୀ ୨୮ରେ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ତୈଳ ଦର ବ୍ୟାରେଲ ପିଛା ମୂଲ୍ୟ ୭୩ ଡଲାର ରହିଥିଲା। ପ୍ରାୟ ସପ୍ତାହ ତଳେ ବ୍ୟାରେଲ ପିଛା ମୂଲ୍ୟ ୧୨୦ ଡଲାର ନିକଟବର୍ତ୍ତୀ ହୋଇଥିଲା। ତେବେ ମଙ୍ଗଳବାର ତୈଳ ବ୍ୟାରେଲ ପିଛା ମୂଲ୍ୟ ୧୦୯.୨୭ ଡଲାର ରହିଥିଲାବେଳେ ଯୁଦ୍ଧ ବିରତି ଘୋଷଣା ପରେ ଏହା ୯୪ .୨୭ ଡଲାରକୁ ଖସି ଆସିଛି। ବିଶେଷକରି ଯୁଦ୍ଧ ବିରତି ସହ ହର୍ମୁଜ୍ ଷ୍ଟ୍ରେଟ୍‌ରେ ତୈଳ ପରିବହନ ସ୍ୱାଭାବିକ ହେବା ସମ୍ଭାବନା ବଢ଼ିବାରୁ ତୈଳ ମୂଲ୍ୟ ଆଶାତୀତ ଭାବେ ହ୍ରାସ ପାଇଥିବା କୁହାଯାଇଛି। ତୈଳ ଦର ହ୍ରାସ ପାଇବାରୁ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ମଧ୍ୟ ବୃଦ୍ଧି ପରିଲକ୍ଷିତ ହୋଇଛି। ମଙ୍ଗଳବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୨.୯୬ ରହିଥିଲା। କିନ୍ତୁ ବୁଧବାର ଟଙ୍କା ମୂଲ୍ୟରେ ୪୧ ପଇସା ବୃଦ୍ଧି ସହ ଡଲାର–ଟଙ୍କା ବିନିମୟ ମୂଲ୍ୟ ୯୨.୫୫ ରହିଛି।

**ଆଜିର ସମ୍ପାଦକୀୟ**

ଆଦ୍ୟ ମନ୍ଦିର












ଲେବାନନ୍‌ର ବିରୁଟ୍‌ସ୍ଥିତ ଅଲ୍‌ମଜରା ଅଞ୍ଚଳ ବୁଧବାର ଇସ୍ରାଏଲ୍ ଆକ୍ରମଣରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। (ଫଟୋ: ଗାର୍ଡିଆନ୍)

# ଧର୍ମୀୟ ଅନ୍ଧବିଶ୍ୱାସ ଉପରେ ବ୍ୟବସ୍ଥାପିକା ନିଷ୍ପତ୍ତି ଚୂଡ଼ାନ୍ତ ନୁହେଁ

## ସାବରିମାଲା ବିବାଦକୁ ନେଇ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

ନୂଆଦିଲ୍ଲୀ,୮।୪

କେରଳମ୍‌ସ୍ଥିତ ସାବରିମାଲା ମନ୍ଦିରର ରୀତିନୀତିକୁ ଭଗବାନ ଆୟାପ୍ପାଙ୍କ ଜଣେ ଅଣଭକ୍ତ କିପରି ଚ୍ୟାଲେଞ୍ଜ କରିପାରିବେ ବୋଲି ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଏଥିସହ ଧର୍ମୀୟ ଅନ୍ଧବିଶ୍ୱାସ କାହାକୁ କୁହାଯିବ ସେନେଇ ବ୍ୟବସ୍ଥାପିକାର ନିଷ୍ପତ୍ତି ଚୂଡ଼ାନ୍ତ ନୁହେଁ ବୋଲି ଶୀର୍ଷ ଅଦାଲତ ସ୍ପଷ୍ଟ କରିଛନ୍ତି। ସାବରିମାଲା ସମେତ ଧର୍ମପୀଠଗୁଡ଼ିକରେ ମହିଳାଙ୍କ ବିରୋଧରେ ଭେଦଭାବ ସମ୍ପର୍କିତ ଆବେଦନଗୁଡ଼ିକର ଶୁଣାଣି ବେଳେ ୯ ବିଚାରପତି ବିଶିଷ୍ଟ ସାମ୍ବିଧାନିକ ପୀଠ ଏହି ମନ୍ତବ୍ୟ ଦେଇଛନ୍ତି।

ବିଭିନ୍ନ ଧର୍ମ ଅନୁସରଣକାରୀଙ୍କ ଧର୍ମୀୟ ପରିଧି ଉପରେ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ବି.ଭି. ନାଗରତ୍ନ, ଏମ୍.ଏମ୍. ସୁନ୍ଦରେଶ, ଅହସାନୁଦ୍ଦିନ ଅମାନୁଲ୍ଲାହ, ଅରବିନ୍ଦ କୁମାର, ଅଗୁଷ୍ଟାଇନ୍ ଜର୍ଜ ମସିହ, ପ୍ରସନ୍ନା ବି. ଭାରାଲେ, ଆର୍. ମହାଦେବନ୍ ଏବଂ ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ସାମ୍ବିଧାନିକ ପୀଠରେ ବୁଧବାର ଶୁଣାଣି ହୋଇଛି। ଏହି ଅବସରରେ ପୀଠ ଧର୍ମୀୟ ସ୍ୱାଧୀନତାର ପରିସର ସମ୍ପର୍କିତ ୭ଟି ପ୍ରଶ୍ନ କରିଛନ୍ତି। ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ବାଢ଼ିଥିଲେ, କେଉଁଟାକୁ



ଧର୍ମୀୟ ଅନ୍ଧବିଶ୍ୱାସ ବୋଲି ଧରାଯିବ ତାହା ନିର୍ଣ୍ଣୟ କରିବା ଅଦାଲତଙ୍କ ଅଧିକାର ପରିସରଭୁକ୍ତ ନୁହେଁ। ଏହି କ୍ଷମତା ସମ୍ପୂର୍ଣ୍ଣ ରୂପେ ସମ୍ବିଧାନର ଅନୁଚ୍ଛେଦ ୨୫(୨)(ବି) ମାଧ୍ୟମରେ ବ୍ୟବସ୍ଥାପିକାର ଅଧିକାର ପରିସରଭୁକ୍ତ। ଅନ୍ଧବିଶ୍ୱାସ ଉପରେ ଅଙ୍କୁଶ ଲଗାଇବା ପାଇଁ ବ୍ୟବସ୍ଥାପିକା ଆଇନ ପ୍ରଣୟନ କରିପାରିବ। ପୀଠ ଏହାକୁ ଖଣ୍ଡନ କରି କହିଛନ୍ତି, କାହାକୁ ଧର୍ମୀୟ ଅନ୍ଧବିଶ୍ୱାସ କୁହାଯିବ ତାହା ନ୍ୟାୟିକ ବିଚାର ପରିସରଭୁକ୍ତ। ବିଧାନସଭା କିମ୍ବା ପାର୍ଲାମେଣ୍ଟ ତାହା ସ୍ଥିର କରିପାରିବେ ନାହିଁ।

## ଟିଏମ୍‌ସି ନେତାଙ୍କୁ ବୈଠକରୁ ବାହାରିଯିବାକୁ କହିଲେ ସିଇସି

ନୂଆଦିଲ୍ଲୀ,୮।୪

ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପ୍ରତିନିଧି ଦଳ ଏବଂ ମୁଖ୍ୟ ନିର୍ବାଚନ କମିଶନର (ସିଇସି)ଙ୍କ ମଧ୍ୟରେ ବୁଧବାର ଯୁକ୍ତିତର୍କ, କଥା କଟାକଟି ହୋଇଛି। ସିଇସି ଜ୍ଞାନେଶ କୁମାର ପ୍ରତିନିଧି ଦଳ ସଦସ୍ୟଙ୍କୁ ବୈଠକରୁ ବାହାରି ଯିବାକୁ କହିଥିବା ଅଭିଯୋଗ ହୋଇଛି। ରାଜ୍ୟ ସଭାର ଟିଏମ୍‌ସି ନେତା ଡେରେକ୍ ଓ'ବ୍ରାଏନ୍‌ଙ୍କ ନେତୃତ୍ୱରେ ଉପନେତା ସାଗରିକା ଘୋଷ, ଏମ୍‌ପି ସାକେତ ଗୋଖଲେ ଓ ମେନକା ଗୁରୁସ୍ୱାମୀ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନଙ୍କ ପୂର୍ଣ୍ଣ ପୀଠଙ୍କୁ ସାକ୍ଷାତ୍ କରିବାକୁ ଯାଇଥିଲେ। ଉକ୍ତ ବୈଠକରେ ସିଇସିଙ୍କ ସହ ଅନ୍ୟ ୨ କମିଶନର ଉପସ୍ଥିତ ଥିଲେ। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ସମ୍ପର୍କିତ ଅପପ୍ରଚାର ଏବଂ ନିର୍ବାଚନ କମିଶନ ଭାଜପାର ପକ୍ଷ ନେଉଥିବା ଆଦି ପ୍ରସଙ୍ଗରେ ଆଲୋଚନା ଚାଲିଥିଲା। ଏହି ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦେଇଥିବା ୯ଟି ପତ୍ର ସେମାନେ ସିଇସିଙ୍କୁ ପ୍ରଦାନ କରିଥିଲେ। ତେବେ ଜ୍ଞାନେଶ କୁମାର ତାକୁ ଗ୍ରହଣ କରି ନ ଥିବା ଏମ୍‌ପିମାନେ କହିଛନ୍ତି। କମିଶନ ଭାଜପାର ପକ୍ଷ ନେଲେ ପଶ୍ଚିମବଙ୍ଗରେ କିପରି ଭାବେ ମୁକ୍ତ ଓ ଅବାଧ ନିର୍ବାଚନ କରାଇବେ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏହା ଶୁଣିବା ପରେ ସିଇସି ସେମାନଙ୍କୁ କହିଥିଲେ, ଗେଟ୍ ଲଷ୍ଟ।

# ଶତାଧିକ ନିହତ, ୭୦୦ ଆହତ

## ଜବାବରେ ହର୍ମୁଜ୍ ଷ୍ଟ୍ରେଟ୍ ବନ୍ଦକଲା ଇରାନ୍

ବିରୁଟ୍,୮।୪(ଏ.ପି.)

ଇରାନ୍ ସହ ଆମେରିକା-ଇସ୍ରାଏଲ୍ ବୁଧବାର ଯୁଦ୍ଧବିରତି ଘୋଷଣା କରିବାର କିଛି ଘଣ୍ଟା ପରେ ଲେବାନନ୍ ଉପରେ ଇସ୍ରାଏଲୀ ଷ୍ଟ୍ରାଇକ୍ ଅନେକଙ୍କୁ ଆଚମ୍ବିତ କରିଛି। ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍) କେନ୍ଦ୍ରୀୟ ବିରୁଟ୍‌ର ଅନେକ ବ୍ୟବସାୟିକ ଓ ଆବାସିକ ଅଞ୍ଚଳରେ ଅତର୍କିତ ଆକ୍ରମଣ କରିଛି। ଏହି ଏୟାର ଷ୍ଟ୍ରାଇକ୍‌ରେ ଅନ୍ୟୂନ ୧୧୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡ଼ିଛି। ଏହାକୁ ଇସ୍ରାଏଲ୍-ହେଜ୍‌ବୋଲ୍ଲାର ସଦ୍ୟତମ ଘାତକ ଯୁଦ୍ଧ ବୋଲି କୁହାଯାଉଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିପିଏସ୍ ନ୍ୟୁଜ୍ ଆୱାରକୁ କହିଛନ୍ତି, ଲେବାନନ୍‌ର ଆତଙ୍କବାଦୀ ସଙ୍ଗଠନ ହେଜ୍‌ବୋଲ୍ଲା ଯୋଗୁ ଅସ୍ତ୍ରବିରତିରେ ଲେବାନନ୍‌କୁ ସାମିଲ କରାଯାଇ ନାହିଁ। ଇସ୍ରାଏଲୀ ଷ୍ଟ୍ରାଇକ୍ ଏକ ଭିନ୍ନ ସଂଘର୍ଷ। ପାକିସ୍ତାନ ହେଜ୍‌ବୋଲ୍ଲାକୁ ସାମିଲ କରିବା ନେଇ ପ୍ରସ୍ତାବ ଦେଇଥିଲେ ହେଁ ଇସ୍ରାଏଲ୍ ମଧ୍ୟ ଲେବାନନ୍‌କୁ ଏଥିରେ ଅନ୍ତର୍ଭୁକ୍ତ କରିବାକୁ ମନା କରିଦେଇଛି।

## ଇସ୍ରାଏଲ୍‌ର ଲେବାନନ୍ ଆକ୍ରମଣ: ନିନ୍ଦାକଲା ଜାତିସଂଘ



ବିରୁଟ୍‌ରେ ଇସ୍ରାଏଲ୍‌ର ଘନଘନ ଏୟାର ଷ୍ଟ୍ରାଇକ୍ ପରେ କୋଠାଗୁଡ଼ିକରୁ ଧୂଆଁ ଉଠୁଛି।

ସିଜ୍‌ଫାୟାର ଘୋଷଣା ହେବା ମାତ୍ରେ ଲେବାନୀୟମାନେ ଆଶ୍ୱସ୍ତି ଅନୁଭବ କରିଥିଲେ। କିନ୍ତୁ ଇସ୍ରାଏଲୀ ସେନା ବିରୁଟ୍, ଦକ୍ଷିଣ ଲେବାନନ୍ ଓ ବେକା ଉପତ୍ୟକାରେ ଥିବା ହେଜ୍‌ବୋଲ୍ଲାର ଶତାଧିକ ଅଡ୍ଡାକୁ ମାତ୍ର ୧୦ ମିନିଟ୍‌ରେ ଆକ୍ରମଣ କରି ଧ୍ୱସ୍ତବିଧ୍ୱସ୍ତ କରିଦେଇଛି। ଏହା ପରେ ଲେବାନନ୍‌ରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ବୁଧବାର ଅପରାହ୍ନରେ ବହୁ ସଂଖ୍ୟକ ଆପାର୍ଟମେଣ୍ଟ ବିଧ୍ୱସ୍ତ ହୋଇଯାଇଥିବାବେଳେ ବିଭିନ୍ନ ସ୍ଥାନରେ ବିସ୍ଫୋରଣର ଧୂଆଁ ଆକାଶକୁ ଆଚ୍ଛାଦିତ କରି ରଖିଥିଲା। ଉଦ୍ଧାରକାରୀ ଦଳ ଭଗ୍ନାବଶେଷ ତଳୁ ଅନେକ ମୃତଦେହକୁ ବାହାର କରି ଆମ୍ବୁଲାନ୍ସରେ ନେଉଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ହେଜ୍‌ବୋଲ୍ଲା ପକ୍ଷରୁ ଇସ୍ରାଏଲ୍ ଆକ୍ରମଣର ଜବାବ ଦିଆଯାଇ ନ ଥିବା ଜଣାପଡ଼ିଛି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଇସ୍ରାଏଲ୍‌ର ଲେବାନନ୍ ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି। ଏହି ଏୟାର ଷ୍ଟ୍ରାଇକ୍‌ରେ ବହୁ ସାଧାରଣ ନାଗରିକ ପ୍ରାଣ ହରାଇବା ଅତ୍ୟନ୍ତ ଦୁଃଖଦାୟକ ବୋଲି ଗୁଟେରେସ୍ ପ୍ରକାଶ କରିଛନ୍ତି। ଏଥିସହ କୂଟନୈତିକ ଉପାୟରେ ସମାଧାନର ବାଟ ବାହାର କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ସେପଟେ ଲେବାନନ୍ ଉପରେ ଇସ୍ରାଏଲୀ ଆକ୍ରମଣକୁ ନେଇ ଇରାନ୍ କହିଛି, ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ତୈଳ ଟ୍ୟାଙ୍କରଗୁଡ଼ିକୁ ପରିବହନ ପାଇଁ ଅନୁମତି ଦେବାକୁ ପୂର୍ବରୁ ଯାହା ଚିନ୍ତା କରାଯାଉଥିଲା, ସେହି ପ୍ରସ୍ତାବକୁ ବର୍ତ୍ତମାନ ସ୍ଥଗିତ ରଖାଯାଇଛି। ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ବନ୍ଦ ରହିବ ବୋଲି ତେହରାନ୍ ସ୍ପଷ୍ଟ କରିଛି।

## ଇରାନ୍‌କୁ ଅସ୍ତ୍ର ଯୋଗାଇଥିବା ଦେଶକୁ ୫୦% ଟାରିଫ୍: ଟ୍ରମ୍ପ

ୱାଶିଂଟନ୍,୮।୪



ଡୋନାଲ୍ଡ ଟ୍ରମ୍ପ

ଇରାନ୍ ଓ ଆମେରିକା ମଧ୍ୟରେ ୨ ସପ୍ତାହ ପାଇଁ ଅସ୍ତ୍ରବିରତି ସହମତି ପ୍ରକାଶ ପାଇଛି। କିନ୍ତୁ କୌଣସି ପକ୍ଷ ପରସ୍ପର ପ୍ରତି ଶତ୍ରୁଭାବ ଛାଡ଼ିନାହାନ୍ତି। ଏହି କ୍ରମେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଇରାନ୍‌କୁ ଅସ୍ତ୍ର ଯୋଗାଣକାରୀ ଦେଶଗୁଡ଼ିକୁ ଉଚ୍ଚ ଟାରିଫ୍‌ର ଚେତାବନୀ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି, ଯୁଦ୍ଧବେଳେ ଯେଉଁ ଦେଶଗୁଡ଼ିକ ଇରାନ୍‌କୁ ଅସ୍ତ୍ର ଯୋଗାଇଛନ୍ତି ବା ଆଗକୁ ଅସ୍ତ୍ରଶସ୍ତ୍ର ଯୋଗାଇବାକୁ ଯାଉଛନ୍ତି, ସେମାନଙ୍କ ସାମଗ୍ରୀ ଉପରେ ଆମେରିକା ତତ୍କାଳ ୫୦% ଟାରିଫ୍ ଲଗାଇବ। ଏଥିରେ କୌଣସି ବ୍ୟତିକ୍ରମ ବା ଛାଡ଼ ରହିବ ନାହିଁ ବୋଲି ଟ୍ରମ୍ପ ଟ୍ରୁଥ୍ ସୋସିଆଲ ପ୍ଲାଟ୍‌ଫର୍ମରେ ଉଲ୍ଲେଖ କରିଛନ୍ତି। ଅନ୍ୟ ଏକ ପୋଷ୍ଟରେ ସେ ଆହୁରି ଉଲ୍ଲେଖ କରିଛନ୍ତି, ତାଙ୍କ ପ୍ରଶାସନ ଇରାନ୍ ଉପରୁ ଟାରିଫ୍ ଓ କଟକଣା ହଟାଇବା ନେଇ ଆଲୋଚନା ଜାରି ରଖିଛି। ଏହା ବଦଳରେ ତେହରାନ୍ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ସାମୟିକ ଭାବେ ଖୋଲିବ। ଏହା ୱାଶିଂଟନ୍‌ର 'ସମ୍ପୂର୍ଣ୍ଣ ବିଜୟ' ବୋଲି ଟ୍ରମ୍ପ ଅଭିହିତ କରିଛନ୍ତି।

## ଅସ୍ତ୍ରବିରତି ଯୋଜନାରେ ହେରଫେର କରିଛି ଇରାନ୍: ହ୍ୱାଇଟ୍ ହାଉସ୍

ୱାଶିଂଟନ୍,୮।୪

୧୪ ଦିନିଆ ଅସ୍ତ୍ରବିରତି ପାଇଁ ଇରାନ୍ ପକ୍ଷରୁ ୧୦ଟି ଦାବି କରାଯାଇଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତେହରାନ୍‌କୁ ୧୫ଟି ପ୍ରସ୍ତାବ ଦେଇଛନ୍ତି। ତେବେ ଇରାନ୍ ଗଣମାଧ୍ୟମ ଓ ସର୍ବସାଧାରଣରେ ଉପସ୍ଥାପନ କରୁଥିବା ଅସ୍ତ୍ରବିରତି ଯୋଜନାର ୧୦ ଦାବି ମୂଳ ଦାବିଠାରୁ ଭିନ୍ନ। ଯେଉଁ ଦାବିଗୁଡ଼ିକୁ ନେଇ ଆଲୋଚନା ବେଳେ ସହମତି ପ୍ରକାଶ ପାଇଥିଲା, ବାସ୍ତବରେ ସେଥିରେ ତେହରାନ୍ ହେରଫେର କରି ନୂଆ ଦାବିଗୁଡ଼ିକୁ ଏବେ ସାମ୍ନାକୁ ଅଣାଯାଉଛି ବୋଲି ହ୍ୱାଇଟ୍ ହାଉସ୍ ଅସନ୍ତୋଷ ବ୍ୟକ୍ତ କରିଛି।

## ଯୁଦ୍ଧବିରତିରେ ପାକ୍‌ର ମଧ୍ୟସ୍ଥତା ନେଇ କଂଗ୍ରେସର କଟାକ୍ଷ

ନୂଆଦିଲ୍ଲୀ,୮।୪

ଇରାନ୍ ସହ ଆମେରିକାର ଯୁଦ୍ଧ ବନ୍ଦ ପାଇଁ ପାକିସ୍ତାନର ମଧ୍ୟସ୍ଥତା ପ୍ରସଙ୍ଗରେ ବୁଧବାର କେନ୍ଦ୍ର ସରକାରଙ୍କୁ କଂଗ୍ରେସ ଟାର୍ଗେଟ କରିଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଟାକ୍ଷ କରି କହିଛନ୍ତି, ଇସ୍ରାଏଲ୍ ଇରାନ୍ ଉପରେ ଆକ୍ରମଣ କରୁଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ନୀରବତା ଭୀରୁ ସଦୃଶ। ପାକିସ୍ତାନର ଭୂମିକା ଆତ୍ମଘୋଷିତ ବିଶ୍ୱଗୁରୁଙ୍କ ବ୍ୟକ୍ତିଗତ କୂଟନୀତି ପାଇଁ ଏକ ଝଟକା। ମୋଦିଙ୍କ ୫୬ ଇଞ୍ଚ ଛାତି ସଙ୍କୁଚିତ ହୋଇଗଲା କି ବୋଲି ସେ ପ୍ରଶ୍ନ କରିଛନ୍ତି।

## ଭବାନୀପୁରରୁ ନାମାଙ୍କନପତ୍ର ଦାଖଲକଲେ ମମତା

କୋଲକାତା,୮।୪

ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ଦିନ ହେଉଛି ଗୁରୁବାର। ଏହାର ଦିନକ ପୂର୍ବରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରୁ ଭବାନୀପୁର ପ୍ରାର୍ଥୀ ହୋଇଛନ୍ତି। ନାମାଙ୍କନପତ୍ର ଦାଖଲ ପୂର୍ବରୁ ଟିଏମ୍‌ସି ସୁପ୍ରିମୋ ମମତା ଏକ ବିଶାଳ 'ରୋଡ୍ ଶୋ' କରିଥିଲେ। ଏହି ଆସନରୁ ଭାଜପା ପ୍ରାର୍ଥୀ ହୋଇଥିବା ଶୁଭେନ୍ଦୁ ଅଧିକାରୀ ଗତ ସପ୍ତାହରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓ ଅନ୍ୟ ସମର୍ଥକମାନଙ୍କ ସହ ନାମାଙ୍କନପତ୍ର ଦାଖଲ କରିଥିଲେ।



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର କୋଲକାତାରେ ଭବାନୀପୁର ନିର୍ବାଚନମଣ୍ଡଳୀ ପାଇଁ ଟିଏମ୍‌ସିରୁ ନାମାଙ୍କନପତ୍ର ଦାଖଲ କରୁଛନ୍ତି। (ଫଟୋ: ପି.ଟି.)

# ୨୯୬ ଆସନ ପାଇଁ ପ୍ରସ୍ତୁତି ଶେଷ

## ଆଜି କେରଳମ୍‌ର ୧୪୦, ଆସାମ ୧୨୬, ପଣ୍ଡିଚେରୀ ୩୦ ଆସନରେ ଭୋଟ

ନୂଆଦିଲ୍ଲୀ,୮।୪

କେରଳମ୍, ଆସାମ ଓ ପଣ୍ଡିଚେରୀର ମୋଟ ୨୯୬ ଆସନରେ ଗୁରୁବାର ଗୋଟିଏ ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ସେଥିରୁ କେରଳମ୍‌ର ୧୪୦, ଆସାମ ୧୨୬ ଓ ପଣ୍ଡିଚେରୀର ୩୦ ଆସନରେ ଭୋଟ ଗ୍ରହଣ ପାଇଁ ପୋଲିସ ପ୍ରଶାସନ ଓ ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ସବୁ ପ୍ରସ୍ତୁତି ଶେଷ ହୋଇଛି। ଏହା ପୂର୍ବରୁ କେରଳମ୍, ଆସାମ ଓ ପଣ୍ଡିଚେରୀରେ ମଙ୍ଗଳବାର ନିର୍ବାଚନ ପ୍ରଚାର ଶେଷ ହୋଇଥିଲା।

କେରଳମ୍‌ରେ ମୁଖ୍ୟମନ୍ତ୍ରୀ ପିନାରୟୀ ବିଜୟନ୍‌ଙ୍କ ନେତୃତ୍ୱାଧୀନ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ତୃତୀୟ ଥର ପାଇଁ କ୍ଷମତା ଦଖଲ ଉଦ୍ୟମ ଚଳାଇଛି। ଏଭଳି ସଫଳତା ପୂର୍ବରୁ କୌଣସି ମେଣ୍ଟକୁ ମିଳି ନ ଥିବାରୁ ଏଲ୍‌ଡିଏଫ୍ ଏଥର ପୁନଃ ବିଜୟ ସୁନିଶ୍ଚିତ କରିବା ପାଇଁ ଧୂଆଁଧାର ପ୍ରଚାର କରିଥିଲା। ଏହାର ସ୍ଲୋଗାନ ରହିଥିଲା, ଏଲ୍‌ଡିଏଫ୍‌ର କୌଣସି ବିକଳ୍ପ ନାହିଁ। ଅନ୍ୟପକ୍ଷେ ଭାଜପାର ଅଭ୍ୟୁଦୟ ଉଭୟ ଏଲ୍‌ଡିଏଫ୍ ଏବଂ କଂଗ୍ରେସ



କେରଳମ୍ ବିଧାନସଭା ଭୋଟ ଅବ୍ୟବହିତ ପୂର୍ବରୁ ଏର୍ନାକୁଲମ୍‌ରେ ପୋଲିଂ ଅଫିସରମାନେ ନିର୍ବାଚନ ସାମଗ୍ରୀ ଯାଞ୍ଚ କରୁଛନ୍ତି।

ନେତୃତ୍ୱାଧୀନ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ୟୁଡିଏଫ୍) ସ୍ଥିତିକୁ ଦୁର୍ବଳ କରିପାରେ ବୋଲି କୁହାଯାଉଛି। କାରଣ ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପା ଏହି ଦକ୍ଷିଣ ଭାରତୀୟ ରାଜ୍ୟରେ ଖାତା ଖୋଲି ଗୋଟିଏ ଆସନ ଦଖଲ କରିବାରେ ସକ୍ଷମ ହୋଇଥିଲା। ୟୁଡିଏଫ୍ ମଧ୍ୟ ଲୋକ ସଭା ଓ ପୌର ନିର୍ବାଚନରେ ମିଳିଥିବା ସଫଳତାକୁ ଦୋହରାଇବାକୁ ଉଦ୍ୟମ ଚଳାଇଛି। ଏଲ୍‌ଡିଏଫ୍ ଗତ ୧୦ ବର୍ଷ ସରକାରରେ ହୋଇଥିବା ଜନମଙ୍ଗଳକାରୀ ଯୋଜନାଗୁଡ଼ିକର ଅବତାରଣା କରି ଭୋଟରଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଛି। କଂଗ୍ରେସ ଏଥର କଲେଜ ଛାତ୍ରୀଛାତ୍ର ଓ ମହିଳା ଭୋଟରଙ୍କୁ ଭୋଟ ହାତେଇବା ପାଇଁ ଅନେକ ମନଲୋଭା ପ୍ରତିଶ୍ରୁତି ଦେଇଛି।

ଉତ୍ତର ପୂର୍ବାଞ୍ଚଳର ପ୍ରମୁଖ ରାଜ୍ୟ ଆସାମରେ ଭାଜପା ତୃତୀୟ ଥର ପାଇଁ କ୍ଷମତା ଦଖଲ ଉଦ୍ୟମ ଚଳାଇଥିବାବେଳେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଦ୍ୱିତୀୟ ଥର ଶାସନ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ସେ ମୁସ୍‌ଲିମ ବିରୋଧୀ ମନ୍ତବ୍ୟ, ହିନ୍ଦୁତ୍ୱ ଏଜେଣ୍ଡା ଓ ସ୍ଥାନୀୟ ନେତୃତ୍ୱ ରାଜନୀତିକୁ ଜୋର୍ ଦେଇଛନ୍ତି। ହିମନ୍ତ ବିଶେଷକରି ୪୦ ଲକ୍ଷ ମହିଳା ଭୋଟରଙ୍କୁ ଓରୁନୋଦୋଇ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତରଣର ଲାଭ ଦେଇ ସେମାନଙ୍କ ମନ ଜିଣିବାକୁ ଉଦ୍ୟମ କରିଛନ୍ତି। ଭାଜପାର ଅନ୍ୟ ପ୍ରମୁଖ ପ୍ରତିଶ୍ରୁତିଗୁଡ଼ିକ ମଧ୍ୟରେ ରହିଥିଲା, ବେଆଇନ ଜବରଦଖଲ ଉଚ୍ଛେଦ, ଆସାମରୁ ପ୍ରବାସୀଙ୍କୁ ବିତାଡ଼ନ, ଏକକ ନାଗରିକ ସଂହିତା (ୟୁସିସି) କାର୍ଯ୍ୟକାରୀ ଏବଂ ୨ ଲକ୍ଷ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା। କଂଗ୍ରେସ ନେତା ଗୌରବ ଗୋଗୋଇଙ୍କ ପାକିସ୍ତାନ ଲିଙ୍କ୍ ଥିବା ଅଭିଯୋଗ ଆଣି ହିମନ୍ତ ବିରୋଧୀ ଦଳକୁ ହରଡ଼ଘଣାରେ ପକାଇବାକୁ ଚେଷ୍ଟା କରିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ହିମନ୍ତଙ୍କ ସ୍ତ୍ରୀ ୟୁଏଇ, ଆଣ୍ଟିଗୁଆ, ବରମୁଡା ଓ ଇଜିପ୍ଟ ପାସ୍‌ପୋର୍ଟ ରଖିଥିବା ଅଭିଯୋଗ ଆଣିଛି। ହିମନ୍ତ ପରାଜିତ ହେଲେ ତାଙ୍କ ସ୍ତ୍ରୀ ଏହି ଦେଶଗୁଡ଼ିକୁ ପଳାୟନ କରିପାରନ୍ତି ବୋଲି ସମାଲୋଚନା କରିଛି। ଆସାମରେ କଂଗ୍ରେସ ୬ଟି ଦଳକୁ ନେଇ ଗଠିତ ମେଣ୍ଟର ନେତୃତ୍ୱ ନେଉଛି। ସେହିପରି ପଣ୍ଡିଚେରୀରେ ୨୦୨୧ରୁ ଅଲ୍ ଇଣ୍ଡିଆ ଏନ୍.ଆର୍. କଂଗ୍ରେସ (ଏଆଇଏନ୍‌ଆର୍‌ସି) ନେତା ଏନ୍. ରଙ୍ଗାସ୍ୱାମୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଚାଲିଛି। ଏହି କେନ୍ଦ୍ରଶାସିତ ଅଞ୍ଚଳର ମାତ୍ର ୩୦ ଆସନରେ ଭୋଟ ଗ୍ରହଣ କରାଯିବ। ଏଠି ଜାତୀୟ ରାଜନୀତି ତୁଳନାରେ ପ୍ରାର୍ଥୀମାନଙ୍କ ବ୍ୟକ୍ତିଗତ ଲୋକ ସମ୍ପର୍କ ଏକ ବଡ଼ ଭୂମିକା ନେଇପାରେ ବୋଲି କୁହାଯାଉଛି। ଏହି ୨ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ସରକାର ବିରୋଧୀ ହାୱା ନ ଥିବା କୁହାଯାଉଛି। ତେବେ କେଉଁ ରାଜ୍ୟ କିଏ ଦଖଲ କରିବ ତାହା ମେ' ୪ରେ ଭୋଟ ଗଣତି ପରେ ଜଣାପଡ଼ିବ।

# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୯/୨୦୨୬ | Bhubaneswar, Thursday, April 9/2026 | ପୃଷ୍ଠା-୩




ଆର୍ଟେମିସ୍-୨ ମିଶନର ମହାକାଶଚାରୀମାନେ ଚନ୍ଦ୍ର ପରିକ୍ରମା କରୁଥିବା ସମୟରେ ଚନ୍ଦ୍ର ପଛରେ ପୃଥିବୀ ଅସ୍ତ ହେବା ଦୃଶ୍ୟକୁ ଉତ୍ତୋଳନ କରୁଛନ୍ତି। ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ଦ୍ୱାରା ଏହି ଚିତ୍ର ଜାରି କରାଯାଇଛି।

# ଗିରଫ ଭୟରେ ୩ ଗାଁ ଖାଲି

## ବେଦାନ୍ତ ପାଇଁ ଲୋକଙ୍କୁ ଦମନ ଘଟଣା

### ମରିବୁ ପଛେ ବେଦାନ୍ତକୁ ସିଜିମାଳି ପାହାଡ଼ ଦେବୁନାହିଁ : ଗ୍ରାମବାସୀ

**ବେଦାନ୍ତ ପାଇଁ ରାୟଗଡ଼ା ଜିଲା କାଶୀପୁର ଅଞ୍ଚଳ ଅଶାନ୍ତ ହୋଇପଡ଼ିଛି। ବେଦାନ୍ତ କମ୍ପାନୀ ପକ୍ଷରୁ ନିର୍ମାଣ ହେଉଥିବା ରାସ୍ତା କାମକୁ ଜୋରଜବରଦସ୍ତ କରିବା ପାଇଁ କମ୍ପାନୀ ସ୍ଥାନୀୟ ଜିଲା ପ୍ରଶାସନ ଏବଂ ପୋଲିସକୁ ବ୍ୟବହାର କରୁଛି। ଏହାକୁ ଅଞ୍ଚଳବାସୀ ବିରୋଧ କରିବାରୁ କାଶୀପୁର ବ୍ଲକର ଶାଗବାରୀ ଗ୍ରାମରେ ମଙ୍ଗଳବାର ସକାଳେ ପୋଲିସ-ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଆହତ ହୋଇଥିବାବେଳେ କେତେଜଣ ପୋଲିସ କର୍ମଚାରୀ ଆହତ ହୋଇଥିବା କୁହାଯାଉଛି। ବେଦାନ୍ତ ପାଇଁ ପୋଲିସର ଲୋକଙ୍କୁ ଦମନଲୀଳା ପରେ ଗିରଫ ଭୟରେ ଅଞ୍ଚଳବାସୀ ଏବେ ଜଙ୍ଗଲମୁହାଁ ହୋଇଛନ୍ତି। ୩ ଗାଁ କଣ୍ଟାମାଳ, ବଣ୍ଡେଲ ଓ ସିଜିମାଳି ପାହାଡ଼ର ସୀମାନ୍ତବର୍ତ୍ତୀ ଗ୍ରାମ ପ୍ରାୟତଃ ଖାଲି ହୋଇଯାଇଛି। ହେଲେ ସିଜିମାଳି ପାହାଡ଼ର ସୁରକ୍ଷା ପାଇଁ ଆଦିବାସୀ ମହିଳାପୁରୁଷ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହିତ ପ୍ରସ୍ତୁତ ରହିଥିବା ଜଣାପଡ଼ିଛି। ମରିବୁ ପଛେ ନିଜର ଭିଟାମାଟି ତଥା ସେମାନଙ୍କୁ ଜୀବିକା ନିର୍ବାହର ମାଧ୍ୟମ ସାଜିଥିବା ସିଜିମାଳି ପାହାଡ଼ ବେଦାନ୍ତକୁ ଦେବୁ ନାହିଁ ବୋଲି ଅଡ଼ି ବସିଛନ୍ତି ସ୍ଥାନୀୟ ଗ୍ରାମବାସୀ।**



ସିଜିମାଳି ପାହାଡ଼ର ସୁରକ୍ଷା ପାଇଁ ବୁଧବାର ଆଦିବାସୀ ମହିଳାମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହିତ ଏକାଠି ହୋଇଛନ୍ତି।

ରାୟଗଡ଼ା,୮।୪(ଆଶିଷ ରଞ୍ଜନ ପଣ୍ଡା)

ଗତ ୩ବର୍ଷ ହେବ ବେଦାନ୍ତ ସିଜିମାଳିର ବକ୍ସାଇଟ୍ ଖଣି ଖନନ ପାଇଁ ଲିଜ୍ ନେଇଛି। ହେଲେ ବେଦାନ୍ତ ଏଠାକୁ ଆସୁନାହିଁ। ବେଦାନ୍ତଠାରୁ କାମ ନେଇଥିବା ଏକ ଠିକା ସଂସ୍ଥା ସିଜିମାଳି ଅଞ୍ଚଳରେ ଧସେଇ ପଶୁଛି। ଲୋକେ ବିରୋଧ କଲେ ଗୁଣ୍ଡାବାହିନୀ ଓ ପୋଲିସ ଲଗାଇ ଅତ୍ୟାଚାର କରୁଛି। ତେଣୁ ଏହାକୁ ଆମେ ଘୋର ବିରୋଧ କରିବୁ ବୋଲି ଅଞ୍ଚଳବାସୀ କହିଛନ୍ତି। ପ୍ରଶାସନିକ ଅଧିକାରୀ ଆସନ୍ତୁ, ଆମ ସହିତ ଆଲୋଚନା କରନ୍ତୁ। ଏଠାରେ ଖଣି ଖନନ ପୂର୍ବରୁ କାରଖାନା ସ୍ଥାପନା କରି ଅଞ୍ଚଳବାସୀଙ୍କୁ କାମ ଦେବାପରେ ଆମେ ପୂର୍ଣ୍ଣ ସମର୍ଥନ କରିବୁ ବୋଲି ସେମାନେ କହିଛନ୍ତି । ନଚେତ୍ କୁଲି ବୃତ୍ତି କରି ବଞ୍ଚିବୁ ପଛେ ବିନା କାରଖାନାରେ ଖଣି ଖନନ କରିବାକୁ ଦେବୁ ନାହିଁ। ଅନ୍ୟପଟେ ବର୍ତ୍ତମାନ ଉକ୍ତ ଅଞ୍ଚଳରେ ଶାନ୍ତି ବଜାୟ ରହିଛି ବୋଲି ରାୟଗଡ଼ା ଉପଜିଲାପାଳ ରମେଶ ଚନ୍ଦ୍ର ଜେନା କହିଛନ୍ତି। ଅତିରିକ୍ତ ଡିଜି ସଞ୍ଜୟ କୁମାର ଓ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନ୍ୱର ବିଶାଳ ସିଂ ବୁଧବାର ସିଜିମାଳି ପାହାଡ଼ ଅଞ୍ଚଳ ଗସ୍ତକରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶାଗବାରି ଓ କଣ୍ଟାମାଳ ଗ୍ରାମକୁ ଯାଇ କେଉଁ ପରିସ୍ଥିତିରେ ମଙ୍ଗଳବାର ଖଣ୍ଡଯୁଦ୍ଧ ହୋଇଥିଲା ତାହା ତଦନ୍ତ କରିଥିଲେ। ଏହାପରେ କାଶୀପୁର ଥାନାକୁ ଆସି ସମୀକ୍ଷା କରିଥିଲେ। ଏଥିସହ ଆଗାମୀ ଦିନରେ ପୋଲିସ ତରଫରୁ କ'ଣ ପଦକ୍ଷେପ ଗ୍ରହଣ କରାଯିବ ସେ ସମ୍ପର୍କରେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ପୋଲିସର ଦମନଲୀଳାକୁ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ନିନ୍ଦା କରିଛନ୍ତି। ବିକାଶ ଆମେ ବି ଚାହୁଁ ଏବଂ ଅଞ୍ଚଳବାସୀ ମଧ୍ୟ ଚାହୁଁଛନ୍ତି। ହେଲେ ପୋଲିସ ଓ ପ୍ରଶାସନ ପକ୍ଷରୁ ଏଭଳି କରାଯିବା ଉଚିତ ନ ଥିଲା ବୋଲି ବିଧାୟକ କାଡ୍ରାକା କହିଛନ୍ତି। ଏ ନେଇ ଏମ୍‌ପି ସପ୍ତଗିରି ଉଲ୍ଲାକା କହିଛନ୍ତି, ପ୍ରଥମେ ଉତ୍ତେଜନା ହ୍ରାସ ପାଇଁ ଶାନ୍ତି ସ୍ଥାପନା ହେଉ। ଜଳ, ଜଙ୍ଗଲ ଓ ଜମି ପାଇଁ ଆମର ନ୍ୟାୟସଙ୍ଗତ ଦାବି ପାଇଁ ସଂଗ୍ରାମ ଜାରି ରହିବ। ହିଂସାରୁ ଦୂରେଇ ରହିବାକୁ ଏମ୍‌ପି ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ସମ୍ଭବ। ସରକାର ତୁରନ୍ତ ସମସ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସପ୍ତଗିରି ଦାବି କରିଛନ୍ତି। ଏହି ଘଟଣା ପରେ ସିଜିମାଳି ଚତୁଃପାର୍ଶ୍ୱରେ ଥିବା ଗାଁଗୁଡ଼ିକରେ ପୋଲିସ ପଇଁତରା ମାରୁଛି। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ ରହିଛି। ଆବଶ୍ୟକ ପୋଲିସ ସେଠାରେ ମୁତୟନ ଅଛନ୍ତି ବୋଲି ଦକ୍ଷିଣ- ପଶ୍ଚିମାଞ୍ଚଳ ଡିଆଇଜି କନ୍ୱର ବିଶାଳ ସିଂ ☞ପୃଷ୍ଠା-୪

# ପାଠ୍ୟକ୍ରମ କମିଟି ପୁନର୍ଗଠନ କଲା ଏନ୍‌ସିଇଆର୍‌ଟି

## ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ ପରେ ପଦକ୍ଷେପ

ନୂଆଦିଲ୍ଲୀ, ୮।୪ (ପି.ଟି.)

ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକରେ 'ବିଚାର ବିଭାଗରେ ଦୁର୍ନୀତି' ପ୍ରସଙ୍ଗକୁ ନେଇ ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ ପରେ ନ୍ୟାଶନାଲ କାଉନସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ୍ ଟ୍ରେନିଂ (ଏନ୍‌ସିଇଆର୍‌ଟି) ନିଜର ପାଠ୍ୟକ୍ରମ କମିଟିକୁ ପୁନର୍ଗଠନ କରିଛି। ବୁଧବାର ଅଧିକାରୀଙ୍କ ସୂତ୍ରରୁ ଏହି ସୂଚନା ମିଳିଛି। ଏହି ଉଚ୍ଚସ୍ତରୀୟ ୨୦ ଜଣିଆ 'ନ୍ୟାଶନାଲ ସିଲାବସ୍ ଆଣ୍ଡ୍ ଟିଚିଂ ଲର୍ନିଂ ମ୍ୟାଟେରିଆଲ କମିଟି' (ଏନ୍‌ଏସ୍‌ଟିସି)ରେ ଆଇଆଇଟି ମାଡ୍ରାସ ନିର୍ଦ୍ଦେଶକ ଭି. କାମାକୋଟି, ଭାରତୀୟ ଐତିହାସିକ ଅନୁସନ୍ଧାନ ପରିଷଦ (ଆଇସିଏଚ୍‌ଆର୍)ର ଅଧକ୍ଷ ରଘୁଭେନ୍ଦ୍ର ତନୱାର, ନ୍ୟାଶନାଲ ଲ' ସ୍କୁଲ ଅଫ୍ ଇଣ୍ଡିଆ ୟୁନିଭର୍ସିଟିର ପୂର୍ବତନ କୁଳପତି ଆର୍. ଭେଙ୍କଟରାଓ ଏବଂ ଏନ୍‌ସିଇଆର୍‌ଟିର ଯୁଗ୍ମ ନିର୍ଦ୍ଦେଶକ ଅମରେନ୍ଦ୍ର ପ୍ରସାଦ ବେହେରାଙ୍କୁ ସାମିଲ କରାଯାଇଛି।

ପୂର୍ବରୁ ଏହି ପ୍ୟାନେଲରେ ୨୨ ଜଣ ସଦସ୍ୟ ରହିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ତିନିଜଣ ସଦସ୍ୟଙ୍କୁ ଏନ୍‌ଏସ୍‌ଟିସିରୁ ବାଦ୍ ଦିଆଯାଇଛି। ସେମାନେ ହେଲେ ଆଇଆଇଟି ଗାନ୍ଧୀନଗରର ପୂର୍ବତନ ଅତିଥି ଅଧ୍ୟାପକ ମାଇକେଲ ଦାନିନୋ, ସେଣ୍ଟର ଫର୍ ପଲିସି ଷ୍ଟଡିଜ୍ ଅଧ୍ୟକ୍ଷ ଏମ୍.ଡି. ଶ୍ରୀନିବାସ ଏବଂ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରିଷଦର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ବିବେକ ଦେବରାୟ। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଆବଶ୍ୟକୀୟ ଅପ୍‌ଡେଟ୍ ମାଧ୍ୟମରେ ଏନ୍‌ଏସ୍‌ଟିସିକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏହି ପୁନର୍ଗଠନ କରାଯାଇଛି। ଏହି କମିଟିକୁ ୩ୟରୁ ୧୨ଶ ଶ୍ରେଣୀ ପର୍ଯ୍ୟନ୍ତ ସିଲାବସ୍ ଏବଂ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବା ପାଇଁ କ୍ଷମତା ଦିଆଯାଇଛି। ଏହାସହ ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀର ପାଠ୍ୟପୁସ୍ତକକୁ ସଂଶୋଧନ କରିବାର ଦାୟିତ୍ୱ ମଧ୍ୟ କମିଟି ଉପରେ ନ୍ୟସ୍ତ କରାଯାଇଛି। ସୂଚନାଯୋଗ୍ୟ, ଗତ ଫେବୃଆରୀରେ ସୁପ୍ରିମକୋର୍ଟ ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକରେ ବିଚାର ବିଭାଗକୁ ନେଇ ଥିବା ଟିପ୍ପଣୀ ଉପରେ ନିଜଆଡୁ ମାମଲା ଗ୍ରହଣ କରିଥିଲେ। ପରେ କୋର୍ଟ ଏହି ପୁସ୍ତକର ସମସ୍ତ କପି ଉପରେ 'ସମ୍ପୂର୍ଣ୍ଣ ପ୍ରତିବନ୍ଧକ' ଲଗାଇଥିଲେ।

# ୧୦ରେ ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର, ୮।୪ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଏପ୍ରିଲ ୧୦ରେ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନର ତୃତୀୟ ମହଲାରେ ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ୩୮ତମ ରାଜ୍ୟ କ୍ୟାବିନେଟ୍ ବୈଠକକୁ ପଞ୍ଚାୟତିରାଜ, ନିର୍ମାଣ, ରାଜସ୍ୱ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ସାଧାରଣ ପ୍ରଶାସନ ବିଭାଗ ସମେତ ଆଉ କେତେକ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବ ବୋଲି ଜଣାପଡ଼ିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ମଧ୍ୟରେ ରହିଛି ପଞ୍ଚାୟତିରାଜ ଏବଂ ନିର୍ମାଣ ବିଭାଗ। ଆଗାମୀ ଦିନରେ ରାଜ୍ୟବାସୀଙ୍କ ନିକଟରେ ଶତପ୍ରତିଶତ ପାଇପ୍ ଯୋଗେ ପାନୀୟଜଳ ପହଞ୍ଚାଇବା ଏବଂ ଏହାର ରକ୍ଷଣାବେକ୍ଷଣ ଲାଗି ସରକାର ନୂତନ ନୀତି ଆଣିବାକୁ ପ୍ରସ୍ତାବ ରଖିଛନ୍ତି। ଏହାକୁ ଉକ୍ତ ବୈଠକରେ ଅନୁମୋଦନ ମିଳିବା ନେଇ ବିଭାଗ ଆଶାବାଦୀ ରହିଛି। ସେହିପରି ନିର୍ମାଣ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ☞ପୃଷ୍ଠା-୪

# ସ୍ତ୍ରୀଙ୍କ ତଣ୍ଟିକାଟି ହତ୍ୟାକଲେ ଅବସରପ୍ରାପ୍ତ ଅଧିକାରୀ

ଭୁବନେଶ୍ୱର,୮।୪ (ପ୍ରସନଜିତ୍ ସାହୁ)

ରାଜଧାନୀ ଭୁବନେଶ୍ୱରରେ ଘଟିଛି ଏକ ଜଘନ୍ୟ ହତ୍ୟାକାଣ୍ଡ। ଜଣେ ଅବସରପ୍ରାପ୍ତ ଅଧିକାରୀ ଛୁରିରେ ତାଙ୍କ ସ୍ତ୍ରୀଙ୍କ ତଣ୍ଟିକାଟି ହତ୍ୟା କରିଛନ୍ତି। ଏପରି କି ହତ୍ୟା ପରେ ସେ ନିଜକୁ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏୟାରଫିଲ୍ଡ ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିବାବେଳେ ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଛି। ଅଭିଯୁକ୍ତ ଦେବରାଜ ଷଡ଼ଙ୍ଗୀ(୬୨)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିବାସହ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଦେବରାଜ କାହିଁକି ସ୍ତ୍ରୀ ପ୍ରିୟମ୍ବଦା ଷଡ଼ଙ୍ଗୀଙ୍କୁ ହତ୍ୟା କଲେ ସେନେଇ ପୋଲିସ ତଦନ୍ତ ଜାରି ରଖିଥିବାବେଳେ ଡିପ୍ରେଶନରେ ଆସି ସେ ଏଭଳି କାଣ୍ଡ ଘଟାଇଥିବା ପରିବାର ସୂତ୍ରରୁ ଶୁଣିବାକୁ ମିଳୁଛି।



ଅଭିଯୁକ୍ତ ଦେବରାଜ ଷଡ଼ଙ୍ଗୀ



ପ୍ରିୟମ୍ବଦା ଷଡ଼ଙ୍ଗୀ

ଏନେଇ ଦେବରାଜଙ୍କ ଝିଅଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା ( ନଂ. ୧୪୩ /୨୬) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଏୟାରଫିଲ୍ଡ ଥାନା ଆଇଆଇସି ଦୀପିକା ଦେବୀରାୟ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ, ଦେବରାଜ ଷଡ଼ଙ୍ଗୀ ଆକାଉଣ୍ଟାଣ୍ଟ ଜେନେରାଲ(ଏଜି) ଅଫିସରେ ସିନିୟର ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଗତ ୨ ବର୍ଷ ହେବ ସେ ଚାକିରିରୁ ଅବସର ନେଇଥିଲେ। ଅବସର ପରେ ଏକମାତ୍ର ଝିଅର ବିବାହ ଦେଇ ଏୟାରଫିଲ୍ଡ ଥାନା ଅଞ୍ଚଳ ସ୍ୱସ୍ତିକନଗରରେ ନୂଆ ଘରଟିଏ କରିଥିଲେ। ତେବେ ଅବସର ପରେ ସେ ଧୀରେ ଧୀରେ ଦୁର୍ବଳ ହୋଇଯାଇଥିଲେ। ଏପରି କି ବିଭିନ୍ନ ରୋଗରେ ପୀଡ଼ିତ ହୋଇ ଅନେକ ସମୟରେ ମାନସିକ ଅବସାଦ ମଧ୍ୟରେ ରହୁଥିଲେ। ସ୍ୱାମୀଙ୍କ ଏଭଳି ଅବସ୍ଥା ସମ୍ପର୍କରେ ମଙ୍ଗଳବାର ସ୍ତ୍ରୀ ପ୍ରିୟମ୍ବଦା ଷଡ଼ଙ୍ଗୀ(୫୫) ନିକଟରେ ରହୁଥିବା ଭଉଣୀଙ୍କୁ ଜଣାଇଥିଲେ। ଏପରି କି ଏନେଇ ☞ପୃଷ୍ଠା-୪

# ତେଲ ପ୍ରେସର କମ୍ ଯୋଗୁ ହୋଇଥିଲା ଦୁର୍ଘଟଣା

## ରାଉରକେଲା ବିମାନ ଦୁର୍ଘଟଣା ରିପୋର୍ଟ ଆସିଲା

ରାଉରକେଲା,୮।୪ (ସଙ୍ଗୀତା ଜେନା)

ଗତ ଜାନୁଆରୀ ୧୦ତାରିଖରେ ଭୁବନେଶ୍ୱରରୁ ରାଉରକେଲା ଆସୁଥିବା ୯ ଆସନ ବିଶିଷ୍ଟ ସେସନା ଏୟାରକ୍ରାଫ୍ଟ (ଇଣ୍ଡିଆ ୱାନ୍ ଏୟାର କମ୍ପାନୀ) ବିମାନ ଜଲଦାଠାରେ ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିଥିଲା। ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩ ଜଣ ଆହତ ହୋଇଥିଲେ। ଭାରତ ସରକାରଙ୍କ ବେସାମରିକ ବିମାନ ଚଳାଚଳ



ମନ୍ତ୍ରାଳୟର ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ପକ୍ଷରୁ ଏହି ବିମାନ ଦୁର୍ଘଟଣାର ରିପୋର୍ଟ ବୁଧବାର ପ୍ରକାଶ ପାଇଛି। ପ୍ରାଥମିକ ରିପୋର୍ଟ ଅନୁଯାୟୀ, ବିମାନରେ ତୈଳ ଚାପ କମ୍ ଥିବାରୁ ଇଞ୍ଜିନର କାର୍ଯ୍ୟଶକ୍ତି ହ୍ରାସ ପାଇଥିଲା। ଫଳରେ ଏହାକୁ ଜରୁରୀକାଳୀନ ଅବତରଣ କରାଯିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ରାଉରକେଲାଠାରୁ ପ୍ରାୟ ୩୦ ନଟିକାଲ ☞ପୃଷ୍ଠା-୪




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମିଶନ ଶକ୍ତି ବିଭାଗ ପକ୍ଷରୁ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ମିଶନ ଶକ୍ତି କାର୍ଯ୍ୟାଳୟ, ପୋଖରୀପୁଟ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଓଡ଼ିଆ ଲେଖକ ସମବାୟ ସମିତି ଲିଃର ମାସିକ ସାହିତ୍ୟ ଆସର, ସ୍ଥାନ: ସମବାୟ ସମିତି ପରିସର, ସମୟ: ଅପରାହ୍ନ ୫ଟା।
- ଉକୋ ଆବିଲିଟି ଟ୍ରଷ୍ଟ ପକ୍ଷରୁ ଆୱାର୍ଡ ଫେଲିସିଟେଶନ୍ ସେରିମନି, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଆ ସାହିତ୍ୟ ସମାରୋହ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀ ନୀଳକଣ୍ଠେଶ୍ୱର ଦେବ ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ରାମ ନାଟକ 'ରାବଣର ଛତ୍ରକାଟ ଓ ଇନ୍ଦ୍ରଜିତ ର ନାଗଫାଶ ବନ୍ଧନ', ସ୍ଥାନ: ବେଣ୍ଣୁପୁରସ୍ଥିତ ରାମଲୀଳା ପଡ଼ିଆସ୍ଥିତ ଶ୍ରୀରାମ ମନ୍ଦିର ପରିସର, ସମୟ: ରାତି ୧୧ଟା।
- ଶ୍ରୀ ସୀତା ରାମେଶ୍ୱର ରାମଲୀଳା ଗୀତିନାଟ୍ୟ ସଂଘ ପକ୍ଷରୁ ରାମଲୀଳାର ନାଟକ 'ସୀତା ଠାବ' ପରିବେଷଣ, ସ୍ଥାନ: ଗୋତଲବିନ୍ଧା ସ୍ଥିତ ସୀତାରାମେଶ୍ୱର ମନ୍ଦିର ପରିସର, ସମୟ: ରାତି ୧୧ଟା।
- ଶ୍ରୀ ସିଦ୍ଧେଶ୍ୱର ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ରାମ ନାଟକ 'ଲକ୍ଷ୍ମଣ ଶକ୍ତି ଭେଦ, ସ୍ଥାନ: ବଇରୁଆ ଗାନ୍ଧୀ ଛକସ୍ଥିତ ରାଧା ଗୋବିନ୍ଦ ମନ୍ଦିର ପରିସର, ସମୟ: ରାତି ୧୧ ଟା ୩୦।
- ରାମଲୀଳାର ନାଟକ 'ଲଙ୍କା ପୋଡ଼ି', ସ୍ଥାନ: କାକରୁଦ୍ରପୁରସ୍ଥିତ ଶ୍ରୀ ପତିତପାବନ ମନ୍ଦିର ପରିସର, ସମୟ: ରାତି ୧୧ ଟା ୩୦।

## ପୁରୀ

- ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ରୋଟାରୀ ଭବନ, ସମୟ: ଅପରାହ୍ନ ୪ଟା୩୦।

ଆଦିକଳା ମହୋତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- ଏଫଏମୟୁରେ ୨୩ତମ ବାର୍ଷିକ କ୍ରୀଡା ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ବାଲେଶ୍ୱର, ସମୟ : ସକାଳ ୮ ଟା ୩୦।
- ଭୁଜାଖିଆ ପୀର ବାବାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ସୁନହଟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ପୁସ୍ତକ କ୍ରୟ ଓ ଉପହାର କାର୍ଯ୍ୟକ୍ରମ, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ମିଳିତ ବିରୋଧୀ ଦଳର ବୈଠକ, ସ୍ଥାନ: ସିପିଏମ୍ ଜିଲା କାର୍ଯ୍ୟାଳୟ, ନୂଆବଜାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଯଶୋବନ୍ତ ବୃଦ୍ଧାଶ୍ରମ ପରିଚାଳନା କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଶିକ୍ଷକ ଭବନ, ଖଇରା, ସମୟ : ଅପରାହ୍ନ ୩ଟା।
- ନୂତନ ଡାକ୍ତରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ରୋମି ସଭାଗୃହ, ପୋଲିସ୍ ଲାଇନ୍ ଛକ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଚନ୍ଦନେଶ୍ୱର ମହାଦେବଙ୍କ ପାଞ୍ଚ ଅର୍ଘ୍ୟ, ସ୍ଥାନ : ଚନ୍ଦନେଶ୍ୱର ଜୀଉଙ୍କ ଅର୍ଘ୍ୟ ପିଣ୍ଡ, ଭୋଗରାଇ, ସମୟ : ରାତି ୮ଟା।

## ଭଦ୍ରକ

- ଓଡ଼ିଆ ପକ୍ଷ ପାଳନ ଅବସରରେ ଆସ ବହିଟିଏ କିଣିବା ଅଭିଯାନ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଗତ ଶୋଭାଯାତ୍ରା, ସ୍ଥାନ: ସର୍କିଟ ହାଉସଠାରୁ ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ସକାଳ ୯ଟା।

## ମୟୂରଭଞ୍ଜ

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ବାବା ପୂର୍ଣ୍ଣେଶ୍ୱର ମନ୍ଦିର, କୁଚେଇବୁଡ଼ି, ରାଇରଙ୍ଗପୁର,ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର,ସ୍ଥାନ: ବେତନଟୀ ମହାବିଦ୍ୟାଳୟ, ବେତନଟୀ,ସମୟ: ପୂର୍ବାହ୍ନ ୧୦ଟା।
- ବହି ହାଟ ଓ କବିତା ପାଠ ଉତ୍ସବ,ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ତକତପୁର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ନାଟକ'ମରୀଚିକାର ଛାଇ', ସ୍ଥାନ:ଶହୀଦ ସ୍ମୃତି ଭବନ, ବାରିପଦା,ସମୟ:ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମପୁର

- ଆସ ବହିଟିଏ କିଣିବା, ସ୍ଥାନ: ମହାମାୟୀ ମହିଳା କଲେଜ,ସମୟ: ପୂର୍ବାହ୍ନ ୧୦ଟା।
- ସିଲ୍କସିଟି ମହୋତ୍ସବ, ସ୍ଥାନ: ଖଲ୍ଲିକୋଟ କଲେଜ ପଡ଼ିଆ, ସମୟ: ଅପରାହ୍ନ ୫ଟା।

## କନ୍ଧମାଳ

- ମା' ନାରାୟଣୀଙ୍କ ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଫୁଲବାଣୀ ଆଇଟିଡିଏ ସଭାଗୃହ, ସମୟ: ଅପରାହ୍ନ ୫ଟା ୩୦।

## ଢେଙ୍କାନାଳ

- ବଡ଼ସୁଆଲୋ ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମୋରୋହ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ବଡ଼ସୁଆଲୋ, ସମୟ: ସକାଳ ୮ଟା।
- ମାନବାଧିକାର ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମହର୍ଷି ଦୟାନନ୍ଦ ସର୍ଭିସ ମିଶନ, ଗୋବିନ୍ଦପୁର, ଢେଙ୍କାନାଳ, ସମୟ: ଅପରାହ୍ନ ୩ଟା।

## ଅନୁଗୋଳ

- ପୋଲିସ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଅନୁଗୋଳ ଛେଳିଆପଡ଼ାସ୍ଥିତ ରିଜର୍ଭ ବାଟାଲିୟନ, ସମୟ: ସକାଳ ୮ଟା।
- ଧୂଳିଦଣ୍ଡ ପରିବେଷଣ, ସ୍ଥାନ: ଆଠମଲ୍ଲିକ ଲିପିଲୋଇ, ସମୟ: ଅପରାହ୍ନ ୪ଟା।
- ରାତିଦଣ୍ଡ ପୂଜା ସହିତ ନୃତ୍ୟ ପରିବେଷଣ, ସ୍ଥାନ : ଆଠମଲ୍ଲିକ ଲିପିଲୋଇ, ସମୟ: ରାତି ୧୧ଟା।

## ଜଗତ୍‌ସିଂହପୁର

- ପାରାଦୀପ ପୌରପାଳିକା ପକ୍ଷରୁ ଓଡ଼ିଆ ପକ୍ଷ, ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ, ସ୍ଥାନ: ପୌର କାର୍ଯ୍ୟାଳୟ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ ଟା।
- ଆମେ ଜାଣିବା ଆପ ବଜେଟ ଶୀର୍ଷକ ଅଭିଯାନ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।
- କୁଜଙ୍ଗ ମହୋତ୍ସବ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ବନବିହାରୀ ହାଇସ୍କୁଲ ପଡିଆ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ଶ୍ରୀ ବାୟାବାବା ମହାବିଦ୍ୟାଳୟ, ମହାକାଳପଡା, ସମୟ: ସକାଳ ୯ଟା।
- ମାଇଁ ଏନ୍‌ସିସି ଆସୋସିଏଶନର ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୦ଟା ।

## ଯାଜପୁର

- ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମଏଫ୍) ପାଣ୍ଠି ସଂକ୍ରାନ୍ତରେ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ଟ୍ରାନ୍ସଫର କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା୩୦।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୩୭ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା।
- ଓଡ଼ିଆ ପକ୍ଷ ପକ୍ଷରୁ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ, ସ୍ଥାନ: ଜିଲାର ସବୁ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା ।
- ୧୯ ବର୍ଷରୁ କମ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିବସ ମ୍ୟାଚ ଭାଲିଆଡିହି ବନାମ ସିଦ୍ଧାମୂଳା , ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ସ୍କୁଲ ପଡିଆ, ସମୟ:ପୂର୍ବାହ୍ନ ୧୧ଟା ।

## ନବରଙ୍ଗପୁର

- ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ: ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୨ଟା।

## କୋରାପୁଟ

- ସରକାରୀ (ଏସ୍‌ଏସ୍‌ଡି) ବାଳିକା ବିଦ୍ୟାଳୟବାର୍ଷିକ ଉତ୍ସବ, ସ୍ଥାନ: ବାଲଡ଼ା, ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବୁଢ଼ୀଠାକୁରାଣୀ, ବଣ୍ଡାବାଘ ବଡ଼ବେଣ୍ଟ ଯାତ୍ରା, ସ୍ଥାନ: ଫୁପୁଗାଁ ସଦର ମହକୁମା, କୁନ୍ଦୁରା ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ଭୀମ ଆର୍ମି ପକ୍ଷରୁ ଘେରାଉ କାର୍ଯ୍ୟକ୍ରମ, ସ୍ଥାନ : ଧନୁପାଲି ସ୍ଥିତ ଟିପିଡବ୍ଲ୍ୟୁଓଡିଏଲ ଏପଡିଓ ଅଫିସ, ସମୟ : ସକାଳ ୯ଟା।
- ମହାନଦୀ ବଞ୍ଚାଅ ଆନ୍ଦୋଳନର ବୈଠକ, ସ୍ଥାନ : ସାର୍ବଜନୀନ ଗ୍ରନ୍ଥାଗାର ସଭାକକ୍ଷ, ସମୟ : ଅପରାହ୍ନ ୪ଟା ୩୦।
- . ମା' ବୁଢ଼ି ସମଲେଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଚାଉଁରପୁର ଗ୍ରାମ, ସମୟ : ସନ୍ଧ୍ୟା ୭ଟା ।

## ବଲାଙ୍ଗୀର

- ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇଣ୍ଡୋର ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୬ଟା।

## ରାଉରକେଲା

- ନୂତନ ଆଇନ ସଂହିତା ସଚେତନତା କର୍ମଶାଳା, ସ୍ଥାନ: କୋଏଲ ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଗଣିତ ଅଲିମ୍ପିଆଡ, ସ୍ଥାନ: ଡିପିଏସ୍ ସ୍କୁଲ, ସେକ୍ଟର-୧୪, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ ପରିଷଦ ଆୟୋଜିତ ୧୭ତମ ଆନ୍ତଃ ସ୍କୁଲସ୍ତରୀୟ ନାଟ୍ୟ ପ୍ରତିଯୋଗିତାର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ଜିଲା ଆଇନ ସେବା ପ୍ରାଧାନ୍ୟ କରଣ ପକ୍ଷରୁ ଆଇନ ସଚେତନତା ଶିବିର,ସ୍ଥାନ:ଆରୋହଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ଅରଣ୍ୟ ନଗର, ସୁନ୍ଦରଗଡ:ସମୟ:ପୂର୍ବାହ୍ନ ୧୦ଟା୩୦।

## ବରଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ବାଳଗୋପାଳ ଫୁଡ୍ସ ପ୍ରଡକ୍ଟସ, ଚକରକେନ୍ଦ, ବରଗଡ଼,ସମୟ: ସକାଳ ୯ଟା।

## କଳାହାଣ୍ଡି

- ଆଦିବାସୀ ଉନ୍ନୟନ ସଂସ୍ଥାର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ବିଭାଗୀୟ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଓଡ଼ିଆ ପକ୍ଷ ପାଳନ ଅବସରରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଗୁଦଗୁଦା, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଷୋଳ ସୁଆଙ୍ଗ ଦଣ୍ଡନୃତ୍ୟ, ସ୍ଥାନ: ବହଳପଦର,ବୀରମହାରାଜପୁର ବ୍ଲକ, ସମୟ: ରାତି ୧୧ଟା।

## ନୂଆପଡ଼ା

- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମଧାରଣ, ସ୍ଥାନ: ଖଡିଆଳ ବ୍ଲକ ବାଦୀ ଗାଁ, ସମୟ: ସକାଳ ୭ଟା ୨୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ଭାଗ୍ୟସ୍ଥାନରେ ରହିଥିବାରୁ ଯାହା ଚାହିଁବେ ତାହା ସୁବିଧାରେ ପ୍ରାପ୍ତ ହେବ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି କାର୍ଯ୍ୟକାରୀ କରିବା ପାଇଁ ମନ ବଳାଇପାରନ୍ତି। ଆଜିର ଯାତ୍ରା ଓ ସାନ୍ଧ୍ୟ ଭ୍ରମଣରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ। ଆନୁଷ୍ଠାନିକ କାର୍ଯ୍ୟ, ସଭାସମିତି, ବାଣିଜ୍ୟ ଓ ପରିବହନରେ ବିବାଦ ବଢ଼ିପାରେ।

**ବୃଷ** ଦ୍ୱିତୀୟସ୍ଥ ବୃହସ୍ପତି ଯୋଗୁ କର୍ମାରମ୍ଭ, ଯାତ୍ରା, ପରିବହନ, ଅଦାଲତ ସମ୍ପର୍କିତ କ୍ଷେତ୍ର ଶୁଭପ୍ରଦ ରହିବ। ଆର୍ଥିକ ସ୍ଥିତି ଭଲ ରହିବା ସହ ଚେଷ୍ଟା କରୁଥିବା କାମରେ ସଫଳତା ପାଇପାରିବେ। ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ ବନ୍ଧୁଙ୍କ ସହ ଆଲୋଚନା କରିବାର ଅବସର ପାଇବେ ନାହିଁ।

**ମିଥୁନ** ଧନାଧିପ ଚନ୍ଦ୍ର ଦେବଗୁରୁଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟିରୁ କର୍ମକ୍ଷେତ୍ରରୁ ଅର୍ଥ ଓ ସମ୍ମାନ ଲାଭ କରିବେ। କିନ୍ତୁ ରାହୁ ଯୁକ୍ତ ବୁଧ କାରଣରୁ ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ତର୍କ ବିତର୍କ ଲାଗିପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ନ ହେଲେ ମଧ୍ୟ ଅଯଥା ଆଶଙ୍କା କରି ମନ ଅସ୍ଥିର ରହିବ।

**କର୍କଟ** ସପ୍ତମାଧିପତି ଭାଗ୍ୟସ୍ଥ ଯୋଗୁ ଇଚ୍ଛା ଓ ଅଭିଳାଷକୁ ପୂରଣ କରିବାରେ ସାହାଯ୍ୟ କରିବ। ଯାହା ମନରେ ଚିନ୍ତା କରୁଛନ୍ତି ତାହା ନିର୍ବିଘ୍ନରେ ହାସଲ କରିପାରିବେ। ଜମିଜମା କିମ୍ବା ଯାନ୍ତ୍ରିକ ଉପକରଣ ଅଥବା ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ** ଆଜି ସହଜ ଓ ସୁବିଧାରେ କାମ ହାସଲ ହୋଇପାରିବ ନାହିଁ। ଅର୍ଥପ୍ରାପ୍ତି, ବନ୍ଧୁସମ୍ପର୍କ ସ୍ଥାପିତ ହେବା ସହ ଯାତ୍ରାରେ ସହଜରେ ଅଭିଳଷିତ ଫଳ ପାଇବେ। ଈର୍ଷା ଓ ଅସୂୟା ମନୋଭାବ ପୋଷଣ କରି ଆତ୍ମୀୟମାନେ ଦୂରେଇ ରହିପାରନ୍ତି। ଆଲୋଚନା ବ୍ୟତିରେକ କୌଣସି କାମ ସ୍ଥିରୀକୃତ ନ ହେବା କାରଣରୁ ମାନସିକ ଅସ୍ଥିରତା ଲାଗିରହିବ।

**କନ୍ୟା** ସ୍ୱସ୍ଥାନହନ୍ତା ବୃହସ୍ପତି କର୍ମଭାବସ୍ଥ ହେତୁ ଚେଷ୍ଟା କରୁଥିବା କାମରେ ସଫଳତା ମିଳିବା କଷ୍ଟକର ହେବ। ଅନ୍ୟ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନେ ସହଜରେ ଗ୍ରହଣ କରି ପାରିବେ ନାହିଁ। ଯାତ୍ରାକାଳୀନ ଆଘାତ ପ୍ରାପ୍ତି କିମ୍ବା ଧନହାନିର ସମ୍ଭାବନା ରହିଛି।

**ତୁଳା** ହିତୈଷୀଙ୍କ ସାହାଯ୍ୟ ଲାଭ କରି ସ୍ଥଗିତ କାମକୁ ସମ୍ପନ୍ନ କରିବେ। ପ୍ରତିଟି କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରିବା ଭଲ। କର୍ମକ୍ଷେତ୍ରରେ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବାର ଅନୁଭବ କରିବେ। ଭୁଲ୍ ବୁଝାମଣାଜନିତ ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

**ବିଛା** କର୍ମାଧିପ କୋଣଭାବସ୍ଥ ଯୋଗୁ କର୍ମାରମ୍ଭ ସକାଶେ ସିଦ୍ଧାନ୍ତ ନେଇପାରନ୍ତି। ଅତୀତ ଘଟଣାପ୍ରବାହ ମନରେ ଆଲୋଡ଼ନ ସୃଷ୍ଟି କରିବ। କାଳେ ସାହାଯ୍ୟ କରିବାକୁ ବନ୍ଧୁ କହି ପାରନ୍ତି, ଏହି କଥା ମନରେ ଚିନ୍ତାକରି ନିକଟ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ। ତଥାପି ଆପଣଙ୍କ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ, ଯାହାକି କାମକୁ ଆସିପାରେ।

**ଧନୁ** ଉଚ୍ଚାରୋହୀ ରବିଙ୍କ ଆଶୀର୍ବାଦରୁ ନୂତନ ଯୋଜନା କାର୍ଯ୍ୟକାରୀ ପାଇଁ ପରିବାରରୁ ସହଯୋଗ ପାଇବେ। ଗୃହନିର୍ମାଣ କ୍ଷେତ୍ରରେ ଚାପର ସମ୍ମୁଖୀନ ହେବେ। ବନ୍ଧୁଙ୍କ ସହ ପ୍ରାତଃଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ। କଠିନ ଶ୍ରମ ଓ ଅତ୍ୟଧିକ ଭ୍ରମଣ କାରଣରୁ ସାମୟିକ ଭାବେ ଅପରାହ୍ନରେ ଅସୁସ୍ଥତା ଅନୁଭବ କରିପାରନ୍ତି।

**ମକର** ରାଶ୍ୟାଧିପତି ତୃତୀୟସ୍ଥ ଯୋଗୁ ନୂତନ ମିତ୍ରତା ସୃଷ୍ଟି କରି ଆଶାକୁ ଚରିତାର୍ଥ କରାଇପାରନ୍ତି। କିନ୍ତୁ କେତେକ କ୍ଷେତ୍ରରେ ହାତପାଆନ୍ତାକୁ ସୁଯୋଗ ଆସିଯିବ କିନ୍ତୁ ନିଜ ଦୋଷରୁ ତାହା ହରାଇ ପାରନ୍ତି। ମନ ବୁଝିଲାଭଳି କଥା କହି ପଡ଼ୋଶୀମାନେ ନିଜର କାର୍ଯ୍ୟ ହାସଲ କରିନେବେ। ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ।

**କୁମ୍ଭ** ପାରିବାରିକ ସ୍ଥିରତା ସାଙ୍ଗକୁ ବନ୍ଧୁଙ୍କ ସାହାଯ୍ୟ କାମକୁ ଆଗକୁ ବଢ଼ାଇନେବ। ଖୋଜୁଥିବା ଜିନିଷ ନିକଟରେ ପାଇବା ସହ ଏଥିପାଇଁ ସାମୟିକ ଅସ୍ଥିରତା ମଧ୍ୟରେ ଗତି କରିବେ। କର୍ମକ୍ଷେତ୍ରରେ ଅସଫଳ ହେବାକୁ ନେଇ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇଯିବ।

**ମୀନ** ସନ୍ତାନଙ୍କ କାର୍ଯ୍ୟକଳାପକୁ କେନ୍ଦ୍ରକରି ପଡ଼ୋଶୀଙ୍କ ସହ କଳହ ଲାଗିପାରେ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିବ। ମାଙ୍ଗଳିକ ଉତ୍ସବ କିମ୍ବା ଆନୁଷ୍ଠାନିକ କାମରେ ଗୁରୁଦାୟିତ୍ୱ ବହନ କରି ପ୍ରସ୍ତୁତିପଥେ କର୍ମମୁଖର ରହିପାରନ୍ତି। ଶୁଣାକଥାକୁ ବିଶ୍ୱାସ ନ କରି ଏବଂ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ।

ଆଜି ଏପ୍ରିଲ ୯ ତାରିଖ, ବୈଶାଖ କୃଷ୍ଣ ସପ୍ତମୀ ଗୁରୁବାର। ରାଶି ନକ୍ଷତ୍ର-ଦିବା ଘ. ୦୮/୪୮ ଗତେ ପୂର୍ବାଷାଢ଼ା/ଧନୁ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ସର୍ବବେଦୀ ବ୍ରତୋପନୟନ। ସକାଳ ଘ.୦୫।୩୭ ଗତେ ଘ.୦୭।୧୬ ମଧ୍ୟେ, ଘ.୧୦।୩୪ ଗତେ ଘ.୦୧।୦୨ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧।୨୧ ଗତେ ଘ.୦୨।୫୩ ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜାଣିତ ହୋଇଛି ବୁଢ଼ୀ**
**ଆସିବ କି ଆଉ ବଳ ବୟସ**
**ପିନ୍ଧିବି ମୁଁ ସୁନା ଚୁଡ଼ି।**

ପିଲାଦିନର ଚପଳତା ବୟସ ବଢ଼ିବା ସହ କମି କମି ଯାଇଥାଏ। ବୟସ ଯେତେ ଆଗକୁ ବଢ଼ିଥାଏ ପିଲାଦିନର ସ୍ମୃତି ମନକୁ ସେତେ ଆନ୍ଦୋଳିତ କରିଥାଏ। ବୃଦ୍ଧାର ପରିପକ୍ୱ ବୟସରେ ଯୌବନର ସ୍ମୃତିଚାରଣ କରିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜଗତି ଉପରେ ବସିଲେ କୁଆ**
**ଗରୁଡ଼ ବୋଲି କି ହୋଇବ କୁହା ?**
**ହଜାରେ ଗଧରେ ବାଛିଲେ ଭଲ**
**ହଜାରେ ନୁହନ୍ତି ଘୋଡ଼ାର ତୁଲ।**

କୁଆ ଓ ଗରୁଡ଼ ପକ୍ଷୀ ମଧ୍ୟରେ ଆକାଶ ପାତାଳ ଫରକ ରହିଥାଏ। ଗୁଣ, ପ୍ରକୃତି ତଥା ସଭାରେ ଗରୁଡ଼ପକ୍ଷୀ ଶ୍ରେଷ୍ଠ ବୋଲି ଜଣାଯାଇଥାଏ। ଗୁଣଧର୍ମ ନ ଥିବା ବ୍ୟକ୍ତିଜଣକ ଯେତେ ଉପରକୁ ବା ଉଚ୍ଚ ଆସନକୁ ଗଲେ ସୁଦ୍ଧା ସେ କେବେହେଲେ ଅସଲ ଗୁଣଧାରୀ ବ୍ୟକ୍ତିଙ୍କ ସଙ୍ଗେ ସମାନ ହୋଇପାରି ନ ଥାନ୍ତି। ହଜାରେ ଗଧ ମଧ୍ୟରୁ ବଛାଯାଇଥିବା ଗଧ ଯେମିତି ଗୋଟିଏ ଘୋଡ଼ା ସହ ସମକକ୍ଷ ହୋଇପାରି ନ ଥାଏ ସେମିତି ଗୁଣ ଓ ପ୍ରତିଭା ନଥିଲେ ବ୍ୟକ୍ତି ସମ୍ମାନ ଓ ପ୍ରତିଷ୍ଠା ପାଇପାରି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଅବଶିଷ୍ଟାଂଶ

### ତେଲ ପ୍ରେସର କମ୍ ...

ମାଇଲ ଦୂରରେ ପାଇଲଟ ଏହି ତ୍ରୁଟି ଜାଣିବାକୁ ପାଇଥିଲେ ଏବଂ ସ୍ଥିତି ଜରୁରୀକାଳୀନ ଜାଣି କୋଲକାତା ଏଟିସି ଅଧୀନରେ ଥିବା ରାଉରକେଲା ଏଟିସିକୁ ସୂଚନା ଦେଇଥିଲେ। ନଦୀ ପଠାରେ ଅବତରଣ ପ୍ରୟାସ ସମ୍ଭବ ନ ହେବାରୁ ଜଲଦାର ଏକ ପଡ଼ିଆରେ ବିମାନକୁ ଅବତରଣ କରାଯାଇଥିଲା। ଉକ୍ତ ବିମାନରେ ୪ ଜଣ ଯାତ୍ରୀ ଓ ୨ ଜଣ ପାଇଲଟ ଥିଲେ। ଦୁର୍ଘଟଣା ପରେ ଆହତମାନଙ୍କୁ ଜେପି ଓ ଅନ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସୁକାନ୍ତ ବିଶ୍ୱାଳ ନାମକ ଜଣେ ଯାତ୍ରୀ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ଦୁର୍ଘଟଣାଗ୍ରସ୍ତ ବିମାନକୁ ଯାଞ୍ଚ କରିବା ପାଇଁ ତଦନ୍ତକାରୀ ଟିମ୍ ରାଉରକେଲା ଆସିଥିଲେ। ଯାଞ୍ଚ ପରେ ଏହାକୁ ଖଣ୍ଡ ଖଣ୍ଡ କରି ରାଉରକେଲାରୁ ସ୍ଥାନାନ୍ତର କରାଯାଇଥିଲା।

## ଅବଶିଷ୍ଟାଂଶ

### ଇରାନ ମାନୁନି ...

ବୁଧବାର ସାନି ଆକ୍ରମଣର ରିପୋର୍ଟ ଆସିଛି। ଏଭଳି ଅନିଶ୍ଚିତତା ଭିତରେ ଯୁଦ୍ଧବିରତିର ସ୍ଥାୟିତ୍ୱ ଏକ ବଡ଼ ପ୍ରଶ୍ନ ପାଲଟିଛି। ଫେବୃଆରୀ ୨୮ରେ ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲ୍ ଅତର୍କିତ ଏୟାର ଷ୍ଟ୍ରାଇକ୍ କରିଥିଲେ। ନିଜ ସୁପ୍ରିମ ଲିଡର, ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆରଜିସି) ମୁଖ୍ୟଙ୍କ ସମେତ ଅନେକ ନେତା ଓ ଅଧିକାରୀଙ୍କୁ ଯୁଦ୍ଧରେ ହରାଇଦେଇଥିବା ଇରାନ୍ ଶତ୍ରୁପକ୍ଷଙ୍କୁ ମୁହଁତୋଡ଼ ଜବାବ ଦେବାକୁ ପଛାଇ ନ ଥିଲା। ତେହରାନ୍ ଅଶୋଧିତ ତୈଳ ଓ ପ୍ରାକୃତିକ ବାଷ୍ପ ପରିବହନର ପ୍ରମୁଖ ଜଳପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ଅବରୋଧ କରିବାରୁ ଜାହାଜଗୁଡ଼ିକ ସେହି ଅଞ୍ଚଳରେ ଫସିରହିଲା। ଫଳରେ ବିଶ୍ୱବ୍ୟାପୀ ଶକ୍ତି ସଙ୍କଟ ସୃଷ୍ଟି ହେଲା। ଇତିମଧ୍ୟରେ ଟ୍ରମ୍ପ ଇରାନ୍‌କୁ ଅନେକ ଥର ଅସ୍ତ୍ରବିରତି, ଡିଲ୍ ଆଦିକୁ ନେଇ ମହଲତ ଦେଇଚାଲିଥିଲେ, ଯାହାକୁ ତେହରାନ୍ ପ୍ରତ୍ୟାଖ୍ୟାନ କରିଆସିଥିଲା। ଟ୍ରମ୍ପଙ୍କ ୪୮ ଘଣ୍ଟିଆ ଶେଷ ମହଲତର ମିଆଦ ପୂରୁଥିଲା ମଙ୍ଗଳବାର ଇଷ୍ଟର୍ନ ଡେଲାଇଟ୍ ଟାଇମ୍ (ଆମେରିକା) ରାତି ୮ଟା ବା ଭାରତୀୟ ସମୟ ବୁଧବାର ଭୋର ୫ଟା ୩୦ ମିନିଟ୍‌ରେ। କିନ୍ତୁ ଏହାର ଦେଢ଼ଘଣ୍ଟା ପୂର୍ବରୁ ଟ୍ରମ୍ପ ପଛଘୁଞ୍ଚା ଦେଇ ଇରାନ୍ ସହ ୨ ସପ୍ତାହର ଅସ୍ତ୍ରବିରତି ଘୋଷଣାକଲେ। ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି, ଆମେରିକା ଇରାନ୍‌ଠାରୁ ୧୦ ସୂତ୍ରୀ ପ୍ରସ୍ତାବ ଗ୍ରହଣ କରିଛି, ଯାହାକି କାର୍ଯ୍ୟକାରୀ ହୋଇପାରେ। ୨ ସପ୍ତାହର ସିଜ୍‌ଫାୟାର ଅବଧି ମଧ୍ୟରେ ସେଗୁଡ଼ିକ ଉପରେ ଆଲୋଚନା ହେବ। ଏପରି କରାଯିବା ପଛର କାରଣ ହେଉଛି ଆମେ ଉଭୟ ପକ୍ଷ ପରସ୍ପର ସହ ଆଲୋଚନା କରିଛୁ। ଆମେ ନିଜ ନିଜ ସମସ୍ତ ସାମରିକ ଲକ୍ଷ୍ୟ ହାସଲ କରିସାରିଛୁ। ତେଣୁ ଇରାନ୍ ଓ ମଧ୍ୟପ୍ରାଚ୍ୟ ସହ ଦୀର୍ଘକାଳୀନ ଶାନ୍ତି ପାଇଁ ଏକ ନିର୍ଣ୍ଣାୟକ ଚୁକ୍ତି କରିବାକୁ ଯାଉଛୁ। ଏଥିସହ ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ସୟେଦ ଅବ୍ବାସ ଅରାଘଚି ଅସ୍ତ୍ରବିରତି ସୁନିଶ୍ଚିତ କରିଥିବା ନେଇ ବିବୃତିକୁ ମଧ୍ୟ ଟ୍ରମ୍ପ ସାମାଜିକ ଗଣମାଧ୍ୟମରେ ଶେୟାର କରିଥିଲେ। ସେଥିରେ ଅରାଘଚି କହିଥିଲେ, ଯଦି ଇରାନ୍ ବିରୋଧରେ ଆକ୍ରମଣ ବନ୍ଦ ହେଉଛି ତେବେ ଆମ ଶକ୍ତିଶାଳୀ ସଶସ୍ତ୍ର ବଳ ନିଜ ପ୍ରତିରକ୍ଷାତ୍ମକ ଅପରେଶନ୍ ବନ୍ଦ କରିବ। ଇରାନୀୟ ସେନାର ସମନ୍ୱୟରେ ହର୍ମୁଜ୍ ପ୍ରଣାଳୀ ଦେଇ ଜାହାଜ ଯାତାୟାତ ସମ୍ଭବ ହୋଇପାରିବ।

ସେପଟେ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ମଧ୍ୟ କହିଛନ୍ତି, ଯଦିଓ କେତେକ ସ୍ଥାନରେ ଆକ୍ରମଣ ଜାରି ରହିଥିବା କୁହାଯାଉଛି ତେବେ ତାହା ଡିଲ୍‌କୁ ଭଙ୍ଗ କରିବାରେ ସକ୍ଷମ ହୋଇ ନ ପାରେ। ଇରାନ୍ ଓ ଆମେରିକା ମଧ୍ୟରେ ଶାନ୍ତି ଚୁକ୍ତି ନେଇ ମଧ୍ୟସ୍ଥତା କରିଥିବା ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ କହିଛନ୍ତି, ଇସ୍‌ଲାମାବାଦରେ ଆମେରିକା ସହ ଶାନ୍ତି ଆଲୋଚନାରେ ତେହରାନ୍ ସାମିଲ ହୋଇଥିବା ବିଷୟ ଇରାନୀୟ ରାଷ୍ଟ୍ରପତି ମସୋଦ ପେଜେସ୍କିଆନ୍ ନିଶ୍ଚିତ କରିଛନ୍ତି। ହର୍ମୁଜ ପ୍ରଣାଳୀ ଖୋଲିବା ପାଇଁ ଉଭୟ ପକ୍ଷ ସହମତି ପ୍ରକାଶ କରିଛନ୍ତି। ଉଭୟ ଇରାନ୍ ଓ ଆମେରିକା ଅସ୍ତ୍ରବିରତିକୁ ନିଜ ନିଜ ବିଜୟ ବୋଲି ଅଭିହିତ କରିଛନ୍ତି। ଇରାନ୍ ଏହାକୁ ଟ୍ରମ୍ପଙ୍କ ଉପରେ ନିଜ ବିଜୟ ବୋଲି ଦାବି କରିଥିବାବେଳେ ତେହରାନ ସମେତ ଦେଶର ବିଭିନ୍ନ ଭାଗରେ ଇରାନୀୟମାନେ ଉତ୍ସବ ପାଳନ କରୁଥିବା ଦେଖିବାକୁ ମିଳିଛି। ତେହରାନ୍‌ରେ ସରକାର ସପକ୍ଷବାଦୀମାନେ ନିଜ ଜାତୀୟ ପତାକା ଧରି ସ୍ଲୋଗାନ ଦେଇଛନ୍ତି, ଆମେରିକାର ମୃତ୍ୟୁ ଘଟୁ, ଇସ୍ରାଏଲ୍‌ର ମୃତ୍ୟୁ ଘଟୁ, ସାଲିସକର୍ତ୍ତାଙ୍କ ମୃତ୍ୟୁ ଘଟୁ! ଏପରି କି ଆମେରିକା ଓ ଇସ୍ରାଏଲ୍‌ର ପତାକା ମଧ୍ୟ ସେମାନେ ଜାଳୁଥିବାର ଭିଡିଓ ଗଣମାଧ୍ୟମରେ ପ୍ରସାରିତ ହୋଇଛି। ଯୁଦ୍ଧବିରତି ପ୍ରସ୍ତାବକୁ ଭାରତ, ବ୍ରିଟେନ୍, ରୁଷିଆ, ଚାଇନା ସମେତ ଅନେକ ଦେଶ ଓ ଅନ୍ତର୍ଜାତୀୟ ମାନବାଧିକାର ସଙ୍ଗଠନ ସ୍ୱାଗତ କରିଛନ୍ତି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି, ଏହି ୧୪ ଦିନିଆ ସିଜ୍‌ଫାୟାର ନାଗରିକଙ୍କ ଜୀବନ ରକ୍ଷା ଓ ମାନବୀୟ ଯନ୍ତ୍ରଣାକୁ ଉପଶମ କରିବ। ଆମେରିକା ଓ ଇରାନ୍‌ର ଅସ୍ତ୍ରବିରତି ଘୋଷଣା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

ତେବେ ଏସବୁ ଭିତରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), କୁଏଟ୍ ଓ ବାହାରିନ୍‌ର କେତେକ ତୈଳ ଏବଂ ଶକ୍ତି ଭିତ୍ତିଭୂମି ଉପରେ ମିଶାଇଲ୍ ଆକ୍ରମଣ ହୋଇଛି। ଯୁଦ୍ଧବିରତି ସତ୍ତ୍ୱେ ଇସ୍ରାଏଲ୍ ଲେବାନନ୍ ଉପରେ ଆକ୍ରମଣ କରିଛି। ରାଜଧାନୀ ବିରୁଟ୍‌ର ଜନବହୁଳ ବ୍ୟବସାୟିକ ଓ ଆବାସିକ ଅଞ୍ଚଳରେ ବିନା କୌଣସି ଚେତାବନୀରେ ବୁଧବାର ଅପରାହ୍ନରେ ଇସ୍ରାଏଲ୍‌ର ଆକ୍ରମଣ ଲେବାନନ୍‌ବାସୀଙ୍କୁ ଚକିତ ଓ ଆତଙ୍କିତ କରିଛି। ଇସ୍ରାଏଲ୍ କହିଛି, ଇରାନ୍ ସହ ହୋଇଥିବା ଚୁକ୍ତି ଭିତରେ ଲେବାନନ୍ ଆସୁନାହିଁ। ଇରାନ୍ ସମର୍ଥିତ ଆତଙ୍କବାଦୀ ସଙ୍ଗଠନ ହେଜ୍‌ବୋଲ୍ଲା ଉପରେ ଆକ୍ରମଣ ଜାରି ରହିବ। ହେଜ୍‌ବୋଲ୍ଲା ଉପରେ ଆକ୍ରମଣ ଜାରି ରହିଲେ ଏହି ସଙ୍ଗଠନ ମଧ୍ୟ ବିଭିନ୍ନ ତୈଳ ଜାହାଜକୁ ଆକ୍ରମଣ କରିବା ଆଶଙ୍କା ରହିଛି। ତେଣୁ ଯୁଦ୍ଧବିରତି କେତେ ସ୍ଥାୟୀ ହେବ ତାହା ସମୟ କହିବ। ଏହାକୁ ଦୃଷ୍ଟିରେ ରଖି ମଧ୍ୟପ୍ରାଚ୍ୟ ବିଶେଷକରି ଇରାନ୍‌ରେ ଫସିରହିଥିବା ଭାରତୀୟମାନଙ୍କୁ ନୂଆଦିଲ୍ଲୀ ସୁରକ୍ଷିତ ମାର୍ଗ ଦେଇ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିବାକୁ ପରାମର୍ଶ ଦେଇଛି।

### ସଂଶୋଧନ ଚିଠା ....

ହୋଇପାରେ। ଉଲ୍ଲେଖଯୋଗ୍ୟ, ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କୁ ୩୩% ସଂରକ୍ଷଣ ପ୍ରଦାନ ପାଇଁ ୨୦୨୩ରେ ସମ୍ବିଧାନ ସଂଶୋଧନ କରାଯାଇଥିଲା। ତେବେ ୨୦୨୭ରେ ହେବାକୁ ଥିବା ଜନଗଣନା ଆଧାରରେ ସଂସଦୀୟ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପରେ ଏହା ଲାଗୁ ହେବ ବୋଲି ସ୍ଥିର କରାଯାଇଥିଲା। କିନ୍ତୁ ବର୍ତ୍ତମାନର ଆଇନ ବଳବତ୍ତର ରହିଲେ ୨୦୩୪ରେ ଏହା କାର୍ଯ୍ୟକାରୀ ହୋଇପାରିବ। ତେଣୁ ୨୦୨୯ ଲୋକ ସଭା ନିର୍ବାଚନ ବେଳକୁ ଏହା କାର୍ଯ୍ୟକାରୀ କରାଇବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି। ପାର୍ଲାମେଣ୍ଟରେ ଉକ୍ତ ସଂଶୋଧନ ବିଧେୟକ ପାରିତ ହେଲେ ୨୦୨୯ ମାର୍ଚ୍ଚ ୩୧ରେ ନୂଆ ଆଇନ କାର୍ଯ୍ୟକାରୀ ହେବ। ଲୋକ ସଭା ସହ ଓଡ଼ିଶା, ଅରୁଣାଚଳ ପ୍ରଦେଶ, ସିକିମ୍ ଓ ଆନ୍ଧ୍ର ପ୍ରଦେଶ ବିଧାନସଭା ନିର୍ବାଚନରେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରେ।

### ଗିରଫ ଭୟରେ ...

କହିଛନ୍ତି। ସୂଚନାଥାଉ କି, କାଶୀପୁର ବ୍ଲକରେ ବକ୍ସାଇଟ୍ ଖଣି ରହିଛି। ବାଫଲିମାଳି ଖଣି ଖନନ ଚାଲିଥିବାବେଳେ ସିଜିମାଳିରେ ଖଣି ଖନନ ପାଇଁ ଲିଜ୍ ପାଇଛି ବେଦାନ୍ତ ଆଲୁମିନା। ହେଲେ ଗତ ୩ବର୍ଷ ହେଲାଣି ଖଣି ଖନନକୁ ବିରୋଧ କରୁଛନ୍ତି ଅଞ୍ଚଳବାସୀ। ଏ ନେଇ ୨୦୨୩ରେ ଉତ୍ତେଜନା ତୀବ୍ର ହେବାରୁ ପୋଲିସ ପ୍ରାୟ ୨୬ଜଣ ଗ୍ରାମବାସୀଙ୍କୁ ଗିରଫ କରିଥିଲା। ତଥାପି ସିଜିମାଳି ପାହାଡ଼ ନିକଟସ୍ଥ ପ୍ରଭାବିତ ଗାଁର ଲୋକେ ଏବେ ମଧ୍ୟ ଖଣି ଖନନକୁ ବିରୋଧ କରିଆସୁଛନ୍ତି। ଗତ ୩ ତାରିଖରୁ ଅଞ୍ଚଳବାସୀ ଓ ପୋଲିସ ମଧ୍ୟରେ ଏକ ପ୍ରକାର ବାକ୍ୟୁଦ୍ଧ ଆରମ୍ଭ ହୋଇଥିଲା। ଏହାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ସେଠାରେ ବିଏନ୍‌ଏସ୍‌ଏସ୍ ୧୬୩ ଧାରା ଜାରି କରାଯାଇଛି। ମଙ୍ଗଳବାର ଏହି ଘଟଣାକୁ ନେଇ ପୋଲିସ ଓ ଅଞ୍ଚଳବାସୀ ମୁହାଁମୁହିଁ ହୋଇଥିଲେ। ପୋଲିସ ଦମନରେ ୫୦ରୁ ଊର୍ଦ୍ଧ୍ୱ ଅଞ୍ଚଳବାସୀ ଗୁରୁତର ଆହତ ହୋଇଛନ୍ତି। ତେବେ ପୋଲିସ ଦ୍ୱାରା ଗିରଫ ଭୟରେ କେହି ଚିକିତ୍ସା ପାଇଁ ଯାଇପାରୁ ନ ଥିବା ସାମାଜିକ କର୍ମୀ ପ୍ରଫୁଲ୍ଲ ସାମନ୍ତରା ପ୍ରକାଶ କରିଛନ୍ତି। ଅପରପକ୍ଷରେ ୫୦ରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀ ଆହତ ହେବା ଘଟଣାକୁ ଏସପି ସ୍ୱାଥି ଏସ୍.କୁମାର ଖଣ୍ଡନ କରିଛନ୍ତି। କଣ୍ଟାମାଳ ଗ୍ରାମର ସୁବାସ ସିଂ ମାଝୀଙ୍କ ନାମରେ ଏକ ମାମଲାରେ ଗିରଫଦାରି ପରୱାନା ରହିଥିଲା। ତେଣୁ ତାଙ୍କୁ ଧରିବା ପାଇଁ ପୋଲିସ କଣ୍ଟାମାଳ ଯାଇଥିବାବେଳେ ଅଞ୍ଚଳବାସୀ ପୋଲିସକୁ ଚାରିପଟୁ ଘେରି ଆକ୍ରମଣ କରିଥିଲେ ବୋଲି ସେ କହିଛନ୍ତି, ଯେଉଁଥିରେ ଅନେକ ପୋଲିସ କର୍ମୀ ଆହତ ହୋଇଛନ୍ତି।

### ସ୍ତ୍ରୀଙ୍କ ତଣ୍ଟିକାଟି ...

କାହାକୁ କିଛି ନ କହିବାକୁ ମଧ୍ୟ କହିଥିଲେ। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ପ୍ରିୟମ୍ବଦାଙ୍କ ଭଉଣୀ ତାଙ୍କ ଘରକୁ ଅଟା ନେଇ ଯାଇଥିଲେ। ସେହି ସମୟରେ ପ୍ରିୟମ୍ବଦାଙ୍କ ଘର ଆଗରେ ପୋଲିସ ଗାଡ଼ି ଛିଡ଼ା ହୋଇଥିବା ଦେଖିବାକୁ ପାଇଥିଲେ। ପରେ ଘର ଭିତରକୁ ଯାଇ ଭଉଣୀ ପ୍ରିୟମ୍ବଦାଙ୍କୁ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇ ହତବାକ୍ ହୋଇ ପଡ଼ିଥିଲେ। ଏସମ୍ପର୍କରେ ଖବର ପାଇ ମୃତକଙ୍କ ଝିଅ ପହଞ୍ଚିବାପରେ ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏଥିସହ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରିକୁ ଜବତ କରାଯାଇଛି।

#### ଡିପ୍ରେଶନରେ ଥିଲେ ଦେବରାଜ

ବୁଧବାର ସକାଳେ ସବୁକିଛି ସ୍ୱାଭାବିକ ଥିଲା। ଅଭିଯୁକ୍ତ ଦେବରାଜ ଝିଅଙ୍କ ସହ ଫୋନ ଯୋଗେ କଥା ହୋଇଥିଲେ। ଏପରି କି ମା'ଙ୍କ ପାଇଁ ଫୋନ ରିଚାର୍ଜ କରିବାକୁ ସେ ଝିଅଙ୍କୁ କହିଥିଲେ। ଦିନ ୧୨ଟା ପାଖାପାଖି ଝିଅ ଘର ପାତ୍ରପଡ଼ାକୁ ଯାଇ ସ୍ତ୍ରୀଙ୍କ ସୁନାଗହଣା ଏବଂ କିଛି ଟଙ୍କା ମଧ୍ୟ ଦେଇ ଆସିଥିଲେ। ପରେ ପ୍ରାୟ ୧ଟା ସମୟରେ ପୋଲିସ ନିକଟରୁ ତାଙ୍କ ମା'ଙ୍କ ମୃତ୍ୟୁ ଖବର ଝିଅଙ୍କୁ ମିଳିଥିଲା।

#### ସ୍ତ୍ରୀ ବାରଣ କରିବାରୁ ଜୀବନ ନେଇଗଲେ

କିଛି ଦିନ ହେବ ଦେବରାଜ ମାନସିକ ଦୁଶ୍ଚିନ୍ତାରେ ଥିଲେ। ଏକାଧିକ ରୋଗରେ ପୀଡ଼ିତ ଥିବାରୁ ସେ ବାରମ୍ବାର ଆତ୍ମହତ୍ୟା କରିବାକୁ ଉଦ୍ୟମ ମଧ୍ୟ କରୁଥିଲେ। ଏହାକୁ ସ୍ତ୍ରୀ ପ୍ରିୟମ୍ବଦା ବାରଣ କରିବା ସହ ତାଙ୍କୁ ସବୁବେଳେ ଜଗି ରହୁଥିଲେ। ଜୀବନ ହାରିବାକୁ ଉଦ୍ୟମ ବେଳେ ବାଟ ଓଗାଳୁଥିବାରୁ ଦେବରାଜ ଉତ୍କ୍ଷିପ୍ତ ହେଉଥିଲେ। ବୁଧବାର ସକାଳେ ଦେବରାଜ ଘର ବାହାରକୁ ଯିବାବେଳେ ପ୍ରିୟମ୍ବଦା ବାରଣ କରିବାରୁ ସେ ରାଗିଯାଇ ଘରେ ଥିବା ଏକ ଛୁରିରେ ସ୍ତ୍ରୀଙ୍କ ଗଳାକାଟି ହତ୍ୟା କରିଥିଲେ।

### ୧୦ରେ ରାଜ୍ୟ ...

ସେତୁର ଟେଣ୍ଡର ପ୍ରସ୍ତାବ ମଧ୍ୟ ଆସିବାକୁ ରହିଛି। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଇତିମଧ୍ୟରେ ୩୭ଟି କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇସାରିଛି। ସେଥିମଧ୍ୟରେ ମହିଳାଙ୍କୁ ସଶକ୍ତୀକରଣ ଲାଗି 'ସୁଭଦ୍ରା'ଠାରୁ ଆରମ୍ଭକରି ଚାଷୀଙ୍କ ପାଇଁ ଇନ୍‌ପୁଟ୍ ସବ୍‌ସିଡି, ୮୦ ବର୍ଷରୁ ଊର୍ଦ୍ଧ୍ୱ ବାର୍ଦ୍ଧକ୍ୟମାନଙ୍କ ଲାଗି ୩,୫୦୦ଟଙ୍କାର ଭତ୍ତା ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।




# ନାଲ୍କୋ ସିପିପିରେ ଫ୍ଲାଶ୍ ଓଭର, ୫ ଗୁରୁତର

## ବିଦ୍ୟୁତ୍‌ଜନିତ ମରାମତି ବେଳେ ଦୁର୍ଘଟଣା

ବଅଁରପାଳ,୮।୪ (ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋର କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ (ସିପିପି)ରେ ମଙ୍ଗଳବାର ବିଳମ୍ବିତ ରାତିରେ ବିଦ୍ୟୁତ୍‌ଜନିତ ମରାମତି କାର୍ଯ୍ୟବେଳେ ଫ୍ଲାଶ ଓଭର ଘଟିବାରୁ ଏଥିରେ ୫ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଟେକ୍ନିକାଲ ଅଫିସର ସୁଶାନ୍ତ କୁମାର ସାମଲ, ଅନିଲ ଗଡ଼ନାୟକ, ସୌଭାଗ୍ୟ ବଳ, କର୍ମଚାରୀ ଗଜେନ୍ଦ୍ର ଛତ୍ରିଆ ଓ ଠିକା କର୍ମଚାରୀ ମନୋଜ ପ୍ରଧାନ। ଉଦ୍ଧାର ପରେ ସମସ୍ତଙ୍କୁ ପ୍ରଥମେ ନାଲ୍‌କୋ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ କଟକର ଏକ ଘରୋଇ ମେଡିକାଲକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ନାଲ୍‌କୋ ସିପିପିର ଇଏସ୍‌ପି ସ୍ୱିଚଗିୟାର ଏରିଆରେ ରାତି ପ୍ରାୟ ୧୨ଟାରେ ହଠାତ ବିଦ୍ୟୁତ୍‌ଜନିତ ତ୍ରୁଟି ଦେଖାଦେଇଥିଲା। ପାୱାର ଫେଲ୍ ହେବାରୁ ସମଗ୍ର ୟୁନିଟ୍‌ରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ତୁରନ୍ତ ସ୍ଥିତିର ସମାଧାନ ପାଇଁ ଅଭିଜ୍ଞ ଠିକା କର୍ମଚାରୀ ମନୋଜଙ୍କୁ ଡକାଯାଇଥିଲା। ଟେକ୍ନିକାଲ ଟିମ୍ ଦ୍ୱାରା ଇଏସ୍‌ପି ପାୱାର ସିଷ୍ଟମରେ ମଡ୍ୟୁଲାର ପରିବର୍ତ୍ତନ କାମ କରାଯାଉଥିଲା। ଏହି ସମୟରେ ଫ୍ଲାଶ୍ ଓଭର୍ ହେବାରୁ ସେଠାରେ ଉପସ୍ଥିତ ୫ ଜଣ କର୍ମଚାରୀ ଓ ଠିକା କର୍ମଚାରୀ ପୋଡ଼ିଯାଇ ଗୁରୁତର ହୋଇଥିଲେ। ସହକର୍ମୀମାନେ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ନାଲ୍‌କୋ ଡାକ୍ତରଖାନା ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଦୁର୍ଘଟଣା ପରେ ପ୍ଲାଣ୍ଟ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବାବେଳେ ତଦନ୍ତ ଆରମ୍ଭ ହୋଇଛି। ପ୍ରାରମ୍ଭିକ ତଦନ୍ତରୁ ଟେକ୍ନିକାଲ ତ୍ରୁଟି କିମ୍ବା ହାଇଭୋଲଟେଜ କାରଣରୁ ଏପରି ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ନାଲ୍‌କୋ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ଦୁର୍ଘଟଣା ସମ୍ପର୍କରେ ମତାମତ ମିଳିପାରି ନାହିଁ।


ଜଣେ ଗୁରୁତରଙ୍କ ଚିକିତ୍ସା ଚାଲିଛି।

# ବଢ଼ିଛି ବିଦ୍ୟୁତ୍, ଭୂ-ରାଜସ୍ୱ ; କମିଛି ନିଜସ୍ୱ ଟିକସ

ଭୁବନେଶ୍ୱର, ୮।୪(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକବର୍ଷ ବଜେଟରେ ଯେତିକି ପରିମାଣର ରାଜସ୍ୱ ନିଜସ୍ୱ ଟିକସ କ୍ଷେତ୍ରରୁ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା, ତାହା ଆଶାନୁରୂପ ହୋଇପାରିନାହିଁ। ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟ ସରକାର ନିଜସ୍ୱ ଟିକସ କ୍ଷେତ୍ରରୁ କେବଳ ବିଦ୍ୟୁତ୍ ଏବଂ ଭୂ-ରାଜସ୍ୱରେ ଆଶାଠାରୁ ଅଧିକ ରାଜସ୍ୱ ପାଇଥିବାବେଳେ ଅବକାରୀ, ବାଣିଜ୍ୟ, ଭ୍ୟାଲୁ ଆଡେଡ୍ ଟାକ୍ସ(ଭାଟ୍), ମୋଟର ଭେଇକିଲ, ଆଇଜିଏସ୍‌ଟି ଭଳି କ୍ଷେତ୍ରରୁ କମ୍ ପରିମାଣର ରାଜସ୍ୱ ମିଳିଛି ବୋଲି ଏପ୍ରିଲ ୪ରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରୁ ଜଣାପଡ଼ିଛି।

ବୈଠକର ତଥ୍ୟ ଅନୁଯାୟୀ, ରାଜ୍ୟ ସରକାର ୨୦୨୪-୨୫ ବର୍ଷରେ ନିଜସ୍ୱ ଟିକସ ବାବଦକୁ ୬୦ ହଜାର କୋଟି ଟଙ୍କାର ରାଜସ୍ୱ ପାଇବାକୁ ଆଶା ବାନ୍ଧିଥିଲେ। ଏହାକୁ ନେଇ ମଧ୍ୟ ବଜେଟ ପ୍ରସ୍ତୁତ ହୋଇଥିଲା। ହେଲେ ଉକ୍ତ ବର୍ଷ ୫୬ ହଜାର ୫୧୫.୮୫ କୋଟି ଟଙ୍କା ସରକାରଙ୍କୁ ନିଜସ୍ୱ ଟିକସ କ୍ଷେତ୍ରରୁ ମିଳିଥିଲା। ଏହାକୁ ନେଇ ୨୦୨୫-୨୬ରେ ସରକାରଙ୍କ ପକ୍ଷରୁ ୬୬ ହଜାର କୋଟି ଟଙ୍କା ଏହି ଉତ୍ସରୁ ପାଇବାକୁ ଲକ୍ଷ୍ୟ ରହିଥିବାବେଳେ ମାର୍ଚ୍ଚ ଶେଷ ସୁଦ୍ଧା ୫୬ ହଜାର ୮୨୦.୬୫ କୋଟି ଟଙ୍କା ମିଳିଛି। ତେବେ ନିଜସ୍ୱ ରାଜସ୍ୱ କ୍ଷେତ୍ର ମଧ୍ୟରେ ବିଦ୍ୟୁତ୍ ଓ ଭୂ-ରାଜସ୍ୱ ଆଶାନୁରୂପ ହୋଇଛି।

୨୦୨୫-୨୬ ବର୍ଷରେ ଭୂ-ରାଜସ୍ୱ ଉତ୍ସରୁ ସରକାର ୩୫୯୦.୩୬ କୋଟି ପାଇବାକୁ ଲକ୍ଷ୍ୟ ରଖିଥିବାବେଳେ ୩ ହଜାର ୯୬୩.୬୧ କୋଟି ଟଙ୍କା ମିଳିଛି, ଯାହାକି ୨୦୨୫ ବର୍ଷ ତୁଳନାରେ ୪୩.୦୧% ଅଧିକ। ସେହିପରି ବିଦ୍ୟୁତ୍ କ୍ଷେତ୍ରରୁ ଗତବର୍ଷ ୪ ହଜାର ୬୩୪.୬୮ କୋଟି ଟଙ୍କା ପାଇବାକୁ ଲକ୍ଷ୍ୟ ରହିଥିବାବେଳେ ବିଭାଗ ପକ୍ଷରୁ ୪ ହଜାର ୭୦୯.୬୬ କୋଟି ଟଙ୍କା ସଂଗ୍ରହ କରାଯାଇଛି। ମାତ୍ର ଅନ୍ୟାନ୍ୟ ଉତ୍ସ ମଧ୍ୟରେ ଅବକାରୀ, ବାଣିଜ୍ୟ ଟିକସ, ଭାଟ୍, ଏସ୍‌ଜିଏସ୍‌ଟି, ଆଇଜିଏସ୍‌ଟି, ଯାନବାହନ ରାଜସ୍ୱ ଆଶାନୁରୂପ ହୋଇପାରିନାହିଁ। ଅବକାରୀ କ୍ଷେତ୍ରରେ ୯ ହଜାର ୭୫୩.୬୨ କୋଟି ମଧ୍ୟରୁ ୮ ହଜାର ୮୧୭.୨୭ କୋଟି ଟଙ୍କା ମିଳିଥିବାବେଳେ ଭାଟ୍‌ରୁ ୧୫ ହଜାର ୯୬୯.୮୮ କୋଟିରୁ ୧୩ ହଜାର ୫୧୮.୪୯ କୋଟି ମିଳିଛି। ଏହାବାଦ୍ ରାଜ୍ୟ ଦ୍ରବ୍ୟ ସେବାକର(ଏସ୍‌ଜିଏସ୍‌ଟି) ଏବଂ ଆଇଜିଏସ୍‌ଟି ଏବଂ ଅନ୍ୟାନ୍ୟ କ୍ଷେତ୍ରରୁ ଅବଶିଷ୍ଟ ରାଜସ୍ୱ ମିଳିଛି।

ଏହି ପରିପ୍ରେକ୍ଷୀରେ ଅଣଟିକସ ଉତ୍ସରୁ ସରକାର ଲକ୍ଷ୍ୟଧାର୍ଯ୍ୟ ପାଖାପାଖି ଛୁଇଁଛନ୍ତି। ସରକାରଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୬୦ ହଜାର କୋଟି ପାଇବାକୁ ଥିବାବେଳେ ୫୯ ହଜାର ୬୦୫.୩୯ କୋଟି ଟଙ୍କା ମାର୍ଚ୍ଚ ଶେଷସୁଦ୍ଧା ମିଳିଛି। ରାଜ୍ୟ ସରକାର ଡିଭିଡେଣ୍ଡ(ଲାଭାଂଶ)ରୁ ଅଧିକ ରାଜସ୍ୱ ପାଇଛନ୍ତି। ସରକାର ଏହି ଉତ୍ସରୁ ୩ ହଜାର ୩୦୦ କୋଟି ପାଇବାକୁ ଲକ୍ଷ୍ୟ ରଖିଥିବାବେଳେ ପାଇଛନ୍ତି ୭ ହଜାର ୪୩.୨୫ କୋଟି ଟଙ୍କା। ମାତ୍ର ଖଣିଜ ଉତ୍ସରୁ ୪୭ ହଜାର ୪୬୭.୯୩ କୋଟି ମଧ୍ୟରୁ ୪୫ ହଜାର ୨୬.୨୩ କୋଟି ଟଙ୍କା ପାଇଥିବାବେଳେ କୋଇଲା ଉତ୍ସରୁ ୨,୭୫୭.୬୫ କୋଟିରୁ ୧୩୬୯.୫୭ କୋଟି, ସୁଧ ବାବଦକୁ ୧୭୦୬.୪୦ କୋଟିରୁ ୮୭୩.୬୦ କୋଟି ଟଙ୍କା ପାଇଛନ୍ତି। ଅନ୍ୟାନ୍ୟ ଉତ୍ସରୁ ୪ ହଜାର ୭୬୮ କୋଟି ଟଙ୍କା ପାଇବାକୁ ଆଶା ବାନ୍ଧିଥିବାବେଳେ ୫ ହଜାର ୨୯୨.୯୪ କୋଟି ଟଙ୍କା ସରକାର ପାଇଥିବା ତଥ୍ୟରୁ ଜଣାଯାଇଛି।

# ୧୦ରେ ନୂଆଦିଲ୍ଲୀ ଗସ୍ତ କରିବେ ନବୀନ



ଭୁବନେଶ୍ୱର, ୮।୪(ସୁନିତ୍ ମିଶ୍ର)

ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁକ୍ରବାର ନୂଆଦିଲ୍ଲୀ ଗସ୍ତରେ ଯିବେ। ତାଙ୍କ ବଡ଼ ଭାଇ ପ୍ରେମ୍ ପଟ୍ଟନାୟକଙ୍କ ମଙ୍ଗଳବାର ଏକ ଗୁରୁତର ହାର୍ଟ ସର୍ଜରି ହୋଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ଲାଗି ନବୀନ ନୂଆଦିଲ୍ଲୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ନବୀନ କେତେଦିନ ଲାଗି ଗସ୍ତ କରୁଛନ୍ତି ସେନେଇ କିଛି ସୂଚନା ଦିଆଯାଇନାହିଁ।

# ୧୩୬୩ ଜୁନିୟର ରେଭିନ୍ୟୁ ଆସିଷ୍ଟାଣ୍ଟ ନିଯୁକ୍ତ ହେବେ

## ଜିଲାପାଳଙ୍କୁ ଚିଠି ଲେଖିଲେ ରାଜସ୍ୱ ସଚିବ

ଭୁବନେଶ୍ୱର,୮।୪(ସୁଚିସ୍ମିତା ସାହୁ)

ରାଜ୍ୟର ରାଜସ୍ୱ ପ୍ରଶାସନକୁ ଆହୁରି ସୁଦୃଢ଼କରିବା ପାଇଁ ସରକାର ୧୩୬୩ ଜୁନିଅର ରେଭିନ୍ୟୁ ଆସିଷ୍ଟାଣ୍ଟଙ୍କୁ ନିଯୁକ୍ତି ଦେବେ। ଏନେଇ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ସିଧାସଳଖ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ୩୦ ଜିଲାରେ ଖାଲି ପଡ଼ିଥିବା ଏହି ପଦବୀ ପୂରଣ କରାଯିବ। ଜିଲାଭିତ୍ତିକ ଖାଲି ଥିବା ପଦବୀ ସଂଖ୍ୟା ସହିତ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ସହ ମହିଳା, ଦିବ୍ୟାଙ୍ଗ, ଏକ୍ସ-ସର୍ଭିସମ୍ୟାନ ଏବଂ କ୍ରୀଡ଼ାବିତଙ୍କ ପାଇଁ ଆବଶ୍ୟକ ସଂରକ୍ଷଣ ନିମନ୍ତେ ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ସହ ଆଲୋଚନା କରି ଏହି ନିଯୁକ୍ତି ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ରାଜସ୍ୱ ପ୍ରଶାସନର କ୍ଷମତା ବୃଦ୍ଧି ସହ ଜନସେବା ଆଭିମୁଖ୍ୟକୁ ଅଧିକ ସୁଦୂରପ୍ରସାରୀ କରିପାରିବ ବୋଲି ବିଭାଗ ଆଶା ରଖିଛି।

# ଶୋଇଥିବା ଅବସ୍ଥାରେ ଗଛ ପଡ଼ି ଯବାନ ମୃତ

ବଣାଇଁ, ୮।୪(ପ୍ରଦୀପ ତ୍ରିପାଠୀ)

ଓଡ଼ିଶା-ଝାଡ଼ଖଣ୍ଡ ସୀମା ସଂଲଗ୍ନ ଜରେଇକେଲା ଥାନା ଅଞ୍ଚଳର ବାବୁଡେରା ସିଆର୍‌ପିଏଫ୍ କ୍ୟାମ୍ପ୍‌ରେ ମଙ୍ଗଳବାର ରାତିରେ ବିଶ୍ରାମ ନେବା ସମୟରେ ଏକ ଗଛ ପଡ଼ିଯିବାରୁ ଜଣେ ଯବାନଙ୍କ ମୃତ୍ୟୁ ଘଟିଛି। ମୃତ ଯବାନ ହେଲେ କୋବ୍ରା ୨୧୦ ନମ୍ବର ବାଟାଲିୟନର କନ୍‌ଷ୍ଟେବଲ ରାକେଶ କୁମାର। ସ୍ଥାନୀୟ ପ୍ରଶାସନ ଏବଂ ଅନ୍ୟାନ୍ୟ ଅଧିକାରୀ ଘଟଣାର ତଦନ୍ତ କରିବା ସହ ଆଗାମୀ ଦିନରେ ଏପରି ଘଟଣା ଯେମିତି ନ ଘଟେ ସେଥିପାଇଁ କ୍ୟାମ୍ପ୍‌ର ସୁରକ୍ଷା ବ୍ୟବସ୍ଥାକୁ ସମୀକ୍ଷା କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରାକେଶ ମଙ୍ଗଳବାର ରାତିରେ କ୍ୟାମ୍ପ୍‌ରେ ଶୋଇଥିଲେ। ଏହି ସମୟରେ ହଠାତ୍ ଏକ ଗଛ ଭାଙ୍ଗିପଡ଼ିବାରୁ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ଏହା ଦେଖି ତାଙ୍କ ସହକର୍ମୀମାନେ ରାକେଶଙ୍କୁ ରାଞ୍ଚିର ଏକ ହସ୍ପିଟାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସାଥୀ ଯବାନମାନେ ରାକେଶଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଏହା ସମସ୍ତ ସୁରକ୍ଷା ବଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି।


ରାକେଶ କୁମାର

# ପବନ ସହ କୁଆପଥର ବର୍ଷା

ଭୁବନେଶ୍ୱର,୮।୪(ଅନୁରାଧା ମହାରଣା)

କଟକ, ନୟାଗଡ଼, ଖୋର୍ଦ୍ଧା ସମେତ ରାଜ୍ୟର ବିଭିନ୍ନ ଜିଲାରେ ବୁଧବାର ପ୍ରବଳ ବର୍ଷା ପବନ ସହ କୁଆପଥର ମାଡ଼ ହୋଇଥିଲା। ୫୦ରୁ ୬୦ କିମି ବେଗରେ ପବନ ବହିବା ସହ ବିଭିନ୍ନ ଅଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଗୁରୁବାର ମଧ୍ୟ ବିଭିନ୍ନ ଜିଲାକୁ କାଳବୈଶାଖୀ ଭୟ ରହିଛି। କୁଆପଥର ବର୍ଷା ସହ ଝଡ଼ପବନ ପାଇଁ ୫ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାଗୁଡ଼ିକ ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦୁଝର ଆଦି ରହିଛି। କଟକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। କେନ୍ଦ୍ରପଡ଼ା, ଜଗତ୍‌ସିଂପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଆଦି ଜିଲାର ବିଭିନ୍ନ ସ୍ଥାନକୁ ୟେଲୋ ୱାର୍ନିଂ ରହିଛି। ୧୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ଲାଗି ରହିବ ଓ ପରବର୍ତ୍ତୀ ୩ଦିନ ଖରା ଓ ଗୁଳୁଗୁଳି ରାଜ୍ୟବାସୀଙ୍କୁ କଳବଳ କରିବ ବୋଲି ସୂଚନା ଦେଇଛି ପାଣିପାଗ କେନ୍ଦ୍ର।

# ପୋଷ୍ଟ-ମାଟ୍ରିକ୍ ସ୍କଲାରଶିପ ପାଇଁ ଶେଷ ପରୀକ୍ଷାରେ ୫୦% ମାର୍କ ଆବଶ୍ୟକ

ଭୁବନେଶ୍ୱର,୮।୪(ସୁଚିସ୍ମିତା ସାହୁ)

ପୋଷ୍ଟ-ମାଟ୍ରିକ୍ ସ୍କଲାରଶିପ ପାଇବା ପାଇଁ ଶେଷ ପରୀକ୍ଷାରେ ଅତିକମ୍‌ରେ ୫୦% ମାର୍କ ରହିଥିବା ଆବଶ୍ୟକ। ଏନେଇ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଯଦି କୌଣସି ପିଲା ଯୁକ୍ତ ୩ ଦ୍ୱିତୀୟ ବର୍ଷରେ ୫୦% ଠାରୁ କମ୍ ନମ୍ବର ପାଇଥିବେ, ସେ ତୃତୀୟ ବର୍ଷରେ ସ୍କଲାରଶିପ ପାଇଁ ଯୋଗ୍ୟ ହେବେ ନାହିଁ। ପୂର୍ବରୁ ସେ ଯୁକ୍ତ୨ ପରୀକ୍ଷାରେ ୫୦%ରୁ ଅଧିକ ନମ୍ବର ପାଇଥିଲେ ମଧ୍ୟ ଯୋଗ୍ୟ ବିବେଚିତ ହେବେନାହିଁ। ପୂର୍ବରୁ ପ୍ରଚଳିତ ଏହି ନିୟମକୁ ବଳବତ୍ତର ରଖାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏହି ନିୟମକୁ କଡାକଡି ପାଳନ କରିବା ସହିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଅଲଗା କମ୍ପାନୀ ସିଲିଣ୍ଡରରେ ଗ୍ୟାସ୍ ରିଫିଲିଂ ହେବନାହିଁ: ଯୋଗାଣ ମନ୍ତ୍ରୀ

## ୫ କେଜିଆ ଗ୍ୟାସ୍ ସିଲିଣ୍ଡର ପ୍ରଚୁର ଉପଲବ୍ଧ

ଭୁବନେଶ୍ୱର, ୮।୪(ରବିନାରାୟଣ ଜେନା)

ରାଜ୍ୟରେ ଆଇଓସିଏଲ୍, ବିପିସିଏଲ୍ ଏବଂ ଏଚ୍‌ପି ତୈଳ କମ୍ପାନୀ ବ୍ୟତୀତ ଅନ୍ୟ କୌଣସି କମ୍ପାନୀର ୫ କେଜିଆ ଏଲ୍‌ପିଜି ସିଲିଣ୍ଡରରେ ଗ୍ୟାସ୍ ରିଫିଲିଂ ହୋଇପାରିବ ନାହିଁ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଣମାଧ୍ୟମକୁ ବୁଧବାର କହିଛନ୍ତି।

ମନ୍ତ୍ରୀ କହିଛନ୍ତି, ଛାତ୍ରୀଛାତ୍ର ଏବଂ ପ୍ରବାସୀ ଶ୍ରମିକଙ୍କ ପାଇଁ ୫ କେଜିଆ ଗ୍ୟାସ୍ ପର୍ଯ୍ୟାପ୍ତ ମାତ୍ରାରେ ରହିଛି। ତୈଳ କମ୍ପାନୀଗୁଡ଼ିକ ୫ କେଜିଆ ଏଲ୍‌ପିଜି ନୂତନ କନେକ୍ସନ ଦେଉଛନ୍ତି। ଯେଉଁମାନେ ଚାହିଁବେ ନିଜର ପରିଚୟପତ୍ର(ଆଇଡି) ଦେଖାଇ ନେଇପାରିବେ। ନୂଆ ୫ କେଜି ଗ୍ୟାସ୍ ପାଇଁ ୧୫୩୭ ଟଙ୍କା ପଡ଼ିବ ଏବଂ ଗ୍ୟାସ୍ ରିଫିଲିଂ ଲାଗି ୫୯୩ ଟଙ୍କା ଦେବାକୁ ହେବ। ତେବେ ଅଲଗା କମ୍ପାନୀର ଗ୍ୟାସ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଛି। ଏନେଇ ବେଆଇନ ଭେଣ୍ଡରଙ୍କ ଉପରେ କଟକଣା ଲାଗିବ। ମନ୍ତ୍ରୀ ପୁଣି କହିଛନ୍ତି, ରାଜ୍ୟରେ ଏଲ୍‌ପିଜି ଯୋଗାଣ ସ୍ୱାଭାବିକ ରହିଛି। ମାତ୍ର ବିଭିନ୍ନ କାରଣ ଦର୍ଶାଇ କେତେଜଣ କଳାବଜାରି ଓ ଅସାଧୁ ବ୍ୟକ୍ତି ବେଆଇନ ଭାବେ ଗ୍ୟାସ୍ ସିଲିଣ୍ଡର ମହଜୁଦ ରଖିବା ଖବର ସରକାରଙ୍କ ଦୃଷ୍ଟିକୁ ଆସିଛି। ଏହାକୁ ପ୍ରତିହତ କରିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବିଭିନ୍ନ ଜିଲାରେ ଯୋଗାଣ ବିଭାଗ ଅଧିକାରୀମାନେ ଟିମ୍‌ମାନ ଗଠନ କରି ଏ ସମ୍ପର୍କିତ ଖବର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣପୂର୍ବକ ଯାଞ୍ଚ କରୁଛନ୍ତି। ଏହି ଟିମ୍‌ଗୁଡ଼ିକ ଦୈନିକଭିତ୍ତିରେ ବିଭାଗୀୟ ଅଧିକାରୀଙ୍କୁ ତଥ୍ୟ ପ୍ରଦାନ କରୁଛି। ପ୍ରତ୍ୟେକ ଜିଲାର ଯୋଗାଣ ଅଧିକାରୀମାନଙ୍କ ଦ୍ୱାରା ବୁଧବାର ପର୍ଯ୍ୟନ୍ତ ରାଜ୍ୟର ୩୦ଟି ଜିଲାର ୧୯୧୫ଟି ସ୍ଥାନରେ ଯାଞ୍ଚ କରାଯାଇଛି। ସେଥିମଧ୍ୟରୁ ୭୦୨ଟି ଗ୍ୟାସ୍ ଏଜେନ୍ସି ଓ ୧୨୧୩ଟି ଅନ୍ୟାନ୍ୟ ସ୍ଥାନ ରହିଛି। ଏହିସବୁ ସ୍ଥାନରୁ ୩୪୩୫ଟି ସିଲିଣ୍ଡର ଜବତ କରାଯାଇଛି। ଏତଦ୍‌ବ୍ୟତୀତ ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ ଅନୁଯାୟୀ, ୩୨୩ ମାମଲା ରୁଜୁ କରାଯିବା ସହ ୨୩ଟି ଏଫ୍‌ଆଇଆର୍ ଦାଖଲ କରାଯାଇଛି। ଏପରିକି କଳାବଜାର ଓ ବେଆଇନ ସିଲିଣ୍ଡର ଗଚ୍ଛିତ ରଖିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରାଯାଇଛି। ତେବେ ମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ ନେଇ ପୁଣିଥରେ ବିବାଦ ଦେଖାଦେଇଛି। ଅଧିକାଂଶ ପ୍ରବାସୀ ଶ୍ରମିକ ଓ ଛାତ୍ରୀଛାତ୍ର ଉପରୋକ୍ତ ୩ କମ୍ପାନୀ ବ୍ୟତୀତ ଅନ୍ୟ କମ୍ପାନୀର ସିଲିଣ୍ଡର ରଖିଥିବାରୁ ତାହା କିଭଳି ରିଫିଲିଂ ହେବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଚଳିତବର୍ଷ ଖରିଫ୍ ଋତୁରେ ରେକର୍ଡ ପରିମାଣର ଧାନ ସଂଗ୍ରହ ହୋଇଛି। ୧୮ ଲକ୍ଷ ୮୫ ହଜାର ଚାଷୀଙ୍କଠାରୁ ୭୭.୭୯ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଛି। ଏଥିପାଇଁ ଚାଷୀଙ୍କୁ ୨୪,୧୧୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେଥିରେ ୬,୨୨୩ କୋଟି ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ମଧ୍ୟ ରହିଛି।



ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡ଼ିକୁ ମାନିବାକୁ ତତ୍ପର ହେଉଥାଅ– ଜାଣିରଖ ଯେ, ତୁମେ ତତ୍‌କ୍ଷଣାତ୍ ସେହି ସବୁ ନିୟମର କ୍ରୀତଦାସ ହୋଇ ରହିବ। ଏବଂ ତାହା ହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ଦିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ। –ଶ୍ରୀମା



# ଆଦ୍ୟ ମନ୍ଦିର



ଦେବଦତ୍ତ ପଟ୍ଟନାୟକ

ଭାରତୀୟ ପରମ୍ପରାରେ ଗଛର ଭୂମିକା ରହିଛି। ବିଭିନ୍ନ ଦେବଦେବୀଙ୍କୁ ନେଇ ପାଳନ କରାଯାଉଥିବା ପର୍ବ ସହ ଗଛର ସମ୍ପର୍କ ଅଛି। ବିଶେଷକରି ନବରାତ୍ରି, ଗୌରୀପୂଜା ଓ ତେଜ୍ ଭଳି ପର୍ବରେ ପୁଷ୍ଟିକାରକ ତଥା ଔଷଧୀୟ ଗଛକୁ ଦେବୀ ବୋଲି ବିବେଚନାକରି ସେମାନଙ୍କୁ ମହିଳାମାନେ ପୂଜା କରନ୍ତି। ଏହିସବୁ ଗଛ ହେଉଛି କଦଳୀ, ଆମ୍ବ, ନଡ଼ିଆ, ଧାନ, ବେଲ, ଅଶୋକା, ଅପାରାଜିତା। ଏହି ଗଛଗୁଡ଼ିକ ଦେବୀଙ୍କର ନଅ ପ୍ରକାର ସ୍ୱରୂପ। ଏଗୁଡ଼ିକ ଆମକୁ ଖାଦ୍ୟ ଯୋଗାନ୍ତି ଓ ଆମକୁ ସୁସ୍ଥ ରଖନ୍ତି। କିନ୍ତୁ ଆମେ ଏବେ ପ୍ରକୃତି ଓ ଉଦ୍ଭିଦ ସହ ଆମ ସମ୍ପର୍କ ତୁଟାଇଚାଲିଛୁ। ଆମେ ଦେବୀଙ୍କ ସ୍ୱରୂପ ଏହିସବୁ ଗଛକୁ ପୂଜା କିମ୍ବା ରକ୍ଷଣାବେକ୍ଷଣ କରୁନାହୁଁ। ଅନ୍ୟପକ୍ଷରେ ଦେବୀଙ୍କର ପଥର, ଧାତୁ, ପ୍ଲାଷ୍ଟିକ୍ ଏବଂ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ମୂର୍ତ୍ତିକୁ ପୂଜା କରିବାରେ ଲାଗିଛୁ। ଏଥିପାଇଁ ବୃକ୍ଷକୁ ଗୁରୁତ୍ୱ ଦେଉନାହୁଁ। ଆଧୁନିକ ଯୁଗରେ ବିକାଶ ନାମରେ ରାସ୍ତାଘାଟ, କଳ କାରଖାନା ତିଆରି କରିବା ପାଇଁ ଗଛ କାଟିବାରେ ସମସ୍ତେ ବ୍ୟସ୍ତ। ଏହା ଆମର ଏକ ଅଭ୍ୟାସ ପାଲଟିଗଲାଣି। ବୈଜ୍ଞାନକମାନେ ଆବିଷ୍କାର କରିଛନ୍ତି ଯେ, ଅଲଟ୍ରାସୋନିକ୍ ତରଙ୍ଗ ଗଛରୁ ସୃଷ୍ଟି ହୋଇଥାଏ, ଯାହାକୁ ମଣିଷ ଶୁଣିପାରେ ନାହିଁ। ଫଳରେ ମଣିଷ ଏହି ତରଙ୍ଗକୁ ଗୁରୁତ୍ୱ ଦେଉନାହିଁ। ଗୋଟିଏ ସମୟ ଥିଲା ଭାରତରେ ସବୁଆଡ଼େ ଗଛ ଥିଲା ଏବଂ ଜଙ୍ଗଲର ସୁରକ୍ଷା ଆମର ମୁଖ୍ୟ କର୍ତ୍ତବ୍ୟ ଥିଲା। ଜଙ୍ଗଲରେ ଗୋରୁ ଚରାଇବା, ଚାଷ କରିବା, ଫଳମୂଳ କିମ୍ବା ଜାଳେଣି କାଠ ସଂଗ୍ରହ ଉପରେ କଟକଣା ଥିଲା। କାହାକୁ ଏଥିପାଇଁ ଅନୁମତି ବି ନ ଥିଲା। ଜଙ୍ଗଲ ଥିଲା ଭାରତର ଆଦ୍ୟ ମନ୍ଦିର। କିନ୍ତୁ ବର୍ତ୍ତମାନ ଏକଥା କାହାର ମନେନାହିଁ। ସେ ସମୟରେ ପ୍ରଚଳିତ ବୃକ୍ଷପୂଜା ପରମ୍ପରାର ସାକ୍ଷୀ ହେଉଛି ହରପ୍ପା ସଭ୍ୟତା। ସେତେବେଳେ ଏହି ସଭ୍ୟତାରେ ପ୍ରଚଳିତ ମୋହରରୁ ଉଦ୍ଭିଦପୂଜନ ପରମ୍ପରା ଥିଲା ବୋଲି ଜଣାପଡ଼େ। ମୁଦ୍ରାଗୁଡ଼ିକରେ ପୁରୁଷ ଏବଂ ମହିଳାମାନେ ଗଛରୁ ଉଦ୍ଭବ ଦେବୀଙ୍କ ଚାରିପାଖରେ ନୃତ୍ୟ କରୁଥିବା ଦେଖାଯାଏ।

ନର୍ମଦା ନଦୀର ଦକ୍ଷିଣାଞ୍ଚଳରେ ପ୍ରତ୍ନତତ୍ତ୍ୱବିତ୍‌ମାନେ ପାଇଥିବା ଏକ ଦେବୀଙ୍କ ମୁଣ୍ଡ ଦେଖିବାକୁ ପଦ୍ମଫୁଲ ଆକାରର। ବିଶେଷକରି ସୋମରସ ପ୍ରସ୍ତୁତି ଏବଂ ଦେବତାଙ୍କୁ ଅର୍ପଣ ଉଦ୍ଦେଶ୍ୟରେ ପାଳିତ ପର୍ବପର୍ବାଣିର ସ୍ତୋତ୍ରସବୁ ବୈଦିକ ଶାସ୍ତ୍ରଗୁଡ଼ିକରେ ବର୍ଣ୍ଣନା କରାଯାଇଛି।



ଋଗ୍‌ବେଦର ୫୦%ରୁ ଊର୍ଦ୍ଧ୍ୱ ସ୍ତୋତ୍ରରେ ୩ଟି ବିଷୟ ମୁଖ୍ୟତଃ ସୋମ, ଇନ୍ଦ୍ର ଓ ଅଗ୍ନି ବିଷୟ ଉଲ୍ଲେଖ ରହିଛି। ଋଗ୍‌ବେଦର ୧୦ଟି ଅଧ୍ୟାୟ ମଧ୍ୟରୁ ସମ୍ପୂର୍ଣ୍ଣ ୯ମ ଅଧ୍ୟାୟରେ ଗଛରୁ ସୋମରସ ସଂଗ୍ରହ ଓ ତାହାକୁ ଶୁଦ୍ଧକରିବା ବିଷୟ ବର୍ଣ୍ଣନା ରହିଛି। ବୈଦିକ ଲୋକମାନେ ଦୂବଘାସକୁ ଆଦର କରୁଥିଲେ। ଏହା ଗୋଖାଦ୍ୟ ଭାବେ ବ୍ୟବହାର ହେଉଥିଲା। ସେତେବେଳେ ଦେବତା ଏବଂ ପୂର୍ବପୁରୁଷଙ୍କୁ ପ୍ରଥମେ ବାର୍ଲି ପିଠା ଅର୍ପଣ କରାଯାଉଥିଲା। ଧାନରୁ ଚାଉଳ ମିଳିବା ପରେ ଚାଉଳ ପିଠା ଦିଆଗଲା । ଅର୍ଥବ ବେଦରେ ଘାସ, ବାର୍ଲି ଓ ଧାନ ବିଷୟରେ ବର୍ଣ୍ଣନା କରାଯାଇଛି, ଯାହା ମଣିଷ ଏବଂ ଗଛର ନିବିଡ଼ ସମ୍ପର୍କକୁ ସୂଚିତକରେ। ସନ୍ନ୍ୟାସୀ ପରମ୍ପରାରେ ମଧ୍ୟ ଗଛର ଭୂମିକା ରହିଛି। ପ୍ରତ୍ୟେକ ଜୈନ ତୀର୍ଥଙ୍କରଙ୍କ ଏକ ପବିତ୍ର ଗଛ ସହ ସମ୍ପର୍କିତ। ମହାବୀରଙ୍କର ଶାଳଗଛ, ଋଷଭନାଥଙ୍କର ବରଗଛ ସହ ସମ୍ପର୍କ ଥିବାବେଳେ ଭୀମନାଥ ଜାମୁ ଗଛ ସହ ସମ୍ବନ୍ଧିତ। ଏହାସହ ଆମ୍ବଗଛ ସହ ଅରନାଥ, ଅଶୋକ ଗଛ ସହ ମଲ୍ଲିନାଥ, କୋକୁମ ଗଛ ସହ ନେମିନାଥ ଜଡ଼ିତ ଥିବା କୁହାଯାଏ। ଏହି ତାଲିକା ବିଭିନ୍ନ ପରମ୍ପରାରେ ଭିନ୍ନ ହେଲେ ମଧ୍ୟ ଅତି କମ୍‌ରେ ଗୋଟିଏ ଉଦ୍ଭିଦ ଜୈନ ଗୁରୁଙ୍କ ଆତ୍ମାକୁ ଧାରଣ କରିଥାଏ। ବୁଦ୍ଧ ମଧ୍ୟ ଗଛ ଜଡ଼ିତ ରହିଛନ୍ତି। ବୁଦ୍ଧଙ୍କ ମା ତାଙ୍କୁ ଲୁମ୍ବିନିରେ ଜନ୍ମଦେବା ସମୟରେ ଏକ ଶାଳ ଡାଳକୁ ଜାବୁଡ଼ି ଧରିଥିଲେ। ବୁଦ୍ଧ ଦୁଇଟି ଶାଳ ଗଛ ମଧ୍ୟରେ ଦେହତ୍ୟାଗ କରିଥିବା ମଧ୍ୟ ସତ୍ୟ । ବୁଦ୍ଧ ଅଶ୍ୱତ୍‌ଥ ଗଛ ତଳେ ଜ୍ଞାନପ୍ରାପ୍ତ ହୋଇଥିଲେ । ଜ୍ଞାନପ୍ରାପ୍ତି ପରେ ସେ ବାଉଁଶ ବଣରେ ଦିବ୍ୟବାଣୀ ପ୍ରଦାନ କରିଥିଲେ। ଏହା ବି ବର୍ଣ୍ଣନା କରାଯାଇଛି ଯେ, ଗୌତମ ବୁଦ୍ଧଙ୍କ ପୂର୍ବରୁ ଆଉ ଜଣେ ବିପାସୀ ବୁଦ୍ଧ ଥିଲେ, ଯିଏ ଅଶ୍ୱତ୍‌ଥ ଗଛ ତଳେ ଜ୍ଞାନ ଲାଭ କରିଥିଲେ। ସେହି ଅଶ୍ୱତ୍‌ଥ ଗଛର ଚାରିପାଖରେ ପାଟଳିପୁତ୍ର (ମୌର୍ଯ୍ୟ ସାମ୍ରାଜ୍ୟର ରାଜଧାନୀ) ସହର ଗଢ଼ି ଉଠିଥିଲା, ଯାହା ଏବର ବିହାରର ପାଟନା।

ଗଛ ଥିଲା ବିଭିନ୍ନ ବଂଶ ଏବଂ ରାଜ ପରିବାରର ଧର୍ମୀୟ ପ୍ରତୀକ । ସଙ୍ଗମ କାବ୍ୟରେ ଏହି ରାଜାମାନଙ୍କ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ରାଜାମାନେ ଶତ୍ରୁଙ୍କୁ ଆକ୍ରମଣକରି ସେମାନଙ୍କ ଧର୍ମୀୟ ପ୍ରତୀକ ଗଛକୁ ନଷ୍ଟକରି ଦେଉଥିବା ଏହି କାବ୍ୟରେ ଉଲ୍ଲେଖ କରାଯାଇଛି। ଚେରା ରାଜବଂଶର ନରମୁଦି ଚେରାଲ ତାଙ୍କ ଶତ୍ରୁ ନାନ୍ନା ରାଜବଂଶକୁ ହରାଇ ତାଙ୍କ ଧର୍ମୀୟ ପ୍ରତୀକ ଶିରିଶ ଗଛକୁ କାଟି ଦେଇଥିଲେ। ନାରକାସୁରକୁ ପରାସ୍ତ କରିବାରେ ଇନ୍ଦ୍ରଙ୍କୁ କୃଷ୍ଣ ସାହାଯ୍ୟ କରିବା ସହ ସ୍ୱର୍ଗକୁ ମୁକୁଳାଇଥିଲେ। ପରେ କୃଷ୍ଣ ସ୍ୱର୍ଗରୁ ପାରିଜାତ ଗଛ ନେବାକୁ ଚାହିଁଥିଲେ । ତାଙ୍କ ସ୍ତ୍ରୀ ସତ୍ୟଭାମାଙ୍କୁ ଖୁସି କରିବା ପାଇଁ ସେ ଏହା କରିଥିଲେ। ହେଲେ ଇନ୍ଦ୍ର ପାରିଜାତ ଗଛକୁ ପୃଥିବୀକୁ ନେବାକୁ ରାଜି ନ ଥିଲେ ମଧ୍ୟ କୃଷ୍ଣ ସେହି ଗଛକୁ ଛଡ଼ାଇ ଆଣିଥିଲେ। କୁହାଯାଏ, ହନୁମାନ କଦଳୀବଣରେ, ଗଣେଶ ଆଖୁ କିଆରିରେ, ଦେବୀ ନିମ୍ବ ଏବଂ ତେନ୍ତୁଳି ଜଙ୍ଗଲରେ ରୁହନ୍ତି। ଦେବତାଙ୍କ ସହ ଗଛର କାହିଁ କେଉଁ ଯୁଗରୁ ଏହିଭଳି ସମ୍ପର୍କ ରହିଆସିଛି। ଜଙ୍ଗଲକୁ ଦେବତାଙ୍କ ଆଦ୍ୟ ମନ୍ଦିର ଜାଣି ସୁଦ୍ଧା ଆମେ ନିତିଦିନ ଜଙ୍ଗଲ ନଷ୍ଟ କରିଚାଲିଛୁ। ଯଦି ଏହି ଧାରା ଜାରି ରହେ, ତେବେ ଜଙ୍ଗଲ ନଷ୍ଟ ହେବାକୁ ଆଉ ବେଶିଦିନ ଲାଗିବ ନାହିଁ।

–devduttofficial@gmail.com

# ଆସନ୍ତୁ, ଆମ ନାରୀ ଶକ୍ତିକୁ ସଶକ୍ତ କରିବା



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଆଉ କିଛିଦିନ ପରେ, ସମଗ୍ର ଭାରତବର୍ଷ ଉତ୍ସବମୁଖର ହୋଇଉଠିବ ଏବଂ ଦେଶର କୋଣ ଅନୁକୋଣରେ ହର୍ଷୋଲ୍ଲାସର ସହ ପାର୍ବଣର ପରିବେଶ ଦେଖିବାକୁ ମିଳିବ। ଆସାମର ଲୋକମାନେ ରଙ୍ଗାଲି ବିହୁ ପାଳନ କରିବାକୁ ଯାଉଥିବା ବେଳେ ଓଡ଼ିଶାବାସୀ ମହାବିଷୁବ ପଣା ସଂକ୍ରାନ୍ତି ପାଳିବେ। ପଶ୍ଚିମବଙ୍ଗରେ ପୋଇଲା ବୈଶାଖ ପାଳନ ସହିତ ବଙ୍ଗୀୟ ନବବର୍ଷର ଶୁଭାରମ୍ଭ ହେବ। କେରଳରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନାର ସହିତ ବିଶୁ ପାଳନ କରାଯିବ। ସେହିପରି ତାମିଲନାଡୁରେ ପୁଥାଣ୍ଡୁ ପାଳନ ହେବାକୁ ଥିବା ବେଳେ ପଞ୍ଜାବ ଓ ଉତ୍ତର ଭାରତର ଅନ୍ୟ ପ୍ରାନ୍ତରେ ବୈଶାଖୀ ପାଳନ କରାଯିବ। ଏସବୁ ପର୍ବପର୍ବାଣି ସକାରାତ୍ମକତା ସହିତ ଆଶାର ଏକ ଭାବନା ସୃଷ୍ଟି କରିବ। ଭାରତ ଓ ବିଦେଶରେ ଏସବୁ ପର୍ବପର୍ବାଣି ପାଳନ କରୁଥିବା ସମସ୍ତଙ୍କୁ ମୋର ଶୁଭକାମନା। ଏସବୁ ପବିତ୍ର ପର୍ବପର୍ବାଣି ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ନେଇ ଆସୁ।

ଏହା ସହିତ, ଏପ୍ରିଲ ୧୧ ତାରିଖରେ ଆମେ ମହାତ୍ମା ଫୁଲେଙ୍କ ୨୦୦ତମ ଜନ୍ମ ବାର୍ଷିକୀ ପାଳନ ଆରମ୍ଭ କରିବା ଏବଂ ୧୪ ତାରିଖରେ ସମଗ୍ର ଭାରତ ଆମ୍ବେଦକର ଜୟନ୍ତୀରେ ଡକ୍ଟର ବାବାସାହେବ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବ।

ଏହି ବିଶେଷ ଅବସରଗୁଡ଼ିକ ସହିତ, ଯେତେବେଳେ ଆମର ହୃଦୟ ଓ ମନରେ ନୂତନ ଜାଗରଣର ଭାବନା ଭରିଯାଏ, ସେତିକି ବେଳେ ଆମ ଦେଶ ଆଉ ଏକ ଐତିହାସିକ ମୁହୂର୍ତ୍ତର ଦ୍ୱାରଦେଶରେ ଛିଡ଼ା ହୋଇଛି। ଆମ ଗଣତନ୍ତ୍ରର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଏବଂ ସମାନତା ଓ ଅନ୍ତର୍ଭୁକ୍ତୀକରଣ ପ୍ରତି ଆମର ସାମୂହିକ ପ୍ରତିବଦ୍ଧତାକୁ ପୁନଃ ନିଶ୍ଚିତ କରିବା ପାଇଁ ଏହା ଏକ ଶ୍ରେଷ୍ଠ ସୁଯୋଗ।

ଆସନ୍ତା ଏପ୍ରିଲ ୧୬ ତାରିଖରେ, ମହିଳା ସଂରକ୍ଷଣକୁ ଆଗକୁ ବଢ଼ାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ଓ ଏହାକୁ ଗୃହୀତ କରିବା ନିମନ୍ତେ ସଂସଦର ଅଧିବେଶନ ବସିବ। ଏହାକୁ କେବଳ ଏକ ଆଇନଗତ କାର୍ଯ୍ୟ ଭାବରେ ବର୍ଣ୍ଣନା କରିବା ନ୍ୟୂନ ହେବ। ଏହା ଭାରତର କୋଟି କୋଟି ମହିଳାଙ୍କ ଆକାଂକ୍ଷାର ପ୍ରତିବିମ୍ବ। ମହିଳାଙ୍କ ଉନ୍ନତି ହେଲେ ସମାଜର ପ୍ରଗତି ହୋଇପାରିବ। ଏହା ହେଉଛି ସେହି ସିଦ୍ଧାନ୍ତର ସୁଦୃଢ଼ୀକରଣ, ଯାହା ଦୀର୍ଘ ସମୟ ଧରି ଆମ ସଭ୍ୟତାଗତ ଭାବନାକୁ ମାର୍ଗଦର୍ଶନ କରିଆସିଛି।

ଭାରତର ଜନସଂଖ୍ୟାର ପ୍ରାୟ ଅଧା ଭାଗ ହେଉଛନ୍ତି ମହିଳା। ଆମ ଦେଶ ଗଠନରେ ସେମାନଙ୍କର ଅବଦାନ ଅତୁଳନୀୟ ତଥା ଅମୂଲ୍ୟ। ଆଜି ଭାରତର ପ୍ରତିଟି କ୍ଷେତ୍ରରେ ମହିଳାମାନେ ଉଲ୍ଲେଖନୀୟ ସଫଳତା ହାସଲ କରୁଥିବାର ଦେଖିବାକୁ ମିଳୁଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାଠାରୁ ଆରମ୍ଭ କରି ଉଦ୍ୟୋଗ ପର୍ଯ୍ୟନ୍ତ, କ୍ରୀଡ଼ାଠାରୁ ପ୍ରତିରକ୍ଷା ବାହିନୀ ଏବଂ ସଙ୍ଗୀତଠାରୁ କଳା ପର୍ଯ୍ୟନ୍ତ – ସବୁଠି ମହିଳାମାନେ ଭାରତର ପ୍ରଗତିର ଅଗ୍ରଭାଗରେ ରହିଛନ୍ତି। ବିଗତ ବର୍ଷଗୁଡ଼ିକରେ, ମହିଳା ସଶକ୍ତୀକରଣ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ନିରନ୍ତର ପ୍ରୟାସ କରାଯାଇଛି। ଶିକ୍ଷା କ୍ଷେତ୍ରରେ ସୁଯୋଗ, ଉନ୍ନତ ସ୍ୱାସ୍ଥ୍ୟସେବା, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ମୌଳିକ ସୁବିଧା ସୁଯୋଗର ଉପଲବ୍ଧତା ସାମାଜିକ ଓ ଅର୍ଥନୈତିକ ଜୀବନରେ ମହିଳାମାନଙ୍କ ଭାଗୀଦାରିକୁ ଆହୁରି ସୁଦୃଢ଼ କରିଛି।

ଏହା ସତ୍ତ୍ୱେ, ରାଜନୀତି ଏବଂ ବିଧାନପାଳିକା କ୍ଷେତ୍ରରେ ସେମାନଙ୍କର ପ୍ରତିନିଧିତ୍ୱ ସମାଜରେ ସେମାନଙ୍କର ଭୂମିକା ଅନୁସାରେ ସମାନ ହୋଇପାରିନାହିଁ। ଏହା ବିଶେଷ ଭାବରେ ଦୁର୍ଭାଗ୍ୟଜନକ, କାରଣ ଯେତେବେଳେ ମହିଳାମାନେ ପ୍ରଶାସନ ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶଗ୍ରହଣ କରନ୍ତି, ସେମାନେ ନିଜ ସହିତ ଏପରି ଅଭିଜ୍ଞତା ଏବଂ ଦୂରଦୃଷ୍ଟି ଆଣିଥାନ୍ତି ଯାହା ସାଧାରଣ ଆଲୋଚନାକୁ ସମୃଦ୍ଧ କରିବା ସହ ଶାସନ ପ୍ରଣାଳୀର ଗୁଣବତ୍ତାରେ ଉନ୍ନତି ଆଣିଥାଏ। ମହିଳାଙ୍କ ଭାଗୀଦାରି ବଢ଼ାଇବା କେବଳ ପ୍ରତିନିଧିତ୍ୱର ବିଷୟ ନୁହେଁ, ଏହା ଆମ ଗଣତନ୍ତ୍ରକୁ ଅଧିକ ସମ୍ବେଦନଶୀଳ, ସନ୍ତୁଳିତ ଏବଂ ଉତ୍ତରଦାୟୀ କରିବାର ପ୍ରୟାସ।

ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ସହିତ ୨୦୨୯ ଲୋକ ସଭା ନିର୍ବାଚନ ଏବଂ ଆଗାମୀ ସମୟରେ ବିଭିନ୍ନ ରାଜ୍ୟର ବିଧାନସଭା ନିର୍ବାଚନ କରାଯିବା ଅତ୍ୟନ୍ତ ଜରୁରୀ। କିଛି ଦଶନ୍ଧି ଧରି, ପୂର୍ବ ସରକାରମାନଙ୍କ ଦ୍ୱାରା ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକରେ ମହିଳାମାନଙ୍କୁ ଉପଯୁକ୍ତ ସ୍ଥାନ ଦେବା ପାଇଁ ବାରମ୍ବାର ପ୍ରୟାସ କରାଯାଇଛି। କମିଟି ଗଠନ ହୋଇଛି, ଚିଠା ବିଲ୍ ମଧ୍ୟ ପ୍ରସ୍ତୁତ ହୋଇଛି, କିନ୍ତୁ ସେଗୁଡ଼ିକ କେବେ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରି ନାହିଁ। ବିଧାନପାଳିକାଗୁଡ଼ିକରେ ମହିଳାଙ୍କ ପ୍ରତିନିଧିତ୍ୱ ବଢ଼ାଇବା ନେଇ ବ୍ୟାପକ ସହମତି ହାସଲ କରାଯାଇପାରି ନାହିଁ। ତେବେ ସେପ୍ଟେମ୍ବର ୨୦୨୩ରେ ସର୍ବସମ୍ମତିକ୍ରମେ ସଂସଦ 'ନାରୀ ଶକ୍ତି ବନ୍ଦନ ଆଇନ'କୁ ଅନୁମୋଦନ କରିଥିଲା। ଏହାକୁ ମୁଁ ମୋ ଜୀବନର ସବୁଠୁ ସ୍ୱତନ୍ତ୍ର ମୁହୂର୍ତ୍ତ ମଧ୍ୟରୁ ଅନ୍ୟତମ ବୋଲି ବିବେଚନା କରିଥାଏ।

ମହିଳା ସଂରକ୍ଷଣ ସୁନିଶ୍ଚିତ କରିବାର ଏହି ସୁଯୋଗ ଆମ ସମ୍ବିଧାନର ମୂଳଭାବନା ସହିତ ଗଭୀର ଭାବରେ ଜଡ଼ିତ। ଆମ ସମ୍ବିଧାନର ନିର୍ମାତାମାନେ ଏପରି ଏକ ସମାଜର ପରିକଳ୍ପନା କରିଥିଲେ ଯେଉଁଠି ସମାନତା କେବଳ ସମ୍ବିଧାନରେ ସୀମିତ ରହିବ ନାହିଁ ବରଂ ଏହା ବାସ୍ତବ କ୍ଷେତ୍ରରେ ମଧ୍ୟ କାର୍ଯ୍ୟକାରୀ ହୋଇପାରିବ। ବିଧାନପାଳିକା ପ୍ରତିଷ୍ଠାନରେ ମହିଳାମାନଙ୍କ ଅଂଶଗ୍ରହଣକୁ ସୁଦୃଢ଼ କରିବା ସେହି ପରିକଳ୍ପନାକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଏପରି ଏକ ସମାଜ ଗଠନ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ, ଯେଉଁଠାରେ ପ୍ରତ୍ୟେକ ନାଗରିକଙ୍କ ରାଷ୍ଟ୍ରର ଭାଗ୍ୟ ଗଠନରେ ସମାନ ଭୂମିକା ରହିବ।

ଏହା ଏପରି ଏକ ମୁହୂର୍ତ୍ତ ଯାହାକୁ ଆଉ ସ୍ଥଗିତ ରଖାଯାଇପାରିବ ନାହିଁ। ମହିଳା ପ୍ରତିନିଧିତ୍ୱକୁ ଆଗକୁ ବଢ଼ାଇବାରେ ଡେରି କରିବାର ଅର୍ଥ ହେଉଛି ବାସ୍ତବରେ ଆମର ଗଣତନ୍ତ୍ରର ଗୁଣବତ୍ତା ଏବଂ ଅନ୍ତର୍ଭୁକ୍ତୀକରଣକୁ ସୁଦୃଢ଼ କରିବାର ନିଷ୍ପତ୍ତିକୁ ଟାଳିଦେବା। ଅନେକ ଦଶନ୍ଧି ଧରି, ବିଧାନପାଳିକା ପ୍ରତିଷ୍ଠାନଗୁଡ଼ିକରେ ମହିଳାଙ୍କ ଅଧିକ ଅଂଶଗ୍ରହଣ ଆବଶ୍ୟକତାକୁ ସ୍ୱୀକାର କରି ଆଲୋଚନା ଏବଂ ବିଚାରବିମର୍ଶ ହୋଇଛି। ଏହାକୁ କାର୍ଯ୍ୟରେ ପରିଣତ କରିବାରେ ଆଉ ବିଳମ୍ବ କରାଯିବା ଉଚିତ ହେବ ନାହିଁ। ଏହାକୁ ସ୍ୱୀକାର କରି ସଂଶୋଧନ କରିବାର କ୍ଷମତା ଆମ ପାଖରେ ରହିଛି। ଅଧିକ ବିଳମ୍ବର ଅର୍ଥ ହେଉଛି ପୁରୁଣା ଅସନ୍ତୁଳନକୁ ଆଗକୁ ବଢ଼ାଇବା। ଭାରତ ଏବେ ଆତ୍ମବିଶ୍ୱାସ ସହିତ ସ୍ପଷ୍ଟ ଉଦ୍ଦେଶ୍ୟ ନେଇ ଆଗକୁ ବଢୁଛି। ଆମ ପ୍ରତିଷ୍ଠାନଗୁଡ଼ିକରେ ସବୁ ନାଗରିକ, ବିଶେଷ କରି ଅଧା ଜନସଂଖ୍ୟାର ଆକାଂକ୍ଷା ପ୍ରତିଫଳିତ ହେବା ଜରୁରୀ। ଏହା ପ୍ରକୃତରେ ଆମର ଗଣତନ୍ତ୍ରକୁ ଅଧିକ ପ୍ରତିନିଧିତ୍ୱପୂର୍ଣ୍ଣ, ପ୍ରତିକ୍ରିୟାଶୀଳ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାର ଏକ ଐତିହାସିକ ସୁଯୋଗ।

ଏହି ମୁହୂର୍ତ୍ତ ଆମ ସମସ୍ତଙ୍କର ସାମୂହିକ ପ୍ରୟାସ ନିମନ୍ତେ ଆହ୍ୱାନ କରୁଛି। ଏହା କୌଣସି ନିର୍ଦ୍ଦିଷ୍ଟ ସରକାର, ଦଳ ବା ବ୍ୟକ୍ତିବିଶେଷର ବିଷୟ ନୁହେଁ; ବରଂ ଏହି ପଦକ୍ଷେପର ଗୁରୁତ୍ୱକୁ ସମଗ୍ର ଦେଶ ହୃଦୟଙ୍ଗମ କରି ଏହାର ସଫଳ ରୂପାୟନ ପାଇଁ ଏକଜୁଟ ହେବାର ସମୟ। ଆମର 'ନାରୀ ଶକ୍ତି' ପ୍ରତି ଏହା ହିଁ ହେବ ପ୍ରକୃତ ସମ୍ମାନ। ସେଥିପାଇଁ, ମହିଳା ସଂରକ୍ଷଣ ବିଲ୍ ଅନୁମୋଦିତ ହେବା ସମୟରେ ବ୍ୟାପକ ସହମତି ପ୍ରକାଶ ପାଇବା ଆବଶ୍ୟକ ଏବଂ ଏହା ବୃହତ୍ ଜାତୀୟ ସ୍ୱାର୍ଥ ଦ୍ୱାରା ପରିଚାଳିତ ହେବା ଉଚିତ। ଏଭଳି ସୁଯୋଗ ଆମକୁ ନିଜ ପାଇଁ ନୁହେଁ ବରଂ ଆଗାମୀ ପିଢ଼ି ଲାଗି କାର୍ଯ୍ୟ କରିବାକୁ ପ୍ରେରଣା ଦିଏ। ଏହା ଆମକୁ ମନେପକାଇ ଦିଏ ଯେ, ସମୟ ସହିତ ପରିବର୍ତ୍ତିତ ହେବା ଏବଂ ସମସ୍ତଙ୍କୁ ସାମିଲ କରି ଅଧିକ ସମାବେଶୀ ହେବା ମଧ୍ୟରେ ହିଁ ଏକ ଗଣତନ୍ତ୍ରର ପ୍ରକୃତ ଶକ୍ତି ନିହିତ।

ଏହି ଐତିହାସିକ ସଂସଦୀୟ ଅଧିବେଶନ ପୂର୍ବରୁ ମୁଁ ସମସ୍ତ ରାଜନୈତିକ ଦଳର ସାଂସଦମାନଙ୍କୁ ନିବେଦନ କରୁଛି ଯେ, ଭାରତର ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସମସ୍ତେ ମିଳିମିଶି ସମର୍ଥନ କରନ୍ତୁ। ଆସନ୍ତୁ, ଏହି ସୁଯୋଗକୁ ଏକ ଦାୟିତ୍ୱବୋଧ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସହିତ ଗ୍ରହଣ କରିବା। ଆମେ ଏପରି ଭାବରେ କାର୍ଯ୍ୟ କରିବା, ଯାହା ଆମ ଗଣତନ୍ତ୍ରର ସର୍ବୋଚ୍ଚ ପରମ୍ପରାକୁ ପ୍ରତିଫଳିତ କରିବ।

ଭାରତ ସର୍ବଦା ଏହା ପ୍ରମାଣିତ କରିଛି ଯେ, ଯେତେବେଳେ ଜାତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆସେ, ଦେଶ ସମସ୍ତ ମତଭେଦରୁ ଊର୍ଦ୍ଧ୍ୱକୁ ଉଠି ଏକଜୁଟ ହୋଇ କାର୍ଯ୍ୟ କରିଥାଏ। ଏହା ସେହିଭଳି ଏକ ମୁହୂର୍ତ୍ତ। ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଆଗକୁ ବଢ଼ିବା ଏବଂ ସାମ୍ବିଧାନିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ସହ ଦେଶର ପ୍ରଗତି ପାଇଁ ଆମର 'ନାରୀ ଶକ୍ତିକୁ' ସଶକ୍ତ କରିବା।

# ଗାଁରେ ରହୁଥିବା ମା'



ଜଗନ୍ନାଥ ବେହେରା

ଅଫିସ ମୁହଁରେ ପହଞ୍ଚିଛି କି ନାହିଁ, ହଠାତ୍ ମୋବାଇଲ ରିଂ ହେଲା। ଚେୟାର ଉପରେ ବସିବା ଆଗରୁ ଅନ୍ୟମନସ୍କ ଭାବରେ କାନ୍ଧ ଓ ମୁଣ୍ଡ ତଳେ ମୋବାଇଲ ଧରି ହାଲୋ କହିଲି। ଗାଁରେ ରହୁଥିବା ମା' ଫୋନ କରିଥିଲେ। କିରେ କ'ଣ ଖାଇଲୁ କି ନାହିଁ। ଟାଇମ୍‌ରେ ଖାଉଥା'। ଦେହଟା ଆଗେ, ତା'ପରେ ଅଫିସ। ମୁଁ ଜାଣିଛି ତୁ କିଛି ଖାଇ ନ ଥିବୁ। ଖାଇବାକୁ ତୋ ପାଖରେ ସମୟ କାହିଁ! ମା' ଆଉ କିଛି କହିବା ପୂର୍ବରୁ ହଁ ରହୁଛି ମା' କହି ଫୋନ୍‌ଟି କାଟିଦେଲି। ଭାବିଲି, ମା' ଯାହା କହୁଛନ୍ତି ଠିକ୍ କଥା। ଯେତେବେଳେ ଫୋନ୍ କରିବ, ପ୍ରଥମେ ପଚାରିବ ଖାଇଛୁ ନା ନାହିଁ। ଦେହ କେମିତି ଅଛି। ପିଲାମାନେ ଭଲ ଅଛନ୍ତି ତ?

ଆଖିରୁ ମୋ ଅଜାଣତରେ ଦୁଇଟୋପା ଲୁହ ଆସିଗଲା। ଚିନ୍ତାକଲି ସ୍ତ୍ରୀ କଥା। ଯେତେବେଳେ ଫୋନ୍ କରିବ, କହିବ ମୋ କଥା ମନେଅଛି ତ! ମୋର ସେହି କାମଟା କରି ଫେରିବ। ପଡ଼ିଶାଘର ଲୋକ କରିଦେଲା, ତମ ଦ୍ୱାରା ହୋଇପାରୁନି। ତମେ ମଣିଷ କି ଆଉ କିଛି ମୁଁ ବୁଝିପାରୁନି। ସବୁବେଳେ ସେହି ଗୋଟିଏ କଥା କହୁଥିବେ। ତୁମ ଦ୍ୱାରା ଏଇଟା ହେଉନି, ସେଇଟା ହେଉନି। ତୁମେ କିଛି ଜାଣିନ। ତୁମ ଦ୍ୱାରା ଶାଗ ସିଝିବ ନାହିଁ। ମୁଁ ବିବାହ ହେବା ଦିନଠାରୁ କୌଣସି ଦିନ ବିନା କାରଣରେ ଫୋନ୍ କରିବ ନାହିଁ।

ଅବଶ୍ୟ ଦୁଇଟି ଫୋନ୍ କଲ୍‌ରେ ଦୁଇଟି ଲକ୍ଷ୍ୟ ରହିଛି। ଗୋଟିଏ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ, ଅନ୍ୟଟି ସମ୍ପଦ ସମ୍ବନ୍ଧୀୟ। ଗୋଟିଏ ଜନନୀର ସ୍ନେହ ଏବଂ ଅନ୍ୟଟି ଜାୟାର ମୋହ। ଗୋଟିଏ ବାତ୍ସଲ୍ୟମମତା, ଅନ୍ୟଟି ମାୟାର ବନ୍ଧନ। ଆମେ ମାନିବାକୁ ବାଧ୍ୟ ଯେ, ଦୁଇଟି ଫୋନ୍ କଲ ହିଁ ଏ ପୁରୁଷସମାଜକୁ ସ୍ୱାସ୍ଥ୍ୟବାନ୍ ଏବଂ ସମୃଦ୍ଧିଶାଳୀ କରିଛି। ପାଦେ ପାଦେ ସଚେତକ ଭାବରେ ଠିଆ ହୋଇ ଦିଗ୍‌ଦର୍ଶକ ସାଜି ଖରାପ ରାସ୍ତାରେ ଚାଲିବାଠାରୁ ଦୂରେଇ ରଖୁଛି।

ବାସ୍ତବରେ ବର୍ତ୍ତମାନର ବ୍ୟସ୍ତତା ଭିତରେ ମଣିଷ ଜୀବନ ହେଉଛି ଏକ ଅସୂତ୍ର ଗଣିତ। କୌଣସି କାର୍ଯ୍ୟ ଏକ ନିର୍ଦ୍ଦିଷ୍ଟ ଧାରା ଅନୁଯାୟୀ ଆଉ ହୋଇପାରୁନାହିଁ। ରାତ୍ରିରେ ଶୋଇବାରେ ଲେଟ୍। ସମୟାନୁଯାୟୀ ଖାଇବା ଲେଟ୍। ସକାଳୁ ଉଠିବା ଲେଟ୍। ଶାରୀରିକ ବ୍ୟାୟାମରେ ଅଭାବ। ବନ୍ଧୁ ବାନ୍ଧବ ସମ୍ପର୍କରେ ଫାଟ ସୃଷ୍ଟି। ବିବାହ ବ୍ରତ ଆଦି ମାଙ୍ଗଳିକ କାର୍ଯ୍ୟ ପାଇଁ ସମୟ ଅଭାବ। ସାଙ୍ଗସାଥୀଙ୍କ ସହ ବସି ହସଖୁସି ପାଇଁ ପର୍ଯ୍ୟାପ୍ତ ସମୟ ଅଭାବ। ଅନିୟମିତ ଖାଦ୍ୟ ଗ୍ରହଣ। ଶୃଙ୍ଖଳିତ ଜୀବନଯାପନରେ ବାଧା ସୃଷ୍ଟି ହେଉଛି।



ମଣିଷ ପ୍ରତିଦିନ ସକାଳୁ ସନ୍ଧ୍ୟାଯାଏ ଦୌଡୁଛି, କିନ୍ତୁ କିଛି କାମ ହେଇପାରୁନାହିଁ। କୁହାଯାଏ 'ବିଜି ଫର୍ ନଥିଂ'। ଆଗକାଳ ମଣିଷ କୁକୁଡ଼ା ଡାକିଲେ ଉଠି ଯାଉଥିଲେ। ନିତ୍ୟକର୍ମ ସାରି ଯେ ଯାହା କାମରେ ଯାଉଥିଲେ। ସନ୍ଧ୍ୟା ଛ'ଟା ବେଳେ ପୁଣି ଘରକୁ ଫେରି ଆସୁଥିଲେ। ପରିବାର ସହିତ ସମୟ ବିତାଉଥିଲେ। ସୁଖ ଦୁଃଖ ହେଉଥିଲେ। ବଡ଼ ପରିବାର ଥିଲା। ସମସ୍ତେ ସମସ୍ତଙ୍କ ଠାରୁ କିଛି ଶିକ୍ଷାଲାଭ କରୁଥିଲେ। ଅବାଟ ଧରିଲେ ଘରର ମୁରବିମାନେ ରାଗୁଥିଲେ। ନୀତିଶିକ୍ଷା ଦେଉଥିଲେ। ଭଲ ଖରାପ କ'ଣ ଜଣାଉଥିଲେ।

ମଣିଷସମାଜ, ମା'ଙ୍କ ଆଡ଼ ଆକଟରୁ ସାମାଜିକ ଶିକ୍ଷା ପ୍ରାପ୍ତ କରିଥାଏ। ମା' ହିଁ ତା'ର ପ୍ରଥମ ଗୁରୁ। ମା'ଙ୍କ ଗାଳି ତାଙ୍କୁ ଦୁଷ୍ଟ କାମଠାରୁ ନିବୃତ କରିଛି। ମା' ସ୍ନେହ ତାଙ୍କୁ ବଢ଼ିବାକୁ ପ୍ରେରଣା ଦେଇଛି। ଦୟା, ମାୟା, ମମତା, ଉପକାର, ସେବା, ସବୁ ମା'ଙ୍କଠାରୁ ଶିଖିଥିବା ପାଠ। ରୋଗୀର ସେବା ହେଉ କି ଭିକାରିକୁ ଭିକ୍ଷା ଦେବା, ଅସହାୟକୁ ସାହାଯ୍ୟ କରିବା ହେଉଛି ମା'ଙ୍କ ଦ୍ୱାରା ଦିଆଯାଇଥିବା ପ୍ରଥମ କର୍ଣ୍ଣମନ୍ତ୍ର। ଶାରୀରିକ କଷ୍ଟ ହେଉ କି ମାନସିକ କଷ୍ଟ, ମା' ହିଁ ପ୍ରଥମେ ଆସିଥାଏ ଲାଘବ କରିବା ନିମନ୍ତେ। ମନକଥା ମା' ହିଁ ପ୍ରଥମେ ବୁଝିପାରେ। ମେଡିକାଲ ହେଉ କି ମନ୍ଦିର, ମା' କେବେ ନିଜ ପାଇଁ କିଛି ମାଗେ ନାହିଁ; ବରଂ ପୁଅ ଝିଅ ପାଇଁ ମାଗେ। ପୁଅ ଝିଅର ମଙ୍ଗଳ ପାଇଁ ସ୍ୱାମୀ ଆଗରେ ଶତ୍ରୁ ହୋଇଯାଏ। ପୁଅ ଝିଅ କିଡ୍‌ନୀ ଖରାପ ହେଲେ ମା' ହିଁ ଆଗେଇଆସେ ନିଜ କିଡ୍‌ନୀ ଦେବା ପାଇଁ। କେବଳ ଶ୍ରେଷ୍ଠ ଜୀବ ମାନବ ନିକଟରେ ନୁହଁ, ବରଂ ଏହି ମା'ର ମମତା କଥା ପ୍ରତ୍ୟେକଟି ଜୀବଜନ୍ତୁ ପାଖରେ ଦେଖିବାକୁ ମିଳେ। କୀଟ ପତଙ୍ଗଠାରୁ ଆରମ୍ଭ ହୋଇ ବଡ଼ ବଡ଼ ହାତୀ ପରି ପଶୁ ନିକଟରେ ମା'ର ସ୍ନେହ ଦୃଶ୍ୟମାନ ହୋଇଥାଏ। ଏକ ନିର୍ଜୀବ ଧରଣୀ ମା' ମଧ୍ୟ ଆମର ସବୁ ତାଡ଼ନା ସହି ଆମକୁ ଖାଦ୍ୟ ଦେଇଛି, ଅଳଙ୍କାର ଦେଇଛି, ବସ୍ତ୍ରଠାରୁ ବାସଗୃହଯାଏ ସବୁ ନିଃସ୍ୱାର୍ଥପର ଭାବରେ ଦେଇଛି। କେବେ ପ୍ରତି ବଦଳରେ ସେ ଆମଠାରୁ କିଛି ଆଶା କରିନାହିଁ। ବୃଦ୍ଧା ଆଶ୍ରମରେ ରହି ମଧ୍ୟ ମା' ପୁଅକୁ କେବେ ଅଭିଶାପ ଦେଇନାହିଁ।

ଶିକ୍ଷିତ ମଣିଷସମାଜ କିନ୍ତୁ ବୃଦ୍ଧାବୃଦ୍ଧଙ୍କୁ ଅବହେଳା କରୁଛି। ଜୀବନସାରା ନିଜ ସ୍ୱାର୍ଥ ପାଇଁ ବଳଦ ପରି ଖଟିଛି, କିନ୍ତୁ ପରକ୍ଷଣରେ ହତାଦର କରିଛି। ମଣିଷକୁ ତା' ପିତୃଋଣ ମାତୃଋଣ ନିଶ୍ଚୟ ପରିଶୋଧ କରିବାକୁ ପଡ଼ିବ। ମା'ଙ୍କ ନିକଟରୁ ଆସୁଥିବା ଫୋନ୍ କଲ୍‌କୁ କେବେ ବି ଅବହେଳା କରିବା ଅନୁଚିତ।

ଗାୟତ୍ରୀ ନଗର, ନବରଙ୍ଗପୁର
ମୋ: ୯୪୩୭୭୮୫୧୫୮

## ଏଇ ଭାରତରେ

ବିହାରର ଏକ ଦମ୍ପତି ସୁରଭି ଓ ପ୍ରଭାତ ମହିଳାଙ୍କ ସ୍ୱାସ୍ଥ୍ୟ ଏବଂ କୃଷକଙ୍କ ସ୍ୱାର୍ଥରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି। ବିବାହ ପୂର୍ବରୁ ଦୁଇଜଣଙ୍କ ଜୀବନର ଗତିପଥ ଭିନ୍ନ ଥିଲା, ହେଲେ ବିବାହ ପରେ ସେମାନେ ଜନକଲ୍ୟାଣକାରୀ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିଛନ୍ତି। ବିହାର ଗୟା ଜିଲାରେ ଜନ୍ମିତ ସୁରଭି କୁମାରୀ ପାଟ୍‌ନା ମହିଳା ମହାବିଦ୍ୟାଳୟରେ ସାମ୍ବାଦିକତା ପଢୁଥିବା ସମୟରେ ଏକ ଦାରିଦ୍ର୍ୟ ଦୂରୀକରଣ ପ୍ରୋଜେକ୍ଟରେ ଯୋଗଦେଇଥିଲେ। ସେଥିରେ ରହି ସୁରଭି ବିଭିନ୍ନ ଗ୍ରାମକୁ ଯିବା ଅବସରରେ ସେଠାରେ ମହିଳାଙ୍କ ଋତୁସ୍ରାବଜନିତ ଅନ୍ଧବିଶ୍ୱାସ ଓ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ୨୦୧୯ରେ 'ସମ୍ ଆର୍ଥ'ର ସହପ୍ରତିଷ୍ଠାତା ପ୍ରଭାତଙ୍କୁ ସେ ବିବାହ କରିବା ପରେ ତାଙ୍କ କାର୍ଯ୍ୟକୁ ଗତିଶୀଳ କରାଇପାରିଥିଲେ। ସମ୍ ଆର୍ଥ ୩୦ ହଜାର କୃଷକଙ୍କୁ ନେଇ କାର୍ଯ୍ୟ କରୁଛି, ଯେଉଁଥିରେ ଅଛନ୍ତି ୬୦% ମହିଳା। ଏମାନଙ୍କ ଭିତରେ ଥିବା ଋତୁସ୍ରାବଜନିତ ସମସ୍ୟାକୁ ଲକ୍ଷ୍ୟ କରିଥିଲେ ସୁରଭି। ସେ ମହିଳାମାନଙ୍କୁ ଏକାଠି କରି ଋତୁସ୍ରାବ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ 'ସବଳ' ଅର୍ଥାତ୍ 'ସଶକ୍ତ ମହିଳା' ଆରମ୍ଭ କରିଛନ୍ତି। ଏଥିରେ ଏବେ ୨୫,୦୦୦ ମହିଳା ଏବଂ ୫,୦୦୦ କିଶୋରୀ ସାମିଲ ହୋଇଛନ୍ତି। ଏହାସହ ସାନିଟାରି ପ୍ୟାଡ୍ ପ୍ରସ୍ତୁତକରି ଶସ୍ତାରେ ମହିଳାଙ୍କୁ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୯ ଏପ୍ରିଲ ୧୯୭୭

- ଜମ୍ମୁ ଓ କଶ୍ମୀର ବିଧାନସଭାର ପୂର୍ବତନ ବାଚସ୍ପତି ଅବଦୁଲ ଗାନି ଗୋନି କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି।
- ମାଧବ ସିଂହ ସୋଲାଙ୍କିଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଗଠିତ ଗୁଜରାଟର କଂଗ୍ରେସ ମନ୍ତ୍ରିମଣ୍ଡଳ ଇସ୍ତଫା ଦାଖଲ କରିଛନ୍ତି।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | | | | 5 | |
| | | | | | 4 | | | 9 |
| 6 | 9 | | 5 | | | | | 3 |
| | | | | | 5 | | 4 | |
| 5 | | 1 | 9 | | | | 7 | |
| | | 3 | | 2 | | 8 | | |
| 3 | | | | | | 1 | 6 | |
| 1 | | | 6 | 7 | | 2 | | |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 5 | 8 | 1 | 9 | 2 | 6 | 7 |
| 7 | 9 | 1 | 5 | 2 | 6 | 3 | 4 | 8 |
| 8 | 6 | 2 | 4 | 7 | 3 | 1 | 9 | 5 |
| 2 | 7 | 8 | 9 | 3 | 5 | 4 | 1 | 6 |
| 9 | 4 | 6 | 1 | 8 | 2 | 5 | 7 | 3 |
| 1 | 5 | 3 | 6 | 4 | 7 | 8 | 2 | 9 |
| 6 | 8 | 4 | 7 | 5 | 1 | 9 | 3 | 2 |
| 5 | 2 | 9 | 3 | 6 | 4 | 7 | 8 | 1 |
| 3 | 1 | 7 | 2 | 9 | 8 | 6 | 5 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରତିମୂର୍ତ୍ତି ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟି ଦିଆଯାଉ

ମହାଶୟ,

ରାଜ୍ୟର ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତି ରାଜ୍ୟ ସରକାର କିମ୍ବା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନିର୍ମାଣ କରାଯାଇଛି। ଏହାର ଉଦ୍ଦେଶ୍ୟ ହେଉଛି, ଆଗାମୀ ପିଢ଼ି ବରପୁତ୍ରଙ୍କୁ ସବୁଦିନ ସ୍ମରଣ କରିବ। ଜନମାନସରେ ତାଙ୍କ ଜନ୍ମଦିବସ ଓ ଶ୍ରାଦ୍ଧ ଉତ୍ସବ ବର୍ଷକରେ ଥରେ ଯେଉଁ ବିଭାଗ ଦ୍ୱାରା କରାଯାଉଛି ସେହି ବିଭାଗ ସେସବୁ ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବା ଉଚିତ। କାରଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତିଗୁଡ଼ିକର ଅବସ୍ଥା ଶୋଚନୀୟ ହୋଇପଡ଼ିଛି, ଯାହାଫଳରେ ଅନେକ ପ୍ରତିମୂର୍ତ୍ତି ରଙ୍ଗର ଫିକା ଓ ଜିର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏହାର ଅନେକ ଦୃଷ୍ଟାନ୍ତ ଖବରକାଗଜଗୁଡ଼ିକରେ ବିଭିନ୍ନ ସମୟରେ ପ୍ରକାଶ ପାଇଆସୁଛି। ବର୍ତ୍ତମାନର ସରକାର ବରପୁତ୍ର ଗାଁକୁ ବିକଶିତ କରିବା ପାଇଁ ନୂତନ ଯୋଜନା ପ୍ରସ୍ତୁତକରି ୨୫ଟି ଗ୍ରାମକୁ ଅନ୍ତର୍ଭୁକ୍ତ କରିଛନ୍ତି, ଯାହା ସ୍ୱାଗତଯୋଗ୍ୟ। କିନ୍ତୁ ଏହାପରେ ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ ଦାୟିତ୍ୱ ଯେଉଁ ବିଭାଗକୁ ଦିଆଯିବ ତା' ଉପରେ ରାଜ୍ୟ ସରକାର ଦୃଷ୍ଟିଦେବେ। ବର୍ତ୍ତମାନ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ୭୬ଟି ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ପଡ଼ିରହିଛି। ସେଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ରାଜ୍ୟ ସରକାର ବଚାର କରିବା ଉଚିତ।

–ସୁରେଶ ଚନ୍ଦ୍ର ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

## ଚିରନ୍ତନୀ

ସନ୍ଧ୍ୟା ରହିଛି ମୋହରି ଆଶାରେ
ରଞ୍ଜିବି ତା'ର ଭାଲ
ପ୍ରଭାତ ଡାକଇ ବିରହ–ଭାଷାରେ
ମୋହରି ପାଇଁ ବିକଳ ।
–(ବିଶ୍ୱର ଆହ୍ୱାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗୁଜରାଟର ରୋମାଞ୍ଚକ ବିଜୟ



ଶଟ୍ ଖେଳିବା ଅବସରରେ ଶୁବମନ ଗିଲ୍।

**ନୂଆଦିଲ୍ଲୀ,୮।୪**

ବ୍ୟାଟରଙ୍କ ଜବରଦସ୍ତ ପ୍ରଦର୍ଶନ ଓ ପରେ ରସିଦ ଖାନଙ୍କ ଯାଦୁକରୀ ସ୍ପିନ୍ ବଲରେ ଗୁଜରାଟ ଟାଇଟନ୍ସ ବୁଧବାର ଅନୁଷ୍ଠିତ ରୋମାଞ୍ଚକ ଆଇପିଏଲ୍ ମ୍ୟାଚ୍‌ରେ ୧ ରନରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଗୁଜରାଟ ଦ୍ୱାରା ପ୍ରଦତ୍ତ ୨୧୧ ରନର ଟାର୍ଗେଟ ପିଛା କରୁଥିବା ଦିଲ୍ଲୀ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୮ ଉଇକେଟ ହରାଇ ୨୦୯ ରନ କରିବାକୁ ସକ୍ଷମ ହୋଇଥିଲା। ରଶିଦ ଖାନ୍ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହା ଗୁଜରାଟର ପ୍ରଥମ ବିଜୟ ହୋଇଥିବା ବେଳେ ଦିଲ୍ଲୀର ଏହା ପ୍ରଥମ ପରାଜୟ।

ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ୨୦ ଓଭରରେ ୪ ଉଇକେଟ ହରାଇ ୨୧୦ ରନ କରିଥିଲା। ଦଳ ପାଇଁ ଅଧିନାୟକ ଶୁବମନ ଗିଲ୍ ୪୫ ବଲରେ ୭୦ (୪ ଚୌକା ଓ ୫ ଛକା), ଜୋଶ ବଟଲର ୨୭ ବଲରେ ୫୨ (୩ ଚୌକା ଓ ୫ ଛକା) ଓ ୱାଶିଂଟନ ସୁନ୍ଦର ୩୨ ବଲରେ ୫୫ (୬ ଚୌକା ଓ ୨ ଛକା) ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଦିଲ୍ଲୀ ପକ୍ଷରୁ ମୁକେଶ କୁମାର ୨ ଉଇକେଟ ନେଇଥିଲେ। ଜବାବରେ ଦିଲ୍ଲୀକୁ ପଥୁମ ନିଶଙ୍କା ଓ ଲୋକେଶ ରାହୁଲ ୮.୧ ଓଭରରେ ୭୬ ରନର ଆରମ୍ଭ ପ୍ରଦାନ କରିଥିଲେ। ନିଶଙ୍କା ୨୪ ବଲରେ ୪୧ (୬ ଚୌକା ଓ ୧ ଛକା) ଆଉଟ୍ ହୋଇଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ନୀତୀଶ ରାଣା (୫), ସମୀର ରିଜ୍‌ଭି (୦), ଅଧିନାୟକ ଅକ୍ଷର ପଟେଲ (୨) ଓ ଟ୍ରିଷ୍ଟାନ ଷ୍ଟବ୍ସ (୭)ଙ୍କ ଉଇକେଟ ହରାଇଥିଲା। ରାହୁଲ ୧୭ତମ ଓଭରରେ ଷଷ୍ଠ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଆଉଟ୍ ହେବା ପୂର୍ବରୁ ରାହୁଲ ୫୨ ବଲରେ ୧୧ ଚୌକା ଓ ୪ ଛକା ସହିତ ୯୨ ରନ କରିଥିଲେ। ପୂର୍ବରୁ ରିଟାୟର୍ଡ ହର୍ଟ ହୋଇଥିବା ଡେଭିଡ୍ ମିଲର ୧୯ତମ ଓଭରରେ ଲଗାତର ୩ ଛକା ସହିତ ୨୩ ରନ କରିଥିଲେ। ଅନ୍ତିମ ଓଭରରେ ଦଳକୁ ଜିତିବା ପାଇଁ ୧୩ ରନ ଦରକାର ଥିବା ବେଳେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ପ୍ରଥମ ବଲକୁ ଚୌକା ମାରିବା ପରେ ବିପ୍ରଜ ନିଗମ ଦ୍ୱିତୀୟ ବଲରେ ଆଉଟ୍ ହୋଇଥିଲେ। ମିଲର ଚତୁର୍ଥ ବଲକୁ ଛକା ମାରିବାରୁ ଅନ୍ତିମ ଦୁଇ ବଲରେ ୨ ରନ ଦରକାର ଥିଲା। ହେଲେ ମିଲର ପଞ୍ଚମ ବଲରେ ସିଙ୍ଗଲ ନେବାକୁ ମନା କରିଥିଲେ। ଓଭରର ଷଷ୍ଠ ତଥା ଅନ୍ତିମ ବଲକୁ ସେ ମିସ କରିଥିଲେ। ଫଳରେ ଦିଲ୍ଲୀ ୨୦ ଓଭରରେ ୮ ଉଇକେଟ ହରାଇ ୨୦୯ ରନ କରିବାକୁ ସକ୍ଷମ ହୋଇଥିଲା। ମିଲର ୨୦ ବଲରେ ୪୧ (୩ ଲେଖାଏ ଚୌକା ଓ ଛକା) ରନ କରି ଅପରାଜିତ ରହିଥିଲେ। ଗୁଜରାଟ ପାଇଁ ରସିଦ ଖାନ ୩ ଓ ପ୍ରସିଦ୍ଧ କ୍ରିଷ୍ଣା ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ: ୨୦ ଓଭରରେ ୨୧୦/୪ (ଜୋଶ ବଟଲର-୫୨, ଶୁବମନ ଗିଲ୍-୭୦, ୱାଶିଂଟନ ସୁନ୍ଦର- ୫୫, ମୁକେଶ କୁମାର-୨/୫୫, ଲୁଙ୍ଗି ଏନ୍‌ଗିଡି-୧/୨୪)। ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୨୦୯/୮ (ପଥୁମ ନିଶଙ୍କା-୪୧, ଲୋକେଶ ରାହୁଲ-୯୨, ଡେଭିଡ୍ ମିଲର-୪୧*, ରଶିଦ ଖାନ-୩/୧୭, ପ୍ରସିଦ୍ଧ କ୍ରିଷ୍ଣା-୨/୫୨)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୩ | ୩ | ୦ | ୦ | ୬ | +୨.୪୦୩ |
| ପଞ୍ଜାବ କିଙ୍ଗ୍ସ | ୩ | ୨ | ୦ | ୧ | ୫ | +୦.୬୩୭ |
| ରୟାଲ ଚ୍ୟାଲେଞ୍ଜର୍ସ | ୨ | ୨ | ୦ | ୦ | ୪ | +୨.୫୦୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୨ | ୧ | ୦ | ୪ | +୦.୮୧୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୩ | ୧ | ୨ | ୦ | ୨ | +୦.୨୭୫ |
| ଗୁଜରାଟ ଟାଇଟନ୍ସ | ୩ | ୧ | ୨ | ୦ | ୨ | -୦.୨୭୦ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୨ | ୧ | ୧ | ୦ | ୨ | -୦.୫୪୨ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୧ | ୨ | ୦ | ୨ | -୦.୭୧୫ |
| ନାଇଟ ରାଇଡର୍ସ | ୩ | ୦ | ୨ | ୧ | ୧ | -୧.୯୬୪ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୦ | ୩ | ୦ | ୦ | -୨.୫୧୭ |




ଗୁଜରାଟ ଟାଇଟନ୍ସ-ଦିଲ୍ଲୀ କ୍ୟାପିଟାଲ୍ସ ଆଇପିଏଲ୍ ମ୍ୟାଚ ଅବସରରେ ଦର୍ଶକରେ ଭରା ଅରୁଣ ଜେଟଲୀ ଷ୍ଟାଡିୟମ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

କୋଲକାତା

ବନାମ ଲକ୍ଷ୍ନୌ

ସ୍ଥାନ: କୋଲକାତା

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ବେଞ୍ଚ୍‌ରେ ବସିଥିବା ଖେଳାଳିଙ୍କ ଲାଗି ନୂଆ ନିୟମ

**ନୂଆଦିଲ୍ଲୀ, ୮।୪**

ଆଇପିଏଲ୍ ମ୍ୟାଚ୍‌ବେଳେ ବେଞ୍ଚ୍‌ରେ ବସିଥିବା ଖେଳାଳିମାନେ ଗ୍ରାଉଣ୍ଡରେ ଆଉ ଏଣେତେଣେ ବୁଲିପାରିବେ ନାହିଁ। ଏପରିକି ଅତିରିକ୍ତ ଖେଳାଳିମାନଙ୍କୁ ଗ୍ରାଉଣ୍ଡରେ ପ୍ରବେଶ କରିବାକୁ ଅନୁମତି ମିଳିବ ନାହିଁ। କେବଳ ପ୍ରତ୍ୟେକ ମ୍ୟାଚ୍ ଲାଗି ଟିମ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ଦିଆଯାଇଥିବା ଖେଳାଳିଙ୍କ ତାଲିକାରେ ସ୍ଥାନ ପାଇଥିବା ୧୬ ଖେଳାଳି ହିଁ ଗ୍ରାଉଣ୍ଡରେ ପ୍ରବେଶ କରିପାରିବେ। ଏ ନେଇ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ବୁଧବାର ନୂଆ ନିୟମ ଜାରି କରାଯାଇଛି। ମ୍ୟାଚ୍ ପ୍ଲେଇଂ କଣ୍ଡିଶନ(ଏମ୍‌ପିସି)ରେ କରାଯାଇଥିବା ଏହି ପରିବର୍ତ୍ତନ ସମ୍ପର୍କରେ ପ୍ରତ୍ୟେକ ଫ୍ରାଞ୍ଚାଇଜ୍‌କୁ ପୂର୍ବରୁ ଜଣାଇ ଦିଆଯାଇଛି। ତେବେ କେଉଁ କାରଣରୁ ଏହି ନୂଆ ନିୟମ କରାଯାଇଛି, ତାହା ପ୍ରକାଶ କରାଯାଇନାହିଁ। କିନ୍ତୁ ନିକଟରେ ବିସିସିଆଇ ଓ ଆଇପିଏଲ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ବଦଳ ଖେଳାଳିଙ୍କ ପାଇଁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା, ଯେଉଁଥିରେ ମ୍ୟାଚ୍ ଲାଗି ସ୍ୱୀକୃତିପ୍ରାପ୍ତ ୧୬ ଖେଳାଳିଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ଡ୍ରିଙ୍କ୍ସ, ବ୍ୟାଟ୍ସ କିମ୍ବା ମେସେଜ୍ ଦେବାକୁ ଗ୍ରାଉଣ୍ଡ ମଧ୍ୟକୁ ଯାଇପାରିବେ ନାହିଁ। ଏଥିସହିତ ଚୂଡ଼ାନ୍ତ ଦଳର ଅଂଶ ନ ଥିବା ୫ ଖେଳାଳି ମ୍ୟାଚ୍‌ବେଳେ ଟ୍ରେନିଂ ବିବ୍ସ ପିନ୍ଧି ବାଉଣ୍ଡାରି ଆଖପାଖରେ ବୁଲିପାରିବେ ବୋଲି ଉଲ୍ଲେଖ ରହିଥିଲା।

# କୋର୍ଟରେ ର୍‍ୟାକେଟ ଭାଙ୍ଗିଲେ ମେଡଭେଡେଭ



**ମଣ୍ଟେ କାର୍ଲୋ ମାଷ୍ଟର୍ସ**

**ମାଡ୍ରିଡ୍,୮।୪**

ସ୍ପେନର ରୋକବ୍ରୁନ-କ୍ୟାପ ମାର୍ଟିନଠାରେ ଚାଲିଥିବା ମଣ୍ଟେ କାର୍ଲୋ ମାଷ୍ଟର୍ସରେ ବୁଧବାର ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଥିଲା। ୱାର୍ଲ୍ଡ ନଂ. ୧୦ ଡାନିଲ ମେଡଭେଡେଭ ପ୍ରଥମ ରାଉଣ୍ଡରେ ପରାଜିତ ହେବା ପରେ ନିଜ ର୍‍ୟାକେଟକୁ କୋର୍ଟରେ ବାଡ଼େଇ ବାଡ଼େଇ ଭାଙ୍ଗିଥିଲେ। ଏହି ମ୍ୟାଚ୍‌ରେ ସେ ଇଟାଲିର ୱାଇଲ୍ଡକାର୍ଡ ଧାରୀ ମାଟେଓ ବରେଟିନିଙ୍କଠାରୁ ପରାଜିତ ହୋଇଥିବା ବେଳେ ମ୍ୟାଚ୍‌ରେ ସେ ଗୋଟିଏ ହେଲେ ବି ଗେମ୍ ଜିତିପାରି ନ ଥିଲେ। ସେ ୦-୬, ୦-୬ ସେଟ୍‌ରେ ପରାଜିତ ହୋଇଥିଲେ। କ୍ୟାରିୟରରେ ପ୍ରଥମ ଥର ପାଇଁ କୌଣସି ଟୁର ସ୍ତରୀୟ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ସେ ଗୋଟିଏ ବି ହେଲେ ଗେମ୍ ଜିତିବାକୁ ବିଫଳ ହୋଇଥିଲେ। ନିଜ ପ୍ରଦର୍ଶନରେ ନିରାଶ ହୋଇ ସେ ର୍‍ୟାକେଟ ଭାଙ୍ଗିବା ପରେ ଅବଶିଷ୍ଟାଂଶକୁ କୋର୍ଟରେ ଥିବା ଡଷ୍ଟବିନରେ ପକାଇଥିଲେ। ଚଳିତ ବର୍ଷ ଦୁବାଇ ଓ ବ୍ରିସବେନରେ ଟାଇଟଲ ଜିତିଥିବା ୩୦ ବର୍ଷୀୟ ମେଡଭେଡେଭ ମ୍ୟାଚ୍‌ରେ ୨୭ଟି ଅନଫୋର୍ସଡ ଏରର କରିଥିଲେ।

ଅନ୍ୟପକ୍ଷରେ ୱାର୍ଲ୍ଡ ନଂ.୩ ଆଲେକଜାଣ୍ଡର ଜ୍ୱେରେଭ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଥିବା ବେଳେ ୧୩ତମ ସିଡ୍ ଆଣ୍ଡି ରୁବଲେଭ ପରାଜୟ ସହ ବିଦାୟ ନେଇଛନ୍ତି। ଜ୍ୱେରେଭ ୪-୬, ୬-୪, ୭-୫ ସେଟ୍‌ରେ କ୍ରିଷ୍ଟିଆନ ଗାରିନଙ୍କୁ ପରାସ୍ତ କରିଥିବା ବେଳେ ରୁବଲେଭ ୪-୬, ୧-୬ ସେଟ୍‌ରେ ଅଣସିଡ୍ ଖେଳାଳି ଜିଜୋ ବର୍ଗସଙ୍କଠାରୁ ପରାସ୍ତ ହୋଇଛନ୍ତି।

# ନୂଆ କୋଚ୍ ନିଯୁକ୍ତିରେ ପାକିସ୍ତାନ ଖେଳାଳି ନିରାଶ

**କରାଚୀ, ୮।୪(ପି.ଟି.)**

ପାକିସ୍ତାନ ହକି ଫେଡେରେଶନ (ପିଏଚ୍ଏଫ୍) ତା'ର ଜାତୀୟ ପୁରୁଷ ଦଳର ମୁଖ୍ୟ କୋଚ୍ ଅଷ୍ଟ୍ରେଲିଆର କଲିନ୍ ବାଚ୍‌ଙ୍କୁ ବଦଳାଇବାକୁ ନିଷ୍ପତ୍ତି ନେଇଛି। ଆଗାମୀ ଏଫ୍ଆଇଏଚ୍ ପ୍ରୋ ନେଶନ୍ସ ଲିଗ୍ ଓ ବିଶ୍ୱକପ୍ ଲାଗି ପୂର୍ବତନ ଅଲିମ୍ପିଆନ୍ ମନଜୁର ଉଲ ହାସନଙ୍କୁ ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ମନଜୁର ୭୦ ଓ ୮୦ ଦଶକର ଜଣେ ଜଣାଶୁଣା ଡିଫେଣ୍ଡର। ତେବେ ଫେଡେରେଶନର ଏଭଳି ହଠାତ୍ ନିଷ୍ପତ୍ତି ଖେଳାଳିଙ୍କୁ ଚକିତ କରିଛି। ଜଣେ ଖେଳାଳି ତାଙ୍କ ନାମ ପ୍ରକାଶ ନ କରିବା ସର୍ତ୍ତରେ କହିଛନ୍ତି, ଆମେ କଲିନ୍‌ଙ୍କ ସହ ଖୁସି ଥିଲୁ, ଯିଏକି ଜଣେ ସ୍ୱୀକୃତିପ୍ରାପ୍ତ କୋଚ୍। ଆଗକୁ ଆସୁଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟରେ ସଫଳ ପ୍ରଦର୍ଶନ କରିବା ପାଇଁ ଆମକୁ କ'ଣ ଦରକାର ତାଙ୍କୁ ଭଲ ଭାବେ ଜଣା। କିନ୍ତୁ ବର୍ତ୍ତମାନ ପିଏଚ୍ଏଫ୍‌ର ନିଷ୍ପତ୍ତି ଆମ ସଭିଙ୍କୁ ଚକିତ କରିଛି। ଏବେ ଦଳର ପ୍ରାୟ ଖେଳାଳି ବିଦେଶୀ ଲିଗ୍‌ରେ ଖେଳିବା ପାଇଁ ବାହାରେ ଅଛନ୍ତି। ସେମାନେ ଫେରିବା ପରେ ଜଣେ ବିଦେଶୀ କୋଚ୍‌ଙ୍କୁ ନିଯୁକ୍ତ କରିବା ଲାଗି ଆମେ ଫେଡେରେଶନକୁ ବୁଝାଇବାକୁ ଚେଷ୍ଟା କରିବୁ। ଅନ୍ତରୀଣ ପିଏଚ୍ଏଫ୍ ପୂର୍ବତନ ଅଲିମ୍ପିଆନ୍ ସାମିଉଲା ଖାନ୍‌ଙ୍କ ନେତୃତ୍ୱରେ ଏକ ଜାତୀୟ ଚୟନ କମିଟି ଗଠନ କରିଛି। ଏଥିରେ ନଇମ ଅଖ୍ତର, କଶିଫ ଜୱାଦ୍, ମହମ୍ମଦ ଖାଲିଦ, ନାସିର ଅଲୀ ଓ ଅତିଫ୍ ବଶିର ରହିଛନ୍ତି। ସୂଚନା ଯେ, ପାକିସ୍ତାନ ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ବିଶ୍ୱକପ୍ ଖେଳିବା ଲାଗି ଯୋଗ୍ୟତା ହାସଲ କରିଛି।






# ମେ' ୫ରୁ ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଚେସ୍

**ଭୁବନେଶ୍ୱର, ୮।୪(ତପନ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ୍ ଆନୁକୂଲ୍ୟରେ ଏବଂ ଅଲ୍ ଓଡ଼ିଶା ଚେସ୍ଆସୋସିଏଶନ୍‌ସହଯୋଗରେ ପ୍ରଥମଥର ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ. ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ୭ ବର୍ଷରୁ କମ୍ ଚେସ୍ ଅନୁଷ୍ଠିତ ହେବ। ଆସନ୍ତା ମେ' ୫ରୁ ୭ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ନୟାପଲ୍ଲୀସ୍ଥିତ 'ପ୍ରୋ-ଚେ-ଷ୍ଟା' ପରିସରରେ ଆୟୋଜନ ହେବ। ପ୍ରତିଯୋଗିତାରେ ରାଜ୍ୟର ସବୁ ଜିଲାର ବାଳିକା ଓ ବାଳକ ଖେଳାଳି ଭାଗ ନେଇପାରିବେ। ପ୍ରଦର୍ଶନଭିତ୍ତିରେ ରାଜ୍ୟ ପ୍ରତିଯୋଗିତାର ଶ୍ରେଷ୍ଠ ୪ ଜଣ ଲେଖାଏ ବାଳିକା ଓ ବାଳକ ଖେଳାଳି ସର୍ବଭାରତୀୟ ସ୍ତରରେ ମହାରାଷ୍ଟ୍ରରେ ହେବାକୁଥିବା ୭ ବର୍ଷରୁ କମ୍ ଚେସ୍ ପାଇଁ ଯୋଗ୍ୟ ବିବେଚିତ ହେବେ। ପ୍ରତିଯୋଗିତା ସମ୍ପର୍କିତ ସୂଚନା ଦେବେନ୍ଦ୍ର ପ୍ରଧାନ ସ୍ମୃତି କମିଟିର ସଭାପତି ତଥା ବରିଷ୍ଠ ଭାଜପା ନେତା ସମୀର ମହାନ୍ତିଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଏହି ଅବସରରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍‌ର ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ୍ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ଆୟୋଜକ କମିଟିର ସଂଯୋଜକ ଲଲାଟ କେଶରୀ ସାମଲ, ବରିଷ୍ଠ ଆଇନଜୀବୀ ଅଶୋକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଆଗ୍ରହୀ ଖେଳାଳିମାନେ ୩ ତାରିଖ ସୁଦ୍ଧା ଶୁଭାଶିଷ ପଟ୍ଟନାୟକ କିମ୍ବା ଭବେଶ ମହାନ୍ତିଙ୍କ ସହ ଯୋଗାଯୋଗ କରି ସେମାନଙ୍କ ନାମ ପଞ୍ଜୀକରଣ କରିବେ। ୭ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତା ଲାଗି ୬୦୦ ଟଙ୍କା ଏଣ୍ଟ୍ରି ଫି' ରଖାଯାଇଛି। ଟୁର୍ନାମେଣ୍ଟ ପାଇଁ ମୋଟ ୨୦,୦୦୦ ଟଙ୍କା ପୁରସ୍କାର ରାଶି(ଉଭୟ ବର୍ଗ ନିମନ୍ତେ) ସହ ୨୬ଟି ଆକର୍ଷଣୀୟ ଟ୍ରଫି ପ୍ରଦାନ ବ୍ୟବସ୍ଥା ରହିଛି।



ପ୍ରତିଯୋଗିତାର କାର୍ଯ୍ୟସୂଚୀ ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 52 Years
ପୃଷ୍ଠା–୮+୮
ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୯/୨୦୨୬ (୮+୮=୧୬ ପୃଷ୍ଠା) Bhubaneswar, Thursday, April 9/2026 Page 16 ₹ 7.00
୫୨ଶ ଭାଗ ୧୩୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 134 ମୂଲ୍ୟ₹୭/-

# ଓଡ଼ିଶା ଏବେ ସମୃଦ୍ଧିର ସ୍ୱର୍ଣ୍ଣ ଅନୁଭବ କରୁଛି: ମୁଖ୍ୟମନ୍ତ୍ରୀ

## ଭୂଇଁପୁରରେ ୩୬ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭାରମ୍ଭ

- ସୃଷ୍ଟି ହେବ ୫୯ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ
- ଶିଳ୍ପପତିଙ୍କୁ ସମସ୍ତ ସୁବିଧା ଯୋଗାଇଦେବାକୁ ପ୍ରତିଶ୍ରୁତି

ଖୋର୍ଦ୍ଧା, ୮।୪(ପ୍ରଭାତ ପାଣିଗ୍ରାହୀ)/ ବେଗୁନିଆ (ହରପ୍ରସନ୍ନ ପଣ୍ଡା)

ଶିଳ୍ପ ଅଭିବୃଦ୍ଧି ଓ ସମୟୋଚିତ କାର୍ଯ୍ୟାନ୍ୱୟନ ପ୍ରତି ରାଜ୍ୟର ଦୃଢ଼ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ ଓଡ଼ିଶା ସରକାର ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ ଭୂଇଁପୁରଠାରେ ୬ଟି ଜିଲା ପାଇଁ ୪୦,୮୧୧ କୋଟି ଟଙ୍କା ନିବେଶରେ ୩୬ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିଛନ୍ତି। ଏଥିମଧ୍ୟରୁ ୨୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବାବେଳେ ୧୧ଟି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ଏବେ ସମୃଦ୍ଧିର ସ୍ୱର୍ଣ୍ଣ ଅନୁଭବ କରୁଛି। ୩୬ଟିପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ ଦ୍ୱାରା ୫୯,୦୦୦ରୁ ଅଧିକ ନିଯୁକ୍ତି ସୃଷ୍ଟି ହେବ। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗ୍ରୀନ୍ ଏନର୍ଜି ଉପକରଣ, ଧାତୁ ଓ ଡାଉନଷ୍ଟ୍ରିମ୍, ବୟନ ଓ ପୋଷାକ, ପ୍ଲାଷ୍ଟିକ୍, ପର୍ଯ୍ୟଟନ, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ପ୍ରତିରକ୍ଷା ଉତ୍ପାଦନ, ଆଇଟି, ଅଟୋମୋବାଇଲ୍, ସିମେଣ୍ଟ ଶିଳ୍ପ ବିଭିନ୍ନ ଜିଲାରେ ଆରମ୍ଭ ହେବାକୁ ଯାଉଛି, ଯାହା ରାଜ୍ୟ ଅର୍ଥନୀତିରେ ଦ୍ରୁତ ବିକାଶ ଘଟାଇବ।

ଆୟୋଜିତ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, 'ସମୃଦ୍ଧ ଓଡ଼ିଶା'ର ସ୍ୱର୍ଣ୍ଣିମ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଫର୍ଦ୍ଦ ଯୋଡ଼ିହେଲା। ବର୍ତ୍ତମାନ ଓଡ଼ିଶାରେ ଚାଲିଥିବା ଦ୍ୱିତୀୟ ଶିଳ୍ପ ବିପ୍ଲବର ଏହା ହେଉଛି ବାସ୍ତବ ପ୍ରତିଫଳନ। ପୂର୍ବରୁ ଆମ ସରକାର ଗତ ୧୮–୨୦ ମାସ ମଧ୍ୟରେ ପ୍ରାୟ ଅଢେଇ ଲକ୍ଷ କୋଟି ଟଙ୍କାର ୧୦୯ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି, ଯଦ୍ୱାରା ୧ଲକ୍ଷ ୭୬ ହଜାର ନିଯୁକ୍ତି ସୃଷ୍ଟି ହୋଇପାରିଛି। ଆମକୁ ଯେଉଁ ସାମଗ୍ରୀ ବିଦେଶରୁ ଆମଦାନୀ କରିବାକୁ ପଡୁଥିଲା, ସେଗୁଡ଼ିକ ଏବେ ଆମ ମାଟିରେ ତିଆରି ହେବ। ଏହି ସଫଳତା ଆମ ପାଇଁ ଗୌରବର ବିଷୟ। ଚଳିତ ବଜେଟରେ ଭିତ୍ତିଭୂମି ପାଇଁ ୭୨ହଜାର କୋଟିରୁ ଅଧିକ ଟଙ୍କାର ପ୍ରାବଧାନ କରାଯାଇଛି, ଯାହା ବର୍ତ୍ତମାନ ଓଡ଼ିଶା ଜିଡିପିର ପ୍ରାୟ ୬.୫ ପ୍ରତିଶତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ଶିଳ୍ପପତିମାନଙ୍କ ସହ ଏକ ସ୍ୱତନ୍ତ୍ର ରାଉଣ୍ଡଟେବୁଲ୍ ବୈଠକରେ ଯୋଗଦେଇ ନୂତନ ପ୍ରକଳ୍ପଗୁଡ଼ିକ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟରେ ଶିଳ୍ପର ବିକାଶ ପାଇଁ ଓଡ଼ିଶା ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇବାକୁ ପ୍ରତିବଦ୍ଧ ବୋଲି ସେ କହିଥିଲେ। ସଭା ପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଶିଳ୍ପ ଅନୁଷ୍ଠାନ ଦ୍ୱାରା ଆୟୋଜିତ ପ୍ରକଳ୍ପଗୁଡ଼ିକର ପ୍ରଦର୍ଶନୀ ବୁଲି ଦେଖିବା ସହ କମ୍ପାନୀ ପ୍ରତିନିଧିମାନଙ୍କ ସହିତ କଥା ହୋଇଥିଲେ। ଏକ ବିବିଧ, ସ୍ଥିର ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିଳ୍ପ ଇକୋସିଷ୍ଟମ ଗଠନ ଲାଗି ରାଜ୍ୟର ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରେ ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ। ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ସହ ବେଗୁନିଆ ଓ ବୋଲଗଡ଼କୁ ଏନ୍ଏସି ମାନ୍ୟତା ପ୍ରଦାନ ପାଇଁ ଦାବି ଦୋହରାଇଥିଲେ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଆଦାନୀ ପୋର୍ଟସ୍ ଏଣ୍ଡ ଏସ୍ଇଜେଡ୍‌ର ମ୍ୟାନେଜିଂ ଡାଇରେକ୍ଟର କରନ୍ ଆଦାନୀଙ୍କ ସମେତ ଓଡ଼ିଶା ଥର୍ମାଲ୍ ଏନର୍ଜି ଲିମିଟେଡ, ଆଦାନୀ ଏଣ୍ଟରପ୍ରାଇଜେସ ଲିମିଟେଡ୍ ଆଦି ବିଭିନ୍ନ କମ୍ପାନୀର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଜିଲାପାଳ ଅମ୍ରିତ ଋତୁରାଜ ଧନ୍ୟବାଦ ଦେଇଥିଲେ।


ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଭୂଇଁପୁରଠାରେ ୩୬ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ଶିଳ୍ପ ଅନୁଷ୍ଠାନ ଦ୍ୱାରା ଆୟୋଜିତ ପ୍ରକଳ୍ପଗୁଡ଼ିକର ପ୍ରଦର୍ଶନୀ ବୁଲି ଦେଖୁଛନ୍ତି। ନିକଟରେ ଅଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ।

# ରାଜ୍ୟ ସଭା ସଂସଦୀୟ ଦଳ ନେତା ପଦରୁ ସସ୍ମିତଙ୍କ ଇସ୍ତଫା ଚର୍ଚ୍ଚା

## ବିଜୁ ବାବୁଙ୍କ କଥା ନେଇ ନବୀନଙ୍କୁ ଅସନ୍ତୋଷ ଜଣାଇଥିଲେ ସବୁ ଏମ୍‌ପି

ଭୁବନେଶ୍ୱର, ୮।୪(ସୁନିତ୍ ମିଶ୍ର)

ରାଜ୍ୟ ସଭାର ସଂସଦୀୟ ଦଳ ନେତା ପଦରୁ ସସ୍ମିତ ପାତ୍ର ଇସ୍ତଫା ଦେଇଥିବା ଚର୍ଚ୍ଚା ହେଉଛି। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିକଟକୁ ସେ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଥିବା କୁହାଯାଉଛି। କିଛିଦିନ ହେବ ସସ୍ମିତଙ୍କୁ ସଂସଦୀୟ ଦଳ ନେତା ପଦରୁ ହଟାଇବା ଲାଗି ରାଜ୍ୟ ସଭାର ସବୁ ଦଳୀୟ ଏମ୍‌ପି ଚିଠି ମାଧ୍ୟମରେ ନବୀନଙ୍କୁ ଜଣାଇଛନ୍ତି। ଇସ୍ତଫା ନେଇ ସସ୍ମିତ କିମ୍ବା ଦଳର ଅନେକ ନେତା ମୁହଁ ଖୋଲିନାହାନ୍ତି। ଇସ୍ତଫା ସତ୍ୟ, କିନ୍ତୁ ସସ୍ମିତଙ୍କ ସହିତ ସେମାନେ ଯୋଗାଯୋଗ କରିପାରୁ ନଥିବା କେତେଜଣ ବିଜେଡି ନେତା କହିଛନ୍ତି।

ସୂତ୍ରରୁ ମିଳିଥିବା ଖବର ମୁତାବକ, ୱକଫ୍ ବିଲ୍ ସମୟରେ ଭାଜପା ସମର୍ଥିତ ଏନ୍‌ଡିଏ ସରକାରକୁ ବିଜେଡି ଏମ୍‌ପିମାନେ ସମର୍ଥନ ଦେବା ପରେ ଯେଉଁ ବାଦବିବାଦ ଆରମ୍ଭ ହୋଇଥିଲା, ସସ୍ମିତଙ୍କ ଇସ୍ତଫା ପଛରେ ତାହା ଗୋଟିଏ କାରଣ ବୋଲି କୁହାଯାଉଛି। ସେହିପରି ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବାବଦରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଦେଇଥିବା ମନ୍ତବ୍ୟକୁ ନେଇ ଦଳର ଅନ୍ୟ ଏମ୍‌ପିମାନେ ପ୍ରଶ୍ନ ଉଠାଇଥିବା ଚର୍ଚ୍ଚା ହେଉଛି। ଜଣେ ବରିଷ୍ଠ ବିଜେଡି ନେତାଙ୍କ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଦୁବେ ଯେତେବେଳେ ମନ୍ତବ୍ୟ ଦେଲେ, କାହା ସହ ଆଲୋଚନା ନ କରି ସସ୍ମିତ ପ୍ରଥମେ ତାଙ୍କ ସାମାଜିକ ଗଣମାଧ୍ୟମରେ ଗୋଟିଏ ପୋଷ୍ଟ କରିଦେଲେ। ଏହାପରେ ଯେଉଁ ସୋମବାର ପଡ଼ିଲା, ରାଜ୍ୟ ସଭାରେ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଏକୁଟିଆ କକ୍ଷତ୍ୟାଗ କଲେ। ବିଜେଡି ରାଜ୍ୟ ସଭା ସଂସଦୀୟ ଦଳ ନେତା ଭାବେ ଯେତେବେଳେ ସସ୍ମିତ କକ୍ଷତ୍ୟାଗ କଲେ ତାଙ୍କ ପଛରେ ଅନ୍ୟ ଏମ୍‌ପିମାନେ ବାଧ୍ୟହୋଇ ବାହାରକୁ ଚାଲିଗଲେ। ଏହି ଘଟଣାକୁ ନେଇ ମଧ୍ୟ ଦଳୀୟ ଏମ୍‌ପିମାନଙ୍କ ମଧ୍ୟରେ ଅସନ୍ତୋଷ ଜୋର୍ ଧରିଲା। ଏହାପରେ ସବୁ ଏମ୍‌ପି ନବୀନ ନିବାସକୁ ପଠାଇଥିବା ଅଭିଯୋଗପତ୍ରରେ ସସ୍ମିତଙ୍କୁ ରାଜ୍ୟ ସଭା ଦଳ ନେତା ପଦରୁ କାଢ଼ିବା ପାଇଁ ଦାବିକଲେ। ଶେଷରେ ନବୀନ ସସ୍ମିତଙ୍କୁ ପଦରୁ ଓହରିଯିବାକୁ କହିଥିବା ସେ କହିଛନ୍ତି। ଏ ବାବଦରେ ☞ପୃଷ୍ଠା–୭


ସସ୍ମିତ ପାତ୍ର

No. 4001/13/2627


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓଡ଼ିଶା ସରକାର
OPTCL
Lifeline of Odisha

୬୦୦ କୋଟି ଟଙ୍କା ବ୍ୟୟରେ
ଭୁବନେଶ୍ୱର ବିଦ୍ୟୁତ୍ ଶକ୍ତି ବ୍ୟବସ୍ଥାର ସଂପ୍ରସାରଣ
୩ଟି ଗ୍ରୀଡ଼ ସବଷ୍ଟେସନ ଏବଂ ୮ଟି ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିସନ ଲାଇନ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଲୋକାର୍ପଣ କରିବେ
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଗରିମାମୟ ଉପସ୍ଥିତି
ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ
ସାଂସଦ, ଭୁବନେଶ୍ୱର
ଶ୍ରୀ ନବ କିଶୋର ମଲ୍ଲିକ
ବିଧାୟକ, ଜୟଦେବ


୨୨୦/୧୩୨/୩୩ କେ.ଭି. ଜି.ଆଇ.ଏସ୍
ବାଲିଅନ୍ତା


୧୩୨/୩୩ କେ.ଭି. ଜି.ଆଇ.ଏସ୍
ସତ୍ୟନଗର


୧୩୨/୩୩ କେ.ଭି. ଜି.ଆଇ.ଏସ୍
ଏସ୍.ସି.ବି. ମେଡିକାଲ, କଟକ

୦୯ ଅପ୍ରେଲ ୨୦୨୬ । ଦିବା ୧୧ ଘଟିକା । ବାଲିଅନ୍ତା, ଖୋର୍ଦ୍ଧା
ଶକ୍ତି ବିଭାଗ, ଓଡ଼ିଶା ସରକାର
OIPR-4001/4011/2/26-27/0004



ଦୁନିଆରେ ଯଦି ସବୁଠୁ ଉତ୍କୃଷ୍ଟ ନିବେଶ କ୍ଷେତ୍ର ରହିଥାଏ ତେବେ ତାହା ହେଉଛି ନିଜ ମଧ୍ୟରେ ନିବେଶ କରିବା।
– ୱାରେନ୍ ବଫେଟ୍(ଆମେରିକୀୟ ନିବେଶକାରୀ ଓ ଶିଳ୍ପପତି)



ବିଏସ୍‌ଇ ସେନ୍‌ସେକ୍ସ
୭୭,୫୬୨(+୨୯୪୬)



୧ ଡଲାର = ୯୨.୫୫ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍
(ପ୍ରତି ବ୍ୟାରେଲ୍)
୯୪.୨୭ ଡଲାର

# ଜିଡିପି ଅଭିବୃଦ୍ଧି ଆକଳନ ୬.୯%: ଆର୍‌ବିଆଇ

ନୂଆଦିଲ୍ଲୀ , ୮।୪

୨୦୨୬-୨୭ ଆର୍ଥିକ ବର୍ଷରେ ଦେଶର ଜିଡିପି ଅଭିବୃଦ୍ଧି ୬.୯ ପ୍ରତିଶତ ରହିବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଆକଳନ କରାଯାଇଛି। ବୁଧବାର ମୁଦ୍ରାନୀତି କମିଟି(ଏମ୍‌ପିସି) ବୈଠକ ଶେଷ ହେବା ପରେ ରେପୋ ହାର ଅପରିବର୍ତ୍ତିତ ରଖିବା ନେଇ ଆର୍‌ବିଆଇ ପକ୍ଷରୁ ଘୋଷଣା କରାଯିବା ଚଳିତ ଆର୍ଥିକ ବର୍ଷରେ ଜିଡିପି ଅଭିବୃଦ୍ଧି ସମ୍ପର୍କରେ ଗଭର୍ନର ସଞ୍ଜୟ ମାଲହୋତ୍ରା ସୂଚନା ଦେଇଥିଲେ। ସେ କହିଥିଲେ, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ଆକଳନ ୬.୮ ପ୍ରତିଶତ ରହିଥିଲାବେଳେ ଦ୍ୱିତୀୟ ତ୍ରୈମାସରେ ୬.୭ ପ୍ରତିଶତ, ତୃତୀୟ ତ୍ରୈମାସରେ ୭ ପ୍ରତିଶତ ଏବଂ ୪ର୍ଥ ତଥା ଶେଷ ତ୍ରୈମାସରେ ଅଭିବୃଦ୍ଧି ୭.୨ ପ୍ରତିଶତ ରହିଛି। ପଶ୍ଚିମ ଏସିଆ ଯୁଦ୍ଧ ପରିସ୍ଥିତିକୁ ନେଇ ଜାତୀୟ ଅଭିବୃଦ୍ଧି ଧାରା ପ୍ରଭାବିତ ହୋଇଥିଲେ ହେଁ କେତେକ ପ୍ରମୁଖ କ୍ଷେତ୍ରର ଅର୍ଥନୈତିକ ଅଭିବୃଦ୍ଧି ଧାରା ଅବ୍ୟାହତ ରହିବ ବୋଲି ସେ କହିଥିଲେ। ଯୁଦ୍ଧ ପୂର୍ବରୁ ଜିଡିପି ଅଭିବୃଦ୍ଧି ହାର ୬.୮ରୁ ୭.୨ ପ୍ରତିଶତ ରହିବ ବୋଲି ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି.ଅନନ୍ତ ନାଗେଶ୍ୱରନ୍ ଆକଳନ କରିଥିଲେ।

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ଭୁବନେଶ୍ୱର,୮।୪(ଅନୁରାଧା ମହାରଣା)

ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ଓଡ଼ିଶାର ବିଭିନ୍ନ କାର୍ଯ୍ୟକ୍ଷେତ୍ରଗୁଡ଼ିକରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଚଳିତ ବର୍ଷ 'ସ୍ୱାସ୍ଥ୍ୟ ପାଇଁ ଏକତ୍ରିତ ବିଜ୍ଞାନର ପ୍ରୟୋଗ' ବିଷୟବସ୍ତୁ ଉପରେ ଏହି ଦିବସ ପାଳନ କରାଯାଇଥିଲା। ପାରାଦୀପ କମ୍ପ୍ଲେକ୍ସରେ କର୍ମଚାରୀମାନଙ୍କ ପାଇଁ ଜୁମ୍ବା ଫିଟ୍‌ନେସ୍ କାର୍ଯ୍ୟକ୍ରମ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଓଡ଼ିଶା ଅପରେଶନ୍ସ ମୁଖ୍ୟ ୟୁଏସ୍‌ଆର୍ ରାଜୁ, ପାୱାର ପ୍ଲାଣ୍ଟ ମୁଖ୍ୟ ରାଜର୍ଷି ସିହ୍ନା ଏବଂ ଓଡ଼ିଶା ଆସେଟ୍‌ର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଜିତ ଜେନା ଯୋଗଦେଇଥିଲେ। ଭୁବନେଶ୍ୱର କାର୍ଯ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟକ୍ରମରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ମାନବ ସମ୍ବଳ ପୂର୍ବାଞ୍ଚଳ ମୁଖ୍ୟ ଡ. ଦେବବ୍ରତ ଦାଶ ଉପସ୍ଥିତ ଥିଲେ। କେନ୍ଦୁଝରସ୍ଥିତ ଦାବୁନା ବେନିଫିସିଏଶନ ପ୍ଲାଣ୍ଟରେ ଦାବୁନା ବେନିଫିସିଏଶନ ପ୍ଲାଣ୍ଟର ମୁଖ୍ୟ ଜୟବର୍ଦ୍ଧନ ପରୋହାଙ୍କ ଉପସ୍ଥିତିରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା।

# ଉତ୍ପାଦର ଗୁଣବତ୍ତା ସହ ବୁଝାମଣା କରନ୍ତୁ ନାହିଁ

**୨୦୨୧ରେ ପ୍ରତିଷ୍ଠିତ ଉଦୟନାଥ ରିଟେଲ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ୟୁନିଟ୍ 'ଅର୍ଗାନିକ୍ ମା' ୨୦୨୨ରେ ଭୁବନେଶ୍ୱରର ଡିଏନ୍ ରେଗାଲିଆରୁ ଆରମ୍ଭ ହୋଇଥିଲା। କ୍ରମେ ଏହା ରାଜ୍ୟରେ ବ୍ୟବସାୟ ସମ୍ପ୍ରସାରଣ କରିବାରେ ଲାଗିଛି। ଏହାର ପରିଚାଳନା ନିର୍ଦ୍ଦେଶକ ତଥା ଯୁବୋଦ୍ୟୋଗୀ ଇଂ. ସସ୍ମିତ ରଞ୍ଜନ ସାହୁ ପ୍ରତିଷ୍ଠାନର ସଫଳତାକୁ ଆଗେଇନେବାକୁ ପ୍ରୟାସ ଜାରି ରଖିଛନ୍ତି। ସସ୍ମିତଙ୍କ ଔଦ୍ୟୋଗିକ ଯାତ୍ରା ସମ୍ପର୍କରେ ଏକ ସ୍ୱତନ୍ତ୍ର ସାକ୍ଷାତ୍କାର...**



ଇଂ. ସସ୍ମିତ ରଞ୍ଜନ ସାହୁ




**ପ୍ର- ଅର୍ଗାନିକ୍ ମା' ପ୍ରତିଷ୍ଠା ଚିନ୍ତାଧାରା କିପରି ମନକୁ ଆସିଥିଲା ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ଯାତ୍ରା କିପରି ରହିଛି?**

ଉ- ବ୍ୟକ୍ତି ଜୀବନର କିଛି ଘଟଣାକୁ ନେଇ ଏହି ଉଦ୍ୟୋଗ କରିବା ପାଇଁ ନିଷ୍ପତ୍ତି ନେଇଥିଲି। ୨୦୨୨ରେ ମୋ ମା'ଙ୍କର କ୍ୟାନ୍ସରରେ ଦେହାନ୍ତ ହୋଇଥିଲା। ସେତେବେଳେ ସ୍ୱାସ୍ଥ୍ୟ, ଉତ୍ତମ ଗୁଣବତ୍ତାଯୁକ୍ତ ଖାଦ୍ୟ ଏବଂ ଦୈନନ୍ଦିନ ଜୀବନରେ ଏହାର ପ୍ରଭାବ ସମ୍ପର୍କରେ ଚିନ୍ତା କରିଥିଲି ଏବଂ ମା'ଙ୍କ ଉଦ୍ଦେଶ୍ୟରେ ଅର୍ଗାନିକ୍ ମା' ଆରମ୍ଭ କରିଥିଲି। ଅର୍ଗାନିକ୍ ମା'ର ଲକ୍ଷ୍ୟ ହେଉଛି, ସୁଲଭ ମୂଲ୍ୟରେ ଉଚ୍ଚମାନର ଉତ୍ପାଦ ଯୋଗାଇବା, ଯଦ୍ୱାରା ସ୍ୱାସ୍ଥ୍ୟ ପ୍ରତି ସଚେତନ ଲୋକମାନେ ଆର୍ଥିକ ବୋଝ ବିନା ଉତ୍ତମ ଖାଦ୍ୟ ପାଇପାରିବେ। ସେହିପରି ମହିଳା ସଶକ୍ତୀକରଣ ତଥା ଗ୍ରାମୀଣ ବିକାଶକୁ ଆମେ ଗୁରୁତ୍ୱ ଦେଇଥାଉ। ଆମେ ବିଶ୍ୱାସ କରୁ ଯେ, ଯେତେବେଳେ ଗ୍ରାମୀଣ ସମ୍ପ୍ରଦାୟଗୁଡ଼ିକୁ ଅର୍ଥନୈତିକ ପ୍ରଗତିରେ ସାମିଲ କରାଯାଏ, ସେତେବେଳେ ପ୍ରକୃତ ଅଭିବୃଦ୍ଧି ହୁଏ। ଅର୍ଗାନିକ୍ ମା' ମାଧ୍ୟମରେ ଆମେ ଏପରି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ, ଯେଉଁଠାରେ ମହିଳାମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିପାରିବେ, ଯୋଗଦାନ ଦେଇପାରିବେ ଏବଂ ସମ୍ମାନ ଓ ଆର୍ଥିକ ସ୍ୱାଧୀନତା ସହିତ ଆଗକୁ ବଢ଼ିପାରିବେ।

**ପ୍ର- ଆପଣଙ୍କର ଅର୍ଗାନିକ୍ ମସଲା ଏବଂ ଡ୍ରାଏ ଫ୍ରୁଟସ୍‌ର ଉତ୍ତମ ଗୁଣବତ୍ତା କିପରି ସୁନିଶ୍ଚିତ କରନ୍ତି? ଆଗକୁ ନୂଆ ଉତ୍ପାଦ ବଜାରକୁ ଆଣିବା ଯୋଜନା ରହିଛି କି?**

ଉ- ଅର୍ଗାନିକ୍ ମା'ରେ ସ୍ୱଚ୍ଛତା ଏବଂ ଗୁଣବତ୍ତା ନିୟନ୍ତ୍ରଣ ହେଉଛି ଆମ ବ୍ରାଣ୍ଡର ମୂଳଦୁଆ। ଆମେ ବିଶ୍ୱସ୍ତ ଉତ୍ସରୁ କଞ୍ଚାମାଲ ଚୟନ କରୁ ଏବଂ ସଂଗ୍ରହ, ସଫେଇ, ଗ୍ରେଡିଂ, ପ୍ୟାକେଜିଂ ଓ ସଂରକ୍ଷଣର ପ୍ରତ୍ୟେକ ପର୍ଯ୍ୟାୟ ଉପରେ ନଜର ରଖୁ। ଏହାଦ୍ୱାରା ଉତ୍ପାଦଗୁଡିକର ଶୁଦ୍ଧତା, ସତେଜତା ଏବଂ ପୁଷ୍ଟିକର ମୂଲ୍ୟ ବଜାୟ ରହେ। ଆମେ ଦୈନନ୍ଦିନ ସ୍ୱାସ୍ଥ୍ୟକର ଜରୁରୀ ସାମଗ୍ରୀ, ମୂଲ୍ୟଯୁକ୍ତ ଗ୍ରୋସରି ଓ ପ୍ରାକୃତିକ ଖାଦ୍ୟ ଉତ୍ପାଦଗୁଡ଼ିକର ସମ୍ପ୍ରସାରଣ ଯୋଜନା କରୁଛୁ।

**ପ୍ର- ଭୁବନେଶ୍ୱର ଏବଂ ଓଡ଼ିଶାର ଅନ୍ୟ ସହରରେ ଆପଣଙ୍କର ଦ୍ରୁତ ରିଟେଲ୍ ସମ୍ପ୍ରସାରଣ ପଛରେ କେଉଁ ରଣନୀତି ରହିଛି? ଆଗକୁ ସମ୍ପ୍ରସାରଣ ପାଇଁ କିଛି ନୂଆ ଯୋଜନା ଅଛି କି?**

ଉ- ଗ୍ରାହକମାନେ ଉଚିତ ମୂଲ୍ୟରେ ଉଚ୍ଚମାନର ଉତ୍ପାଦ ପାଇଲେ ବଜାରରେ ଚାହିଦା ସ୍ଥିର ରହିଥାଏ। ଏହି ଆଭିମୁଖ୍ୟ ଓଡ଼ିଶା ସାରା ଅର୍ଗାନିକ୍ ମା'କୁ ଗ୍ରହଣୀୟ କରିବାରେ ସାହାଯ୍ୟ କରିଛି। ବର୍ତ୍ତମାନ ଭୁବନେଶ୍ୱରର ପ୍ରାୟ ୫୦ଟି ଷ୍ଟୋର୍ ଏବଂ ଓଡ଼ିଶାର ରିଲାଏନ୍ସ ରିଟେଲ୍‌ର ୨୫ଟି ଷ୍ଟୋର୍‌ରେ ଆମର ଉତ୍ପାଦ ଉପଲବ୍ଧ। ଆମେ ପ୍ରମୁଖ ଇ-କମର୍ସ ପ୍ଲାଟଫର୍ମ ମାଧ୍ୟମରେ ମଧ୍ୟ ବିସ୍ତାର କରିଛୁ। ବର୍ତ୍ତମାନ ଅର୍ଗାନିକ୍ ମା' ଆମାଜନ, ଫ୍ଲିପକାର୍ଟ, ଜିଓମାର୍ଟରେ ଉପଲବ୍ଧ ହେଉଛି। ଆଗକୁ ବ୍ଲିଙ୍କଇଟ୍ ଏବଂ ବିଗ୍ ବାସ୍କେଟ୍ ସହ ଯୋଡ଼ି ହେବା ପାଇଁ ପ୍ରକ୍ରିୟା ଚାଲିଛି, ଯାହା ଆମର ପହଞ୍ଚକୁ ଆହୁରି ମଜଭୁତ କରିବ।

**ପ୍ର- ଅର୍ଗାନିକ୍ ଏବଂ ସ୍ୱାସ୍ଥ୍ୟକର ସ୍ନାକ୍ସ ବର୍ଗରେ ଆପଣ ଗ୍ରାହକଙ୍କର କେଉଁ ପ୍ରକାରର ପସନ୍ଦ ଲକ୍ଷ୍ୟ କରୁଛନ୍ତି?**

ଉ- ଏହି କ୍ଷେତ୍ରରେ ଗ୍ରାହକମାନେ ଉତ୍ପାଦର ଉପାଦାନ, ସ୍ୱଚ୍ଛତା ଏବଂ ସ୍ୱାସ୍ଥ୍ୟ ଉପକାରିତା ବିଷୟରେ ଅଧିକ ସଚେତନ ହେଉଛନ୍ତି। ଏବେ ଲୋକମାନେ ସଂରକ୍ଷଣମୁକ୍ତ (ପ୍ରିଜରଭେଟିଭ୍-ଫ୍ରି), କ୍ଲିନ୍-ଲେବଲ୍ ଏବଂ ପ୍ରାକୃତିକ ଉପାଦାନରେ ନିର୍ମିତ ସ୍ନାକ୍ସ ପସନ୍ଦ କରୁଛନ୍ତି। ପାରମ୍ପରିକ ଭାରତୀୟ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଯଥା ମିଲେଟ୍ (ମାଣ୍ଡିଆ ଜାତୀୟ ଶସ୍ୟ), ଡ୍ରାଏ ଫ୍ରୁଟସ୍, ନଟସ୍ ଓ ଫ୍ରାଏଡ୍ ଫୁଡ୍‌ର ଲୋକପ୍ରିୟତା ବୃଦ୍ଧି ପାଉଛି।

**ପ୍ର- ଅର୍ଗାନିକ୍ ରିଟେଲ ଶିଳ୍ପରେ କେଉଁ ସବୁ ଆହ୍ୱାନ ରହିଛି ଏବଂ ଯୁବୋଦ୍ୟୋଗୀଙ୍କୁ କ'ଣ ପରାମର୍ଶ ଦେବେ?**

ଉ- ସବୁଠାରୁ ବଡ଼ ଆହ୍ୱାନ ହେଉଛି ମୂଲ୍ୟକୁ ନେଇ ଗ୍ରାହକଙ୍କ ଧାରଣା। ଅନେକ ଭାବନ୍ତି ଯେ ଅର୍ଗାନିକ୍ (ଜୈବିକ) ଉତ୍ପାଦ ସବୁବେଳେ ମହଙ୍ଗା। ଦ୍ୱିତୀୟରେ ସାଧାରଣ ଉତ୍ପାଦ ଏବଂ ଉଚ୍ଚମାନର ଅର୍ଗାନିକ୍ ଉତ୍ପାଦ ମଧ୍ୟରେ ଥିବା ପାର୍ଥକ୍ୟ ବିଷୟରେ ଗ୍ରାହକଙ୍କ ପାଖରେ ଠିକ୍ ଜ୍ଞାନର ଅଭାବ। ଏହାର ସମାଧାନ ପାଇଁ ଆମେ ଗ୍ରାହକଙ୍କ ସଚେତନତା ଏବଂ ଗୁଣବତ୍ତା ଉପରେ ଗୁରୁତ୍ୱ ଦେଉଛୁ। ପାରିବାରିକ ବ୍ୟବସାୟର ମୂଲ୍ୟବୋଧ ଏବଂ ବ୍ୟକ୍ତିଗତ ଜୀବନର ଅନୁଭୂତିରୁ ମୋତେ ପ୍ରେରଣା ମିଳିଛି। ନୂତନ ଉଦ୍ୟୋଗୀଙ୍କ ପାଇଁ କହିବାକୁ ଚାହିଁବି ଯେ ଗ୍ରାହକଙ୍କ ଆବଶ୍ୟକତାକୁ ବୁଝନ୍ତୁ, ଉତ୍ପାଦର ଗୁଣବତ୍ତା ସହିତ କେବେ ବି ବୁଝାମଣା କରନ୍ତୁ ନାହିଁ, ବିଶ୍ୱାସ ସୃଷ୍ଟି କରନ୍ତୁ, ମୂଲ୍ୟ ବ୍ୟାବହାରିକ ରଖନ୍ତୁ ଏବଂ ଧୈର୍ଯ୍ୟବାନ୍ ରୁହନ୍ତୁ। ପ୍ରକୃତ ସଫଳତା ସମସ୍ୟାର ସ୍ଥାୟୀ ସମାଧାନ ଦ୍ୱାରା ମିଳିଥାଏ।

# ରେପୋ ହାର ଅପରିବର୍ତ୍ତିତ

## ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତିକୁ ନେଇ ମହଙ୍ଗା ଭୟ

ନୂଆଦିଲ୍ଲୀ , ୮।୪



ସଞ୍ଜୟ ମାଲହୋତ୍ରା

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ମୁଦ୍ରାନୀତି କମିଟି(ଏମ୍‌ପିସି) ବୈଠକକୁ ନେଇ ଯାହା ଆଶା କରାଯାଉଥିଲା ତାହା ହିଁ ଘଟିଛି। ରେପୋ ହାର ଅପରିବର୍ତ୍ତିତ ରଖିବାକୁ ଏମ୍‌ପିସି ବୈଠକରେ ବୁଧବାର ଘୋଷଣା କରାଯାଇଛି। ଚଳିତ ଆର୍ଥିକ ବର୍ଷ(୨୦୨୬-୨୭)ର ପ୍ରଥମ ଏମ୍‌ପିସି ବୈଠକ ଗତ ୬ ତାରିଖରୁ ଆରମ୍ଭ ହୋଇ ବୁଧବାର ଶେଷ ହୋଇଥିଲାବେଳେ ସାମ୍ପ୍ରତିକ ଅର୍ଥ ବ୍ୟବସ୍ଥାକୁ ନେଇ ଏହି ବୈଠକର ନିଷ୍ପତ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ବିଶେଷକରି ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତିକୁ ନେଇ ଜାତୀୟ ଅର୍ଥନୀତି ପ୍ରଭାବିତ ହୋଇଥିବାରୁ ରିଜର୍ଭ ବ୍ୟାଙ୍କ ସୁଧ (ରେପୋ) ହାର କ'ଣ ରହିବ ତାହାକୁ ନେଇ ବିଭିନ୍ନ ମହଲରେ ଉତ୍କଣ୍ଠା ଲାଗି ରହିଥିଲା। ତେବେ ସାମ୍ପ୍ରତିକ ସ୍ଥିତିକୁ ମୁକାବିଲା କରିବା ଏବଂ ଆଗାମୀ ଦିନରେ ଜାତୀୟ ଅଭିବୃଦ୍ଧି ଧାରାକୁ ସ୍ୱାଭାବିକ ରଖିବା ଲକ୍ଷ୍ୟରେ ଏମ୍‌ପିସି କମିଟି ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ଇରାନ୍ ଓ ଆମେରିକା ମଧ୍ୟରେ ଯୁଦ୍ଧ ବିରତିକୁ ନେଇ କିଛିଟା ବୁଝାମଣା ହେବା ସହ ୧୫ ଦିନ ଲାଗି ଯୁଦ୍ଧବିରତି ଘୋଷଣା କରାଯାଇଛି। ହେଲେ ଯୁଦ୍ଧ ଭୟ ସମ୍ପୂର୍ଣ୍ଣ ଟଳିନାହିଁ। ଏହାକୁ ନେଇ ଜାତୀୟ ଅର୍ଥନୀତି ଉପରେ ଯୁଦ୍ଧର ପ୍ରଭାବ ଅନିଶ୍ଚିତ ହୋଇପଡ଼ିଛି। ସେହିପରି ଚଳିତବର୍ଷ ମୌସୁମୀର ସ୍ୱାଭାବିକତା ଏବଂ କୃଷି ଉତ୍ପାଦନ ଉପରେ ଏହାର ପ୍ରଭାବ ଆଶଙ୍କା ସହ ଯୁଦ୍ଧ ସ୍ଥିତି ଭବିଷ୍ୟତରେ ମହଙ୍ଗା ସ୍ଥିତି ଉତ୍ପନ୍ନ କରିବା ଆଶଙ୍କାକୁ ଦୃଷ୍ଟିରେ ରଖି ରିଜର୍ଭ ବ୍ୟାଙ୍କ ସୁଧ ହାର ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଥିବା କୁହାଯାଇଛି। ଆର୍‌ବିଆଇ 'ୱେଟ୍ ଆଣ୍ଡ ୱାଚ୍' ଭିତ୍ତିରେ 'ନ୍ୟୁଟ୍ରାଲ ଷ୍ଟାନ୍ସ' ନୀତି ଗ୍ରହଣ କରି ରେପୋ ହାର ପୂର୍ବବତ୍ ୫.୨୫ ପ୍ରତିଶତରେ ସୀମିତ ରଖିଛନ୍ତି। ଏ ସମ୍ପର୍କରେ ଆର୍‌ବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରା କହିଛନ୍ତି, ଦେଶର ଅର୍ଥନୀତି ବ୍ୟବସ୍ଥା ସୁଦୃଢ଼ ରହିଥିଲେ ହେଁ ଯୁଦ୍ଧ ପରିସ୍ଥିତିକୁ ନେଇ ଅନେକ ଦିଗରେ ଆହ୍ୱାନ ରହିଛି। ବିଶେଷକରି ଅନ୍ତର୍ଜାତୀୟ ବଜାରରେ ତୈଳ ଓ ଗ୍ୟାସ୍ ଦର ବୃଦ୍ଧି ଏବେ ଖାଉଟିଙ୍କଠାରୁ ଆରମ୍ଭକରି ଶିଳ୍ପ କ୍ଷେତ୍ରକୁ ପ୍ରଭାବିତ କରିଥିବାରୁ ବୃହତର ଦୃଷ୍ଟିରେ ଏହାର ପ୍ରଭାବ ଆର୍ଥିକ ଧାରାକୁ ମଧ୍ୟ ପ୍ରଭାବିତ କରିବା ଆଶଙ୍କା ରହିଛି। ତେଣୁ ସବୁ ଦିଗକୁ ବିଚାରକରି ଆର୍‌ବିଆଇ ରେପୋ ହାର ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛି ବୋଲି ମାଲହୋତ୍ରା କହିଛନ୍ତି। ରେପୋ ଅପରିବର୍ତ୍ତିତ ରହିବା ଦ୍ୱାରା ଖାଉଟି ସ୍ତରରେ କୌଣସି ଲାଭ ନ ମିଳିଲେ ମଧ୍ୟ ବ୍ୟାଙ୍କ ସୁଧ ହାର ଏବଂ କିସ୍ତି ଅପରିବର୍ତ୍ତିତ ରହିବ। ଗ୍ରାହକମାନଙ୍କ ଉପରେ କୌଣସି ଉଚ୍ଚ ସୁଧ ହାର ଚାପ ପଡ଼ିବ ନାହିଁ। ଏହାକୁ ମିଶାଇ ଆର୍‌ବିଆଇ କ୍ରମାଗତ ତୃତୀୟ ଥର ପାଇଁ ରେପୋ ଅପରିବର୍ତ୍ତିତ ରଖିଛି।

ଉଲ୍ଲେଖଯୋଗ୍ୟ, ୨୦୨୫ ଫେବୃଆରୀ ପୂର୍ବରୁ ରେପୋ ହାର କ୍ରମାଗତ ୫ ବର୍ଷ ଧରି ୬.୫ ପ୍ରତିଶତ ରହିଥିଲା। କିନ୍ତୁ ସେହି ମାସରେ ଏଥିରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇ ଏହାକୁ ୬.୨୫ ପ୍ରତିଶତ ରଖାଯାଇଥିଲା। ଏହାର ପରବର୍ତ୍ତୀ ଏମ୍‌ପିସି ବୈଠକରେ ଅର୍ଥାତ୍ ୨୦୨୫ ଏପ୍ରିଲରେ ପୁଣି ରେପୋ ହାରରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇ ଏହାକୁ ୬ ପ୍ରତିଶତ ରଖାଯାଇଥିଲା। ଏହାପରେ ଜୁନ୍‌ରେ ଏହା ୫.୫ ପ୍ରତିଶତକୁ ହ୍ରାସ କରାଯାଇଥିଲାବେଳେ ୨୦୨୫ ଡିସେମ୍ବରରେ ପୁଣି ୨୫ ବେସିସ୍ ପଏଣ୍ଟ ହ୍ରାସରେ ଏହାକୁ ୫.୨୫ ପ୍ରତିଶତ ରଖାଯାଇଥିଲା।

# ଯୁଦ୍ଧବିରତି, ଅପରିବର୍ତ୍ତିତ ରେପୋକୁ ନେଇ ନିବେଶକ ଉତ୍ସାହିତ

## ସେନ୍‌ସେକ୍ସରେ ୨୯୪୬ ପଏଣ୍ଟ ବୃଦ୍ଧି

ମୁମ୍ବାଇ , ୮।୪



ଗତ କିଛିଦିନ ହେଲା ପୂର୍ବ ତୁଳନାରେ ଉତ୍ସାହିତ ରହିଥିବା ଭାରତୀୟ ଶେୟାର ବଜାର ବୁଧବାର ରେକର୍ଡ କରିଛି। ଭିନ୍ନ କାରଣକୁ ନେଇ ନିବେଶକ ଉତ୍ସାହିତ ହୋଇଥିବାବେଳେ ଗୋଟିଏ ପର୍ଯ୍ୟାୟ କାରବାରରେ ବିଏସ୍‌ଇ ସେନ୍‌ସେକ୍ସ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ଶେୟାର ଭଲ ପ୍ରଦର୍ଶନ କରିବା ସହ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) କାରବାରରେ ମଧ୍ୟ ଆଖିଦୃଶିଆ ଉନ୍ନତି ଘଟିଛି। ଇରାନ୍ ବିରୋଧରେ ଆମେରିକା ୧୫ ଦିନ ଯୁଦ୍ଧବିରତି ଘୋଷଣା କରିବା ପରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହ୍ରାସ ପାଇଛି। ଏହାକୁ ନେଇ ବିଦେଶୀ ନିବେଶକ ଉତ୍ସାହିତ ହେବା ସହ ବୈଶ୍ୱିକ ସ୍ତରରେ ଷ୍ଟକ୍ କାରବାର ଉନ୍ନତି ଘଟିଛି। ଏହାର ପ୍ରଭାବରେ ଭାରତୀୟ ଶେୟାର ବଜାରରେ ମଧ୍ୟ ଉତ୍ସାହ ପରିଲକ୍ଷିତ ହୋଇଛି। ଅନ୍ୟପକ୍ଷରେ ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ହାର ଅପରିବର୍ତ୍ତିତ ରଖିବା ଘୋଷଣା କରାଯିବା ପରେ ଘରୋଇ ନିବେଶକ ଆହୁରି ଉତ୍ସାହିତ ହୋଇପଡ଼ିଛନ୍ତି। ଏହାକୁ ନେଇ ବୁଧବାର ଉଭୟ ଷ୍ଟକ୍ ଏକ୍ସଚେଞ୍ଜ କାରବାରରେ ବୃଦ୍ଧି ଘଟିଛି। ବିଏସ୍‌ଇ ସେନ୍‌ସେକ୍ସରେ ୨୯୪୬ ପଏଣ୍ଟ ବୃଦ୍ଧି ଘଟି କାରବାର ଶେଷ ବେଳକୁ ଏହା ୭୭,୫୬୨ ପଏଣ୍ଟରେ ବନ୍ଦ ରହିଛି। ସେହିପରି ନିଫ୍ଟି ମଧ୍ୟ ୮୭୩ ପଏଣ୍ଟ ବୃଦ୍ଧିରେ କାରବାର ଶେଷ ସୁଦ୍ଧା ୨୩,୯୯୭ ପଏଣ୍ଟରେ ବନ୍ଦ ରହିଥିବା ଜଣାପଡ଼ିଛି। ରେପୋ ହାର ଅପରିବର୍ତ୍ତିତ ରଖାଯାଇଥିବାରୁ ରିଅଲ ଇଷ୍ଟେଟ୍, ବ୍ୟାଙ୍କିଙ୍ଗ୍, ଅଟୋମୋବାଇଲ ଏବଂ ଫାଇନାନ୍ସିଆଲ ଷ୍ଟକ୍ କାରବାରରେ ସର୍ବାଧିକ ବୃଦ୍ଧି ଘଟିଥିବା କୁହାଯାଇଛି।

# ଓଡ଼ିଶା ବଜାରରେ ରେନୋ ଇଣ୍ଡିଆର ନୂଆ ଡଷ୍ଟର

ଫୁଲନଖରା ,୮।୪
(ସତ୍ୟରଞ୍ଜନ ଦାସମହାପାତ୍ର )




ଓଡ଼ିଶା ବଜାରରେ ବହୁ ପ୍ରତୀକ୍ଷିତ ନୂଆ ରେନୋ ଡଷ୍ଟରର ବୁଧବାର ବଜାର ପ୍ରବେଶ ହୋଇଛି। ପାହାଳସ୍ଥିତ ସେଣ୍ଟ୍ରାଲ ରେନୋ ଶୋ'ରୁମ୍‌ରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ପରିବହନ କମିଶନର ଅମିତାଭ ଠାକୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ଦମ୍‌ଦାର ଟର୍ବୋ ପେଟ୍ରୋଲ ଇଞ୍ଜିନ ସହ ଆସିଥିବା ଏହି ଯାନର ପ୍ରାରମ୍ଭିକ ମୂଲ୍ୟ ୧୦.୪୯ ଲକ୍ଷ ଟଙ୍କା ରଖାଯାଇଛି। ଆର୍-ପାସ୍ ମାଧ୍ୟମରେ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଦିଆଯାଉଥିବା ୧୦.୨୯ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ଆଗୁଆ ବରାଦ ଅଫର ଶେଷ ହୋଇଯାଇଥିବା ବେଳେ କମ୍ପାନୀ ପକ୍ଷରୁ ଦେଶବ୍ୟାପୀ ଗାଡ଼ିର ବିକ୍ରି ଏବଂ ହସ୍ତାନ୍ତର ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି। ନୂଆ ଡଷ୍ଟରକୁ ରେନୋ ଗ୍ରୁପ୍ ପକ୍ଷରୁ ସ୍ୱତନ୍ତ୍ର ଢାଞ୍ଚା ଉପରେ ପ୍ରସ୍ତୁତ କରାଯାଇଛି। ଏହାର ଟର୍ବୋ ଇଞ୍ଜିନ ୧୬୩ ପିଏସ୍ ଶକ୍ତି ଏବଂ ୨୮୦ ଏନ୍‌ଏମ୍ ଟର୍କ ପ୍ରଦାନ କରୁଛି। ଏହାଛଡ଼ା ଉନ୍ନତ ଆଲୋକ ବ୍ୟବସ୍ଥା, ତାପମାତ୍ରା ନିୟନ୍ତ୍ରଣ ବ୍ୟବସ୍ଥା ସହ ୧୭ଟି ସୁରକ୍ଷା ବୈଶିଷ୍ଟ୍ୟ ଏବଂ ୪ ଦିଗ ଦେଖିପାରିବା ଭଳି କ୍ୟାମେରା ସୁବିଧା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପରିବହନ କମିଶନର ଦୀପ୍ତିରଞ୍ଜନ ପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏଥିସହ ରେନୋ ଇଣ୍ଡିଆର ପ୍ରତିନିଧି ସୌମ୍ୟଜିତ୍ ଦାଶ, ପରିଚାଳନା ନିର୍ଦ୍ଦେଶକ ବିଶାଲ ଧାୱନ ଏବଂ ନିର୍ଦ୍ଦେଶକ ଆଦର୍ଶ ଧାୱନ ପ୍ରମୁଖ ଯୋଗଦେଇ ନୂଆ ଡଷ୍ଟରର ବିଶେଷତ୍ୱ ସମ୍ପର୍କରେ ଗ୍ରାହକମାନଙ୍କୁ ସୂଚନା ଦେଇଥିଲେ।

# ଏଣିକି ହ୍ୱାଟ୍‌ସଆପ୍‌ରେ ହେବ ବିଦ୍ୟୁତ୍ ବିଲ୍ ପୈଠ

## ପେ-ଲୋକାଲ, ଟିପିସିଓଡିଏଲ୍‌ର ସହଭାଗିତା

ଭୁବନେଶ୍ୱର,୮।୪(ଅନୁରାଧା ମହାରଣା)

ରାଜ୍ୟରେ ପ୍ରଥମ ଥର ପାଇଁ ହ୍ୱାଟ୍‌ସଆପ୍ ଜରିଆରେ ବିଦ୍ୟୁତ୍ ବିଲ୍ ପୈଠ ସୁବିଧା ଆରମ୍ଭ ହୋଇଛି। ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ଓ ପେ-ଲୋକାଲ ଫିନ୍‌ଟେକ୍ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଏନେଇ ସହଭାଗିତା ହୋଇଛି। ଏହା ଫଳରେ ଉପଭୋକ୍ତାମାନେ ଏବେ ସିଧାସଳଖ ହ୍ୱାଟ୍‌ସଆପ୍ ମାଧ୍ୟମରେ ସେମାନଙ୍କର ବିଦ୍ୟୁତ୍ ବିଲ୍ ଦେଖିପାରିବେ ଏବଂ ବିଲ୍ ପୈଠ ମଧ୍ୟ କରିପାରିବେ, ଯାହାଦ୍ୱାରା ସେମାନଙ୍କୁ ପେମେଣ୍ଟ ସେଣ୍ଟରକୁ ଯିବାକୁ କିମ୍ବା ଅଲଗା ଅଲଗା ଆପ୍ ବ୍ୟବହାର କରିବାକୁ ପଡ଼ିବ ନାହିଁ। ଏହି ବ୍ୟବସ୍ଥା ଏକ ସହଜ, ସୁରକ୍ଷିତ ଏବଂ ଉପଭୋକ୍ତାଙ୍କ ବ୍ୟବହାର ପାଇଁ ଅନୁକୂଳ ଇଣ୍ଟରଫେସ୍ ପ୍ରଦାନ କରିବ। ଉପଭୋକ୍ତାମାନେ ବିଲ୍ ବିବରଣୀ ଦେଖିବା ସହ ପେମେଣ୍ଟ ରିମାଇଣ୍ଡର ପାଇପାରିବେ ଏବଂ ଏକାଧିକ ପେମେଣ୍ଟ ବିକଳ୍ପ ବ୍ୟବହାରକରି ତୁରନ୍ତ ଟଙ୍କା ଜମା କରିପାରିବେ। ବିଶେଷକରି ଅର୍ଦ୍ଧ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଏହି ଅଭିଯାନକୁ ଆହୁରି ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି। ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂ କହିଛନ୍ତି, ଲୋକପ୍ରିୟ ମାଧ୍ୟମ ହ୍ୱାଟ୍‌ସଆପ୍‌କୁ ବ୍ୟବହାରକରି ଆମେ ଡିଜିଟାଲ କ୍ଷେତ୍ରରେ ଥିବା ବ୍ୟବଧାନକୁ ଦୂରକରିବାକୁ ଚାହୁଁଛୁ ଏବଂ ଉପଭୋକ୍ତାମାନଙ୍କୁ ସରଳ ପେମେଣ୍ଟ ସୁବିଧା ମାଧ୍ୟମରେ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ପେ-ଲୋକାଲ୍‌ର ସିଇଓ ବିବେକାନନ୍ଦ ତ୍ରିପାଠୀ କହିଛନ୍ତି, ହ୍ୱାଟ୍‌ସଆପ୍ ପରି ଏକ ଶକ୍ତିଶାଳୀ ଏବଂ ପରିଚିତ ମାଧ୍ୟମ ସାହାଯ୍ୟରେ, ଆମେ ଲକ୍ଷ ଲକ୍ଷ ଉପଭୋକ୍ତାଙ୍କୁ ସେମାନଙ୍କର ବିଦ୍ୟୁତ୍ ବିଲ୍ ସହଜରେ, ସୁରକ୍ଷିତ ଭାବେ ଏବଂ ବିନା କୌଣସି ଅସୁବିଧାରେ ପୈଠ କରିବାର ସୁଯୋଗ ପ୍ରଦାନ କରୁଛୁ। ଭବିଷ୍ୟତରେ ଟିପିସିଓଡିଏଲ୍ ଡିଜିଟାଲ ସେବାର ପ୍ରସାର ପାଇଁ କ୍ୟୁଆର କୋଡ୍, ଚାଟ୍‌ବଟ୍ ସେବା ଏବଂ ଉପଭୋକ୍ତାଙ୍କ ପାଇଁ ସ୍ୱତନ୍ତ୍ର ଯୋଗାଯୋଗ ବ୍ୟବସ୍ଥା ଭଳି ସୁବିଧାକୁ ଆହୁରି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି।

# ମାଲାବାରର ସିଏସ୍‌ଆର୍ କାର୍ଯ୍ୟକ୍ରମର ଶୁଭାରମ୍ଭକଲେ ଉପମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୮।୪(ଅନୁରାଧା ମହାରଣା)

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଏହାର ପୂର୍ବାଞ୍ଚଳ ବୃତ୍ତି କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ ଶୁଭାରମ୍ଭ କରିଛନ୍ତି। ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଏହାର ୨୦୦ କୋଟି ଟଙ୍କାର ଜାତୀୟ ସିଏସ୍‌ଆର୍ ପ୍ରତିଶ୍ରୁତିର ଅଂଶ ସ୍ୱରୂପ ଏହି ପଦକ୍ଷେପ ୧.୮ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ସହ ୨,୦୦୦ ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ କରିବ। ଏହି ଜାତୀୟ ସିଏସ୍‌ଆର୍ କାର୍ଯ୍ୟକ୍ରମ ୧୯ଟି ରାଜ୍ୟରେ ୩,୦୦୦ରୁ ଅଧିକ ସ୍ଥାନରେ ୨ ଲକ୍ଷରୁ ଅଧିକ ଲୋକ ଉପକୃତ ହେବେ ବୋଲି ଆଶା କରାଯାଉଛି। ଓଡ଼ିଶାରେ ୧୮୩ଟି ମାଇକ୍ରୋ-ଲର୍ଣ୍ଣିଂ ସେଣ୍ଟର ୫,୭୩୮ ଛାତ୍ରୀଛାତ୍ରଙ୍କୁ ସହାୟତା କରୁଛି। ଏହା ସହ ୫ଟି ସ୍ଥାନରେ ଦୈନିକ ୫,୦୧୭ ଭୋଜନ ଦିଆଯାଉଛି। ୧୩୨ଟି ପାନୀୟ ଜଳ କୂପ ଦ୍ୱାରା ୨,୫୧୧ ଜଣ ଉପକୃତ ହୋଇଛନ୍ତି। ପଶ୍ଚିମବଙ୍ଗରେ ଗ୍ରୁପ୍ ୧୯୨ଟି ମାଇକ୍ରୋ-ଲର୍ଣ୍ଣିଂ ସେଣ୍ଟର ଚଳାଉଛି ଯାହା ୭,୫୦୧ ଛାତ୍ରୀଛାତ୍ରଙ୍କୁ ସହାୟତା ଦିଆଯାଉଛି। ୨ଟି ସ୍ଥାନରେ ଦୈନିକ ୬,୨୯୨ଟି ଭୋଜନ ପ୍ରଦାନ କରାଯାଉଥିବାବେଳେ ୪୦୨ଟି ପାନୀୟ ଜଳ କୂପ ନିର୍ମାଣ କରାଯାଇଛି ଯାହା ୯,୪୪୬ ଜଣ ଉପକୃତ ହେଉଛନ୍ତି। କାର୍ଯ୍ୟକ୍ରମରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ଜ୍ୟୋତ୍ସ୍ନା କେ.ବି. ରାଉତ, ସିଡିଜିସି ପ୍ରଫେସର ଚଣ୍ଡୀ ଚରଣ ରଥ, ରେଜିଷ୍ଟ୍ରାର ମନସ୍ୱିନୀ ସାହୁ, ଉତ୍କଳ ବିଲ୍ଡରର ପ୍ରତିଷ୍ଠାତା ସୁବାସ ଚନ୍ଦ୍ର ଭୁରା, ମାଲାବାର ଗୋଲ୍ଡ ଡାଇମଣ୍ଡର ଡିଜିଏମ୍ (ଅପରେଶନ ଆଣ୍ଡ ବିଜ୍‌ନେସ୍ ଡେଭେଲପ୍‌ମେଣ୍ଟ) ଅମିତ ରାଉତ, ରିଜିଓନାଲ ହେଡ୍ (ଇଷ୍ଟ) ଥାହସିଲ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ। ସିଏସ୍‌ଆର୍ କାର୍ଯ୍ୟକ୍ରମ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍ ପି ଅହମ୍ମଦ କହିଛନ୍ତି, ଉଭୟ ବ୍ୟକ୍ତିଗତ ଓ ସାମାଜିକ ସ୍ତରରେ ଦୀର୍ଘକାଳୀନ ପ୍ରଭାବ ସୃଷ୍ଟିକରିବା ପାଇଁ ଶିକ୍ଷା ଏକ ଅତି ପ୍ରଭାବଶାଳୀ ମାଧ୍ୟମ।

# ଖଣ୍ଡଗିରିରେ ତନିସ୍କର ନୂଆ ଶୋ'ରୁମ୍

ଭୁବନେଶ୍ୱର,୮।୪(ଅନୁରାଧା ମହାରଣା)

ଟାଟା ହାଉସର ଭାରତର ସର୍ବବୃହତ ଅଳଙ୍କାର ଖୁଚୁରା ବ୍ରାଣ୍ଡ ତନିସ୍କ ଭୁବନେଶ୍ୱରର ଖଣ୍ଡଗିରିରେ ଏହାର ନୂତନ ନବୀକରଣ ଷ୍ଟୋରକୁ ପୁନର୍ବାର ଖୋଲିଛି। ବୁଧବାର ଟାଇଟାନ କମ୍ପାନୀ ଲିମିଟେଡର ପୂର୍ବାଞ୍ଚଳ ବ୍ୟବସାୟ ମୁଖ୍ୟ. ସାହ ଗୌରବ କ୍ରିଷ୍ଣା ଏବଂ ଟାଇଟାନ କମ୍ପାନୀ ଲିମିଟେଡର ତନିସ୍କ କ୍ଲଷ୍ଟର ବ୍ୟବସାୟ ମୁଖ୍ୟ. ଆଲୋକ ରଞ୍ଜନ ଏହି ଷ୍ଟୋରକୁ ଉଦଘାଟନ କରିଥିଲେ। ଏହି ଅବସରରେ ଷ୍ଟୋର ପକ୍ଷରୁ ସ୍ୱତନ୍ତ୍ର ଅଫର୍ ଘୋଷଣା କରାଯାଇଥିଲା। ଗ୍ରାହକମାନେ ସ୍ୱତନ୍ତ୍ର ଅକ୍ଷୟ ତୃତୀୟା ଅଫରରେ ମେକିଙ୍ଗ୍ ଚାର୍ଜରେ ୨୦% ପର୍ଯ୍ୟନ୍ତ ରିହାତି ଏବଂ ସୁନା ଅଳଙ୍କାର କ୍ରୟ ଉପରେ ଗ୍ରାମ ପିଛା ଫ୍ଲାଟ୍ ୨୦୧ ଟଙ୍କା ପାଇପାରିବେ। ଏହି ଅଫର ଏପ୍ରିଲ ୧୦ରୁ ୨୦ ପର୍ଯ୍ୟନ୍ତ ବୈଧ ରହିବ। ତନିସ୍କର ମୃଗାଙ୍କ, ଡୋ, ଅବୀର, ହ୍ୟୁଜ୍, ରିଭା କଲେକ୍ସନ ଗ୍ରାହକଙ୍କୁ ଆକୃଯେ କରିବ ବୋଲି ଆଶା କରାଯାଉଛି।

କାର୍ଯ୍ୟକ୍ରମରେ ବିଜେନଶ୍ ଆସୋସିଏଟ୍ ମଞ୍ଜିତ ସିଂ ଏବଂ ବିଜିନେଶ୍ ମ୍ୟାନେଜର ଅରିନ୍ଦମ୍ ପରମାଣିକ ପ୍ରମୁଖ ଉପସ୍ଥିତ ଥିଲେ।



## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱଜିତ୍



@ ଗଣେଶ



@ ମନୀଷ



@ ରୀନା



@ ସ୍ୱାଗତିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦ୍ୱିତୀୟ ପର୍ଯ୍ୟାୟ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ଆରମ୍ଭ

## ସମୟ ଲାଗୁ ପଛେ ଗଣତିମଣତି ଭଲରେ ହେଉ: ଗଜପତି

ପୁରୀ,୮।୪(ଅଜିତ୍ କୁମାରମହାନ୍ତି)

ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଆଧାରରେ ରତ୍ନଭଣ୍ଡାର ଗଣତିମଣତିର ଦ୍ୱିତୀୟ ପର୍ଯ୍ୟାୟ ବୁଧବାର ଠାରୁ ଆରମ୍ଭ ହୋଇଯାଇଛି। ସକାଳୁ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟ ପୁନଃ ଆରମ୍ଭ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଦିନର ଗଣତିମଣତି ପରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ଗଣମାଧ୍ୟମକୁ ସୂଚନା ପ୍ରଦାନ କରି କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦରୁ ସବୁ କିଛି ଠିକ୍‌ଠାକ୍ ଚାଲିଛି। ସମୟ ଲାଗୁ ପଛେ ମହାପ୍ରଭୁଙ୍କ କାମ ଭଲରେ ହେଉ।

ଗଜପତି ମହାରାଜ କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ଶୁଭ ଦିବସରେ ବାହାର ରତ୍ନଭଣ୍ଡାର ଗଣତିମଣତି ଆରମ୍ଭ ହୋଇଛି। ସମସ୍ତେ ମହାପ୍ରଭୁଙ୍କ ଦର୍ଶନ ସରିଲା ପରେ ବାହାର ରତ୍ନଭଣ୍ଡାର ଅନୁଧ୍ୟାନ କରିଥିଲୁ। ସରକାରଙ୍କ ଦ୍ୱାରା ଗଠିତ କମିଟି, ଅଧିକାରୀ ଏବଂ ସେବାୟତ ଏଥିରେ ଉପସ୍ଥିତ ଥିଲେ। ଏସ୍‌ଓପି ଅନୁସାରେ ଗଣତିମଣତି ଆରମ୍ଭ ହୋଇଛି। ପ୍ରତ୍ୟେକ ମୂଲ୍ୟବାନ ଜିନିଷ ଥ୍ରୀଡି ମ୍ୟାପିଂ କରାଯାଉଛି। ଏହାଦ୍ୱାରା ପୂର୍ଣ୍ଣ ଛବି ମିଳିପାରିବ। ମହାପ୍ରଭୁଙ୍କର ଅଳଙ୍କାର ମୂଲ୍ୟାଙ୍କନ ପାଇଁ ଯୋଜନା ନାହିଁ। ମହାପ୍ରଭୁଙ୍କ ଗହଣାର ବିସ୍ତୃତ ବିବରଣୀ ରଖାଯାଉଛି, ଯାହାଦ୍ୱାରା ଭବିଷ୍ୟତରେ କୌଣସି ଅସୁବିଧା ହେବ ନାହିଁ। ବାହାର ରତ୍ନଭଣ୍ଡାର ଗଣତିମଣତି ପରେ ଭିତର ରତ୍ନଭଣ୍ଡାରର ଗଣତି ହେବ। ଆଜି ମହାପ୍ରଭୁଙ୍କ ଦର୍ଶନରେ କୌଣସି ଅସୁବିଧା ନାହିଁ। ମହାପ୍ରଭୁଙ୍କ କୃପାରୁ ସବୁକିଛି ଠିକ୍‌ଠାକ ଚାଲିଛି। ଗଣତିମଣତିର ସମୟ ସୀମା ନାହିଁ। ଶ୍ରଦ୍ଧାଳୁମାନେ ଭଲଭାବରେ ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି, ମହାପ୍ରଭୁଙ୍କ ଇଚ୍ଛା ଅନୁସାରେ ଏହି କାମ ସମ୍ପାଦିତ ହେବ। ପର୍ବଦିନଗୁଡ଼ିକ ଗଣତିମଣତି ହୋଇପାରିବ ନାହିଁ। ଯେଉଁଦିନ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କର ଭିଡ଼ ରହିବ, ସେଦିନ ଗଣତିମଣତି ସ୍ଥଗିତ ରଖାଯିବ।

ପୂର୍ବ ନିଷ୍ପତ୍ତି ଅନୁଯାୟୀ କଡ଼ା ସୁରକ୍ଷା ମଧ୍ୟରେ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି ହୋଇଥିଲା। ଗଣତି ପାଇଁ ପ୍ରାଧିକୃତ ସଦସ୍ୟମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାକକ୍ଷଠାରେ ଧାର୍ଯ୍ୟ ସମୟରେ ପହଞ୍ଚିଥିଲେ।

ପ୍ରାଧିକୃତ ସଦସ୍ୟମାନେ ରତ୍ନଭଣ୍ଡାର ସମ୍ପର୍କିତ ତଥ୍ୟର ଗୋପନୀୟତା ରକ୍ଷା ପାଇଁ ଘୋଷଣାନାମା ଦେବାପରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏବଂ ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ନେତୃତ୍ୱରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ, ଅଧିକୃତ ବରିଷ୍ଠ ଅଧିକାରୀ, ଛତିଶା ନିଯୋଗ ନାୟକ, ରତ୍ନଭଣ୍ଡାର ସବ କମିଟି ସେବକ ସଦସ୍ୟ ଏବଂ ସମସ୍ତ ସହଯୋଗୀ ପୂର୍ବାହ୍ନ ୧୦ଟା ୩୦ରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ପ୍ରବେଶ ପୂର୍ବରୁ ପ୍ରାଧିକୃତ ସମସ୍ତ ସଦସ୍ୟ ପାରମ୍ପରିକ ପୋଷାକ ପରିଧାନ କରିଥିଲେ। ଶୃଙ୍ଖଳାର ସହ ସମ୍ପାଦନ ପାଇଁ ଆଶିଷ ନେବାକୁ ମୁଖ୍ୟ ପ୍ରଶାସକ ସମସ୍ତ ସହଯୋଗୀ ସଦସ୍ୟବୃନ୍ଦଙ୍କ ସହ ମା’ ବିମଳା, ମା’ ଭୁବନେଶ୍ୱରୀ, ମା’ ବେଢ଼ା କାଳୀ ଓ ଶେଷରେ ମା’ ଲକ୍ଷ୍ମୀ ଠାକୁରାଣୀଙ୍କ ଦର୍ଶନ କରି ଆଶିଷ ନେଇଥିଲେ। ପରେ ବେହରଣ ଦ୍ୱାର ନିକଟରେ ସୁରକ୍ଷା ଦୃଷ୍ଟିରୁ ସ୍ଥାପିତ ମେଟାଲ ଡିଟେକ୍ଟର ଦ୍ୱାରା ଯାଞ୍ଚ ପୂର୍ବକ ଗଣତି ପ୍ରକ୍ରିୟାରେ ସାମିଲ୍ ସଦସ୍ୟମାନେ ଭିତରକୁ ପ୍ରବେଶ କରିଥିଲେ। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୂର୍ବାହ୍ନ ୧୧ଟା ୫୫ରେ ବାହାର ରତ୍ନଭଣ୍ଡାର ଖୋଲାଯାଇଥିଲା। ବାହାର ରତ୍ନଭଣ୍ଡାରରୁ ଭଣ୍ଡାର ମେକାପ ଯୋଗାଉଥିବା ଅଳଙ୍କାର ଆଦିର ଗଣତି ପ୍ରକ୍ରିୟାରେ ସାମିଲ ବଣିଆ ସଦସ୍ୟ, ଜେମୋଲୋଜିଷ୍ଟ ଏବଂ ଓଜନମାପ ଅଧିକାରୀ ସଦସ୍ୟବୃନ୍ଦଙ୍କ ଯାଞ୍ଚ ପୂର୍ବକ ଠିକ୍ ଢଙ୍ଗରେ ଅଳଙ୍କାରଗୁଡ଼ିକର ଫଟୋଗ୍ରାଫି, ଭିଡିଓଗ୍ରାଫି ସହ ଇ-କାଟାଲଗ୍ କରାଯାଇଥିଲା। ଆଜିର ରତ୍ନଭଣ୍ଡାର ଗଣତି ପ୍ରକ୍ରିୟା ଶେଷ ପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଦ୍ୱାର ବନ୍ଦ କରାଯାଇ ମୁଦ ଦିଆଯାଇଥିଲା। ଉକ୍ତ ପ୍ରକ୍ରିୟାର ସମସ୍ତ ରେକର୍ଡିଂ ଡାଟା ଚିପ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶାଖା କାର୍ଯ୍ୟାଳୟ ଷ୍ଟ୍ରଙ୍ଗ ରୁମ୍‌ରେ ସୁରକ୍ଷିତ ଭାବେ ରଖାଯାଇଛି। ସମସ୍ତ ନିୟମ ପାଳନ ପୂର୍ବକ ଆଜିର ଗଣତି ପ୍ରକ୍ରିୟା ନିର୍ବିଘ୍ନରେ ଶେଷ ହୋଇଥିବାରୁ ସେବକ, ନିୟୋଜିତ ଅଧିକାରୀ, ବ୍ୟକ୍ତିବିଶେଷ ତଥା ଭକ୍ତଙ୍କର ଅକୁଣ୍ଠିତ ସହଯୋଗ ପାଇଁ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ଗଣତି ପ୍ରକ୍ରିୟାରେ ଗଜପତି ମହାରାଜାଙ୍କ ତଦାରଖ





ଗଣତିମଣତି ପୂର୍ବରୁ ସିଂହଦ୍ୱାରରେ ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ସମେତ ଅଧିକାରୀମାନେ ମହାପ୍ରଭୁଙ୍କୁ ପ୍ରଣାମ କରୁଛନ୍ତି। ରତ୍ନ ଭଣ୍ଡାର ତଦାରଖ କରି ଫେରୁଛନ୍ତି ଗଜପତି ମହାରାଜ ଦିବ୍ୟସିଂହ ଦେବ।

# ମହାପ୍ରଭୁଙ୍କ ଚାପ ଡଙ୍ଗାରେ ଚପଲ ପିନ୍ଧି ରିଲ୍ସ

ପୁରୀ,୮।୪(ଅଜିତ୍ କୁମାର ମହାନ୍ତି)

ନରେନ୍ଦ୍ର ପୁଷ୍କରଣୀଠାରେ ଥିବା ମହାପ୍ରଭୁଙ୍କ ଚାପ ଡଙ୍ଗାରେ ବସି ଦୁଇ ଯୁବକ ଓ ଯୁବତୀ ରିଲ୍ସ କରୁଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି। ପବିତ୍ର ଅକ୍ଷୟ ତୃତୀୟାଠାରୁ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହେବ। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କ ସହ ଶ୍ରୀଦେବୀ ଭୂଦେବୀ, ଶ୍ରୀରାମକୃଷ୍ଣ ଏବଂ ପଞ୍ଚ ମହାଦେବ ନରେନ୍ଦ୍ର ପୁଷ୍କରଣୀକୁ ଯାଇ ନନ୍ଦା ଭଦ୍ରା ଚାପ ଡଙ୍ଗାରେ ବସି ନୌକା ବିହାର କରିବେ। ତେଣୁ ପରମ୍ପରା ଅନୁଯାୟୀ ନରେନ୍ଦ୍ର ପୁଷ୍କରଣୀ ପାଣି ଭିତରୁ ଭୋଇ ସେବକମାନେ ଡଙ୍ଗାଗୁଡ଼ିକୁ ଉପରକୁ କାଢ଼ିଛନ୍ତି। ତେବେ ଉକ୍ତ ଡଙ୍ଗା ଉପରେ ଜଣେ ଯୁବକ ଓ ଜଣେ ଯୁବତୀ ବସି ଆଧୁନିକ ଗୀତରେ ରିଲ୍ସ କରୁଥିବା ଦେଖିବାକୁ ମିଳିଛି। ଦୁଃଖର କଥା ଉଭୟ ଚପଲ ପିନ୍ଧି ଚାପ ଡଙ୍ଗାରେ ବସି ରିଲ୍ସ କରିଥିଲେ। ସ୍ଥାନୀୟ ଲୋକେ ବାରଣ କରିଥିଲେ ମଧ୍ୟ ସେମାନେ କିଛି ଶୁଣି ନ ଥିଲେ, ଯାହା ଜଗନ୍ନାଥ ପ୍ରେମୀ ଭକ୍ତଙ୍କୁ ଆଘାତ ଦେଇଛି। ପ୍ରଶ୍ନ ଉଠୁଛି ଯୁବକ ଯୁବତୀ ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗୁଥିବା ଡଙ୍ଗାକୁ ଚପଲ ପିନ୍ଧି କପରି ଗଲେ, ସେଠାରେ ଥିବା ଅନ୍ୟମାନେ ସେମାନଙ୍କୁ କାହାକି ବାରଣ କଲେ ନାହିଁ। ସୋସିଆଲ ମିଡିଆରେ ଏହାର ଭିଡିଓ ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଛି। ପ୍ରଶାସନ ଏନେଇ ଉଭୟଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ଜାତିଆଣ ଆକ୍ଷେପ ସହ ହତ୍ୟା ଉଦ୍ୟମ ଘଟଣାରେ ୨ଗିରଫ

ଭୁବନେଶ୍ୱର,୮।୪(ପ୍ରସନଜିତ୍ ସାହୁ)

ଜଟଣୀ ଥାନା ଅନ୍ତର୍ଗତ ପଦନପୁର ଅଞ୍ଚଳରେ ଜାତିଆଣ ଆକ୍ଷେପ ସହ ବିସ୍ଫୋରଣ ସାମଗ୍ରୀ ଫିଙ୍ଗି ହତ୍ୟା ଉଦ୍ୟମ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ବୁଧବାର ଭୁବନେଶ୍ୱର ରେଳ ଷ୍ଟେଶନ ନିକଟରୁ ଗିରଫ କରିଛି। ସେମାନେ ହେଲେ ପଦନପୁର ଗ୍ରାମର ଚନ୍ଦ୍ରକାନ୍ତ ହରିଚନ୍ଦନ ଓ ପ୍ରଣବ କୁମାର ମହାନ୍ତି। ଚନ୍ଦ୍ରକାନ୍ତଙ୍କ ନିକଟରୁ ଏକ ବାଇକ ଜବତ କରାଯାଇଥିବାବେଳେ ପୋଲିସ ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ପଦନପୁର ଗ୍ରାମର ମହେଶ୍ୱର ନାୟକ(୨୯) ମାର୍ଚ୍ଚ ୬ରେ ଗ୍ରାମର ଆଶିଷ ନାୟକ ଏବଂ କୃଷ୍ଣ ନାୟକଙ୍କ ସହିତ ମେଳଣ ଦେଖିବାକୁ ଯାଇଥିଲେ। ବାଟରେ ପଦନପୁର ସ୍କୁଲ ନିକଟରେ ଉକ୍ତ ଗ୍ରାମର ଚନ୍ଦ୍ରକାନ୍ତ ଓ ପ୍ରଣବ ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ବିସ୍ଫୋରକ ଫିଙ୍ଗିଥିଲେ। ପୋଲିସ ମାମଲା( ନଂ. ୧୧୯/୨୬ )ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

No. 10001/24/2627

## ଅଂଶୁଘାତ ସତର୍କତା

### ଲକ୍ଷଣ

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



### ସତର୍କତା

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

### ପ୍ରତିକାର

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଜାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

OIPR-10001/10003/2/26-27/0002

# ନିରାକାରପୁର ରେଳଷ୍ଟେଶନରୁ ଶିଶୁପୁତ୍ର ଚୋରି

### ମା’ବାପାଙ୍କ ସହ ରାତ୍ରି ବିଶ୍ରାମ ନେଉଥିଲେ

- ଅଭିଯୋଗ ଶୁଣିଲାନି ପୋଲିସ, ଆର୍‌ପିଏଫ୍
- ଜିଆର୍‌ପି ପକ୍ଷରୁ ସିସିଟିଭି ଯାଞ୍ଚ ସହ ତଦନ୍ତ ଜାରି

ନିରାକାରପୁର,୮।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ନିରାକାରପୁର ରେଳଷ୍ଟେଶନରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ଲାଟ୍‌ଫର୍ମରେ ମା’ବାପାଙ୍କ ସହ ୪ ମାସର ଶିଶୁପୁତ୍ର ରାତ୍ରି ବିଶ୍ରାମ ନେଉଥିବାବେଳେ ଶିଶୁପୁତ୍ରକୁ କେହି ଚୋରେଇ ନେଇଥିବା ନେଇ ବୁଧବାର ନିରାକାରପୁର ଜିଆର୍‌ପି ଫାଣ୍ଡିରେ ଅଭିଯୋଗ କରାଯାଇଛି। ପୋଲିସ ଏକ ମାମଲା (ନଂ. ୩୧/୨୬) ରୁଜୁ କରି ରେଳଷ୍ଟେଶନ ସଂଲଗ୍ନ ଅଞ୍ଚଳରେ ଲାଗିଥିବା ସିସିଟିଭିଗୁଡ଼ିକର ଫୁଟେଜ୍ ଯାଞ୍ଚ ସହ ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ନୟାଗଡ଼ ଜିଲା ରଣପୁର ଥାନା ଅଧୀନ କଳାମାଟିଆ ଗ୍ରାମର ପ୍ରଶାନ୍ତ ପ୍ରଧାନ, ସ୍ତ୍ରୀ ଚିନୁଲତା ପରିଡ଼ା ଓ ତାଙ୍କ ୪ମାସର ଶିଶୁପୁତ୍ର ଟ୍ରେନ ଯୋଗେ ତାମିଲନାଡୁ ଯିବାର ଥିଲା। ତେଣୁ ସେମାନେ ପ୍ରଥମେ କାଲୁପଡ଼ାଘାଟ ଷ୍ଟେଶନରେ ପହଞ୍ଚି ଡିଏମ୍‌ୟୁ ଟ୍ରେନ ଯୋଗେ ମଙ୍ଗଳବାର ରାତିରେ ନିରାକାରପୁର ଷ୍ଟେଶନକୁ ଆସିଥିଲେ। ବୁଧବାର ସକାଳେ ସେମାନେ ଟ୍ରେନ ଯୋଗେ ତାମିଲନାଡୁ ଯାଇଥାନ୍ତେ। ପ୍ରଶାନ୍ତ, ଚିନୁଲତା ଓ ଶିଶୁପୁତ୍ର ନିରାକାରପୁର ଷ୍ଟେଶନର ୩ ନମ୍ବର ପ୍ଲାଟ୍‌ଫର୍ମରେ ଥିବା ପାଦଚଲା ଶିଡ଼ି ତଳେ ବିଶ୍ରାମ ନେଉଥିବାବେଳେ ସେମାନଙ୍କୁ ନିଦ ଲାଗିଯାଇଥିଲା। ସେହି ସୁଯୋଗରେ ମା’ ପାଖରୁ ଶିଶୁପୁତ୍ରକୁ କୌଣସି ଦୁର୍ବୃତ୍ତ ଚୋରାଇ ନେଇଯାଇଛନ୍ତି। ମାତାପିତା ଅନେକ ଖୋଜାଖୋଜି କରି ଶିଶୁପୁତ୍ରକୁ ନ ପାଇ ଦୁଃଖରେ ଭାଙ୍ଗିପଡ଼ି ନିରାକାରପୁର ଆର୍‌ପିଏଫ୍‌ର ସହାୟତା ମାଗିଥିଲେ। ହେଲେ ତାଙ୍କୁ ଆର୍‌ପିଏଫ୍ କୌଣସି ସହଯୋଗ କରିବା ପରିବର୍ତ୍ତେ ଗାଳିଗୁଲଜ କରି ପ୍ଲାଟ୍‌ଫର୍ମରୁ ବାହାରି ଯିବାକୁ ଧମକ ଦେଇଥିଲା। ପରେ ସେମାନେ ବିଳମ୍ବିତ ରାତିରେ ନିରାକାରପୁର ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଜଣାଇଥିଲେ ମଧ୍ୟ କେହି ଶୁଣି ନ ଥିଲେ। ସେମାନେ ସେଠାରୁ ନିରାଶରେ ଫେରି ରାତିସାରା ନିରାକାରପୁର ଜିଆର୍‌ପି ପାଖକୁ ଦୌଡ଼ି ଦୌଡ଼ି ଥକି ପଡ଼ିଥିଲେ। ବୁଧବାର ସକାଳେ ଚିନୁଲତାଙ୍କ କାନ୍ଦ ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏହାପରେ ଜିଆର୍‌ପି ଫାଣ୍ଡିରେ ଏହି ଦମ୍ପତି ଲିଖିତ ଅଭିଯୋଗ କରିଛନ୍ତି। ନିରାକାରପୁର ଅଞ୍ଚଳରେ ଏଭଳି ଘଟଣା ପ୍ରଥମ ହୋଇଥିବାରୁ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଶାନ୍ତ କାହିଁକି ପରିବାର ସହ ଷ୍ଟେଶନ ୱେଟିଂରୁମ୍‌ରେ ରାତ୍ରି ବିଶ୍ରାମ କଲେ ନାହିଁ ତାହା ସାଧାରଣରେ ପ୍ରଶ୍ନ ହୋଇଛି। ସେହିପରି ଷ୍ଟେଶନ ପରିସରରେ ସିସିଟିଭି ଲାଗିଥିଲେ ଏଭଳି ଘଟଣା ଘଟି ନ ଥା’ନ୍ତା ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପୋଲିସ ଏହି ଘଟଣାକୁ ନେଇ ଚିନ୍ତାରେ ପଡ଼ିଛି। ସ୍ଥାନୀୟ ଜିଆର୍‌ପି ଫାଣ୍ଡି ଅଧିକାରୀ ଦିଲ୍ଲୀପ ସାହୁ କହିଛନ୍ତି, ଆମେ ସମ୍ପୃକ୍ତ ଦମ୍ପତିଙ୍କୁ ନେଇ ସିସିଟିଭି ଯାଞ୍ଚ କରିବା ସହ ତଦନ୍ତ ଜାରି ରଖିଛୁ। ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ କରିବାକୁ ଚେଷ୍ଟା ଚଳାଇଛୁ।



ପ୍ଲାଟ୍‌ଫର୍ମରେ ଦୁଃଖରେ ବସିଥିବା ପ୍ରଶାନ୍ତ ପ୍ରଧାନ ଓ ଚିନୁଲତା ପରିଡ଼ା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୦୪।୨୦୨୬

| | |
|---|---|
| ୫,୧୨,୫୦୨ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ଓଡ଼ିଆ ପକ୍ଷରେ ୬,୪୪୧ ୟୁନିଟ୍ ରକ୍ତ ସଂଗ୍ରହ

ଭୁବନେଶ୍ୱର,୮।୪(ସୁଚିସ୍ମିତା ସାହୁ)

ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିବସ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ 'ରକ୍ତଦାନ ଅଭିଯାନ' ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୋଟ ୧୦୮ଟି ରକ୍ତଦାନ ଶିବିରର ଆୟୋଜନ କରାଯାଇଥିବା ବେଳେ ୩୪୪୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ସେହିପରି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିରର ଆୟୋଜନ କରାଯାଇ ପ୍ରାୟ ୩,୦୦୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଗୋଟିଏ ଦିନରେ ସମଗ୍ର ରାଜ୍ୟରେ ପ୍ରାୟ ୬,୪୪୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ସୂଚନା ଦିଆଯାଇଛି। ରକ୍ତଦାନ ଅଭିଯାନ ଅବସରରେ ବୁଧବାର ଭୁବନେଶ୍ୱରସ୍ଥିତ ରେଡକ୍ରସ ଭବନଠାରେ ରକ୍ତଦାନ ଶିବିର ଏବଂ ସାଧାରଣ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାରତ ରେଡ୍‌କ୍ରସ୍ ସୋସାଇଟିର ସଚିବ ଗଣେଶ ଚନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ ଲାବଣ୍ୟ ଶବର, ଜୁନିୟର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଉଚ୍ଚଶିକ୍ଷା ବିଭାଗର ଉପଶାସନ ସଚିବ ରମେଶ ଚନ୍ଦ୍ର ବେହେରା, ରେଡକ୍ରସ ବ୍ଲଡ୍‌ବ୍ୟାଙ୍କ ନିର୍ଦ୍ଦେଶକ ଡ. ପ୍ରସନ୍ନ କୁମାର ଦାସ, ସୂଚନା ଓ ଲୋକସମ୍ପର୍କ ବିଭାଗର ଲୋକସମ୍ପର୍କ ଅଧିକାରୀ ଅମ୍ଳାନ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ ସମସ୍ତ ରକ୍ତଦାତାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।



ରେଡ୍‌କ୍ରସ ଭବନଠାରେ ଆୟୋଜିତ ରକ୍ତଦାନ ଶିବିର।

## ମୁଣ୍ଡମୁହାଣରେ ରାମ ନାଟକ ଯାତ୍ରା

ଯାଁଲା,୮।୪(ବୁଲା ବାରିକ

ଭୁବନେଶ୍ୱର ଉପକଣ୍ଠ ମୁଣ୍ଡମୁହାଣ ଗ୍ରାମରେ ୮୧ତମ ଐତିହାସିକ ରାମ ନାଟକ ଯାତ୍ରା ଶେଷ ପର୍ଯ୍ୟାୟ ଆଡ଼କୁ ଗତି କରୁଛି। ଯାତ୍ରାର ତ୍ରୟୋଦଶ ସନ୍ଧ୍ୟାରେ ମହୀରାବଣ ବଧ, ଲକ୍ଷ୍ମଣ ଶକ୍ତିଭେଦ ଓ ରାବଣ ବଧ ଦୃଶ୍ୟ ମଞ୍ଚସ୍ଥ ହୋଇଯାଇଛି। ରାମାୟଣ କଥାବସ୍ତୁ ଅନୁଯାୟୀ, କୁମ୍ଭକର୍ଣ୍ଣ ବଧ ପରେ ରାବଣ ମର୍ମାହତ ହୋଇପଡ଼ନ୍ତି ଏବଂ ଏହାପରେ ଉତ୍‌କ୍ଷିପ୍ତ ଇନ୍ଦ୍ରଜିତଙ୍କ ସହ ଲକ୍ଷ୍ମଣଙ୍କ ଘମାଘୋଟ ଯୁଦ୍ଧ ହୁଏ। ଶେଷରେ ଇନ୍ଦ୍ରଜିତ ବଧ ହୁଅନ୍ତି ଓ ପରେ ମର୍ମାହତ ରାବଣ ଯୁଦ୍ଧ କରିବାକୁ ଆସନ୍ତି। ନାଟକରେ ବିଭିନ୍ନ ଭୂମିକାରେ ଭରତ ବାରିକ, ଗଗନ ସ୍ୱାଇଁ, ମୂରଲୀ ପ୍ରଧାନ, ଅନିଲ୍ ପରିଡ଼ା, ଶଙ୍କର୍ଷଣ ମଙ୍ଗରାଜ, ଅରୁଣ ସ୍ୱାଇଁ, ସନ୍ତୋଷ ପ୍ରଧାନ, ସଞ୍ଜୟ ପରିଡ଼ା ପ୍ରମୁଖ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

## ପୂର୍ବ ବିବାଦରୁ ଆକ୍ରମଣ, ୨ଗୋଷ୍ଠୀର ୫ଗିରଫ



ଭୁବନେଶ୍ୱର,୮।୪(ପ୍ରସନଜିତ୍ ସାହୁ)

ପୂର୍ବ ବିବାଦକୁ କେନ୍ଦ୍ରକରି ଗାଡ଼ି ପାର୍କିଂ କରୁଥିବା ସମୟରେ ମରଣାନ୍ତକ ଆକ୍ରମଣ ହୋଇଛି। ଚନ୍ଦକା ଗିରିଙ୍ଗାପୁଟରେ ରହୁଥିବା ଚନ୍ଦ୍ରକାନ୍ତ ବେହେରା(୪୬)ଙ୍କୁ ପଥର ଏବଂ ହେଲମେଟ୍ ସାହାଯ୍ୟରେ ଆକ୍ରମଣ ହୋଇଛି। ଏନେଇ ସେ ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୮୭/୨୦୨୬) ରୁଜୁ କରି ଅମିତ କୁମାର ପାଣ୍ଡବ, ସୋମନାଥ ଭୋଇ ଏବଂ ଓମ୍‌ପ୍ରକାଶ ପାତ୍ରଙ୍କୁ ପୋଲିସ ଗିରଫ କରିଛି। ଅପରପକ୍ଷରେ ମେଣ୍ଢାଶାଳ ଗ୍ରାମର ଅମିତ କୁମାର ପାଣ୍ଡବଙ୍କ ପାଲଟା ଅଭିଯୋଗକ୍ରମେ ପୋଲିସ ଆଉ ଏକ ମାମଲା(ନଂ.୧୮୮/୨୦୨୬) ରୁଜୁ କରି ଦୀପକ କୁମାର ସାହୁ ଏବଂ ଚନ୍ଦ୍ରକାନ୍ତ ବେହେରାଙ୍କୁ ଗିରଫ କରିଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

ଅଭିଯୋଗ ଅନୁଯାୟୀ, ଚନ୍ଦ୍ରକାନ୍ତ ଗିରିଙ୍ଗାପୁଟ ଗ୍ରାମର ସେଫ୍ ଏକ୍ସପ୍ରେସ୍ ପ୍ରାଇଭେଟ୍ ଲିମିଟେଡ୍‌ର ହବ୍ ନଂ-୪୬ରେ କାମ କରନ୍ତି। ଘଟଣାର ପ୍ରାୟ ୧୫ଦିନ ପୂର୍ବରୁ କମ୍ପାନୀର ମୂଲ୍ୟବାନ ସାମଗ୍ରୀ ବୋଝେଇ ଗାଡ଼ି ପାଖରେ କେତେଜଣ ବ୍ୟକ୍ତି ନିଶା ସେବନ କରୁଥିବା ଦେଖି ଅମିତ୍ ବିରୋଧ କରିବା ସହ ଏସମ୍ପର୍କରେ ସୁପରଭାଇଜରଙ୍କୁ ଅବଗତ କରିଥିଲେ। ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଚନ୍ଦ୍ରକାନ୍ତ ଭୁବନେଶ୍ୱରରୁ ଫେରି ଲୋଡିଂ ପାଇଁ ତାଙ୍କ ଗାଡ଼ି ପାର୍କିଂ କରୁଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଧମକ୍ ଦେଇଥିଲେ। ପରେ ଚନ୍ଦ୍ରକାନ୍ତ ଘରକୁ ଫେରୁଥିବା ସମୟରେ ସେଫ୍ ଏକ୍ସପ୍ରେସ୍‌ର ମୁଖ୍ୟ ଫାଟକ ନିକଟରେ ଅଭିଯୁକ୍ତମାନେ ପଥର ଏବଂ ହେଲମେଟ୍ ସାହାଯ୍ୟରେ ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଏକାଠି ହେବାରୁ ଅଭିଯୁକ୍ତମାନେ ସେଠାରୁ ଖସି ଯାଇଥିଲେ। ଅନ୍ୟପକ୍ଷରେ, ମେଣ୍ଢାଶାଳ ଗ୍ରାମର ଅମିତ (୨୩) ମଧ୍ୟ ଚନ୍ଦକା ଥାନାରେ ଚନ୍ଦ୍ରକାନ୍ତଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, କମ୍ପାନୀ ପରିସରରେ ନିଶା ସେବନ ସମ୍ପର୍କରେ ତାଙ୍କ ବିରୋଧରେ ଚନ୍ଦ୍ରକାନ୍ତ ଗୁଜବ ପ୍ରଚାର କରୁଥିଲେ। ଚନ୍ଦ୍ରକାନ୍ତଙ୍କୁ ଏ ସମ୍ପର୍କରେ ପଚାରିବା ସମୟରେ ସେ ତାଙ୍କୁ ଏବଂ ତାଙ୍କ ଭାଇଙ୍କୁ ଆକ୍ରମଣ କରିଥିଲେ। ଉଭୟ ମାମଲାର ତଦନ୍ତ ସମୟରେ ପୋଲିସ ଘଟଣାସ୍ଥଳରୁ ଅପରାଧରେ ବ୍ୟବହୃତ ପଥର ଜବତ କରିବା ସହିତ ଆହତ ବ୍ୟକ୍ତିମାନଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲା। ଉଭୟ ଗୋଷ୍ଠୀ ମଧ୍ୟରେ ପୂର୍ବରୁ ଥିବା ବିବାଦରୁ ଏହି ଘଟଣା ଘଟିଥିବା ପୋଲିସ ସୂଚନା ଦେଇଛି।

## ସିଦ୍ଧ ଯୋଗୀ ଗାୟତ୍ରୀ ବାବାଙ୍କ ମହାପ୍ରୟାଣ ଦିବସ

ବାଲିପାଟଣା, ୮।୪(ଅଭିମନ୍ୟୁ ନାୟକ)

ଗାଈ ବାବା ଭାବରେ ପରିଚିତ ସିଦ୍ଧଯୋଗୀ ପ୍ରହଲ୍ଲାଦ ମହାରାଜଙ୍କ ମହାପ୍ରୟାଣ ଦିବସ ବୁଧବାର ତାଙ୍କର ଅଠାନ୍ତର ସ୍ଥିତ ସମାଧି ପୀଠରେ ଯଥାରୀତି ପାଳିତ ହୋଇଛି। ଏହି ଉପଲକ୍ଷେ ପୂଜାପାଠ ହୋମ ଆଦି ସହ ଅଷ୍ଟପ୍ରହର ନାମଯଜ୍ଞ ସଂକୀର୍ତ୍ତନରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସାଧନାରେ ସିଦ୍ଧି ଲାଭ କରିଥିବା ଗାଈ ବାବା ପରବର୍ତ୍ତୀ ସମୟରେ ଗାୟତ୍ରୀ ବାବା ଭାବରେ ପରିଚିତ ହେଲେ। ସାଧନାରେ ଲିପ୍ତ ରହି ଖରା ବର୍ଷା ଶୀତ କାକରରେ ଖାଲି ଦେହରେ ଗୋଟିଏ ଅତ୍ୟନ୍ତ ଅନୁଗତ ଗାଈ ସହିତ ସର୍ବଦା ବସବାସ କରୁଥିଲେ। ତାଙ୍କର ଆଶୀର୍ବାଦ ପାଇ ବହୁ ଭକ୍ତଙ୍କ ବିଭିନ୍ନ ସମସ୍ୟା ସମାଧାନ ହୋଇ ଯାଉଥିଲ। ମହାପ୍ରୟାଣ ପରେ ତାଙ୍କର ଭକ୍ତମାନେ ତାଙ୍କ ପାଇଁ ଏକ ସୁଦୃଶ୍ୟ ସମାଧି ସ୍ଥଳ ନିର୍ମାଣ ସହିତ ଯେଉଁ ଏକ କୂପ ଉପରେ ବସି ସାଧନା କରୁଥିଲେ ତାକୁ ସୁରକ୍ଷିତ ରଖିବାର ବ୍ୟବସ୍ଥା କରିଛନ୍ତି। ଶହେରୁ ଅଧିକ ବର୍ଷ ବୟସରେ ତାଙ୍କର ମହାପ୍ରୟାଣ ଘଟିଥିଲା। ତାଙ୍କର ସ୍ମୃତି ରକ୍ଷା ପାଇଁ ଭକ୍ତମାନେ ପ୍ରୟାସ କରିବା ବେଳେ ପ୍ରତିବର୍ଷ ଏହି ଭାବମୟ ପରିବେଶ ସୃଷ୍ଟି କରିଥାନ୍ତି। ଏହି ଉପଲକ୍ଷେ ଅଷ୍ଟମ ପ୍ରହରୀ ନାମ ଯଜ୍ଞ ଅନୁଷ୍ଠିତ ହୋଇଛି।

# ଜିଲାପାଳ ପୁଅକୁ ଭଲ ବାଟକୁ ଆଣିଲା ବୋଉ



ସାଙ୍ଗସାଥି ଥିଏଟର ପକ୍ଷରୁ ମଞ୍ଚସ୍ଥ ନାଟକ 'ବୋଉଲୋ'ର ଏକ ଦୃଶ୍ୟ।

ଭୁବନେଶ୍ୱର,୮।୪ (ସୌମ୍ୟରଞ୍ଜନ ରାଉତ)

ସାଙ୍ଗସାଥି ଥିଏଟର ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ବୁଧବାର ନାଟକ 'ବୋଉଲୋ' ମଞ୍ଚସ୍ଥ ହୋଇଯାଇଛି। ନାଟକର କଥାବସ୍ତୁ ଅନୁସାରେ, ସେଇ ବୋଉ ଯିଏକି ଅନେକ ତ୍ୟାଗ କଷ୍ଟ ସହି ପୁଅକୁ ବଡ଼ କରି ପାଠ ପଢେଇ ଆଇଏଏସ୍ କରେ। ଜିଲାପାଳ ହେବା ପରେ ବୋଉର ସେଇ ପୁଅଟା ଏକ ବିରାଟ ଲାଞ୍ଚୁଆରେ ପରିଣତ ହୋଇଯାଏ, ଯାହାକୁ ବୋଉ ପରବର୍ତ୍ତୀ ମୂହୁର୍ତ୍ତରେ ଘୃଣା କରେ। ଅନେକ ଚେଷ୍ଟା ପରେ ଶେଷରେ ସେ ତା'ର ପୁଅକୁ କଳେବଳେ ଭଲ ରାସ୍ତାକୁ ଫେରାଇ ଆଣେ। ଏଭଳି ଏକ ନାଟକର ରଚନା ଦୀପ୍ତିରଞ୍ଜନ ରାଉତ କରିଥିବାବେଳେ ନିର୍ଦ୍ଦେଶନା ଦେଇଥିଲେ ଅଭିଜିତ ମହାପାତ୍ର। ଅତିଥିଭାବେ ନାଟ୍ୟକାର ଦେବାନନ୍ଦ ନାୟକ ଓ ପ୍ରଯୋଜକ ସୁବ୍ରତ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ।

## ବାସେଳି ପୂଜାରେ ଘୋଡ଼ାନାଚ

### ଲୋକକଳାକୁ ବଞ୍ଚାଇ ରଖିବାକୁ ଗ୍ରାମବାସୀଙ୍କ ପ୍ରୟାସ

ବାରଙ୍ଗ,୮।୪(ଲିଙ୍ଗରାଜ ରାଉତ)

ଇଞ୍ଚୁଣା ଗ୍ରାମରେ ବସେଳି ପୂଜା ଉପଲକ୍ଷେ ଘୋଡାନାଚ ଅନୁଷ୍ଠିତ ହୋଇଯାଇଛି। ପୁରୁଣା ପରମ୍ପରା ଓ ଐତିହ୍ୟକୁ ବଞ୍ଚାଇ ରଖିବାକୁ ଗ୍ରାମବାସୀ ପ୍ରୟାସ କରିଛନ୍ତି। ଏହି ଅବସରରେ ମା' ବାସୁଳେଇ ଦେବୀଙ୍କ ପୀଠରେ ମଙ୍ଗଳବାର ରାତିରେ ବିଶେଷ ପୂଜାର୍ଚ୍ଚନ ଅନଷ୍ଠିତ ହୋଇଥିଲା। ଏନେଇ ଆୟୋଜିତ ତୃତୀୟ ବାର୍ଷିକ ଘୋଡାନାଚ ଉତ୍ସବରେ ଭାଜପା ନେତା ଗୋଲେଖ ମହାପାତ୍ର ଅତିଥି ଭାବେ ଯୋଗଦେଇ ବୁଡ଼ିଯାଉଥିବା ଲୋକକଳାକୁ ବଞ୍ଚାଇ ରଖିବା ପାଇଁ ଗ୍ରାମବାସୀ କରିଥିବା ପ୍ରୟାସକୁ ପ୍ରଶଂସା କରିଥିଲେ। ଏହାସହ ବିଭିନ୍ନ ପର୍ବପର୍ବାଣିକୁ ପାଳନ କରି ଗ୍ରାମବାସୀଭାଇଚାରାର ବାର୍ତ୍ତା ବାଣ୍ଟି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ବୋଲି ମହାପାତ୍ର କହିଛନ୍ତି। ତେବେ ଏହି ଅବସରରେ ଗ୍ରାମରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ନେଇ ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଗ୍ରାମବାସୀ ମହାପାତ୍ରଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ଯୋଗଦେଇଥିବା ଅଞ୍ଚଳର ମୁରବୀ, ଯୁବକ ଓ ରାଜନୈତିକ ବ୍ୟକ୍ତିମାନଙ୍କୁ ଗ୍ରାମବାସୀ ସମ୍ବର୍ଦ୍ଧିତ କରିଥିଲେ।



ଇଞ୍ଚୁଣା ଗ୍ରାମରେ ବସେଳି ପୂଜା ଉପଲକ୍ଷେ ଘୋଡାନାଚ କାର୍ଯ୍ୟକ୍ରମ।

## ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟରେ ଶିଷ୍ୟୋପନୟନ କାର୍ଯ୍ୟକ୍ରମ

ବାରଙ୍ଗ, ୮।୪ (ଲିଙ୍ଗରାଜ ରାଉତ)



ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟରେ ପ୍ରତିବର୍ଷ ଭଳି ୨୦୨୫-୨୬ ଶିକ୍ଷା ବର୍ଷର ଛାତ୍ରୀଛାତ୍ରମାନଙ୍କୁ ଭାରତ ସରକାରଙ୍କ ଭାରତୀୟ ଚିକିତ୍ସା ପଦ୍ଧତି ରାଷ୍ଟ୍ରୀୟ ଆୟୋଗ ନିର୍ଦ୍ଦେଶରେ ଗୁରୁଶିଷ୍ୟ ପରମ୍ପରା ଅନୁଯାୟୀ ଶିଷ୍ୟୋପନୟନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଡାଇରେକ୍ଟର ଅଫ୍ ଅପରେଶନ୍ ସ୍ୱାମୀ ସତ୍ୟ ଚୈତନ୍ୟ ଜୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ତେଜ ପ୍ରତାପଙ୍କ ଉପସ୍ଥିତିରେ ସମ୍ପନ୍ନ କାର୍ଯ୍ୟକ୍ରମରେ ପାରମ୍ପରିକ ଭାବେ ଭଗବାନ ଧନ୍ୱନ୍ତରୀଙ୍କ ପୂଜା ପରେ ଉଭୟ ଅଧ୍ୟାପକ ଅଧ୍ୟାପିକାଙ୍କ ସହ ଛାତ୍ରୀଛାତ୍ରମାନଙ୍କୁ ଚରକ ପ୍ରତିଜ୍ଞା ପଠନ କରାଯାଇଥିଲା। ଏହାକୁ ଆନୁଷ୍ଠାନିକ ଭାବେ ବିଶ୍ୱ ବିଦ୍ୟାଳୟ ରେଜିଷ୍ଟ୍ରାର ପ୍ରଫେସର ଅନୀଲ କୁମାର ଶର୍ମା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହ ଆୟୁର୍ବେଦର ଭବିଷ୍ୟତ ଏବଂ ଆମ ସମାଜ ପାଇଁ ଏହାର ଉପଯୋଗିତା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଏକାଡେମିକ ଏବଂ ରିସର୍ଚ୍ଚ ଡିନ୍ ପ୍ରଫେସର କେଶରୀ ସିଂହ ବିଶ୍ୱବିଦ୍ୟାଳୟ ବ୍ୟକ୍ତିଗତ ଜୀବନରେ ଆୟୁର୍ବେଦ ଜୀବନ ଶୈଳୀପାଳନ କରିବା ପାଇଁ ଉପଦେଶ ଦେଇଥିଲେ। ଡେପୁଟି ଡିନ୍ ପ୍ରଫେସର ଦୁର୍ଗାପ୍ରସାଦ ଦାଶ କାର୍ଯ୍ୟକ୍ରମର ଉପଯୋଗୀତା ବିଷୟରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ଡିନ୍ ପ୍ରଫେସର ପ୍ରଦୀପ କୁମାର ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଶେଷରେ ଡେପୁଟି ଡିନ୍ ପ୍ରଫେସର ନଗେନ୍ଦ୍ର ପ୍ରସାଦ ଧନ୍ୟବାଦ ଦେଇଥିଲେ। ଡ. ପଲ୍ଲବୀ ମହନ୍ତଙ୍କ ରଚିତ ଅବଲେହ କଳ୍ପନା ଏବଂ ଭକ୍ତିକର ଝାଙ୍କ ରଚିତ ପଞ୍ଚତନ୍ତ୍ରମ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶ୍ରୀମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଆଧ୍ୟାପିକା ଅଧ୍ୟାପକ ଓ ଡାକ୍ତରମାନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମକୁ ଡ. ଦେବୀକା ଶ୍ରୀନିବାସନ ଏବଂ ଡ. ମମିତା ତିୱାରୀ ପରିଚାଳନା କରିଥିଲେ।


OFFICE OF THE PANCHAYAT SAMITI, BARGAON
DIST-SUNDARGARH
e-mail id: ori-bargaon@od.gov.in, PIN-770016
BID IDENTIFICATION NO-2026-PRBGR-127361
Notice No.910, Date 06.04.2026

No.19001/16/2627: The Block Development Officer, Bargaon, Sundargarh on behalf of Governor of Odisha invites in "ONLINE MODE Percentage Rate Bids (Double Cover)" for the civil works under Bargaon Block of Sundargarh District. The detail of works, eligibility, estimated cost and cost of tender paper alongwith detailed documents/ terms and conditions will be available in the website http://tendersodisha.gov.in. The bidder should be B & C Class Contractor. The date of availability of tender paper will be from date 09.04.2026 to date 24.04.2026 in the website http://tendersodisha.gov.in and last date of online bid submission will be 24.04.2026 (5.00 PM). The Bids will be opened on dated 28.04.2026 at 10.00 AM.

Sd./- Block Development Officer
Bargaon
OIPR-19001/19338/1/26-27/0002


## ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର,୮।୪(ସୌମ୍ୟରଞ୍ଜନ ରାଉତ)

ସାମାଜିକ ଅନୁଷ୍ଠାନ ହେଲ୍ପମେଟ୍, ସ୍ୱୟମ୍, ସ୍ୱାଧୀନ ଫାଉଣ୍ଡେଶନ ଏବଂ କମିଶନରେଟ୍ ପୋଲିସ ପକ୍ଷରୁ ରକ୍ତଦାନ ଶିବିର ବୁଧବାର ଭାଜପା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଭାଜପା ନେତା ଜଗନ୍ନାଥ ପ୍ରଧାନ, ମାନସ ରଞ୍ଜନ ଗଡ଼ନାୟକ, ଡ. ଦେବାଶିଷ ମିଶ୍ର ଓ ପ୍ରସନ୍ନ ନାଏକ ଉଦ୍‌ଘାଟନ କରିଥିଲେ। ନିୟମିତ ରକ୍ତଦାନ କରିବା ଦ୍ୱାରା ସାଧାରଣ ଭାବେ ହୃଦ୍‌ରୋଗ, ମଧୁମେହ ଓ କୋଲେଷ୍ଟରଲ୍ ନିୟନ୍ତ୍ରିତ ରହେ ବୋଲି ଅତିଥିମାନେ କହିଥିଲେ। ଶିବିରରେ ୮୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ଅନୁଷ୍ଠାନର ସମ୍ପାଦିକା ନିବେଦିତା ଭଞ୍ଜ କହିଛନ୍ତି।



ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ ପାଇଁ ଖୋଲା ବଜାରରେ ରନ୍ଧନ ଗ୍ୟାସ୍ ବିକ୍ରି ବନ୍ଦକୁ ବିରୋଧ କରି ସିପିଆଇ ଏବଂ ବିକେଏମ୍‌ୟୁ ପକ୍ଷରୁ ବୁଧବାର ରାଜମହଲ ଛକରେ ବିକ୍ଷୋଭ। (ଫଟୋ- ବିକାଶ ନାୟକ)


OFFICE OF THE GENERAL MANAGER, WATCO DIVISION-II, BHUBANESWAR
WATCO
Near Rajiv Bhawan, Unit-V, Bhubaneswar-751001, Odisha, India
Telefax : +91-674-2390322, E-mail : gmdivtwowatco@gmail.com
NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB)
No.13001/113/2627
GMWATCO-II/03/2026-27 Dt.06.04.2026

| SN | Name of Work | Appx. Estimated Cost (Rs. in Lakh) | Period of Completion | Availability of Bid Document for Online Bidding | | Name & address of Officer Inviting Bid |
|---|---|---|---|---|---|---|
| | | | | From | To | |
| 1 | 2 | 3 | 4 | 5 | 6 | 7 |
| 1 | Improvement of Water Supply for laying of 100mm dia pipe line of Newly Developed area at Gada Mahavir under Ward No-58 & Including Protection Work at Kapileswar Pump House and Supplying and Installation of Air Blower Pump with Electric motor at Filter House & Improvement of Chlorine Leak Absorption System at Bhuasuni Treatment Plant, Samantarapur, Old Town, BBSR. (Laying) of Pipeline at Gada Mahavir) | 21.78 | 02 (Two) Months | 11.00 Hrs. of 09.04.26 | 17.00 Hrs. of 23.04.26 | The General Manager, Watco Division-II, Unit-V, BBSR, Odisha |

Name & Address of Officer Inviting Bid : The General Manager, WATCO Division-II, Unit-V, BBSR, Odisha
Further details can be seen from the e-Procurement portal "https://www.tendersodisha.gov.in".
OIPR-13001/13089/1/26-27/0001
Sd./- GENERAL MANAGER, WATCO


# ସ୍ଥାୟିତ୍ୱ, ରାଜସ୍ୱ ବୃଦ୍ଧି, ପ୍ରକଳ୍ପ ସମାପ୍ତିକୁ ଗୁରୁତ୍ୱ

### ଆର୍‌ଏସ୍‌ସିଏଲ୍ କାର୍ଯ୍ୟକାରୀ କମିଟି ବୈଠକ

ଭୁବନେଶ୍ୱର,୮।୪(ସୁଚିସ୍ମିତା ସାହୁ)

ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ (ଆର୍‌ଏସ୍‌ସିଏଲ୍)ର କାର୍ଯ୍ୟକାରୀ କମିଟି ବୈଠକ ବୁଧବାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସହରର ପ୍ରକଳ୍ପ ରୂପାୟନଠାରୁ ଆରମ୍ଭ କରି ଦୀର୍ଘକାଳୀନ ସ୍ଥାୟିତ୍ୱ ଏବଂ ସମ୍ପତ୍ତି ପରିଚାଳନା ଭଳି ପ୍ରମୁଖ ରଣନୈତିକ ବିଷୟ ଉପରେ ଆଲୋଚନା କରାଯାଇଥିଲା। ଆର୍‌ଏସ୍‌ସିଏଲ୍‌ର ସିଇଓ ଦୀନା ଦସ୍ତଗିର ଅନୁମୋଦନ ପାଇଁ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ୧୦୬ କୋଟି ନିବେଶରେ ନିର୍ମିତ ଆଇସିସିସି ପ୍ରକଳ୍ପ ସମ୍ପର୍କରେ ଆଲୋଚନା ହୋଇଥିଲା। ବର୍ତ୍ତମାନ ସୁଦ୍ଧା ସହରର ୧୦୯ ସ୍ଥାନରେ ୫୯୪ଟି ସର୍ଭେଲାନ୍ସ କ୍ୟାମେରା କାର୍ଯ୍ୟକ୍ଷମ ହୋଇସାରିଛି। ଟ୍ରାଫିକ ପ୍ରବର୍ତ୍ତନ ଏବଂ ସହରର ଶାସନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ନ୍ୟାଶନାଲ ଇନ୍‌ଫର୍ମାଟିକ୍ସ ସେଣ୍ଟର ସହାୟତାରେ ସ୍ୱୟଂଚାଳିତ ଇ-ଚାଲାଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନିଆଯାଉଛି। ଆର୍ଥିକ ସ୍ଥାୟିତ୍ୱ ଉପରେ ଗୁରୁତ୍ୱ ଦେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାଢ଼ୀ ଏହା ଅଧୀନରେ ଥିବା ସମ୍ପତ୍ତି, ଜମିଜମା ଠିକ୍ ଉପଯୋଗ ଏବଂ ଅଭିନବ ଉପାୟରେ ରାଜସ୍ୱ ଆଦାୟ କରିବାକୁ ପରାମର୍ଶ ଦେଇଛନ୍ତି। ବିଳମ୍ବରେ ଚାଲିଥିବା ପ୍ରକଳ୍ପଗୁଡ଼ିକ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରି କମିଟି ଅଡିଟୋରିୟମ ଏବଂ କନ୍‌ଭେନ୍‌ଶନ ହଲ୍ ପ୍ରକଳ୍ପର ବାକିଥିବା କାର୍ଯ୍ୟକୁ 'ଡିସ୍କୋପ' କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ଉଦିତ ନଗର ମାର୍କେଟ କମ୍ପ୍ଲେକ୍ସ ଏବଂ ମଲ୍ଟି-ଲେଭଲ କାର୍ ପାର୍କିଂ ଭଳି ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକୁ ସୁଚାରୁରୂପେ ସମ୍ପୂର୍ଣ୍ଣ କରିବା ପାଇଁ ସ୍ପେଶାଲ ପର୍ପସ ଭେହିକିଲର କାର୍ଯ୍ୟକାଳ ବୃଦ୍ଧି କରିବାକୁ ପ୍ରସ୍ତାବ ଦିଆଯାଇଛି।


ODISHA MINING CORPORATION LIMITED
OMC House, Bhubaneswar-751001, Odisha
CIN: U13100OR1956SGC000313, www.omcltd.in
OMC ODISHA MINING CORPORATION LTD. Mining Happiness
No.30001/4/2627
E-PROCUREMENT NOTICE

| Sl. No. | NIT No. | Job Description | Availability of Tender Document | Bid Due Date |
|---|---|---|---|---|
| 1 | OMC/E-PROC/C&P/ 003/ 2026-27, Dtd.07/04/2026 | Supply of Fire Clay Mortar and Fire Clay Bricks at Ferrochrome Plant | 08-04-2026 | 04-05-2026 |
| 2 | OMC/E-PROC/C&P/ 004/ 2026-27, Dtd.07/04/2026 | Supply of Quartzite at Ferrochrome Plant | 08-04-2026 | 04-05-2026 |
| 3 | OMC/E-PROC/C&P/ 005/ 2026-27, Dtd.07/04/2026 | Supply of Magnesite at Ferrochrome Plant | 09-04-2026 | 05-05-2026 |
| 4 | OMC/E-PROC/C&P/ 006/ 2026-27, Dtd.07/04/2026 | Supply of C.I. Moulds and C.I. Slag Pots with Spout as per drawing at Ferrochrome Plant | 09-04-2026 | 05-05-2026 |
| 5 | OMC/E-PROC/C&P/ 007/ 2026-27, Dtd.07/04/2026 | Supply, Installation, testing and commissioning of various Medical Equipment for Hospitals and Dispensaries of OMC Limited | 10-04-2026 | 07-05-2026 |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any/all the bids or to annul the bidding process without assigning any reason thereof.
OIPR-30001/30005/1/26-27/0004
Sd./- Head (C&P)

**ବଜ୍ରପାତରେ ଗୋରୁ ଚରାଳିଙ୍କ ମୃତ୍ୟୁ**

ବଡ଼ମ୍ବା, (ମାୟାଧର ମଲ୍ଲିକ) : ବଡ଼ମ୍ବା ଅଞ୍ଚଳରେ ବୁଧବାର ଅପରାହ୍ନରେ ପ୍ରବଳ ଝଡ଼ ବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଜଣେ ଗୋରୁ ଚରାଳିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଡ଼ମ୍ବା ଥାନା ଅନ୍ତର୍ଗତ ଶଙ୍ଖମେରୀ ଗ୍ରାମରେ ମୁରଲୀ ବେହେରା (୫୪)। ନିଜ ଗ୍ରାମଠାରୁ ଦୂରରେ ଗାଈ ଚରାଉଥିବା ବେଳେ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ତାଙ୍କୁ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତକରି ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାରଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେ ଜଣେ ଗରିବ ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବା ଦାବି ହେଉଛି।

## ସଂକ୍ଷେପରେ

### ଦୁର୍ଗା ଖଇନି ମାଲିକଙ୍କୁ ଉଠାଇନେଲା ପୋଲିସ

ବଡ଼ମ୍ବା, ୮।୪(ମାୟାଧର ମଲ୍ଲିକ) : ବଡ଼ମ୍ବା ଥାନା ଅନ୍ତର୍ଗତ ବେଲିଆପାଳ ଗ୍ରାମରେ ଦୀର୍ଘଦିନ ହେବ ଚାଲୁଥିବା ଦୁର୍ଗା ଖଇନି ମାଲିକ ଚିତ୍ତରଞ୍ଜନ ଦାସଙ୍କୁ ପୋଲିସ ଉଠାଇନେଇଛି। ତେବେ ସେ ବେଆଇନ କଞ୍ଚାମାଲ କାରବାର କରିବା ସହ ଅଧିକ ଖଇନି ପ୍ରସ୍ତୁତ କରୁଥିବା ପୋଲିସଠାରୁ ସୂଚନା ମିଳିଛି। ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅଞ୍ଚଳରେ ବେଆଇନ ଭାବେ ପାୱାର ନାମକ ଏକ ବେଆଇନ ଖଇନି ପ୍ରସ୍ତୁତ ହେଉଥିଲା। ପୋଲିସ ସେହି କମ୍ପାନୀର ମାଲିକଙ୍କୁ ଗିରଫ କରିଥିଲା। ସେ ଜାମିନରେ ଆସିବା ପରେ ବଡ଼ମ୍ବା ଅଞ୍ଚଳକୁ ଆସି ଦୁର୍ଗା ଖଇନି କମ୍ପାନୀଠାରୁ କଞ୍ଚାମାଲ ଆଣି ଏହାକୁ ପ୍ରସ୍ତୁତ କରୁଥିବା କଥା କହିଥିଲେ। ସେହି ଆଧାରରେ ଖଣ୍ଡପଡ଼ା ଡିଏସ୍‌ପିଙ୍କ ନେତୃତ୍ୱରେ ବଡ଼ମ୍ବା ପୋଲିସ ମିଳିତ ଭାବେ ଦୁର୍ଗା ଖଇନି କମ୍ପାନୀର ମାଲିକ ଚିତ୍ତରଞ୍ଜନଙ୍କୁ ବୁଧବାର ଉଠାଇନେଇ ଅଧିକ ପଚରାଉଚୁରା କରୁଛି। ତେବେ ସରକାରଙ୍କ ନିୟମ ଅନୁଯାୟୀ, ଦୁର୍ଗା ଖଇନି ମାଲିକ ମାସକୁ ୩୦ କେ.ଜି. ଖଇନି ପ୍ରସ୍ତୁତ କରିବା କଥା। କିନ୍ତୁ ସେହି କମ୍ପାନୀ ଦିନକୁ ୨ କୁଇଣ୍ଟାଲ ପ୍ରସ୍ତୁତକରି ବିକ୍ରି କରୁଥିବା ପୋଲିସ ସନ୍ଦେହକରି ତାଙ୍କୁ ଉଠାଇ ନେଇଛି।

### ୮୫ତମ କୁଶପଙ୍ଗୀ ରାମଲୀଳା ଉଦ୍‌ଯାପିତ

ବାଙ୍କୀ, ୮।୪( ଜ୍ଞାନେନ୍ଦ୍ର ମୋହନ ମିଶ୍ର / ଶୁଭେନ୍ଦୁ ମହାପାତ୍ର ): ଡମପଡ଼ା ବ୍ଲକ୍ ଅନ୍ତର୍ଗତ କୁଶପଙ୍ଗୀ ଗ୍ରାମରେ ପବିତ୍ର ଶ୍ରୀରାମ ନବମୀଠାରୁ କୁଶପଙ୍ଗୀ ରାମଲୀଳା ନାଟ୍ୟ ସଂସଦ ଦ୍ୱାରା ୮୫ ତମ ରାମଲୀଳା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଶ୍ରୀରାମ ନବମୀଠାରୁ ୧୨ଦିନ ଧରି ଶ୍ରୀରାମଙ୍କ ବିଭିନ୍ନ ଲୀଳା ପରିବେଷିତ ହୋଇ ଅନ୍ତିମ ଦିନ କଳାକାରମାନଙ୍କ ଦ୍ୱାରା ରାବଣ ବଧ ଓ ଶ୍ରୀରାମଙ୍କ ରାଜ୍ୟାଭିଷେକ ପରିବେଷଣ ହୋଇଥିଲା। ଗ୍ରାମର ଯୁବକ ସଂଘ ଦ୍ୱାରା ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ଅନୁଷ୍ଠାନର ଏକ ୱେବ୍‌ସାଇଟ୍‌କୁ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କାଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପରେ ଅନୁଷ୍ଠାନର ପକ୍ଷରୁ ସଭାପତି ଡ. ଲେଙ୍କା ଓ ସମ୍ପାଦକ ବିଭୁପ୍ରସାଦ ନାୟକଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନକରି ସମ୍ବର୍ଦ୍ଧିତ କରାଯାଇଥିଲା। ବୁଧବାର ସକାଳେ ନଗର ପରିକ୍ରମା କରାଯାଇ କଳସ ବିସର୍ଜନ କରାଯାଇଥିଲା। ଏହି ଅନୁଷ୍ଠାନରେ ଗାଁର ଯୁବ କଳାକାରମାନେ ବରିଷ୍ଠ କଳାକାରମାନଙ୍କ ମାର୍ଗଦର୍ଶନରେ ନିଖୁଣ ଭାବେ ଅଭିନୟ ଦେଖିବାକୁ ସନ୍ଧ୍ୟାରେ ଗହଳି ହେଉଥିଲା। ଏହି କାର୍ଯ୍ୟକ୍ରମକୁ କୁଳମଣି ନାୟକ, ଗୋବର୍ଦ୍ଧନ ବେଉରା, ସୁଧାକର ବେଉରା, କୈଳାସ ସ୍ୱାଇଁ, ରମେଶ ନାୟକ ପ୍ରମୁଖ ସହଯୋଗ କରିଥିଲେ।

### ବଡ଼ମ୍ବା ଚନ୍ଦନ ଯାତ୍ରା, ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବଡମ୍ବା, ୮।୪(ମାୟାଧର ମଲ୍ଲିକ):ବଡ଼ମ୍ବା ବ୍ଲକ ସମ୍ମିଳନୀ କକ୍ଷରେ ଶ୍ରୀ ଶ୍ରୀ ଗୋପୀନାଥ ଦେବଙ୍କ ପ୍ରସିଦ୍ଧ ଚନ୍ଦନଯାତ୍ରା ତଥା ଚନ୍ଦନ ମହୋତ୍ସବ ପାଇଁ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ପ୍ରମୋଦ କୁମାର ବାସ୍କେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ବିଶିଷ୍ଟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି ଓ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ପଟ୍ଟାୟତ ତଥା କୁମାର ସାହେବ ତ୍ରିଭୁବନ ଚନ୍ଦ୍ର ଦେବ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଚଳିତ ଅକ୍ଷୟ ତୃତୀୟାଠାରୁ ଠାକୁରଙ୍କ ସମସ୍ତ ନୀତିକାନ୍ତି କିପରି ପାଳନ କରାଯିବ ତାହା ଉପରେ ସବିଶେଷ ଆଲୋଚନା ହୋଇଥିଲା। ଅକ୍ଷୟ ତୃତୀୟାଠାରୁ ୨୧ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଚନ୍ଦନଯାତ୍ରାର ଶେଷ ୭ ଦିନ ଅର୍ଥାତ୍ ମେ ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଭାବେ ପାଳନ ହେବ। ବଡ଼ମ୍ବା ଥାନାଧିକାରୀ ପରମାନନ୍ଦ ନାୟକ ଚଳିତବର୍ଷ ଆଠଗଡ଼ ଉପଜିଲାପାଳଙ୍କ ସତ୍ୟପାଠ କ୍ରମେ ଚନ୍ଦନ ମହୋତ୍ସବକୁ ସମ୍ପୂର୍ଣ୍ଣ ଡିଜେମୁକ୍ତକରି ଶବ୍ଦ ପ୍ରଦୂଷଣ ରୋକିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ରାଜକିଶୋର ରଣା, ଶିବନାରାୟଣ ମିଶ୍ର, ରମେଶ ଚନ୍ଦ୍ର ବେହେରା, ବୃନ୍ଦାବନ ପରିଡା ନିଜର ମତ ରଖିଥିଲେ। ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଅନିଲ କୁମାର ରଣା, ସମ୍ପାଦକ ରାକେଶ କୁମାର ମହାପାତ୍ର,ଉପସଭାପତି ଚନ୍ଦ୍ରକାନ୍ତ ସ୍ୱାଇଁ, କୋଷାଧ୍ୟକ୍ଷ ରାଜେନ୍ଦ୍ର କୁମାର ତରାସିଆ ପ୍ରମୁଖ ଉପସ୍ଥିତ ଥିଲେ।

# ବାଣେଶ୍ୱରପଡ଼ାରେ ପାନୀୟଜଳ ସଙ୍କଟ, ରାସ୍ତାରୋକୋ

ତିଗିରିଆ, ୮।୪(ଜାଫର ଖାଁ)


ବାଣେଶ୍ୱରପଡ଼ା ମହିଳାମାନେ ରାସ୍ତାରୋକୋ କରିଛନ୍ତି।

ତିଗିରିଆ ବ୍ଲକ୍ ଅନ୍ତର୍ଗତ ବାଲିପୁଟ ପଞ୍ଚାୟତସ୍ଥିତ ବାଣେଶ୍ୱରପଡ଼ା ଗ୍ରାମରେ ପାନୀୟ ଜଳ ଓ ଡ୍ରେନେଜ ସମସ୍ୟା କାରଣରୁ ଗ୍ରାମର ଶତାଧିକ ଲୋକ ଦୀର୍ଘଦିନ ଧରି ହନ୍ତସନ୍ତ ହେଉଛନ୍ତି। ବୁଧବାର ଗ୍ରାମର ଶତାଧିକ ମହିଳା ଗରା, ବାଲ୍‌ଟି ଧରି ବାଇପାସ୍ ଛକରେ ୬୫ ନଂ. ଖୁଣ୍ଟୁଣୀ-ନରସିଂହପୁର ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଦୀର୍ଘ ସମୟ ଧରି ଉଭୟ ପାର୍ଶ୍ୱରେ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିଲା। ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା ସହ ଯଥାଶୀଘ୍ର ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ବାଣେଶ୍ୱରପଡ଼ା ଗାଁର ୨ଟି ୱାର୍ଡରେ ୧୫୦ ପରିବାରର ୭୦୦ରୁ ଅଧିକ ଲୋକ ବାସ କରୁଛନ୍ତି। ଗ୍ରାମରେ ଲୋକଙ୍କ ବ୍ୟବହାର ପାଇଁ ଗୋଟିଏ କୂଅ ଓ ୫ଟି ନଳକୂପ ରହିଛି। ଖରାଦିନେ କୂଅ ଶୁଖିଯାଉଥିବାବେଳେ ନଳକୂପଗୁଡିକ ମଧ୍ୟରୁ ଅଧିକାଂଶ ଜଳରେ ଲୌହ ଅଂଶ ଅତ୍ୟଧିକ ମାତ୍ରାରେ ଥିବାରୁ ବ୍ୟବହାର ଅନୁପଯୋଗୀ ବୋଲି ପରୀକ୍ଷଣରୁ ଜଣାପଡ଼ିଛି। ଫଳରେ ଗ୍ରାମବାସୀ ଗାଁ ଶିବ ମନ୍ଦିର ପରିସରରେ ଥିବା କୂଅ ଉପରେ ନିର୍ଭର କରୁଛନ୍ତି। ଏଥିସହ ୨ଟି ନଳକୂପରେ ସୌରଚାଳିତ ପମ୍ପ ଖଞ୍ଜାଯାଇଥିବାବେଳେ ତାହାକୁ ସ୍ଥାନୀୟ ଜନସାଧାରଣ ପାନୀୟକୁ ଛାଡ଼ି ଅନ୍ୟ କାର୍ଯ୍ୟରେ ବ୍ୟବହାର କରୁଥିଲେ। କିନ୍ତୁ କିଛିଦିନ ହେବ ଉକ୍ତ ସୌରଚାଳିତ ପମ୍ପ ଖରାପ ହୋଇଥିବାରୁ ପାଣି ଅସୁନାହିଁ। ପଞ୍ଚାୟତର ବାଲିପୁଟ, ଭୁତିଆଡିହ ଗ୍ରାମରେ ବସୁଧା ଟାଙ୍କି ଥିଲେ ମଧ୍ୟ ବାଣେଶ୍ୱରପଡ଼ା ଗ୍ରାମକୁ ଏହି ଟାଙ୍କିରୁ ଜଳଯୋଗାଣ ହେଉନାହିଁ। ଗାଁରେ ଥିବା ଡ୍ରେନ ସଫା ହେଉ ନ ଥିବା ବେଳେ ସେଥିରେ ଜଳ ନିଷ୍କାସନ ହୋଇପାରୁନାହିଁ। ଏହାକୁ ନେଇ ରାସ୍ତାରୋକୋ ହୋଇଥିଲା। ଖବରପାଇ ତହସିଲଦାର ଧର୍ମରଞ୍ଜନ ପଣ୍ଡା, ବିଡିଓ ସଂଗ୍ରାମ କେଶରୀ ଭୋଳ, ଆଇଆଇସି ରମାକାନ୍ତ ନାୟକ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀ ମହିଳାଙ୍କୁ ବୁଝାଶୁଝା କରିଥିଲେ। ଗୁରୁବାର ବ୍ଲକ୍‌ରୁ ଗୋଟିଏ ଟିମ୍ ବାଣେଶ୍ୱରପଡ଼ା ଗ୍ରାମକୁ ଯାଇ ସମସ୍ତ ସମସ୍ୟା ଅନୁଧ୍ୟାନକରି ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାର ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ରାସ୍ତାରୁ ଉଠିଥିଲେ। ଏ ନେଇ ତିଗିରିଆ ବ୍ଲକ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ନାଗେଶ ପ୍ରଧାନଙ୍କୁ ପଚାରିବାରେ ଏଭଳି କୌଣସି ଅଭିଯୋଗ ଆସିନାହିଁ। ତଥାପି ବାଣେଶ୍ୱରପଡ଼ା ଯାଇ ସୋଲାର ପମ୍ପରେ ଥିବା ସମସ୍ୟା ଅନୁଧ୍ୟାନକରି ଶୀଘ୍ର ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

## ଗୋପାଳପୁର ସେବା ସମବାୟ ସମିତି ସଭାପତି, ସମ୍ପାଦକ ଗିରଫ

ବାଙ୍କୀ, ୮।୪( ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ରତାଗଡ଼ ପଞ୍ଚାୟତସ୍ଥିତ ଗୋପାଳପୁର ସେବା ସମବାୟ ସମିତି କାର୍ଯ୍ୟାଳୟ ସାଧାରଣ ବୈଠକରେ ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ବିବାଦ ଓ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ବୁଧବାର ରାତିରେ ସମବାୟ ସମିତି ସଭାପତି ଈଶ୍ୱର ଚନ୍ଦ୍ର ଜେନା ଓ ସମ୍ପାଦକ ସୁଧୀର କୁମାର ଜେନାଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗତ ୩୦ ତାରିଖରେ ଗୋପାଳପୁର ସେବା ସମବାୟ ସମିତି କାର୍ଯ୍ୟାଳୟ ପକ୍ଷରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସଭ୍ୟ ଶ୍ରୀରାମ ଚନ୍ଦ୍ର ରାଉତ ସେବା ସମବାୟ ସମିତିରେ ହୋଇଥିବା ଅନିୟମିତତା ନେଇ ପ୍ରଶ୍ନ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସମିତି ସଭାପତି, ସମ୍ପାଦକ ଏବଂ ତାଙ୍କ ସହଯୋଗୀମାନେ ଶ୍ରୀରାମଙ୍କୁ ଅତର୍କିତ ମରଣାନ୍ତକ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ। ଖବରପାଇ ସୁବର୍ଣ୍ଣପୁର ବିଟ୍ ହାଉସ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚିବା ପରେ ଆକ୍ରମଣକାରୀମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବାବେଳେ ସମିତି ସମ୍ପାଦକଙ୍କୁ ବିଟ୍ ହାଉସରେ ଅଟକ ରଖିଥିଲେ। ତେବେ ବିଟ୍ ହାଉସ ଅଧିକାରୀ ସମ୍ପାଦକଙ୍କୁ ରାତି ଅଧରେ ଛାଡି ଦେଇଥିଲେ। ଅନ୍ୟପଟେ ଆକ୍ରମଣ ନେଇ ଆହତ ଶ୍ରୀରାମ ସୁବର୍ଣ୍ଣପୁର ବିଟ୍ ହାଉସରେ ଅଭିଯୋଗ କରିଥିବାବେଳେ ମାଡ଼ ମାରିଥିବା ଅଭିଯୁକ୍ତ ବାଙ୍କୀ ଥାନାରେ ଅଭିଯୋଗ କରିଥିଲେ। ଉଭୟଙ୍କ ଅଭିଯୋଗ ଆଧାରରେ ୨ଟି ମାମଲା ରୁଜୁ ହୋଇଥିଲା। ପରେ ନ୍ୟାୟ ପାଇଁ ଶ୍ରୀରାମ କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ଭେଟି ନ୍ୟାୟ ମାଗିବା ସହ ଆକ୍ରମଣକାରୀଙ୍କ ଗିରଫ ଦାବି କରିଥିଲେ। ଏଥିସହ ଚାଷୀମାନଙ୍କ ପ୍ରତି ହୋଇଥିବା ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ଲଢ଼ିବା ସହ ନ୍ୟାୟ ନ ପାଇ ବିଭାଗୀୟ ଜିଲା ଅଧିକାରୀ, ଭିଜିଲାନ୍ସ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ୍ୟ ଅଭିଯୋଗ କରିଥିଲେ। ପରେ ଆହତ ଶ୍ରୀରାମଙ୍କ ଅଭିଯୋଗ ମୁତାବକ ବାଙ୍କୀ ଥାନାରେ ଏକ ମାମଲା(ନଂ. ୧୮୪ /୨୬) ରୁଜୁ ହୋଇଥିଲା। ଉକ୍ତ ମାମଲାରେ ବୁଧବାର ବିଳମ୍ବିତ ରାତିରେ ପୋଲିସ ସମିତିର ସଭାପତି ଏବଂ ସମ୍ପାଦକଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଏସମ୍ପର୍କରେ ବାଙ୍କୀ ଥାନା ଆଇଆଇସି ଦିଲ୍ଲୀପ କୁମାର ମର୍ଦ୍ଦରାଜ ଭୂୟାଁ ଏବଂ ଏସ୍‌ଡିପିଓ ବାଳକୃଷ୍ଣ କହଁରଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନାହିଁ।

# ଫାର୍ମାସି ବିଭାଗର ଭୂମିକା ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ

### ସାଲେପୁର ଫାର୍ମାସୀ କଲେଜର ୪୩ ତମ ବାର୍ଷିକୋତ୍ସବ

ସାଲେପୁର,୮।୪(ଅରବିନ୍ଦ ଭୂୟାଁ)


ଉତ୍ସବରେ ମଞ୍ଚାସୀନ ଅତିଥି।

ସାଲେପୁର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସି ଆଣ୍ଡ ଟେକ୍ନୋଲୋଜିର ବୁଧବାର ୪୩ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରଫେସର ଡ. ପ୍ରବୀର କୁମାର ସିହ୍ନା ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ମନୋରଞ୍ଜନ ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ୟୁ.ଏନ୍. ସ୍ୱୟଂଶାସିତ ମହାବିଦ୍ୟାଳୟ, ଅତଶପୁରର ଇତିହାସ ବିଭାଗର ପ୍ରଫେସର ଡ. ଖାରବେଳ ମହାନ୍ତି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ଫାର୍ମାସି ବିଭାଗର ଭୂମିକା ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଶିଷ୍ଟ ଅତିଥି ରୂପେ ଡ. ପୀୟୂଷ ପଟ୍ଟନାୟକ, ଅନୁଷ୍ଠାନର ପରିଚାଳନା କମିଟିର ସଭାପତି ଦେବୀପ୍ରସାଦ ଦାସ, ସମ୍ପାଦକ ରବୀନ୍ଦ୍ର ନାଥ କର, ସଭ୍ୟ ଭରତ ଭୂଷଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଅନୁଷ୍ଠାନର ପ୍ରତିଷ୍ଠାତା ଜଷ୍ଟିସ୍ ଯୁଗଳ କିଶୋର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣକରି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ପ୍ରାରମ୍ଭରେ ଅଧ୍ୟକ୍ଷ ଡ. ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅଧାପିକା ଶ୍ୟାମଳୀ ଶତପଥୀ ଓ ରୀତିକା ପ୍ରଧାନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ମଞ୍ଚ ଉପରକୁ ଆମନ୍ତ୍ରିତ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡ଼ାରେ ପାରଦର୍ଶିତା ହାସଲକରିଥିବା କୃତୀ ଫାର୍ମାସି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ପରିଚାଳକ ଆସୋସିଏଟ୍ ପ୍ରଫେସର ଡ. ପ୍ରଭାତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ସମସ୍ତ ଅଧାପିକାଅଧାପକ ଓ କର୍ମଚାରୀ ଯୋଗଦେଇ ସହଯୋଗ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରାଜନୀତି ବିଜ୍ଞାନ ବିଭାଗ ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ବାଙ୍କୀ,୮।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଦୃଶ୍ୟଶ୍ରାବ ଗୃହଠାରେ ରାଜନୀତି ବିଜ୍ଞାନ ବିଭାଗ ଓ ଆଇକ୍ୟୁଏସି ମିଳିତ ଆନୁକୂଲ୍ୟରେ ବୁଧବାର ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଭାରପ୍ରାପ୍ତ ଅଧ୍ୟକ୍ଷା ପ୍ରାଧ୍ୟାପିକା ଗାୟତ୍ରୀ ନାୟକ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ସଭାପତିତ୍ୱ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ରୁଦ୍ର ନାରାୟଣ ସାହୁ ଅତିଥି ପରିଚୟ, ଅଧ୍ୟାପିକା ପୂଜା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ନରେଶ କୁମାର ବେହେରା ଆଲୋଚନା ବିଷୟବସ୍ତୁ ଉପରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଇତିହାସ ବିଭାଗ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ସୋମା ଚାନ୍ଦ ଯୋଗଦାନକରି ଭାରତୀୟ ସଂସ୍କୃତି, ପରମ୍ପରା ସେଥିରେ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ କିପରି ରହିଛି ସେ ସମ୍ପର୍କରେ କହିଥିଲେ। ବିଶିଷ୍ଟ ବକ୍ତାଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ବିଭାଗର ପ୍ରଫେସର ଡ. ମନ୍ଦାକିନୀ ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ତଥା ଆଇକ୍ୟୁଏସିର ସଂଯୋଜକ ଡ. ଶଶିଭୂଷଣ ମହାପାତ୍ର ଯୋଗଦେଇଥିଲେ।

## ଆଠଗଡ଼ ଓକିଲ ସଂଘର ଶପଥ ଗ୍ରହଣ ଉତ୍ସବ

ଆଠଗଡ଼, ୮।୪(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ଓକିଲ ସଂଘର ନିର୍ବାଚନରେ ବିଭିନ୍ନ ପଦବୀରେ ବିଜୟୀ ପଦାଧିକାରୀମାନଙ୍କର ଶପଥ ଗ୍ରହଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ପରିଚାଳନା ଅଧିକାରୀ ବରିଷ୍ଠ ଆଇନଜୀବୀ ପ୍ରସନ୍ନ କୁମାର ରାଉତଙ୍କ ସଂଯୋଜନାରେ ଏନ୍‌ଏସି କାର୍ଯ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡ. ନାରାୟଣ ପଣ୍ଡା, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ତିଗିରିଆ ଓକିଲ ସଂଘର ସଭାପତି ପ୍ରଶାନ୍ତ କୁମାର ପଟ୍ଟନାୟକ, ସମ୍ପାଦକ ତନ୍ମୟ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ନିର୍ବାଚନ ଅଧିକାରୀ ରାଉତ ଚଳିତବର୍ଷ ସଭାପତି ପଦରେ ବିଜୟୀ ଜଗଦାନନ୍ଦ ତ୍ରିପାଠୀ, ସମ୍ପାଦକ ଭାବେ ବନ ବିହାରୀ ସାହୁ, ଉପସଭାପତି ଭାବେ ସୁବାସ ଚନ୍ଦ୍ର ସାହୁ, ସହସମ୍ପାଦକ ଭାବେ ସୁପ୍ରଭା ଦୋରା, କୋଷାଧ୍ୟକ୍ଷ ଭାବେ ଶ୍ରୀନିବାସ ଦାସ ଓ କାର୍ଯ୍ୟକାରିଣୀ ସଭ୍ୟା ଦୀପାଳୀ ଦାଶ ପ୍ରମୁଖଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହି ଅବସରରେ ବିଧାୟକ ସ୍ୱାଇଁ କୋର୍ଟ ପରିସରରେ ଏକ ଗୃହ ନିର୍ମାଣ ପାଇଁ ୧୦ଲକ୍ଷ ଟଙ୍କାର ଅନୁଦାନ ରାଶି ଘୋଷଣା କରିଥିଲେ। ଶେଷରେ ଆଇନଜୀବୀ ଜ୍ଞାନ ପ୍ରକାଶ ଧଳସାମନ୍ତ ଧନ୍ୟବାଦ ଦେଇଥିଲେ।

## ବାଙ୍କୀର ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ ସ୍ମାରକପତ୍ର




ବାଙ୍କୀ,୮।୪ (ଜ୍ଞାନେନ୍ଦ୍ର ମୋହନ ମିଶ୍ର ):

ପାନୀୟଜଳ, ଶୀତଳଭଣ୍ଡାର ଓ ଉଠା ଜଳସେଚନ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ବୁଧବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବାଙ୍କୀ କଲେଜର ପୂର୍ବତନ ଛାତ୍ର ସଂସଦ ସଭାପତି ଅଜୟ କୁମାର ପାଣିଙ୍କ ନେତୃତ୍ୱରେ ଶତାଧିକ ଛାତ୍ର ଓ ଯୁବକ ଶୋଭାଯାତ୍ରାରେ ସହର ପରିକ୍ରମାକରି ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସ୍ମାରକପତ୍ର ପ୍ରଦାନ ସମୟରେ ଯୁବନେତା ପାଣି, ଅର୍ଜୁନ ପ୍ରଧାନ, ବିଜୟ କୁମାର ଜେନା, ସମୀର ନାୟକ, ଶିବପ୍ରସାଦ ମହାପାତ୍ର, ସ୍ୱାଗତ କୁମାର ସେଠୀଙ୍କ ସମେତ ବହୁ ଯୁବକ ସାମିଲ ହୋଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ

ତିଗିରିଆ, ୮।୪( ଜାଫର ଖାଁ):ତିଗିରିଆ ବ୍ଲକ୍ ଅନ୍ତର୍ଗତ ବିଦ୍ଧାଣିମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଦ୍ୟାମନ୍ଦିରର ସଭାପତି ନିରଞ୍ଜନ ପ୍ରସାଦ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଠଗଡ଼ ଭାଜପା ନେତା ଅଭୟ କୁମାର ବାରିକ, ମୁଖ୍ୟବକ୍ତା ଭାବେ ଧର୍ମ ଜାଗରଣ ମଞ୍ଚର ଶରତ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ତିଗିରିଆ ବ୍ଲକ୍‌ର କଟକ ଏମ୍‌ପିଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନିଶାକର ବେହେରା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାମନ୍ଦିରର ସମ୍ପାଦିକା ଶୁଭସ୍ମିତା ପଟ୍ଟନାୟକଙ୍କ ସହିତ ସମସ୍ତ ଗୁରୁମାଗୁରୁଜୀ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



# ଦୁର୍ବଳ ନେତୃତ୍ୱ ପାଇଁ ମାହାଙ୍ଗା କଂଗ୍ରେସ ପଛରେ ପଡ଼ିଛି

### ନବ ନିଯୁକ୍ତ ବ୍ଲକ କଂଗ୍ରେସ ସଭାପତିଙ୍କ ଖବରଦାତା ସମ୍ମିଳନୀ

ମାହାଙ୍ଗା,୮।୪ (ଅଜୟ କୁମାର ମହାନ୍ତି)


ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃମଣ୍ଡଳୀ।

କଟକ ଜିଲା ମାହାଙ୍ଗାର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସେକ ମତଲୁବ୍ ଅଲ୍ଲୀଙ୍କ ନେତୃତ୍ୱରେ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହୋଇପାରିଥିଲା। ମାହାଙ୍ଗା ନିର୍ବାଚନମଣ୍ଡଳୀରେ କଂଗ୍ରେସ ସଙ୍ଗଠନ ସୁଦୃଢ ହେବା ସହ ଏକ ନମ୍ବର ରାଜନୈତିକ ଦଳ ହୋଇପାରିଥିଲା। ତାଙ୍କ ପରେ ଯେଉଁମାନେ କଂଗ୍ରେସର ନେତୃତ୍ୱ ନେଲେ ସେମାନଙ୍କ ଯୋଗୁ ମାହାଙ୍ଗାରେ କଂଗ୍ରେସ ସଙ୍ଗଠନ ଦୁର୍ବଳ ହୋଇଗଲା ବୋଲି ନବ ନିଯୁକ୍ତ ବ୍ଲକ କଂଗ୍ରେସ ସଭାପତି ଆଇନଜୀବୀ ଦୀପକ କୁମାର ମହାନ୍ତି ଏକ ଖବରଦାତା ସମ୍ମିଳନୀରେ ବୁଧବାର ପ୍ରକାଶ କରିଛନ୍ତି। ଅପରାହ୍ନରେ ଖଣ୍ଡୋଳ କଂଗ୍ରେସ କାର୍ଯ୍ୟାଳୟଠାରେ ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ସମ୍ମିଳନୀରେ ମହାନ୍ତି ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେବା ସହ ଖୁବ୍‌ଶୀଘ୍ର ଅଚଳ କଂଗ୍ରେସକୁ ସଚଳ କରିବା, ଗାଁ, ପଞ୍ଚାୟତ ଓ ବ୍ଲକସ୍ତରରେ କଂଗ୍ରେସ କର୍ମୀମାନଙ୍କୁ ଏକଜୁଟ କରି ବୈଠକ ଅନୁଷ୍ଠିତ ପରେ ବିଭିନ୍ନ କମିଟି ଗଠନ କରାଯିବ। ଏହି କମିଟି ମାଧ୍ୟମରେ କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରି ପଞ୍ଚାୟତ ଓ ବ୍ଲକସ୍ତରରେ ହେଉଥିବା ବ୍ୟାପକ ଅନିୟମିତତା, ଦୁର୍ନୀତି ତଥା ସାଧାରଣଲୋକଙ୍କ ଅଭିଯୋଗ ଆଦିକୁ ଲୋକଲୋଚନକୁ ଆଣି ବର୍ତ୍ତମାନର ଜନବିରୋଧୀ ସରକାରଙ୍କ ବିରୋଧରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି।

ସମ୍ମିଳନୀରେ ମାହାଙ୍ଗା କଂଗ୍ରେସ ନେତା ସେକ୍ ମସୁଦ ଅଲ୍ଲୀ, ସମ୍ପାଦକ ମାନସ ରଞ୍ଜନ ଦାସ, ଅରୁଣ କୁମାର ନାଥ, ରଞ୍ଜନ କୁମାର ପ୍ରଧାନ, ନୃପେନ୍ଦ୍ର ମୋହନ ଜେନା, ସାଧାରଣ ସମ୍ପାଦକ ସୁକାନ୍ତ ନନ୍ଦ, ଯୁବନେତା ସୌକତ ଅଲ୍ଲୀ ପ୍ରମୁଖ ଉପସ୍ଥିତ ରହି ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସଙ୍ଗଠନକୁ ମଜବୁତ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ। ଏଥିରେ ବହୁ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**OFFICE OF THE PANCHAYAT SAMITI, BARGAON**
**DIST-SUNDARGARH**
e-mail id: ori-bargaon@od.gov.in, PIN-770016

**BID IDENTIFICATION NO-2026-PRBGR-127361**

Notice No.910, Date 06.04.2026

No.19001/16/2627: The Block Development Officer, Bargaon, Sundargarh on behalf of Governor of Odisha invites in "ONLINE MODE Percentage Rate Bids (Double Cover)" for the civil works under Bargaon Block of Sundargarh District. The detail of works, eligibility, estimated cost and cost of tender paper alongwith detailed documents/ terms and conditions will be available in the website http://tendersodisha.gov.in. The bidder should be B & C Class Contractor. The date of availability of tender paper will be from date 09.04.2026 to date 24.04.2026 in the website http://tendersodisha.gov.in and last date of online bid submission will be 24.04.2026 (5.00 PM). The Bids will be opened on dated 28.04.2026 at 10.00 AM.

Sd./- Block Development Officer
Bargaon

OIPR-19001/19338/1/26-27/0002

**OFFICE OF THE GENERAL MANAGER, WATCO DIVISION-II, BHUBANESWAR**
WATCO
Near Rajiv Bhawan, Unit-V, Bhubaneswar-751001, Odisha, India
Telefax : +91-674-2390322, E-mail : gmdivtwowatco@gmail.com

**NATIONAL COMPETITIVE BIDDING THROUGH e-PROCUREMENT**

**Invitation For Bids (IFB)**

No.13001/113/2627
GMWATCO-II/03/2026-27 Dt.06.04.2026

| SN | Name of Work | Appx. Estimated Cost (Rs. in Lakh) | Period of Completion | Availability of Bid Document for Online Bidding | | Name & address of Officer Inviting Bid |
|---|---|---|---|---|---|---|
| | | | | From | To | |
| 1 | 2 | 3 | 4 | 5 | 6 | 7 |
| 1 | Improvement of Water Supply for laying of 100mm dia pipe line of Newly Developed area at Gada Mahavir under Ward No-58 & Including Protection Work at Kapileswar Pump House and Supplying and Installation of Air Blower Pump with Electric motor at Filter House & Improvement of Chlorine Leak Absorption System at Bhuasuni Treatment Plant, Samantarapur, Old Town, BBSR. (Laying) of Pipeline at Gada Mahavir) | 21.78 | 02 (Two) Months | 11.00 Hrs. of 09.04.26 | 17.00 Hrs. of 23.04.26 | The General Manager, Watco Division-II, Unit-V, BBSR, Odisha |

Name & Address of Officer Inviting Bid : The General Manager, WATCO Division-II, Unit-V, BBSR, Odisha

Further details can be seen from the e-Procurement portal "https://www.tendersodisha.gov.in".

OIPR-13001/13089/1/26-27/0001
Sd./- GENERAL MANAGER, WATCO

**ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN: U13100OR1956SGC000313, www.omcltd.in
OMC ODISHA MINING CORPORATION LTD. Mining Happiness

No.30001/4/2627

**E-PROCUREMENT NOTICE**

| Sl. No. | NIT No. | Job Description | Availability of Tender Document | Bid Due Date |
|---|---|---|---|---|
| 1 | OMC/E-PROC/C&P/ 003/ 2026-27, Dtd.07/04/2026 | Supply of Fire Clay Mortar and Fire Clay Bricks at Ferrochrome Plant | 08-04-2026 | 04-05-2026 |
| 2 | OMC/E-PROC/C&P/ 004/ 2026-27, Dtd.07/04/2026 | Supply of Quartzite at Ferrochrome Plant | 08-04-2026 | 04-05-2026 |
| 3 | OMC/E-PROC/C&P/ 005/ 2026-27, Dtd.07/04/2026 | Supply of Magnesite at Ferrochrome Plant | 09-04-2026 | 05-05-2026 |
| 4 | OMC/E-PROC/C&P/ 006/ 2026-27, Dtd.07/04/2026 | Supply of C.I. Moulds and C.I. Slag Pots with Spout as per drawing at Ferrochrome Plant | 09-04-2026 | 05-05-2026 |
| 5 | OMC/E-PROC/C&P/ 007/ 2026-27, Dtd.07/04/2026 | Supply, Installation, testing and commissioning of various Medical Equipment for Hospitals and Dispensaries of OMC Limited | 10-04-2026 | 07-05-2026 |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any/all the bids or to annul the bidding process without assigning any reason thereof.

OIPR-30001/30005/1/26-27/0004
Sd./- Head (C&P)

# ରାମେଶ୍ୱର ଭାଗବତ ମେଳଣ ଆରମ୍ଭ

ନିରାକାରପୁର,୮।୪
(ମାନସ ଚନ୍ଦ୍ର ପଟ୍ଟନାୟକ)

ରାମେଶ୍ୱର ପଞ୍ଚାୟତରେ ଥିବା ଭାଗବତ ମେଳଣର ଜମାଣ ମଙ୍ଗଳବାର ବିଳମ୍ବିତ ରାତିରେ ପାରମ୍ପରିକ ରୀତିରେ ପାଳିତ ହୋଇଯାଇଛି। ଏହି ଅବସରରେ ମେଳଣର ଥାନପତି ଭାବେ ରାମେଶ୍ୱର ଖମାରସାହି ଓ ମଝିସାହିର ଭାଗବତ ଦେବଙ୍କ ସନ୍ଧ୍ୟାକାଳୀନ ଧୂପ ପରେ ପୂଜାର୍ଚ୍ଚନା କରାଯାଇ ଏକ ସୁସଜ୍ଜିତ ବିମାନରେ ଶ୍ରୀଜୀଉମାନଙ୍କୁ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ନାଗା-ପରୀ, କେଳା-କେଳୁଣୀ, ଧୋବା-ଧୋବଣୀ, ଶିବ-ପାର୍ବତୀ ଆଦି ପାରମ୍ପରିକ ନୃତ୍ୟ ଓ ଘଣ୍ଟ, ଢୋଲ, ତୂରୀ ସାଙ୍ଗକୁ ହରିବୋଲ, ହୁଳହୁଳି ଓ ନଗରକୀର୍ତ୍ତନରେ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।




ଶ୍ରୀଜୀଉଙ୍କୁ ମେଳଣ ପଡ଼ିଆରେ ଆସୀନ କରାଯାଇଥିଲା। ଅନୁରୂପଭାବେ ଏହି ମେଳଣ ନିମନ୍ତେ ସ୍ଥାନୀୟ ତାଳପଡ଼ା, ରମାବିଲି, ମଧୁବନ, ସାମନ୍ତରାପୁର, ଷଠିପଦର, ଯାଜପୁର, ମିରିଗଦୟଣୀ ଆଦି ସ୍ଥାନରୁ ଆମନ୍ତ୍ରିତ ଭାଗବତ ଦେବଗଣ ମେଳଣ ପଡ଼ିଆରେ ପହଞ୍ଚି ସାରିଛନ୍ତି। ସେଠାରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଉଛି। ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ପ୍ରଭୁକୃପା ଲାଭ କରୁଛନ୍ତି। ବିଭିନ୍ନ ପ୍ରକାର ଖାଦ୍ୟଷ୍ଟଲ, ଘରକରଣା, ଖେଳନା ଓ ମନୋହରି ଦୋକାନର ପସରା ମେଲିଛି। ଘରେ ଘରେ ବନ୍ଧୁବାନ୍ଧବଙ୍କ ଗହଳିଚହଳି ଲାଗିଛି। ମଙ୍ଗଳବାର ରାତିରୁ ଜମାଣ ପରେ ବୁଧବାରଠାରୁ ମେଳଣ ଜୋର ଧରିଛି। ବିଭିନ୍ନ ଯାତ୍ରା ପାର୍ଟି ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ପ୍ରବଳ ଜନସମାବେଶକୁ ଦୃଷ୍ଟିରେ ରଖି ନିରାକାରପୁର ଥାନା ପକ୍ଷରୁ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ଏହା ଚଳିତବର୍ଷର ଶେଷ ମେଳଣ ହୋଇଥିବାରୁ ବହୁ ସଂଖ୍ୟାରେ ଜନସମାଗମ ହେଉଛି। ବୁଧବାର ସନ୍ଧ୍ୟାରେ ଝଡ଼ବର୍ଷା ହୋଇଥିଲେ ମଧ୍ୟ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

# କାଳବୈଶାଖୀ: ଚିଲିକାରେ ଫସିଲା ଭସାପୋଲ

କୃଷ୍ଣପ୍ରସାଦ,୮।୪
(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଜହ୍ନିକୁଦା – ସାତପଡ଼ା ଚିଲିକାରେ ଫସିଲା ଭସାପୋଲ। ବୁଧବାର ଅପରାହ୍ନ ପ୍ରାୟ ୫ଟାରେ ଜହ୍ନିକୁଦାରୁ ସାତପଡ଼ା ଅଭିମୁଖେ ଏକ ଯାତ୍ରୀବାହୀ ଭସାପୋଲ ଯାଉଥିବାବେଳେ ଆକାଶରେ କଳାମେଘ ଢାଙ୍କିଆସିଥିଲା। ପରେ ବର୍ଷା ପବନ ହୋଇଥିଲା। ଚାଳକ ବାଟ ହୁଡ଼ିବାରୁ ମଇଁଷା ନିକଟ ଏକ କୁଦରେ ଭସାପୋଲ ଫସିଯାଇଥିଲା। ଏହି ସମୟରେ ଭସାପୋଲକୁ ଉଦ୍ଧାର କରିବାକୁ ଆସି ଅନ୍ୟ ଏକ ଭସାପୋଲ ମଧ୍ୟ ଫସିରହିଥିଲା। ଏଥିରେ ୨ଟି କାର, ୫ଟି ବାଇକ୍ ସହ ୩୦ ଜଣ ରହିଥିଲେ। ଯାତ୍ରୀମାନେ ଆତଙ୍କିତ ଓ ଚିନ୍ତିତ ହୋଇପଡ଼ିଥିଲେ। ପ୍ରାୟ ୩ଘଣ୍ଟା ଏଭଳି ପରିସ୍ଥିତି ଲାଗି ରହିଥିଲା। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ କହିଥିଲେ, ଭସାପୋଲ ନିଜ ଚ୍ୟାନେଲରୁ ବାହାରକୁ ଆସିବା ଯୋଗୁ ହୋସ୍‌ପାଇପ୍‌ଟି ଭାଙ୍ଗିଯାଇଛି। ହୋସ୍‌ପାଇପ୍ ଆସିଲେ ଚାଲିବ। ବର୍ତ୍ତମାନ ଭସାପୋଲକୁ ଟାଣି ବାହାର କରାଯିବ। ମାଲୁଦରୁ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି।



# ପ୍ରାଥମିକ ବିଦ୍ୟାଳୟରେ ପିଲାଙ୍କୁ ବର୍ଣ୍ଣବୋଧ ବଣ୍ଟନ

ଖୋର୍ଦ୍ଧା,୮।୪(ପ୍ରଭାତ ପାଣିଗ୍ରାହୀ)

ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ବୁଧବାର ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବର୍ଣ୍ଣବୋଧ ବହି ବଣ୍ଟନ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି କୋଷାଧ୍ୟକ୍ଷ ଡ. ବିମଳ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ହେବା ସହ ଉତ୍ତମ ଚରିତ୍ର ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷାବିତ୍ ଭୀମସେନ୍ ପ୍ରଧାନ, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ଅଧିବକ୍ତା ବିକ୍ରମ କେଶରୀ ଚମ୍ପତି, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଶିକ୍ଷୟିତ୍ରୀ ସୃଜନିକା ମହାପାତ୍ର, ସୁଦୀପ୍ତା ପଟ୍ଟନାୟକ, ସୁଜାତା ବେହେରା ଏବଂ ସୋନାଲି ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ପ୍ରସନ୍ନ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।




ଉତ୍କଳ ସମ୍ମିଳନୀ ପକ୍ଷରୁ ପିଲାମାନଙ୍କୁ ବର୍ଣ୍ଣବୋଧ ବହି ବଣ୍ଟନ କରାଯାଉଛି।

# ୧୭ ବିଦ୍ୟାଳୟରେ ଶିକ୍ଷା ସଚେତନତା ରଥକୁ ସ୍ୱାଗତ



ଚମ୍ପାଇଲୋ ବିଦ୍ୟାଳୟ ପରିସରରେ ଶିକ୍ଷା ସଚେତନତା ରଥକୁ ସ୍ୱାଗତ କରାଯାଉଛି।

ବୋଲଗଡ଼,୮।୪(ଦେବବ୍ରତ ହୋତା)

ଶିକ୍ଷା ସଚେତନତା ରଥକୁ ବୁଧବାର ବୋଲଗଡ଼ ମଣ୍ଡଳ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ସ୍ୱାଗତ କରାଯାଇଛି। ଚମ୍ପାଇଲୋ, ମାଗୁରା, ଟିକାତାଳ ଓ ପୁଆଣିଆସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଚମ୍ପାଇଲୋ, ଶିଉଳା ଏବଂ ଅସରଳାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପିଟୁକୁଲି ଓ ଅସରଳା ସ୍ଥିତ ଉଚ୍ଚ ବିଦ୍ୟାଳୟ, ପିଟୁକୁଲି ଆଦର୍ଶ ବିଦ୍ୟାଳୟ ଏବଂ ଟିକାତାଳ ସଂସ୍କୃତ ବିଦ୍ୟାଳୟରେ ହରିଧ୍ୱନି, ସଙ୍କୀର୍ତ୍ତନ, ହୁଳହୁଳି, ଡ୍ରମ୍ ବାଦନ ତଥା ନୃତ୍ୟ ପରିବେଷଣ ଆଦି ମାଧ୍ୟମରେ ସ୍ୱାଗତ କରାଯାଇଥିଲା। ଶଙ୍କରପୁର ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଭୁକ୍ତ କଅଁରପୁର ଓ କାଦୁଆପଡ଼ାସ୍ଥିତ ପ୍ରାଥମିକ ବିଦ୍ୟାଳୟ, ଶଙ୍କରପୁର ଓ କାଦୁପଡା ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଆରିକିମା ଓ ଖାରଡପଲ୍ଲୀସ୍ଥିତ ଉଚ୍ଚ ବିଦ୍ୟାଳୟରେ ସିଆର୍‌ସିସି ଶୁଭେନ୍ଦୁ ଦଳସିଂହାରଙ୍କ ତତ୍ତ୍ୱାବଧାନରେ ନୃତ୍ୟ ପରିବେଷଣ, ବନ୍ଦାପନା କରି ରଥକୁ ସ୍ୱାଗତ କରାଯାଇଥିଲା। ପିଟୁକୁଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଲୋକନାଥ ସାହୁ ଏବଂ ଶଙ୍କରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ଦାସଙ୍କ ଆବାହକତ୍ୱରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ଯଥାକ୍ରମେ ପିଟୁକୁଲି ଓ ଶଙ୍କରପୁର କ୍ଲଷ୍ଟରର ଉପରୋକ୍ତ ସମସ୍ତ ବିଦ୍ୟାଳୟରେ ରଥ ପରିକ୍ରମାରେ ଯୋଗଦାନ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି ବାଇକ୍ ଯାତ୍ରାରେ ରଥ ପରିକ୍ରମାରେ ସାମିଲ ହୋଇ ଜନସଚେତନତା ସୃଷ୍ଟି କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ କ୍ଷେତ୍ରମୋହନ ରଣା, ସୁଧୀର କୁମାର ସେଠୀ, ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ଦେଈ, ଶିକ୍ଷକ ସୁସ୍ମିକାନ୍ତ ସାହୁ, ବିଚିତ୍ରାନନ୍ଦ ରାୟଗୁରୁ, ସରୋଜ କୁମାର ରାୟଗୁରୁ,ଅଞ୍ଜନ ଜୟସିଂହ, ବାସୁଦେବ ବରାଡ, ବିମ୍ବାଧର ସାହୁ, ହୃଷିକେଶ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

# ଲକ୍ଷ୍ମଣ ଶକ୍ତିଭେଦ, ମହୀରାବଣ ଓ ରାବଣ ବଧ

## ରାମଲୀଳାର ତ୍ରୟୋଦଶ ସନ୍ଧ୍ୟା

ଯାଁଳା,୮।୪(ବୁଲା ବାରିକ)

ଭୁବନେଶ୍ୱର ଉପକଣ୍ଠ ମୁଣ୍ଡମୁହାଣ ଗ୍ରାମରେ ୮୧ତମ ଐତିହାସିକ ରାମ ନାଟକ ଯାତ୍ରା ଶେଷ ପର୍ଯ୍ୟାୟ ଆଡ଼କୁ ଗତି କରୁଛି। ଯାତ୍ରାର ତ୍ରୟୋଦଶ ସନ୍ଧ୍ୟାରେ ମହୀରାବଣ ବଧ, ଲକ୍ଷ୍ମଣ ଶକ୍ତିଭେଦ ଓ ରାବଣ ବଧ ଦୃଶ୍ୟ ମଞ୍ଚସ୍ଥ ହୋଇଯାଇଛି। ରାମାୟଣ କଥାବସ୍ତୁ ଅନୁଯାୟୀ, କୁମ୍ଭକର୍ଣ୍ଣ ବଧ ପରେ ରାବଣ ମର୍ମାହତ ହୋଇପଡ଼ନ୍ତି ଏବଂ ଏହାପରେ ଉତ୍କ୍ଷିପ୍ତ ଇନ୍ଦ୍ରଜିତଙ୍କ ସହ ଲକ୍ଷ୍ମଣଙ୍କ ଘମାଘୋଟ ଯୁଦ୍ଧ ହୁଏ। ଶେଷରେ ଇନ୍ଦ୍ରଜିତ ବଧ ହୁଅନ୍ତି ଓ ପରେ ମର୍ମାହତ ରାବଣ ଯୁଦ୍ଧ କରିବାକୁ ଆସନ୍ତି। ରାମ ରାବଣ ଯୁଦ୍ଧରେ ରାବଣ ଏକଘନୀ ଅସ୍ତ୍ର ପ୍ରୟୋଗରେ ଲକ୍ଷ୍ମଣଙ୍କ ଶକ୍ତିଭେଦ ହୁଏ, ଶ୍ରୀରାମଙ୍କ ସେନାଙ୍କ ମଧ୍ୟରେ ଶୋକର ବାତାବରଣ ଖେଳିଯାଏ। ଏହାପରେ ହନୁମାନ ବିଶଲ୍ୟକରଣୀ ପତ୍ର ଚିହ୍ନି ନ ପାରି ଗନ୍ଧମାର୍ଦ୍ଦନ ପର୍ବତକୁ ଉଠାଇଆଣନ୍ତି। ଅଯୋଧ୍ୟା ଉପର ଦେଇ ହନୁମାନ ଆସିଲାବେଳେ ଭରତଙ୍କ ବାଟୁଳିରେ ସେ ଭୁଲ୍‌ରେ ଖସିପଡ଼ନ୍ତି। ପରେ ହନୁମାନ ସୂର୍ଯ୍ୟ ଉଦୟ ପୂର୍ବରୁ ଗନ୍ଧମାର୍ଦ୍ଦନଙ୍କୁ ଧରି ଲକ୍ଷ୍ମଣଙ୍କ ନିକଟରେ ପହଞ୍ଚନ୍ତି, ବୈଦ୍ୟ ଗୁରୁ ସୁଷେଣଙ୍କ ବିଶଲ୍ୟ ଲେପନରେ ଲକ୍ଷ୍ମଣ ସୁସ୍ଥ ହୁଅନ୍ତି। ରାବଣ ପୁଷ୍ପକ ଯାନରେ ଆସି ରାମ ଓ ଲକ୍ଷ୍ମଣଙ୍କ ସହ ମାୟା ଯୁଦ୍ଧ ଆରମ୍ଭ କରନ୍ତି। ଶେଷରେ ପ୍ରଭୁ ଶ୍ରୀରାମଙ୍କ ବ୍ରହ୍ମାସ୍ତ୍ରରେ ରାବଣଙ୍କ ବଧ ହୁଏ। ନାଟକରେ ବିଭିନ୍ନ ଭୂମିକାରେ ଭରତ ବାରିକ, ଗଗନ ସ୍ୱାଇଁ, ମୁରଲୀ ପ୍ରଧାନ, ଅନିଲ୍ ପରିଡ଼ା, ଶଙ୍କର୍ଷଣ ମଙ୍ଗରାଜ, ଅରୁଣ ସ୍ୱାଇଁ, ସନ୍ତୋଷ ପ୍ରଧାନ, ସଞ୍ଜୟ ପରିଡ଼ା ପ୍ରମୁଖ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।



# ବାସେଳି ପୂଜାରେ ଘୋଡ଼ାନାଚ

ବାରଙ୍ଗ,୮।୪(ଲିଙ୍ଗରାଜ ରାଉତ)

ଇଞ୍ଜଣା ଗ୍ରାମରେ ବସେଳି ପୂଜା ଉପଲକ୍ଷେ ଘୋଡାନାଚ ଅନୁଷ୍ଠିତ ହୋଇଯାଇଛି। ପୁରୁଣା ପରମ୍ପରା ଓ ଏଇତିହ୍ୟକୁ ବଞ୍ଚାଇ ରଖିବାକୁ ଗ୍ରାମବାସୀ ପ୍ରୟାସ କରିଛନ୍ତି। ଏହି ଅବସରରେ ମା' ବାସୁଳେଇ ଦେବୀଙ୍କ ପୀଠରେ ମଙ୍ଗଳବାର ରାତିରେ ବିଶେଷ ପୂଜାର୍ଜନ ଅନଷ୍ଠିତ ହୋଇଥିଲା। ଏନେଇ ଆୟୋଜିତ ତୃତୀୟ ବାର୍ଷିକ ଘୋଡାନାଚ ଉତ୍ସବରେ ଭାଜପା ନେତା ଗୋଲେଖ ମହାପାତ୍ର ଅତିଥି ଭାବେ ଯୋଗଦେଇ ବୁଡ଼ିଯାଉଥିବା ଲୋକକଳାକୁ ବଞ୍ଚାଇ ରଖିବା ପାଇଁ ଗ୍ରାମବାସୀ କରିଥିବା ପ୍ରୟାସକୁ ପ୍ରଶଂସା କରିଥିଲେ। ଏହାସହ ବିଭିନ୍ନ ପର୍ବପର୍ବାଣିକୁ ପାଳନ କରି ଗ୍ରାମବାସୀଭାଇଚାରାର ବାର୍ତ୍ତା ବାଣ୍ଟି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ବୋଲି ମହାପାତ୍ର କହିଛନ୍ତି। ତେବେ ଏହି ଅବସରରେ ଗ୍ରାମରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ନେଇ ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଗ୍ରାମବାସୀ ମହାପାତ୍ରଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ। ଏହି ଅବସରରେ ଯୋଗଦେଇଥିବା ଅଞ୍ଚଳର ମୁରବୀ, ଯୁବକ ଓ ରାଜନୈତିକ ବ୍ୟକ୍ତିମାନଙ୍କୁ ଗ୍ରାମବାସୀ ସମ୍ବର୍ଦ୍ଧିତ କରିଥିଲେ।

# ନାଳନ୍ଦା ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ




ବେଗୁନିଆ,୮।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ନାଳନ୍ଦା ପବ୍ଲିକ ସ୍କୁଲର ଦ୍ୱାଦଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଅଜୟ କୁମାର ସାହୁଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ସୁଧାକର ସେଠୀଙ୍କ ସଂଯୋଜନାରେ ଶିକ୍ଷକ ଅଖିଳ ମହାପାତ୍ର ମୁଖ୍ୟ ଅତିଥି ଏବଂ ସନ୍ତୋଷ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଭଲ ପାଠ ପଢ଼ି ସୁନାଗରିକ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ରାଜେଶ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

OFFICE OF THE PANCHAYAT SAMITI, BARGAON
DIST-SUNDARGARH
e-mail id: ori-bargaon@od.gov.in, PIN-770016
BID IDENTIFICATION NO-2026-PRBGR-127361
Notice No.910, Date 06.04.2026
No.19001/16/2627: The Block Development Officer, Bargaon, Sundargarh on behalf of Governor of Odisha invites in "ONLINE MODE Percentage Rate Bids (Double Cover)" for the civil works under Bargaon Block of Sundargarh District. The detail of works, eligibility, estimated cost and cost of tender paper alongwith detailed documents/ terms and conditions will be available in the website http://tendersodisha.gov.in. The bidder should be B & C Class Contractor. The date of availability of tender paper will be from date 09.04.2026 to date 24.04.2026 in the website http://tendersodisha.gov.in and last date of online bid submission will be 24.04.2026 (5.00 PM). The Bids will be opened on dated 28.04.2026 at 10.00 AM.
Sd./- Block Development Officer
Bargaon
OIPR-19001/19338/1/26-27/0002

# ଚମ୍ପାଇଲୋରେ 'ସୀତାଚୋରି', କପାସିଆରେ 'ଲଙ୍କାପୋଡ଼ି' ମଞ୍ଚସ୍ଥ





ଚମ୍ପାଇଲୋରେ 'ସୀତାଚୋରି' ଓ କପାସିଆ ଗ୍ରାମରେ 'ଲଙ୍କାପୋଡ଼ି' ନାଟକର ଦୃଶ୍ୟ।

ବୋଲଗଡ଼,୮।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକର ଚମ୍ପାଇଲୋ ଓ କପାସିଆ ଗ୍ରାମରେ ପାରମ୍ପରିକ ରାମଲୀଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଚମ୍ପାଇଲୋର ପ୍ରସିଦ୍ଧ 'ଅନଙ୍ଗ ରାମଲୀଳା'ରେ ମଙ୍ଗଳବାର ରାତିରେ 'ସୀତାଚୋରି' ଓ କପାସିଆ ଗ୍ରାମରେ 'ଲଙ୍କାପୋଡ଼ି' ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ଚମ୍ପାଇଲୋରେ ବିଶିଷ୍ଟ ପୋଥିଗାୟକ ତଥା ଶିକ୍ଷାବିତ୍ ଅଇଁଠୁ ରଣଜିତ୍‌ସିଂହ ଓ ସାଥିଙ୍କ ଦ୍ୱାରା ଅନଙ୍ଗ ନରେନ୍ଦ୍ରଙ୍କ କୃତ ତାଳପତ୍ର ପୋଥିରୁ ଶ୍ରୀରାମଙ୍କ ବନବାସ, ସେତୁବନ୍ଧ ପ୍ରତିଷ୍ଠା ଓ ସୂର୍ପଣଖା ନାସିକା ଛେଦନ ପ୍ରସଙ୍ଗ ପୂର୍ବ ରାତିଗୁଡ଼ିକରେ ଗାନ କରାଯାଇଥିଲା। କଳାକାରମାନଙ୍କ ଦ୍ୱାରା ସୀତା ଅପହରଣର କରୁଣ ଦୃଶ୍ୟ ପ୍ରଦର୍ଶିତ ହୋଇଥିଲା। ମାୟାବୀ ରାବଣର କପଟତା, ସୁନାମିରିଗ ଲୋଭରେ ସୀତା ପଡ଼ିବା ଏବଂ ପରବର୍ତ୍ତୀ ସମୟରେ ପକ୍ଷୀରାଜ ଜଟାୟୁଙ୍କ ବୀରତ୍ୱପୂର୍ଣ୍ଣ ସଂଗ୍ରାମ ଓ ମୃତ୍ୟୁ ଦୃଶ୍ୟରେ କଳାକାର କାଳିଆ ମୁଦୁଲି, କେଦାର ବରାଡ଼, ଶୁଭ ରାଉତରାୟ, ଟୁମୁଣି ଉତ୍ତରାୟ ଏବଂ ଭୋଳା ମୁଦୁଲି ଅତି ନିଖୁଣ ଭାବେ ଅଭିନୟ କରିଥିଲେ।

ସୀତା ହରଣ ପ୍ରସଙ୍ଗ ମାଧ୍ୟମରେ ସମାଜକୁ ଏକ ବଡ଼ ଶିକ୍ଷା ମିଳିଥିଲା ଯେ, ବାହ୍ୟ ଚିକ୍କଣ ଓ ମାୟା ପଛରେ ଦୌଡ଼ିଲେ ମଣିଷକୁ କିଭଳି ବିପଦ ଓ କ୍ଷତି ସହିବାକୁ ପଡ଼େ। ସମସ୍ତ ପରିସ୍ଥିତିରେ ବିବେକ ସହ ନିଷ୍ପତ୍ତି ନେବା ଏବଂ ଅଧର୍ମ ବିରୋଧରେ ଜଟାୟୁଙ୍କ ଭଳି ସାହସ ଦେଖାଇବା ହିଁ ପ୍ରକୃତ ମାନବିକତା ବୋଲି ଦର୍ଶକ ଅନୁଭବ କରିଥିଲେ। ବାବୁ ପାଲଟାସିଂହ, ଦୀପକ ଜେନା, ନକୁଳ ରଣସିଂହ ଓ ଜଗନ୍ ସାମନ୍ତ ରୂପସଜ୍ଜା କରିଥିବାବେଳେ ମଞ୍ଚଗୁରୁ ବାନାମ୍ବର ଜଗଦ୍ଦେବ ଓ ସୁଶାନ୍ତ ମତ୍ତଗଜସିଂହ ସଂଯୋଜନା କରିଥିଲେ। ୱାର୍ଡସଭ୍ୟ ଆନନ୍ଦ ସାମନ୍ତରାୟ ଓ ଗୌତମ ଜେନା ସମସ୍ତ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ସେହିପରି କପାସିଆ ଗ୍ରାମରେ ପୋଥିଗାୟକ ନିରଞ୍ଜନ ଦାଶ ଏବଂ ମଞ୍ଚଗୁରୁ ଜୟକୃଷ୍ଣ ସମାନ୍ତରାୟ, ଲକ୍ଷ୍ମୀଧର ମହାପାତ୍ର ଓ ସୁନିଲ ବିଶ୍ୱାଳଙ୍କ ପରିଚାଳନାରେ ରାମଲୀଳା ସମ୍ପନ୍ନ ହୋଇଛି। ହନୁମାନ ଭୂମିକାରେ ଚଗଲା ବିଶ୍ୱାଳ, ରାବଣ ଭୂମିକାରେ କୃପାସିନ୍ଧୁ ବିଶ୍ୱାଳ ଏବଂ ଲଙ୍କାଦେବୀ ଭୂମିକାରେ ଜିତେନ୍ଦ୍ର ମହାପାତ୍ର ଚମତ୍କାର ଅଭିନୟ ମାଧ୍ୟମରେ 'ଲଙ୍କାପୋଡ଼ି' ଦୃଶ୍ୟକୁ ଜୀବନ୍ତ କରିଥିଲେ। ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ ସ୍ୱରୂପ ରାବଣର ଅହଂକାର ଧୂଳିସାତ୍ ହେବା ଅଭିନୟରେ ପ୍ରତିଫଳିତ ହୋଇଥିଲା। ଉଭୟ ସ୍ଥାନରେ ରାମଲୀଳା ଦେଖିବାକୁ ଭୋର୍ ସମୟ ଯାଏ ଲୋକଙ୍କ ଭିଡ଼ ଜମିଥିଲା।

OFFICE OF THE GENERAL MANAGER, WATCO DIVISION-II, BHUBANESWAR
WATCO
Near Rajiv Bhawan, Unit-V, Bhubaneswar-751001, Odisha, India
Telefax : +91-674-2390322, E-mail : gmdivtwowatco@gmail.com
NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB)
No.13001/113/2627
GMWATCO-II/03/2026-27 Dt.06.04.2026

| SN | Name of Work | Appx. Estimated Cost (Rs. in Lakh) | Period of Completion | Availability of Bid Document for Online Bidding | | Name & address of Officer Inviting Bid |
|---|---|---|---|---|---|---|
| | | | | From | To | |
| 1 | 2 | 3 | 4 | 5 | 6 | 7 |
| 1 | Improvement of Water Supply for laying of 100mm dia pipe line of Newly Developed area at Gada Mahavir under Ward No-58 & Including Protection Work at Kapileswar Pump House and Supplying and Installation of Air Blower Pump with Electric motor at Filter House & Improvement of Chlorine Leak Absorption System at Bhuasuni Treatment Plant, Samantarapur, Old Town, BBSR. (Laying) of Pipeline at Gada Mahavir) | 21.78 | 02 (Two) Months | 11.00 Hrs. of 09.04.26 | 17.00 Hrs. of 23.04.26 | The General Manager, Watco Division-II, Unit-V, BBSR, Odisha |

Name & Address of Officer Inviting Bid : The General Manager, WATCO Division-II, Unit-V, BBSR, Odisha
Further details can be seen from the e-Procurement portal "https://www.tendersodisha.gov.in".
OIPR-13001/13089/1/26-27/0001
Sd./- GENERAL MANAGER, WATCO

ODISHA MINING CORPORATION LIMITED
OMC House, Bhubaneswar-751001, Odisha
CIN: U13100OR1956SGC000313, www.omcltd.in
OMC ODISHA MINING CORPORATION LTD. Mining Happiness
No.30001/4/2627
E-PROCUREMENT NOTICE

| Sl. No. | NIT No. | Job Description | Availability of Tender Document | Bid Due Date |
|---|---|---|---|---|
| 1 | OMC/E-PROC/C&P/ 003/ 2026-27, Dtd.07/04/2026 | Supply of Fire Clay Mortar and Fire Clay Bricks at Ferrochrome Plant | 08-04-2026 | 04-05-2026 |
| 2 | OMC/E-PROC/C&P/ 004/ 2026-27, Dtd.07/04/2026 | Supply of Quartzite at Ferrochrome Plant | 08-04-2026 | 04-05-2026 |
| 3 | OMC/E-PROC/C&P/ 005/ 2026-27, Dtd.07/04/2026 | Supply of Magnesite at Ferrochrome Plant | 09-04-2026 | 05-05-2026 |
| 4 | OMC/E-PROC/C&P/ 006/ 2026-27, Dtd.07/04/2026 | Supply of C.I. Moulds and C.I. Slag Pots with Spout as per drawing at Ferrochrome Plant | 09-04-2026 | 05-05-2026 |
| 5 | OMC/E-PROC/C&P/ 007/ 2026-27, Dtd.07/04/2026 | Supply, Installation, testing and commissioning of various Medical Equipment for Hospitals and Dispensaries of OMC Limited | 10-04-2026 | 07-05-2026 |

All other details can be seen from the Tender Document available on the e-procurement portal of the Government of Odisha (www.tendersodisha.gov.in) and on the website of OMC (www.omcltd.in). OMC reserves the right to reject any/all the bids or to annul the bidding process without assigning any reason thereof.
OIPR-30001/30005/1/26-27/0004
Sd./- Head (C&P)




ପୁରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ନୃତ୍ୟାଞ୍ଜଳି କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଦାବିରେ ଧାରଣା। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୦୪।୨୦୨୬

| ୫,୧୨,୫୦୨ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ବର୍ଷା ଉଜାଡ଼ିଦେଲା ମୁଗଚାଷ, ଚାଷୀ ମୁଣ୍ଡରେ ଚଡ଼କ

**କାକଟପୁର/ଅସ୍ତରଙ୍ଗ, ୮।୪ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ୍)**

ଅଦିନିଆ ବର୍ଷାରେ ଉଜୁଡ଼ିଗଲା ମୁଗଚାଷ। ମୁଗ ଫସଲରେ ଫୁଲ ଧରିଆସୁଥିବା ବେଳେ ପାଣି ଜମିରହିବା ଯୋଗୁ ଚାଷ ନଷ୍ଟହେବାକୁ ଆରମ୍ଭ କଲାଣି। ଯଦି ଆଗକୁ ବର୍ଷା ଲାଗିରୁହେ ତା'ହେଲେ ମୁଗ ବିଲରେ କୀଟନାଶକ ସିଞ୍ଚନ କରିବା ମଧ୍ୟ କଷ୍ଟକର ହୋଇପଡ଼ିବ। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅଧୀନ ୧୫ଟି ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ବର୍ଷା ଯୋଗୁ ବ୍ୟାପକ ମୁଗ ଫସଲ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରୁଛନ୍ତି। ଧାର କରଜ କରି ଫସଲ କରିଥିବା ଚାଷୀ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି। ଲାଭ ଦୂରରେ ଥାଉ, କେମିତି ରଣ ଶୁଝିବେ ସେ ଚିନ୍ତା ଚାଷୀଙ୍କୁ ଘାରିଲାଣି। ଜଣେ ଜଣେ ଚାଷୀ ୪ରୁ ୫ ଏକର ପର୍ଯ୍ୟନ୍ତ ମୁଗଚାଷ କରିଛନ୍ତି।



ଅସ୍ତରଙ୍ଗ କୃଷି ବିଭାଗ ତଥ୍ୟ ଅନୁଯାୟୀ, ଚଳିତବର୍ଷ ରବିରେ ପ୍ରାୟ ୧୫ଶହ ହେକ୍ଟରରୁ ଊର୍ଦ୍ଧ୍ୱ ଜମିରେ ମୁଗ ଫସଲ କରାଯାଇଛି। ଖରିଫ୍ ଫସଲ ବାତ୍ୟା, ଲଗାଣ ବର୍ଷାରେ ବହୁଳ ଭାବେ ପ୍ରଭାବିତ ହୋଇଛି। ମୁଗଗଛରେ ଫୁଲ ଧରିବା ବେଳକୁ ଫସଲରେ ପାଣି ପଶିଯିବାରୁ ତାହା ନଷ୍ଟହେବାକୁ ବସିଛି। ପାଣିରେ ବୁଡ଼ିରହିବା ଯୋଗୁ ମୁଗଗଛ ପଚି ନଷ୍ଟ ହୋଇଯିବାକୁ ବସିଛି। ଆଖିଆଗରେ ନିଜ ପରିଶ୍ରମର ଫଳ ଉଜୁଡ଼ି ଯାଉଥିବା ବେଳେ ଚାଷୀ ମୁଣ୍ଡରେ ସତେଯେମିତି ଚଡ଼କ ପଡ଼ିଛି। କିଛିଦିନ ପୂର୍ବରୁ ପତ୍ରପୋଡ଼ା ରୋଗ ହୋଇଥିବାରୁ ପୋକ ଲାଗି ଗଛର ପତ୍ରଗୁଡ଼ିକ ନଷ୍ଟ ହୋଇଯାଇଥିଲା। ଏମିତିକି ପତ୍ର ହଳଦିଆ ପଡ଼ି ଗଛ ମରିଯାଉଥିବା ଦେଖିବାକୁ ମିଳିଥିଲା। ପୋକ ମାରିବାକୁ ଚାଷୀ ବଜାରରୁ ଯେଉଁ କୀଟନାଶକ କିଣି ବିଲରେ ପକାଇଥିଲେ ତାହା କାମ ଦେଇ ନ ଥିଲା। ଏଣେ ଫୁଲରେ ପାଣି ପଶିଯିବାରୁ ତାହା ଓଜନିଆ ହୋଇ ଝଡ଼ିବାକୁ ଥିବାବେଳେ ବର୍ଷା ଲାଗିରହିଲେ ଗଛମୂଳ ମଧ୍ୟ ନଷ୍ଟ ହୋଇଯିବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏନେଇ ଅସ୍ତରଙ୍ଗ ବ୍ଲକ କୃଷି ଅଧିକାରିଣୀ ବି. ଅର୍ପିତା କହିଛନ୍ତି, ଚାଷୀମାନେ ନିଜ ନିଜ ଜମିରୁ ତୁରନ୍ତ ପାଣି ନିଷ୍କାସନ କରି ରୋଗପୋକ ଦାଉରୁ ରକ୍ଷା କରିବାକୁ କୀଟନାଶକ ସିଞ୍ଚନ କରନ୍ତୁ।

# ବାଏନେ ଠାକୁରଙ୍କ ହରିହର ଭେଟ ଦର୍ଶନକଲେ ଶ୍ରଦ୍ଧାଳୁ



**ପିପିଲି, ୮।୪ (ଦୁର୍ଗାମାଧବ ମିଶ୍ର)**

### କୁଞ୍ଜର ମେଳଣ ଉଦ୍‌ଯାପିତ

ପିପିଲି ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ କୁଞ୍ଜର ମେଳଣ ଉଦ୍‌ଯାପନୀରେ ବାଏନେ ଠାକୁରଙ୍କ ହରିହର ଭେଟକୁ ଦର୍ଶନକଲେ ହଜାର ହଜାର ଶ୍ରଦ୍ଧାଳୁ। ପୁରାଣପ୍ରସିଦ୍ଧ ଏହି ମେଳଣ ଚୈତ୍ର ପୂର୍ଣ୍ଣମୀ ଦ୍ୱିତୀୟାରେ ଜମିଥାଏ। ଉକ୍ତ ଦିନ ରାତିରେ ସମସ୍ତ ରୀତିନୀତି ସରିବା ପରେ କୁଞ୍ଜର ଗ୍ରାମର ଆରାଧ୍ୟ ଭଗବତ ବାସୁଦେବ(ଥାନପତି)ଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ମେଳଣ ପଡ଼ିଆସ୍ଥିତ ଆସ୍ଥାନରେ ବିଜେ କରାଯିବା ପରେ ଗୋବିନ୍ଦପୁର, ଲକ୍ଷ୍ମୀନାରାୟଣପୁର, ଜଗନ୍ନାଥପୁର, ପୂବାଶାସନ, ପମସରା, ଓରକଲ ପଞ୍ଚାୟତ ସମେତ ପିପିଲି ପୌରାଞ୍ଚଳର ୫୧ଟି ଗ୍ରାମରୁ ଠାକୁରମାନେ ସୁସଜ୍ଜିତ ବିମାନରେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନିଆଯାଇ ମେଳଣପଡ଼ିଆସ୍ଥିତ ଉଦ୍ଦିଷ୍ଟ ପିଣ୍ଡିରେ ବସାଯାଇଥିଲା। ୪ଦିନ ବ୍ୟାପୀ ଠାକୁରଙ୍କ ସମ୍ମୁଖରେ ପ୍ରାୟ ୧୦ଟି ସଂକୀର୍ତ୍ତନ ମେଳ ପକ୍ଷରୁ ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ପ୍ରତ୍ୟହ ଏହି ମେଳଣରେ ହଜାର ହଜାର ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା। ଶେଷରାତ୍ରିରେ ଥାନପତିଙ୍କ ସହ ହରିହର ଭେଟ ପରେ ମେଳଣ ଉଦ୍‌ଯାପିତ ହୋଇଥିଲା। ହରିହର ଭେଟ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ଏହା ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁ ସମବେତ ହୋଇଥିଲେ। କୁଞ୍ଜର ମେଳଣ ପିପିଲି ବ୍ଲକର ସର୍ବବୃହତ୍ ମେଳଣ ଭାବେ ପରିଚିତ । ଉକ୍ତ ମେଳଣ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି। ମେଳଣ କମିଟିର କର୍ମକର୍ତ୍ତା ଅଭିମନ୍ୟୁ ପ୍ରଧାନ, ବାଇଧର ପ୍ରଧାନ, ବିଜୟ ପ୍ରଧାନ ବିଶେଷ ସହଯୋଗ ପାଇଁ ଅଞ୍ଚଳବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ସଂକ୍ଷେପରେ

### ଦୁଇଟି ଚୋରି ଘଟଣା: ସନ୍ଧାନୀ କୁକୁର ସହାୟତାରେ ତଦନ୍ତ

**ଯୋଗେଶ୍ୱରପୁର,୮।୪(ରଶ୍ମିରଞ୍ଜନ ସାହୁ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ବଡ଼ତୋଟା ଛକରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଗୁଆମସଲା ଦୋକାନ ଭାଙ୍ଗି ଚୋରି ହୋଥିବା ନେଇ ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେଉ୍ଳୀ ପଞ୍ଚାୟତର ବଡ଼ତୋଟା ଛକରେ ଥିବା ନୃସିଂହ ଚରଣ ସ୍ୱାଇଁଙ୍କ ଦୋକାନ ତାଲାଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଭୁବନେଶ୍ୱରରୁ ଆସିଥିବା ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ କରିଥିଲେ। ସେହିପରି ଗତ ୫ ତାରିଖରେ ଶୋହଣା ଗ୍ରାମର ଘୋଡ଼ାଦାଣ୍ଡ ତ୍ରିଲୋଚନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି ଘଟଣାର ତଦନ୍ତ ପୋଲିସ ସନ୍ଧାନୀ କୁକୁର ସହାୟତାରେ କରିଛି। ଚୋରି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଫାଣ୍ଡି ଅଧିକାରୀ ମଲ୍ଲିକ ପ୍ରକାଶ କରିଛନ୍ତି।

### ଇଂଲିଶ ମିଡିୟମ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ

**କଣାସ,୮।୪(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକରେ ଥିବା ଇଂଲିଶ ମାଧ୍ୟମ ସ୍କୁଲରେ ବୁଧବାର ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ଉତ୍ସବ ଅଧ୍ୟକ୍ଷା ନୀଳିମା ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପୁରାତନ ଛାତ୍ରୀଛାତ୍ର ନବାଗତଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ନବାଗତଙ୍କ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉତ୍ସବକୁ ଅନନ୍ୟା ପ୍ରିୟଦର୍ଶିନୀ ପରିଚାଳନା କରିଥିଲେ।

### ଉତ୍ତମ ପୁରୀ ଜିଲା କଂଗ୍ରେସ କମିଟି ସମ୍ପାଦକ

**ଅସ୍ତରଙ୍ଗ, ୮।୪(ମମତା ଜେନା):** କାକଟପୁର ନିର୍ବାଚନମଣ୍ଡଳୀର ଯୁବନେତା ତଥା ସମାଜସେବୀ ଉତ୍ତମ କୁମାର ନାୟକ (ନଟ) ପୁରୀ ଜିଲା କଂଗ୍ରେସ କମିଟିର ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଏହା ପୂର୍ବରୁ ଉତ୍ତମ ଯୁବ କଂଗ୍ରେସ, ଛାତ୍ର କଂଗ୍ରେସର ନେତୃତ୍ୱ ନେବା ସହ ଦଳର ଜଣେ ସକ୍ରିୟ ସଭ୍ୟ ଭାବେ ଗୁରୁଦାୟିତ୍ୱ ବହନ କରିଆସୁଛନ୍ତି। ନାୟକ ସମ୍ପାଦକ ପଦ ପାଇବା ପରେ ଦଳର ନେତା ରାହୁଲ ଗାନ୍ଧୀ, ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ବରିଷ୍ଠ କଂଗ୍ରେସ ନେତା ସତ୍ୟବ୍ରତ ପାତ୍ର (ରମୁ ଭାଇ)ଙ୍କୁ କୃତଜ୍ଞତା ଜଣାଇବା ସହ ତୃଣମୂଳସ୍ତରରେ ଦଳୀୟ ସଂଗଠନକୁ ମଜଭୁତ କରିବା ପାଇଁ ଦୃଢ଼ ସଙ୍କଳ୍ପ ନେଇଛନ୍ତି। ନାୟକଙ୍କୁ ପୁରୀ ଜିଲା ସମେତ କାକଟପୁର ନିର୍ବାଚନମଣ୍ଡଳୀର କଂଗ୍ରେସ କର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଫୁଡ୍ ଫେଷ୍ଟିଭାଲ



ଟ୍ରେନରମାନଙ୍କ ଗହଣରେ ଭିନ୍ନକ୍ଷମ ଛାତ୍ରୀଛାତ୍ର।

**ନିମାପଡ଼ା, ୮।୪(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ପତିତପାବନ ସେବାସଂଘ ପ୍ରାଙ୍ଗଣରେ ଦୃଷ୍ଟିହୀନ, ବଧିର, ମାନସିକ ଅନଗ୍ରସର, ଭିନ୍ନକ୍ଷମ ଛାତ୍ରୀଛାତ୍ର, ବରିଷ୍ଠ ନାଗରିକଙ୍କ ଦ୍ୱାରା ଏକ ନିଆରା ଫୁଡ୍ ଫେଷ୍ଟିଭାଲ ଆୟୋଜନ ହୋଇଥିଲା। ଏଥିରେ ପତିତପାବନ ସେବାସଂଘ ଦ୍ୱାରା ପରିଚାଳିତ ଭିନ୍ନକ୍ଷମ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ନିଜସ୍ୱ ପ୍ରସ୍ତୁତ ଓଡ଼ିଆ ଘରର ପାରମ୍ପରିକ ଖାଦ୍ୟ, ବିଭିନ୍ନ ପ୍ରକାରର ପିଠାପଣା, ପିଠଉ ଆଦି ଏହି ମହୋତ୍ସବରେ ସ୍ଥାନ ପାଇଥିବାବେଳେ ୨୦ଟି ଷ୍ଟଲ୍ ଖୋଲାଯାଇଥିଲା। ଏହି ଫୁଡ୍ ଫେଷ୍ଟିଭାଲରେ ଅତିଥି ଭାବେ ପତିତପାବନ ସେବାସଂଘର ସମ୍ପାଦକ ଶିକ୍ଷାବିତ୍ ଜଗତ୍ ପ୍ରସାଦ ସାବୁତ, ପୂର୍ବତନମନ୍ତ୍ରୀ ସମୀର ରଞ୍ଜନ ଦାଶ, ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଯୁବନେତା ଜୀବନାନନ୍ଦ ମହାପାତ୍ର, ପ୍ରେସ୍ କ୍ଲବର ସଭାପତି ଅକ୍ଷୟ କୁମାର ବେହେରା ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଶ୍ରେଣୀଗୃହ ଶିକ୍ଷା ସହିତ କର୍ମକୁଶଳତା ବୃଦ୍ଧି କରିବା ଏହି ଫୁଡ୍ ଫେଷ୍ଟିଭାଲର ଆଭିମୁଖ୍ୟ। ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା, ସେମାନଙ୍କର ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ପାଇଁ ଏହି ମେଳା ଏକ ଅଭିନବ ପ୍ରୟାସ। ଟ୍ରେନର ପଦ୍ମଜା ଶୁଭସ୍ମିତା ନନ୍ଦ, ବର୍ଷାରାଣୀ ଦାସ, ସଂଯୁକ୍ତା ମହାପାତ୍ର, ମହେଶ୍ୱର ସାହୁ, ରଶ୍ମିତା ସାହୁ, ନମିତା ସେନାପତି, ବୈଜୟନ୍ତୀମାଳା ସ୍ୱାଇଁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଶତାଧିକ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏହି ନିଆରା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି ଫୁଡ୍ ଫେଷ୍ଟିଭାଲରେ ଲୋକଙ୍କ ଭିଡ଼ ଜମିଥିଲା। ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ଏଭଳି ପ୍ରୟାସକୁ ଅତିଥି ଓ ସାଧାରଣ ଜନତା ଭୂୟସୀ ପ୍ରଶଂସା କରିଥିଲେ।

### ଗାଡ଼ି ଚେକିଂ: ବସ୍‌କୁ ୨୦ ହଜାର ଟଙ୍କା ଫାଇନ୍

**ପୁରୀ,୮।୪(ଅଜିତ୍ କୁମାରମହାନ୍ତି):** ପୁରୀ-କୋଣାର୍କ ମାରାଇନ୍ ଡ୍ରାଇଭ ରୋଡ୍‌ରେ ଆର୍‌ଟିଓ ପକ୍ଷରୁ ଚେକିଂ ବୁଧବାର କରାଯାଇଥିଲା। ଚେକିଂ ସମୟରେ ମଦ୍ୟପାନ ଅଭିଯୋଗରେ ଏକ ଯାତ୍ରୀ ବାହି ବସ୍ ସହ ୩ଟି ଗାଡ଼ିକୁ ପରିବହନ ବିଭାଗ ଜବତ କରିଛି। ମଦ୍ୟପାନ କରି ବସ୍ ଚଳାଇବା ଅଭିଯୋଗରେ ବସକୁ ୨୦ ହଜାର ଟଙ୍କା ଫାଇନ୍ କରାଯିବା ସହ ଲାଇସେନ୍ସ ବାତିଲ କରାଯାଇଛି। ଦୁର୍ଘଟଣା ରୋକିବାକୁ ଆଗାମୀ ଦିନରେ ଆହୁରି ଅଧିକ ଚେକିଂ କରାଯିବ ବୋଲି ଆଞ୍ଚଳିକ ପରିବହନ ଅଧିକାରିଣୀ ସୂଚନା ଦେଇଛନ୍ତି।

### ଦୁର୍ନୀତି ସଂଘର୍ଷ ମଞ୍ଚର ତ୍ରୈମାସିକ ବୈଠକ

**ଅସ୍ତରଙ୍ଗ,୮।୪(ମମତା ଜେନା):** ଦେଉଳି ମଠ ପରିସରରେ ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ, ଭୁବନେଶ୍ୱରର ଅଧ୍ୟକ୍ଷ ଇଂ ଜଗବନ୍ଧୁ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ କାକଟପୁର ଶାଖା ଦୁର୍ନୀତି ସଂଘର୍ଷ ମଞ୍ଚର ତ୍ରୈମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରୁ କାକଟପୁର ଶାଖାର ସଭାପତି କୈଳାଶ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଲକ୍ଷ୍ମୀଧର ସେଠ୍ ମଞ୍ଚର କାର୍ଯ୍ୟଶୈଳୀ କିପରି ଅଧିକରୁ ଅଧିକ ହୋଇପାରିବ ସେ ନେଇ ପରାମର୍ଶ ଦେଇଥିଲେ। ପଣ୍ଡିତ ତ୍ରିଲୋଚନ ମିଶ୍ର ମଧୁବାବୁଙ୍କର ପ୍ରତିମୂର୍ତ୍ତି କାକଟପୁର ବ୍ଲକ୍ ଅଫିସ ଆଗରେ ଓ ସର୍ବସାଧାରଣ ସ୍ଥାନରେ ସ୍ଥାପିତ କରାଗଲେ ବର୍ତ୍ତମାନର ଯୁବପିଢ଼ିଙ୍କୁ ଦେଶ ମାତୃକାର ସମର୍ପଣ ଭାବରେ ଉଦ୍‌ବୁଦ୍ଧ କରିବ ବୋଲି ମନ୍ତବ୍ୟ ଦେଇଥିଲେ। କଟକରୁ କାକଟପୁର ଓ ଭୁବନେଶ୍ୱରରୁ କାକଟପୁରକୁ ଦୁଇ ଦୁଇଟି ଆମ ବସ୍ ଚଳାଚଳ ପାଇଁ ସଭାପତି ଷଡ଼ଙ୍ଗୀ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାହା ସମ୍ଭବ ହୋଇପାରି ନ ଥିବାରୁ ବୈଠକରେ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଛନ୍ତି। ମା' ମଙ୍ଗଳାଙ୍କ ପବିତ୍ର ଝାମୁଯାତ୍ରା, ମାସ ମାସ ଏହି ଯାତ୍ରା ଚାଲୁରହିବ, ଦୂର ଦୂରାନ୍ତରୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ଯିବା ଆସିବା ପାଇଁ ତୁରନ୍ତ ବିଭାଗୀୟ ମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେଇ ଆମ ବସ୍ ଚଳାଇବା ପାଇଁ ଦାବି ହୋଇଥିଲା। ନିମାପଡ଼ା-କାକଟପୁର ଓ କୋଣାର୍କରୁ କାକଟପୁର ରାସ୍ତାକୁ ପ୍ରଶସ୍ତୀକରଣ କରିବା ପାଇଁ ବରିଷ୍ଠ ପରାମର୍ଶଦାତା ରାଜକିଶୋର ଆଚାର୍ଯ୍ୟ କହିଥିଲେ। ଦୁର୍ନୀତି ସଂଘର୍ଷ ମଞ୍ଚର ୨୦୨୫-୨୬ ବର୍ଷର ନୂତନ ସଂଘର୍ଷ ପତ୍ରିକା ଉନ୍ମୋଚନ କରାଯାଇଥିଲା।

# ବଜ୍ରପାତରେ ବାପା ମୃତ, ପୁଅ ଆହତ

**କଣାସ,୮।୪(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକରେ ଲଗାତାର ଭାବେ ୪ ଦିନ ହେଲା ଅପରାହ୍ଣରେ କାଳବୈଶାଖୀ ଯୋଗୁ ପ୍ରବଳ ବେଗରେ ପବନ ବହିବା, ବର୍ଷା ହେବା ସହ ଘନ ଘନ ବଜ୍ରପାତ ହେଉଛି। ଫଳରେ ବ୍ୟାପକ ଧାନ ଓ ପନିପରିବା ଫସଲ କ୍ଷତି ହୋଇଛି। ବୁଧବାର ଅପରାହ୍ଣରେ କାଳବୈଶାଖୀ ଯୋଗୁ ପ୍ରବଳ ବେଗରେ ପବନ, ବର୍ଷା ହେବା ଓ ଘନ ଘନ ବଜ୍ରପାତ ହେବାରୁ ସାହୁପଡ଼ା ପଞ୍ଚାୟତ ବନ୍ଧମୁଣ୍ଡା ଗ୍ରାମର ବାପା ସିଦ୍ଧେଶ୍ୱର ବଳିୟାରସିଂଙ୍କର ମୃତ୍ୟୁ ଘଟିଥିବା ବେଳେ ପୁଅ ସୁଦାମ ବଳିୟାରସିଂ ଆହତ ହୋଇଛନ୍ତି। ବାପ, ପୁଅ ଜମିରେ ଧାନ ଅମଳ କରୁଥିବା ସମୟରେ ବଜ୍ରପାତ ହେବାରୁ ବାପ ସିଦ୍ଧେଶ୍ୱର ବଳିୟାରସିଂହ ଘଟଣାସ୍ଥଳରେ ଅଚେତ ହୋଇଯାଇଥିବା ବେଳେ ପୁଅ ସୁଦାମ ବଳିୟାରସିଂହ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସିଦ୍ଧେଶ୍ୱରଙ୍କୁ ମୃତ ଘୋଷଣା କରିଥିବାବେଳେ ପୁଅଙ୍କୁ ପ୍ରାଥମିକ ଚିକିତ୍ସା ପରେ ଡିସ୍‌ଚାର୍ଜ କରିଦେଇଥିଲେ। ଏ ସର୍କରେ ଗଡ଼ିଶାଗୋଦା ଥାନାରେ ପରିବାର ପକ୍ଷରୁ ଏତଲା ଦିଆଯିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ସାମାନ୍ୟ ବର୍ଷାରେ କେନାଲ ବନ୍ଧ ରାସ୍ତା କର୍ଦ୍ଦମାକ୍ତ

**ଗୋପ,୮।୪(ଭାରତୀ ଭୂଷଣ ଉପାଧ୍ୟାୟ)**

### ସାମାନ୍ୟ ବର୍ଷାରେ ବାହାରି ପାରୁନାହାନ୍ତି ଗ୍ରାମବାସୀ



ଗୋପ ଜଳସମ୍ପଦ ବିଭାଗ ଅଧୀନସ୍ଥ ବାୟାକୁଦା ମାଇନର କେନାଲ କାମ ଜାରି ରହିଛି। ଆରମ୍ଭରୁ ଠିକାଦାର ଜଣଙ୍କ ଅତ୍ୟନ୍ତ ନିମ୍ନମାନର କାମ କରୁଥିବା ବେଳେ ଅଧପନ୍ତରିଆ ଭାବେ ଏହି କାମ ପଡ଼ିରହିଛି। ୨ ଦିନ ଧରି ସାମାନ୍ୟ ବର୍ଷାରେ କେନାଲ ବନ୍ଧ ରାସ୍ତାରେ ନୂଆ ମାଟି ପଡ଼ିଥିବାରୁ କାଦୁଅ ଯୋଗୁଁ ଗ୍ରାମବାସୀ ବାହାରକୁ ବାହାରି ପାରୁ ନାହାନ୍ତି। ଫଳରେ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଯେ, ବାୟାକୁଦା ମାଇନର କେନାଲ ବନ୍ଧ ରାସ୍ତା କିଛିମାସ ପୂର୍ବରୁ ୮୪ ଲକ୍ଷ ଟଙ୍କା ବ୍ୟୟରେ ଟେଣ୍ଡର କରାଯାଇଥିଲା। ରାୟଗଡ଼ା ଅଞ୍ଚଳର ଠିକାଦାର ଟେଣ୍ଡର ପାଇବା ପରେ ଗୋପ ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଏହି କାମଟିକୁ ମୋଟା ଅଙ୍କର ଟଙ୍କା ନେଇ ବିକ୍ରି କରି ଦେଇଥିଲେ। କିଛିମାସ ପୂର୍ବରୁ ଗୋପ ଅଞ୍ଚଳର ଏହି ଠିକାଦାର ଜଣଙ୍କ ଉକ୍ତ କେନାଲ ବନ୍ଧ ରାସ୍ତା କାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ ଏଷ୍ଟିମେଟ ଅନୁସାରେ କାମ କରୁ ନ ଥିବା ଅଭିଯୋଗ ହୋଇଥିଲା। ଏବେ ବନ୍ଧ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିଥିବା ବେଳେ ଦୁଇ ଦିନ ବର୍ଷାରେ ରାସ୍ତା କର୍ଦ୍ଦମାକ୍ତ ହେଉଛି। ଏହି ବାୟାକୁଦା ମାଇନର କେନାଲ ବନ୍ଧ ନିକଟରେ ଅଧିକାଂଶ ଗାଁର ଲୋକମାନେ ବସବାସ କରୁଥିବାରୁ ଏବେ କାଦୁଅ ଯୋଗୁ ଗାଁ ଲୋକେ ବାହାରି ପାରୁନାହାନ୍ତି ବୋଲି ଅଭିଯୋଗ ହୋଇଛି। କଲେଜ ଓ ସ୍କୁଲ୍ ଛାତ୍ରୀଛାତ୍ରଙ୍କ ସହ ରୋଗୀମାନେ ମଧ୍ୟ ଡାକ୍ତରଖାନା ଯାଇପାରୁ ନାହାନ୍ତି। ଏହି ଅଭିଯୋଗକୁ ନେଇ ଜଳ ସମ୍ପଦ ବିଭାଗ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ସଞ୍ଜୟ କୁମାର ଗୋହାଣ କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଇଛି। ନିମ୍ନମାନର କାର୍ଯ୍ୟ ଓ ଅନ୍ୟାନ୍ୟ ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯିବ।

**ରଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓ.ଏ. ନଂ. ୨୦୨୪ର ୩୯୬

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ଭୁବନେଶ୍ୱର, ଓଡ଼ିଶା .....ଆବେଦନକାରୀ

ବନାମ

ସନ୍ଦୀପ ହରିଚନ୍ଦନ ଏବଂ ଅନ୍ୟମାନେ .....ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,

୧) ମେସର୍ସ ହୋଟେଲ ଗାଲାକ୍ସୀ ଇଣ୍ଟରନ୍ୟାସନାଲ୍, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୫୧୬/୧୭୧୯, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖ, କିଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର-୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ. ୨

୨) ହୋଟେଲ ଗାଲାକ୍ସୀ, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୧୦୧୬/୧୫୦୪, ସବ୍ ପ୍ଲଟ୍ ନଂ.: ଇ-୨୧, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର-୭୫୧୦୦୯, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ.୩

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ. ୨୦୨୪ର ୩୯୬ ଦ୍ୱାରା ଟ.୫୩,୫୮,୯୦୪.୦୦ ମାତ୍ର ରଣ ରାଶି ଏବଂ ତତ୍‌ସହିତ ଚଳିତ ଓ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ରଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସ୍‌ରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପରିଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର ୩୦ ଦିନ ମଧ୍ୟରେ କିମ୍ବା ତା୧୭.୦୬.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ରହି ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଅଛି କି ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ମୋ ଦ୍ୱାରା ଏବଂ ଏହି ପ୍ରାଧିକରଣର ସହି ମୋହର ସହ ଅଦ୍ୟ ଦିନାଙ୍କ ୨୬ ମାର୍ଚ୍ଚ, ୨୦୨୬ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର




ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଭୁଇଁପୁରଠାରେ ୩୬ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଶିଳ୍ପ ଅନୁଷ୍ଠାନର ଅଧିକାରୀଙ୍କୁ ଚୁକ୍ତି ସ୍ୱାକ୍ଷର ପତ୍ର ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ମୁଖ୍ୟ ଶାସନ ସଚିବ ଅନୁଗର୍ଗ ଏବଂ ଶିଳ୍ପ ସଚିବ ହେମନ୍ତ ଶର୍ମା।



ଶିଳ୍ପ ୟୁନିଟ୍‌ର କର୍ମଚାରୀଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।



୩୬ଟି ଶିଳ୍ପ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରୁଛନ୍ତି।




ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରୁଛନ୍ତି।

## କାଳବୈଶାଖୀ: ଚିଲିକାରେ ଫସିଲା ଭସାପୋଲ



କୃଷ୍ଣପ୍ରସାଦ,୮।୪
(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଜହ୍ନିକୁଦା – ସାତପଡ଼ା ଚିଲିକାରେ ଫସିଲା ଭସାପୋଲ। ବୁଧବାର ଅପରାହ୍ନ ପ୍ରାୟ ୫ଟାରେ ଜହ୍ନିକୁଦାରୁ ସାତପଡ଼ା ଅଭିମୁଖେ ଏକ ଯାତ୍ରୀବାହୀ ଭସାପୋଲ ଯାଉଥିବାବେଳେ ଆକାଶରେ କଳାମେଘ ଡାଙ୍କିଆସିଥିଲା। ପରେ ବର୍ଷା ପବନ ହୋଇଥିଲା। ଚାଳକ ବାଟ ହୁଡ଼ିବାରୁ ମଇଁଷା ନିକଟ ଏକ କୁଦରେ ଭସାପୋଲ ଫସିଯାଇଥିଲା। ଏହି ସମୟରେ ଭସାପୋଲକୁ ଉଦ୍ଧାର କରିବାକୁ ଆସି ଅନ୍ୟ ଏକ ଭସାପୋଲ ମଧ ଫସିରହିଥିଲା। ଏଥିରେ ୨ଟି କାର, ୫ଟି ବାଇକ୍ ସହ ୩୦ ଜଣ ରହିଥିଲେ। ଯାତ୍ରୀମାନେ ଆତଙ୍କିତ ଓ ଚିନ୍ତିତ ହୋଇପଡ଼ିଥିଲେ। ପ୍ରାୟ ୩ଘଣ୍ଟା ଏଭଳି ପରିସ୍ଥିତି ଲାଗି ରହିଥିଲା। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ କହିଥିଲେ, ଭସାପୋଲ ନିଜ ଚ୍ୟାନେଲରୁ ବାହାରକୁ ଆସିବା ଯୋଗୁ ହୋସ୍‌ପାଇପ୍‌ଟି ଭାଙ୍ଗିଯାଇଛି। ହୋସ୍‌ପାଇପ୍ ଆସିଲେ ଚାଲିବ। ବର୍ତ୍ତମାନ ଭସାପୋଲକୁ ଟାଣି ବାହାର କରାଯିବ। ମାଲୁଦରୁ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି।

# ସିଜିମାଳିରେ ପୋଲିସ ଜୁଲମର ଦୃଢ଼ ପ୍ରତିବାଦ

## ରାଜଧାନୀରେ ବେଦାନ୍ତ ବିରୋଧୀ ସ୍ୱର ଉଠିଲା

ଭୁବନେଶ୍ୱର,୮।୪ (ସୌମ୍ୟରଞ୍ଜନ ରାଉତ)




ମାଷ୍ଟରକ୍ୟାଣ୍ଟିନ ଛକରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ବିକ୍ଷୋଭ।

ରାଜଧାନୀରେ ବେଦାନ୍ତ ବିରୋଧୀ ସ୍ୱର ଉଠିଛି। ଗତ କିଛିଦିନ ଧରି ବେଦାନ୍ତ କମ୍ପାନୀ ସ୍ୱାର୍ଥରେ ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ସିଜିମାଳି ଅଞ୍ଚଳରେ ଚାଲିଥିବା ପୋଲିସ ଜୁଲମ୍ ତଥା ରାଷ୍ଟ୍ରହିଂସା ବିରୋଧରେ ବୁଧବାର ଓଡ଼ିଶାର ସଚେତନ ନାଗରିକ ମଞ୍ଚ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକରେ ଗଣ ପ୍ରତିବାଦ କରାଯାଇଛି। ୬ ଏପ୍ରିଲ ରାତିରେ କଣ୍ଟାମାଳ ଗ୍ରାମବାସୀଙ୍କ ଉପରେ ପୋଲିସର ବର୍ବରୋଚିତ ହିଂସାକାଣ୍ଡକୁ ମଞ୍ଚ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏକ ଗଣତାନ୍ତ୍ରିକ ଦେଶରେ ବେଦାନ୍ତ ଓ ତା'ର ମୈତ୍ରୀ ନାମକ ଠିକା କମ୍ପାନୀ ଦ୍ୱାରା ବକ୍ସାଇଟ ଖଣି ଖନନକୁ ବିରୋଧ କରୁଥିବା ଆଦିବାସୀ ଓ ଦଳିତ ଜନସାଧାରଣଙ୍କୁ ପୋଲିସ ଗିରଫ କରି ହିଂସା ଘଟାଇ ଦମନ କରିବାକୁ ନେଇ ଆନ୍ଦୋଳନକାରୀମାନେ ସମାଲୋଚନା କରିଛନ୍ତି। ସେମାନେ କହିଛନ୍ତି, ରାୟଗଡ଼ା ଜିଲା ତଥା ସିଜିମାଳି ଅଞ୍ଚଳ ଭାରତୀୟ ସମ୍ବିଧାନର ୫ମ ଅନୁସୂଚୀ ଅଞ୍ଚଳର ଅଂଶବିଶେଷ ହୋଇଥିବାବେଳେ ଗ୍ରାମସଭା ତଥା ସ୍ଥାନୀୟ ଜନସାଧାରଣଙ୍କ ବିନା ସମ୍ମତିରେ ବେଦାନ୍ତ କମ୍ପାନୀ ହାତରେ ସିଜିମାଳି ପର୍ବତକୁ ଖଣି ଖନନ ପାଇଁ ଟେକି ଦିଆଯାଇଛି। ଏହି ଖଣି ଖନନ ପ୍ରସ୍ତାବକୁ ବାତିଲ କରିବା ପାଇଁ ସେମାନେ 'ମା ମାଟି ମାଳି ସୁରକ୍ଷା ମଞ୍ଚ' ନେତୃତ୍ୱରେ ଗଣତାନ୍ତ୍ରିକ ଉପାୟରେ ଲଢ଼େଇ କରିଆସୁଛନ୍ତି। ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଦ୍ୱାରା ଅନୁଷ୍ଠିତ ଜନଶୁଣାଣିରେ ସେମାନେ ଏହାକୁ ସମ୍ପୂର୍ଣ୍ଣ ଭାବେ ବାତିଲ କରିବା ପାଇଁ ଦାବିକରି ଆସୁଛନ୍ତି। ସେହିଭଳି ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଗ୍ରାମବାସୀମାନେ ଗ୍ରାମସଭାରେ ଏହି ପ୍ରକଳ୍ପ ବିରୋଧରେ ସେମାନଙ୍କର ସ୍ପଷ୍ଟ ମତ ବ୍ୟକ୍ତ କରିଆସିଛନ୍ତି। ହେଲେ ବେଦାନ୍ତ କମ୍ପାନୀକୁ ସିଜିମାଳି ଖଣି କିପରି ଲିଜ୍ ଦିଆଗଲା ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ତେଣୁ ଉକ୍ତ ଅଞ୍ଚଳରୁ ନିଷେଧାଦେଶ ହଟାଇବା, ପୋଲିସ ପ୍ରତ୍ୟାହାର କରିବା, ବେଦାନ୍ତ କମ୍ପାନୀକୁ ଦିଆଯାଇଥିବା ସିଜିମାଳି ଖଣି ଲିଜ୍ ବାତିଲ କରିବା, ଜଙ୍ଗଲ ଅଧିକାର ଆଇନ ଓ ପେସା ଆଇନକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା, ବିରୋଧକାରୀଙ୍କ ଉପରେ ହୋଇଥିବା ସମସ୍ତ ମକଦ୍ଦମା ପ୍ରତ୍ୟାହାର କରିବା ଏବଂ ଲୋକଙ୍କ ନିର୍ଭୟ ଜୀବନଯାପନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିବାଦକାରୀମାନେ ଦାବି କରିଛନ୍ତି। ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ, ରଞ୍ଜନା ପାଢ଼ୀ, ନରେନ୍ଦ୍ର ମହାନ୍ତି, ସୁଭାଷିନୀ ଭଦ୍ରା, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ଶ୍ରମିକ ନେତା ମହେନ୍ଦ୍ର ପରିଡ଼ା, କବି ଲେଲିନ କୁମାର, ବିଜୟ ବାରିକ, ସାମାଜିକ କର୍ମୀ ପ୍ରମୋଦିନୀ ପ୍ରଧାନଙ୍କ ସମେତ ବହୁ ଯୁବ ଛାତ୍ର ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ବାଲୁକା କଳାରେ 'ବିନ୍ଦୁସାଗର'ର ପ୍ରମୋଶନ

### ୧୭ରେ ମୁକ୍ତିଲାଭ

ଭୁବନେଶ୍ୱର,୮।୪
(ସୌମ୍ୟରଞ୍ଜନ ରାଉତ)

ଆସନ୍ତା ୧୭ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି ଓଡ଼ିଆ ଚଳଚ୍ଚିତ୍ର 'ବିନ୍ଦୁସାଗର'। ହେଲେ ଏହା ପୂର୍ବରୁ ବାଲୁକା କଳା ଜରିଆରେ ପ୍ରଥମକରି ଏହି ଚଳଚ୍ଚିତ୍ରର ପ୍ରମୋଶନ୍ କରାଯାଇଛି। 'ବିନ୍ଦୁସାଗର'ର ବାଲୁକା କଳାଟି ନିର୍ମାଣ କରିଛନ୍ତି ପୁରୀର ବାଲୁକା ଶିଳ୍ପୀ ନିକୁଞ୍ଜ କିଶୋର ନାୟକ। ପୁରୀ ବେଳାଭୂମିରେ ବୁଲୁଥିବା ପର୍ଯ୍ୟଟକଙ୍କୁ ଏହା ବେଶ୍ ଆକର୍ଷିତ କରିଥିଲା। ନିକୁଞ୍ଜଙ୍କ ଅନୁରୋଧକ୍ରମେ ପର୍ଯ୍ୟଟକଙ୍କୁ ଉତ୍ସାହିତ କରିବା ପାଇଁ 'ବିନ୍ଦୁସାଗର' ଟିମ୍ ସେଠାରେ ପହଞ୍ଚି ସେମାନଙ୍କ ସହ ସେଲ୍‌ଫି ନେଇଥିଲେ। ଚଳଚ୍ଚିତ୍ରର ନାୟିକା ପ୍ରକୃତି ମିଶ୍ର, ନାୟକ ଦ୍ୱିପାନ୍ୱିତ୍ ଦାସ ମହାପାତ୍ର, ନିର୍ଦ୍ଦେଶକ ଅଭିଷେକ ସ୍ୱାଇଁ, ସଙ୍ଗୀତ ନିର୍ଦ୍ଦେଶକ ମହାଦେବ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୁରୀ ଟାଉନ୍ ଥାନା ଭାରପ୍ରାପ୍ତ ଅଧିକାରୀ ଗୋକୁଳ ରଞ୍ଜନ ଦାସ ଓ ଗବେଷକ ଡ. କାଳନ୍ଦୀ ଚରଣ ସାହୁଙ୍କୁ ସମ୍ମାନିତ କରାଯାଇଥିଲା।



ଚଳଚ୍ଚିତ୍ର 'ବିନ୍ଦୁସାଗର'ପ୍ରମୋସନ ଅବସରରେ ପୁରୀ ବେଳାଭୂମିରେ ଶିଳ୍ପୀ ନିକୁଞ୍ଜ କିଶୋର ନାୟକ ତିଆରି କରିଥିବା ବାଲୁକା କଳା।

## ରମାଦେବୀରେ ଯୋଗଦେଲେ ନୂଆ କୁଳପତି

ଭୁବନେଶ୍ୱର,୮।୪(ସୁଚିସ୍ମିତା ସାହୁ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ନବ ନିଯୁକ୍ତ କୁଳପତି ପ୍ରଫେସର ଜ୍ୟୋସ୍ନା କୁମାରୀ ବିଶ୍ୱାଳ ରାଉତ ବୁଧବାର କାର୍ଯ୍ୟରେ ଯୋଗଦେଇଛନ୍ତି। ଅପରାହ୍ନରେ ସେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ପହଞ୍ଚିବା ପରେ କୁଳପତି କାର୍ଯ୍ୟାଳୟକୁ ଯାଇ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ନବନିଯୁକ୍ତ କୁଳପତି ପ୍ରଫେସର ଜ୍ୟୋସ୍ନାଙ୍କୁ ବିଶ୍ୱବିଦ୍ୟାଳୟର କର୍ମଚାରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ବିଶ୍ୱବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାଦାନ, ଗବେଷଣା, କଳା ଓ ସଂସ୍କୃତି ସବୁଥିରେ ଆଗକୁ ବଢ଼ିବା ପାଇଁ ଚେଷ୍ଟା କରିବେ ବୋଲି କୁଳପତି କହିଛନ୍ତି। ସୂଚନାଯୋଗ୍ୟ, ସେ ପୂର୍ବରୁ ଗୁଆହାଟୀ ବିଶ୍ୱବିଦ୍ୟାଳୟରେ ଆଧୁନିକ ଭାରତୀୟ ଭାଷା ଓ ସାହିତ୍ୟ ଅଧ୍ୟୟନ ବିଭାଗରେ ପ୍ରଫେସର ଭାବେ କାର୍ଯ୍ୟ କରି ଅବସର ନେଇଥିଲେ।




ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ନବ ନିଯୁକ୍ତ କୁଳପତି ପ୍ରଫେସର ଜ୍ୟୋସ୍ନା କୁମାରୀ ବିଶ୍ୱାଳ ରାଉତ ଦାୟିତ୍ୱ ଗ୍ରହଣ କରୁଛନ୍ତି।

## ଗ୍ରାମେଶ୍ୱର ମହାଦେବ ସେବାୟତଙ୍କ ପରଲୋକ

ବାଲିପାଟଣା, ୮।୪ (ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ଦରଡା ଗ୍ରାମର ଗ୍ରାମେଶ୍ୱର ମହାଦେବଙ୍କ ସେବକ ବୁଲେଇ ମହାପାତ୍ର(୮୫)ଙ୍କ ବୁଧବାର ପରଲୋକ ଘଟିଛି। ଶେଷ ଶଯ୍ୟା ନିକଟରେ ବଡ଼ ପୁଅ ତ୍ରିଲୋଚନ ମହାପାତ୍ର, ମଝିଆଁ ପୁଅ ନିରଞ୍ଜନ ମହାପାତ୍ର, ସାନ ପୁଅ ମନୋରଞ୍ଜନ ମହାପାତ୍ର, ଝିଅ ମିନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ମହାପାତ୍ର ଜଣେ ମେଳାପୀ, ମିଷ୍ଟଭାଷୀ, ଶାନ୍ତ, ସରଳ ସ୍ୱଭାବର ବ୍ୟକ୍ତି ଥିଲେ। ସରପଞ୍ଚ ବାହନ ଭୋଇ, ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ସାହାଣୀ, ଭାଜପା ନେତା ମାଗୁଣି ଚରଣ ସେଠୀ, ଅକ୍ଷୟ ପରିଡ଼ା ସ୍ୱର୍ଗତ ମହାପାତ୍ରଙ୍କ ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା।

## ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଚିତ୍ରକଳା ପ୍ରଦର୍ଶନୀ

ଭୁବନେଶ୍ୱର,୮।୪ (ସୌମ୍ୟରଞ୍ଜନ ରାଉତ)



'ଓଡ଼ିଆ ପକ୍ଷ' ପାଳନ ଅବସରରେ ଖଣ୍ଡଗିରିସ୍ଥିତ ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ୩୯ତମ ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ ବୁଧବାର ଆରମ୍ଭ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରଶେଖର ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଲଳିତ କଳା ଏକାଡେମୀ ସଚିବ ଡ. ଦେବଯାନୀ ଭୂୟାଁ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଏବଂ ଶିକ୍ଷାବିତ୍ ଡ. ଅଲେଖ ଚରଣ ସାହୁ ପ୍ରମୁଖ ଯୋଗଦେଇ ଉତ୍କଳୀୟ ପାରମ୍ପରିକ ଓ ସାଂସ୍କୃତିକ ଜୀବନୀର ଆଲୋଚନା ମାଧ୍ୟମରେ ଓଡ଼ିଶାର ସ୍ୱର୍ଣ୍ଣିମ ସାଂସ୍କୃତିକ ଗୌରବ ଓ ଇତିହାସ ବିଷୟରେ ଆଲୋକପାତ କରିଥିଲେ। ଏଥିସହ ବିଦ୍ୟାର୍ଥୀମାନଙ୍କୁ ଓଡ଼ିଶାର ବୈଭବମୟ ଇତିହାସ ସହ ପରିଚିତ କରାଇ ଏହାର ସମୃଦ୍ଧି ପାଇଁ ନିଜ ନିଜ ସ୍ତରରେ ପ୍ରୟାସ କରିବାକୁ ଉପଦେଶ ଦେଇଥିଲେ। ଏହି ପ୍ରଦର୍ଶନୀରେ ହଜାରରୁ ଅଧିକ ଚିତ୍ରକଳା, ଭାସ୍କର୍ଯ୍ୟ କଳା, ସେରାମିକ କଳା, ଟେରାକୋଟା, ପାରମ୍ପରିକ କଳା ସହ ମୁଦ୍ରଣ କଳା ଓ ପ୍ରୟୋଗାତ୍ମକ କଳାକୁ ସ୍ଥାନ ଦିଆଯିବା ସହିତ ଓଡ଼ିଶାର ଗୌରବ ସମ୍ବନ୍ଧିତ ଭିତ୍ତିଚିତ୍ର ଓ ଭାସ୍କର୍ଯ୍ୟକୁ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବାର୍ଷିକ ପତ୍ରିକା 'ବର୍ଣ୍ଣିକା' ସହିତ ପ୍ରାଚୀର ପତ୍ରିକା 'ଷଡ଼ଙ୍ଗ'ର ୪ର୍ଥ ସଂସ୍କରଣକୁ ମଧ୍ୟ ଉନ୍ମୋଚନ କରାଯାଇଥିଲା। ଅଧ୍ୟାପକ ଚୌଧୁରୀ ଆଶିଷ ସରଣ ସଞ୍ଚାଳନ କରିଥିଲେ।

## ପିଜେ କଲେଜ ଅଫ୍ ଟେକ୍ନୋଲୋଜିର ନିଯୁକ୍ତି ସମାରୋହ

ଭୁବନେଶ୍ୱର,୮।୪(ସୁନିତ୍ ମିଶ୍ର): ଭୁବନେଶ୍ୱର କେଶୁରାସ୍ଥିତ ପଞ୍ଚାନନ ଜେନା ଶିକ୍ଷା ସମୂହ ପିଜେ କଲେଜ ଅଫ୍ ଟେକ୍ନୋଲୋଜିର ନିଯୁକ୍ତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ବିଶ୍ୱାଳ ଏମ୍‌ବିଏ ଏବଂ ଏମ୍‌ସିଏ ବିଭାଗର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିରେ ବିଭିନ୍ନ କର୍ପୋରେଟ୍ କମ୍ପାନୀ ଯଥା କନ୍‌ସେନଟ୍ରିକ୍ସ, ଟାଟା ପାୱାର ପ୍ରୋଜେକ୍ଟର ବିଭିନ୍ନ ପଦବୀ ପାଇଁ ମଲ୍ଟି ନ୍ୟାଶନାଲ କମ୍ପାନୀ ସାକ୍ଷାତ୍‌କାର ଓ ମୌଖିକ ପରୀକ୍ଷା ମାଧ୍ୟମରେ ପ୍ରାର୍ଥୀମାନଙ୍କୁ ଚୟନ କରାଯାଇ ଦ୍ୱିତୀୟ ପର୍ଯ୍ୟାୟକୁ ମନୋନୀତ କରାଯାଇଥିଲା। ଅନୁଷ୍ଠାନର ପ୍ଲେସ୍‌ମେଣ୍ଟ କୋଅର୍ଡିନେଟର ଡ. ସ୍ନିଗ୍ଧା ମହାପାତ୍ର, ବ୍ୟବସାୟ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଡିନ୍ ଡ. ଇପ୍‌ସିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓ.ଏ. ନଂ. ୨୦୨୪ର ୩୯୬
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB),
ଭୁବନେଶ୍ୱର, ଓଡ଼ିଶା .....ଆବେଦନକାରୀ
ବନାମ
ସନ୍ଦୀପ ହରିଚନ୍ଦନ ଏବଂ ଅନ୍ୟମାନେ .....ପ୍ରତିବାଦୀ(ମାନେ)
ପ୍ରାପ୍ତେଷୁ,
୧) ମେସର୍ସ ହୋଟେଲ ଗାଲାକ୍ସୀ ଇଣ୍ଟରନ୍ୟାସନାଲ, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୫୧୬/୧୭୧୯, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖ, କିଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର-୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ. ୨
୨) ହୋଟେଲ ଗାଲାକ୍ସୀ, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୧୦୧୬/୧୫୦୪, ସବ୍ ପ୍ଲଟ୍ ନଂ.: ଇ-୨୧, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର-୭୫୧୦୦୯, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ.୩
**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ୍**
ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ. ୨୦୨୪ର ୩୯୬ ଦ୍ୱାରା **ଟ.୫୩,୫୮,୯୦୪.୦୦** ମାତ୍ର ଋଣ ରାଶି ଏବଂ ତତ୍‌ସହିତ ଚଳିତ ଓ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସ୍‌ରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପରିଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର **୩୦ ଦିନ** ମଧ୍ୟରେ କିମ୍ବା **ତା୧୭.୦୬.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ରହି ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।
ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଅଛି କି ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।
ମୋ ଦ୍ୱାରା ଏବଂ ଏହି ପ୍ରାଧିକରଣର ସହି ମୋହର ସହ ଅଦ୍ୟ ଦିନାଙ୍କ ୨୬ ମାର୍ଚ୍ଚ, ୨୦୨୬ରେ ଆଦିଷ୍ଟ।
ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର



ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଭୂଇଁପୁରଠାରେ ୩୬ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଶିଳ୍ପ ଅନୁଷ୍ଠାନର ଅଧିକାରୀଙ୍କୁ ଚୁକ୍ତି ସ୍ୱାକ୍ଷର ପତ୍ର ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ମୁଖ୍ୟ ଶାସନ ସଚିବ ଅନୁଗର୍ଗ ଏବଂ ଶିଳ୍ପ ସଚିବ ହେମନ୍ତ ଶର୍ମା।



ଶିଳ୍ପ ୟୁନିଟ୍‌ର କର୍ମଚାରୀଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।



୩୬ଟି ଶିଳ୍ପ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରୁଛନ୍ତି।




ବିଭିନ୍ନ ଶିଳ୍ପାସଂସ୍ଥାର ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରୁଛନ୍ତି।

## ପୂର୍ବ ବିବାଦରୁ ଗଣ୍ଡଗୋଳ, ୫ ଗିରଫ

ବାରଙ୍ଗ,୮।୪(ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅଧୀନ ଗିରିଙ୍ଗାପୁଟ ଗ୍ରାମରେ ପୂର୍ବ ବିବାଦକୁ କେନ୍ଦ୍ର କରି ଏକ ଘରୋଇ ପରିବହନ କମ୍ପାନୀ ଫାଟକ ଆଗରେ ମାରପିଟ୍ ହୋଇ ମୁଣ୍ଡ ଫଟାଫଟି ହୋଇଛନ୍ତି। ଏହି ଘଟଣାରେ ପୋଲିସ ୫ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ମେଣ୍ଢାଶାଳ ଗ୍ରାମର ଅମିତ କୁମାର ପାଣ୍ଡବ(୨୩) ସୋମନାଥ ଭୋଇ(୨୨), ଓମ୍ ପ୍ରକାଶ ପାତ୍ର(୨୧), ଗିରିଙ୍ଗାପୁଟ ଗ୍ରାମର ଦୀପକ ସାହୁ(୩୨) ଓ ଚକ୍ରଧର ବେହେରା(୪୬)। ଏନେଇ ପୋଲିସ ଥାନାରେ ଉଭୟ ପକ୍ଷରୁ ୨ଟି ପୃଥକ ମାମଲା(ନଂ. ୧୮୭/୨୬/୧୮୮/୨୬) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମର ଚନ୍ଦ୍ରକାନ୍ତ ବେହେରା ନିକଟସ୍ଥ ସେଫ ଏକ୍ସପ୍ରେସ ପ୍ରାଇଭେଟ ଲିମିଟେଡ ହବ୍ ନଂ-୪୬ରେ କାମ କରନ୍ତି। କିଛି ଦିନ ତଳେ ଚନ୍ଦ୍ରକାନ୍ତଙ୍କ ମୂଲ୍ୟବାନ ସାମଗ୍ରୀ ବୋଝେଇ ଗାଡ଼ି ପାଖରେ ଅନ୍ୟ ହବ୍‌ରେ କାମ କରୁଥିବା ମେଣ୍ଢାଶାଳ ଗ୍ରାମର ଅମିତ କୁମାର ପାଣ୍ଡବ ଓ ତାଙ୍କ ସହଯୋଗୀମାନେ ଆସି ନିଶା ସେବନ କରୁଥିଲେ। ଏହାକୁ ଚନ୍ଦ୍ରକାନ୍ତ ବିରୋଧ କରିବା ସହ ତାଙ୍କ ସୁପରଭାଇଜରଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ଏହି କାରଣରୁ ଅମିତ ଓ ତାଙ୍କ ସହଯୋଗୀମାନେ ଚନ୍ଦ୍ରକାନ୍ତଙ୍କୁ ଟାର୍ଗେଟ କରିଥିଲେ। ବୁଧବାର ଚନ୍ଦ୍ରକାନ୍ତ ଲୋଡିଂ ପାଇଁ ଗାଡ଼ି ପାର୍କିଂ କରି ସେଫ ଏକ୍ସପ୍ରେସ୍ ମୁଖ୍ୟ ଫାଟକ ନିକଟରେ ପହଞ୍ଚିଥିଲେ। ଏହାର ସୁଯୋଗ ନେଇ ଅମିତ ଓ ତାଙ୍କ ସହଯୋଗୀ ପଥର ଏବଂ ହେଲମେଟ ସାହାଯ୍ୟରେ ଚନ୍ଦ୍ରକାନ୍ତଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଏକାଠି ହେବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ପଳାଇ ଯାଇଥିବା ଚନ୍ଦ୍ରକାନ୍ତ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପଟେ ଅମିତ କରିଥିବା ଅଭିଯୋଗ ଅନୁଯାୟୀ, ଚନ୍ଦ୍ରକାନ୍ତ ଓ ତାଙ୍କ ସହଯୋଗୀ କମ୍ପାନୀ ପରିସରରେ ନିଶା ସେବନ ସମ୍ପର୍କରେ ତାଙ୍କ ବିରୋଧରେ ଗୁଜବ ପ୍ରଚାର କରୁଥିଲେ। ଏନେଇ ପଚରାଉଚରା ସମୟରେ ଚନ୍ଦ୍ରକାନ୍ତ ଓ ତାଙ୍କ ସହଯୋଗୀ ଅମିତ୍ ଏବଂ ତାଙ୍କ ଭାଇଙ୍କୁ ଆକ୍ରମଣ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

# ବେଗୁନିଆ, ବୋଲଗଡ଼କୁ ଏନ୍‌ଏସି ମାନ୍ୟତା ଦାବି

### ଶିଳ୍ପାୟନକୁ ସ୍ୱାଗତ, ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ମିଳୁ

ବେଗୁନିଆ,୮।୪
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବେଗୁନିଆ ନିର୍ବାଚନମଣ୍ଡଳୀର ମୌଳିକ ବିକାଶ ଏବେ ବି ଅପହଞ୍ଚ ରହିଛି। ଜନସଂଖ୍ୟା ବୃଦ୍ଧି ଓ ଭୌଗୋଳିକ ଦୃଷ୍ଟିକୋଣରୁ ବେଗୁନିଆ ନିର୍ବାଚନମଣ୍ଡଳୀବାସୀ ଉପେକ୍ଷିତ ହୋଇରହିଛନ୍ତି। ବିଶେଷକରି ଏନ୍‌ଏସି ମାନ୍ୟତା ଓ ପର୍ଯ୍ୟଟନସ୍ଥଳୀର ବିକାଶ ଜରୁରୀ ହୋଇପଡ଼ିଛି। ବେଗୁନିଆ ଓ ବୋଲଗଡ଼ରେ ଶିଳ୍ପାୟନ ନେଇ ଭାଜପା ସରକାରଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାଗତ କରୁଛୁ, ହେଲେ ବେଗୁନିଆ ଓ ବୋଲଗଡ଼କୁ ଏନ୍‌ଏସି ମାନ୍ୟତା ଶୀଘ୍ର ଦିଆଯାଉ ବୋଲି ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଦାବି କରିଛନ୍ତି। ବୁଧବାର ବେଗୁନିଆ ବ୍ଲକର ଭୂଇଁପୁରରେ ଆୟୋଜିତ ଶିଳ୍ପ ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମର ସଭାମଞ୍ଚରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଧାୟକ ସାହୁ ଏ ନେଇ ନିବେଦନ ଜଣାଇ ଦାବି ରଖିଛନ୍ତି। ସୂଚନାଥାଉ କି, ବେଗୁନିଆକୁ ଏନ୍‌ଏସି ମାନ୍ୟତା ପାଇଁ ବିଗତ ୩୪ବର୍ଷ ହେଲା ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଛି। ଏପରିକି ବେଗୁନିଆର ବୁଦ୍ଧିଜୀବୀ, ଆଇନଜୀବୀ, ସଂଗଠକ ଓ ନାଗରିକଙ୍କ ପକ୍ଷରୁ ପୃଥକ୍ ପୃଥକ୍ ସମୟରେ ଗଣଆନ୍ଦୋଳନ ମଧ୍ୟ କରାଯାଇଛି। ବେଗୁନିଆରେ ଡାକ୍ତରଖାନା, ରେଳଷ୍ଟେଶନ, ଥାନା, କୋର୍ଟ, ବ୍ଲକ ଅଫିସ, ତହସିଲ କାର୍ଯ୍ୟାଳୟ, ଅଗ୍ନିଶମ କାର୍ଯ୍ୟାଳୟ ଏବଂ ପରିବା ହାଟ ଆଦି ଥିବାରୁ ଏନ୍‌ଏସି ମାନ୍ୟତା ପାଇଁ ସମସ୍ତ ଯୋଗ୍ୟତା ବହନ କରୁଛି। ସେହିପରି ଆର୍ଥିକ ପ୍ରଗତି ଦୃଷ୍ଟିକୋଣରୁ ବେଗୁନିଆ ନିର୍ବାଚନମଣ୍ଡଳୀରେ ଅତ୍ରି ଉଷ୍ଣ ପ୍ରସ୍ରବଣ, ମା' ରାମଚଣ୍ଡୀଙ୍କ ପୀଠ, ଗୋଡ଼ା ଲୋକନାଥ ଦେବଙ୍କ ପୀଠ ଏବଂ ବରମୂଳେଇଙ୍କ ପୀଠକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପ୍ରଦାନ କରାଯାଉ। ଏଥିସହ ବୋଲଗଡ଼ ବ୍ଲକର କୋଶଳାଶୁଣୀ, ମଣ୍ଡନଗିରି, ଝିକିମିକି, ତାରେଶ୍ୱର ଦେବଙ୍କ ପୀଠକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦିଆଯାଉ ବୋଲି ବିଧାୟକ ସାହୁ ଦାବି ଉପସ୍ଥାପନ କରିଛନ୍ତି।

# ଚିତ୍ରକଳାରେ ଓଡ଼ିଶାର ଭାସ୍କର୍ଯ୍ୟ, ସଂସ୍କୃତି



ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀକୁ ଯୁବକମାନେ ବୁଲି ଦେଖୁଛନ୍ତି।

ଭୁବନେଶ୍ୱର,୮।୪ (ସୌମ୍ୟରଞ୍ଜନ ରାଉତ)

'ଓଡ଼ିଆ ପକ୍ଷ' ପାଳନ ଅବସରରେ ଖଣ୍ଡଗିରିସ୍ଥିତ ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ୩୯ତମ ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀ ବୁଧବାର ଆରମ୍ଭ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରଶେଖର ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଲଳିତ କଳା ଏକାଡେମୀ ସଚିବ ଡ. ଦେବଯାନୀ ଭୂୟାଁ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଏବଂ ଶିକ୍ଷାବିତ୍ ଡ. ଅଲେଖ ଚରଣ ସାହୁ ପ୍ରମୁଖ ଯୋଗଦେଇ ଉତ୍କଳୀୟ ପାରମ୍ପରିକ ଓ ସାଂସ୍କୃତିକ ଜୀବନୀର ଆଲୋଚନା ମାଧ୍ୟମରେ ଓଡ଼ିଶାର ସ୍ୱର୍ଣ୍ଣିମ ସାଂସ୍କୃତିକ ଗୌରବ ଓ ଇତିହାସ ବିଷୟରେ ଆଲୋକପାତ କରିଥିଲେ। ଏଥିସହ ବିଦ୍ୟାର୍ଥୀମାନଙ୍କୁ ଓଡ଼ିଶାର ବୈଭବମୟ ଇତିହାସ ସହ ପରିଚିତ କରାଇ ଏହାର ସମୃଦ୍ଧି ପାଇଁ ନିଜ ନିଜ ସ୍ତରରେ ପ୍ରୟାସ କରିବାକୁ ଉପଦେଶ ଦେଇଥିଲେ। ଏହି ପ୍ରଦର୍ଶନୀରେ ହଜାରରୁ ଅଧିକ ଚିତ୍ରକଳା, ଭାସ୍କର୍ଯ୍ୟ କଳା, ସେରାମିକ କଳା, ଟେରାକୋଟା, ପାରମ୍ପରିକ କଳା ସହ ମୁଦ୍ରଣ କଳା ଓ ପ୍ରୟୋଗାତ୍ମକ କଳାକୁ ସ୍ଥାନ ଦିଆଯିବା ସହିତ ଓଡ଼ିଶାର ଗୌରବ ସମ୍ବନ୍ଧିତ ଭିତ୍ତିଚିତ୍ର ଓ ଭାସ୍କର୍ଯ୍ୟକୁ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବାର୍ଷିକ ପତ୍ରିକା 'ବର୍ଣ୍ଣିକା' ସହିତ ପ୍ରାଚୀର ପତ୍ରିକା 'ଷଡ଼ଙ୍ଗ'ର ୪ର୍ଥ ସଂସ୍କରଣକୁ ମଧ୍ୟ ଉନ୍ମୋଚନ କରାଯାଇଥିଲା। ଅଧ୍ୟାପକ ଚୌଧୁରୀ ଆଶିଷ ସରଣ ସଞ୍ଚାଳନ କରିଥିଲେ।

## ନାବାଳକଙ୍କ ପ୍ରତି ଅତ୍ୟାଚାର ପ୍ରତିବାଦରେ ଥାନା ଘେରାଉ

ବ୍ରହ୍ମଗିରି,୮।୪(ସ୍ୱାଧୀନ ଚମ୍ପତିରାୟ)

ନାବାଳକ ପ୍ରତି ଅତ୍ୟାଚାର ବିରୋଧରେ ଆମ୍ ଆଦମୀ ପାର୍ଟି (ଆପ୍) ପକ୍ଷରୁ ବ୍ରହ୍ମଗିରି ଥାନା ଘେରାଉ କରାଯାଇ ବ୍ରହ୍ମଗିରି ଥାନାଧିକାରୀଙ୍କ ନିଷ୍କ୍ରିୟତାକୁ ତୀବ୍ର ନିନ୍ଦା କରାଯାଇଛି। ବ୍ରହ୍ମଗିରି ଥାନା ଅନ୍ତର୍ଗତ ବ୍ରହ୍ମଗିରି ବଜାରରେ ଦିନ ଦ୍ୱିପ୍ରହରରେ ଜଣେ ନାବାଳକଙ୍କ ହାତ ବାନ୍ଧି, ବେକରେ ପ୍ଲା-କାର୍ଡ ପକାଇ ସାର୍ବଜନୀନ ଭାବେ ବୁଲାଇବା ଘଟଣାକୁ ୨୦ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଆପ୍‌ର ଜିଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି ଯେ, ପୋଲିସର ଏହି ନିଷ୍କ୍ରିୟତାର କାରଣ ହେଉଛି ଅଭିଯୁକ୍ତ ସ୍ଥାନୀୟ ବିଧାୟିକାଙ୍କ ନିକଟତମ ଲୋକ। ଏହି କାରଣରୁ ପୋଲିସ ନିଷ୍ପକ୍ଷ ଭାବେ କାମ କରିବାରେ ଅସମର୍ଥ ହେଉଛି ବୋଲି ସେ ଅଭିଯୋଗ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ମହିଳା ସଭାନେତ୍ରୀ ତପସ୍ୱିନୀ ଜଗଦେବ, ସାଧାରଣ ସମ୍ପାଦକ ସତ୍ୟଜିତ୍ ମହାନ୍ତି, ରାଜ୍ୟ ଲିଗାଲ ସେଲ ସଭାପତି ସିଦ୍ଧାର୍ଥ ପରିଡ଼ା, ଉପସଭାପତି ଅନୀଲ ସେନାପତି, ରବୀନ୍ଦ୍ରନାଥ ସାହୁ, ପୁରୀ ନଗର ସଭାପତି ରମାକାନ୍ତ ସ୍ୱାଇଁ, ସୁଦର୍ଶନ ପଲେଇ, ବିଶ୍ୱଜିତ୍ ପରିଡ଼ା, ଉମାକାନ୍ତ ସାହୁ, ଲିଙ୍ଗରାଜ ପାତ୍ର, ଉମାରାଣୀ ଦଳାଇ, ସୁଜାତା ଦଳାଇ, ଭାନୁମତୀ ଦଳାଇଙ୍କ ସମେତ ଦଳର ଶତାଧିକ କର୍ମୀ ଯୋଗ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ୨ ଅଟକ

ବେଗୁନିଆ,୮।୪(ହରପ୍ରସନ୍ନ ପଣ୍ଡା)



ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଭୂଇଁପୁର ମୌଜାରେ ବୁଧବାର ନୂତନ ଶିଳ୍ପ ପ୍ରକଳ୍ପ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଥିଲେ। ତେବେ ତାଙ୍କ ଗସ୍ତ ପୂର୍ବରୁ ବେଗୁନିଆ ଥାନା ପୋଲିସ ୨ ଜଣଙ୍କୁ ନେଇ ଅଟକ ରଖିଥିଲା। ସେମାନେ ହେଲେ ଶିବ କୁମାର ମୁନି ଏବଂ ଅକ୍ଷୟ କୁମାର ରାଉତରାୟ। ସୂଚନା ଅନୁଯାୟୀ, ବେଗୁନିଆ ଜନ ଅଧିକାର ମଞ୍ଚ ନାମକ ଏକ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବ ବୋଲି କ୍ରାଇମ୍‌ବ୍ରାଞ୍ଚକୁ ସୂଚନା ମିଳିଥିଲା। ନୂତନ ଶିଳ୍ପ ପ୍ରକଳ୍ପରେ ସ୍ଥାନୀୟ ଅଞ୍ଚଳର ବେକାର ଯୁବକଙ୍କୁ ପ୍ରଥମେ ନିଯୁକ୍ତି ସୁଯୋଗ ଏବଂ ଅଞ୍ଚଳର ପରିବେଶ ସୁରକ୍ଷା ଉପରେ ଦୃଷ୍ଟି ଦେବା ନେଇ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବାର ଯୋଜନା ରହିଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ ସମୟରେ କିଛି ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ କ୍ରାଇମବ୍ରାଞ୍ଚ ଟିମ୍ ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଉଭୟଙ୍କୁ ବେଗୁନିଆ ଥାନାକୁ ଡାକି ଆଣି ଅପରାହ୍ନ ପ୍ରାୟ ସାଢ଼େ ୪ଟା ପର୍ଯ୍ୟନ୍ତ ଅଟକାଇ ରଖିଥିଲା। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପରେ ଉଭୟଙ୍କୁ ଛାଡ଼ିଦିଆଯାଇଥିଲା। ଏ ସମ୍ପର୍କରେ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ କହିଛନ୍ତି, ଏମାନେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବା ସମୟରେ ବିଶୃଙ୍ଖଳା ସୃଷ୍ଟି କରିବାର ଆଶଙ୍କା ଥିବା ସୂଚନା ମିଳିଥିଲା। ଉଚ୍ଚ ଅଧିକାରୀଙ୍କ ଆଦେଶ ଅନୁସାରେ ଉଭୟଙ୍କୁ କିଛି ସମୟ ଅଟକ ରଖି ପଚରାଉଚରା କରି ଛାଡ଼ି ଦିଆଯାଇଛି।

## ଶିଶୁ କଥା ଦିବସରେ ବର୍ଣ୍ଣବୋଧ ବଣ୍ଟନ



କୃଷ୍ଣପ୍ରସାଦ,୮।୪(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ସରକାର ଓଡ଼ିଶା ଦିବସଠାରୁ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରୁଛନ୍ତି। ଏହି କ୍ରମରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ପ୍ରଶାସନ ପକ୍ଷରୁ ବୁଧବାର ଶିଶୁ କଥା ଦିବସ ପାଳିତ ହୋଇଯାଇଛି। ଚିଲିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନୂଆପଡ଼ା ପରିସରରେ ବିଡିଓ ଅମିୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉତ୍ସବ ଆୟୋଜିତ ହୋଇଥିଲା। ବିଆର୍‌ସିସି ସିଦ୍ଧେଶ୍ୱର କରଣ, ଅତିରିକ୍ତ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ, ସିଆର୍‌ସିସି ସୁନୀଲ କୁମାର ଜେନା, ସିପି ପ୍ରଭାତ କୁମାର ଜେନା, ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଚ୍ଛାୟତ, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ଅମିୟ କୁମାର ପଣ୍ଡା, ବେଗା ହାଁସଦା ପ୍ରମୁଖ ଯୋଗଦେଇ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ବର୍ଣ୍ଣବୋଧ ବହି ବଣ୍ଟନ କରାଯାଇଥିଲା।

# ଭେଣ୍ଡିଂ ଜୋନ୍‌ରେ ବେପାର ନାହିଁ, ସହରମୁହାଁ ବ୍ୟବସାୟୀ

ଖୋର୍ଦ୍ଧା,୮।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌରପରିଷଦ ପକ୍ଷରୁ ସହର ସୌନ୍ଦର୍ଯ୍ୟକରଣ ଓ ଟ୍ରାଫିକ ନିୟନ୍ତ୍ରଣ ଦୃଷ୍ଟିରୁ ପ୍ରାଥମିକ ପର୍ଯ୍ୟାୟରେ ମାରୱାଡ଼ିପଟି, ଟ୍ରାଫିକ ଛକ, ପୋଷ୍ଟ ଅଫିସ ଓ ଟାଉନ ଥାନା ପାର୍ଶ୍ୱ, ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମବାୟ ଛକ, ପଞ୍ଚସଖା ଓ ମହାଲକ୍ଷ୍ମୀ ପରିବା ସଂଘ ସମେତ ନୂଆବସ୍ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ବସୁଥିବା ପ୍ରାୟ ୧୬୬ଜଣ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା। ଫୁଟ୍‌ପାଥ ବ୍ୟବସାୟୀଙ୍କୁ ଟିଏଲ୍‌ସି ମଶାଣି ପଡ଼ିଆରେ ପରିବା ମଣ୍ଡି ଏବଂ ଟୋକନ ପାଇଥିବା ବ୍ୟବସାୟୀଙ୍କୁ ଭେଣ୍ଡିଂଜୋନରେ ଥଇଥାନ କରାଯାଇଛି। ପରିବାମଣ୍ଡି ବ୍ୟବସାୟୀଙ୍କ ବେପାର ଜୋରସୋର ଚାଲିଥିବା ବେଳେ ଭେଣ୍ଡିଂଜୋନ ବେପାରୀ ହାତବାନ୍ଧି ବସିଛନ୍ତି। ବେପାର ନ ହେବାରୁ ଭେଣ୍ଡିଂଜୋନରେ ତାଲା ଝୁଲୁଛି। ଭେଣ୍ଡିଂଜୋନରେ ୯୦ ପ୍ରତିଶତ ଦୋକାନ ବନ୍ଦ ପଡ଼ିଛି। ଭାଲିଆବାଡିରେ ସମସ୍ତ ଭେଣ୍ଡିଂଜୋନ ରେ ତାଲା ଝୁଲୁଛି। ଏବେ ବେପାରୀ ପୁଣି ଥରେ ସହରମୁହାଁ ହେବାକୁ ଲାଗିଛନ୍ତି। ଧିରେ ଧିରେ ଜଣକ ପରେ ଜଣେ ବେପାରୀ ପୁଣି ଥରେ ନିଜ ସ୍ଥାନକୁ ଫେରି ବେପାର ଆରମ୍ଭ କରିବାକୁ ଲାଗିଛନ୍ତି। ଜନୈକ ପରିବା ବେପାରୀ କୁହନ୍ତି, ଗତ ଜାନୁଆରୀ ମାସରୁ ୩ମାସ ବିତିଲାଣି, ବେପାର ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ପୂର୍ବରୁ ପଞ୍ଚସଖା ଓ ମହାଲକ୍ଷ୍ମୀ ପରିବା ବଜାରରେ ରାତି ପାହିଲେ ଗ୍ରାହକଙ୍କ ଭିଡ଼ ଜମୁଥିଲା। ସକାଳଠାରୁ ରାତି ପର୍ଯ୍ୟନ୍ତ ହାତକୁ ଫୁରସତ ନ ଥିଲା। ସେଠାରେ ଦୈନିକ ୩ରୁ ୫ହଜାର ଟଙ୍କା ରୋଜଗାର ହେଉଥିବା ବେଳେ ଏବେ ଦିନକୁ ୩ଶହ ଟଙ୍କା ବେପାର ବହୁ କଷ୍ଟରେ ହେଉଛି। ବେପାର ସମ୍ପୂର୍ଣ୍ଣ ଠପ ହୋଇଯାଇଛି। କେବଳ ଭାଗ୍ୟକୁ ଆଦରି ବସିବା ଛଡ଼ା କୌଣସି ଉପାୟ ନାହିଁ। ଅନ୍ୟ ଜଣେ ବେପାରୀ କୁହନ୍ତି, ପୌର ପ୍ରଶାସନ ଯାହା ପ୍ରତିଶ୍ରୁତି ଦେଇଥିଲା, ତାହ କାର୍ଯ୍ୟକାରୀ କଲା ନାହିଁ। ହାଇକୋର୍ଟଙ୍କ ରହିତାଦେଶ ରହିଥିବା ଦୋକାନକୁ ବାଦ ଦେଇ ପୂଜା ସାମଗ୍ରୀ, ଫଳ ଓ ପରିବା ଦୋକାନକୁ ଉଚ୍ଛେଦ କରିଦେଲେ। ଆମ ପ୍ରତି ସମ୍ପୂର୍ଣ୍ଣ ଅନ୍ୟାୟ କରାଯାଉଛି। ପୂର୍ବରୁ ଏ ସଂକ୍ରାନ୍ତରେ ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଛି। ତେବେ ଭେଣ୍ଡିଂଜୋନ ପାଇଁ ଟୋକନ ନେଇ ସାରିଥିବା ଦୋକାନୀ ଏବେ ବି ସେଠାରେ ବେପାର କରୁଥିବାବେଳେ ସେମାନଙ୍କୁ ଉଚ୍ଛେଦ କରାଯାଉନାହିଁ ବୋଲି କେତେଜଣ ଉଚ୍ଛେଦ ହୋଇଥିବା ବେପାରୀ କହିଛନ୍ତି। ଉକ୍ତ ଦୋକାନକୁ ଉଚ୍ଛେଦ କରି ପ୍ରଶାସନର ସ୍ୱଚ୍ଛତା, ବିଶ୍ୱସନୀୟତାର ପ୍ରମାଣ ଦେଉ, ନଚେତ ଆଗାମୀ ଦିନରେ ଆମେ ପୂର୍ବ ସ୍ଥାନକୁ ଫେରି ଫୁଟଫାଥରେ ପରିବା ଦୋକାନ ଖୋଲିବୁ ବୋଲି ପ୍ରଶାସନକୁ କଡା ଚେତାବନୀ ଦେଇଛନ୍ତି।

ସୂଚନା ଥାଉକି, ୨୦୦୩ରେ ୫୪୦ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ଜିଲା ପ୍ରଶାସନ ସ୍ତରରେ ନିଷ୍ପତ୍ତି ନିଆଯାଇଥିଲା। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ତତ୍‌କାଳୀନ ଜିଲାପାଳ, ପୌର କାର୍ଯ୍ୟନିର୍ବାହୀ, ବ୍ୟବସାୟୀ ସଂଘ ସହ ଆଲୋଚନା କରାଯାଇଥିଲା। ହାବେଳି ପଡ଼ିଆରେ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ନିଷ୍ପତ୍ତି ହୋଇଥିଲା। ଏଥିଲାଗି ପ୍ରତି ବ୍ୟବସାୟୀଙ୍କଠାରୁ ମୁଣ୍ଡପିଛା ୩ହଜାର ଟଙ୍କା ସଂଗ୍ରହ କରାଯାଇଥିଲା। ପ୍ରାୟ ୧୫ଲକ୍ଷ ଟଙ୍କା ପୌର ପ୍ରଶାସନ ପକ୍ଷରୁ ସଂଗୃହୀତ ହୋଇଥିଲା। ଆଦାୟ ଅର୍ଥ କେଉଁ କାମରେ ଲାଗିଲା, ତାହା ଏବେ ବି ଅସ୍ପଷ୍ଟ ରହିଥିବାବେଳେ ବ୍ୟବସାୟୀଙ୍କୁ ଥଇଥାନ ଲାଗି ପୌର ପକ୍ଷରୁ ୩୪କୋଟି ଟଙ୍କା ଟେଣ୍ଡର ଆହ୍ୱାନ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହାକୁ ରଦ୍ଦ କରିଦିଆଗଲା। ଗତ ଡିସେମ୍ବର ପ୍ରଥମ ସପ୍ତାହରେ ପ୍ରଶାସନ ପକ୍ଷରୁ ଉଚ୍ଛେଦକୁ ବ୍ୟବସାୟୀ ବିରୋଧ କରି ରାସ୍ତାକୁ ଓହ୍ଲାଇଥିଲେ। ପରେ ପ୍ରଶାସନ ପକ୍ଷରୁ ହାଇକୋର୍ଟଙ୍କ ରହିତାଦେଶ ରହିଥିବା ଦୋକାନକୁ ବାଦ ଦେଇ ମାରୱାଡ଼ି ପଟି, ଟ୍ରାଫିକ ଛକ, ଟାଉନ ହଲ ଛକ ଏବଂ ଦୁଇଟି ପରିବା ବଜାର ଦୋକାନ ଭାଙ୍ଗିଦେଲେ। ପ୍ରାଥମିକ ପର୍ଯ୍ୟାୟରେ ୧୬୬ ଦୋକାନକୁ ଉଚ୍ଛେଦ କରାଯାଇଥିଲା।

**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓ.ଏ. ନଂ. ୨୦୨୪ର ୩୯୬
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB),
ଭୁବନେଶ୍ୱର, ଓଡ଼ିଶା .....ଆବେଦନକାରୀ
ବନାମ
ସନ୍ଦୀପ ହରିଚନ୍ଦନ ଏବଂ ଅନ୍ୟମାନେ .....ପ୍ରତିବାଦୀ(ମାନେ)
ପ୍ରାପ୍ତେଷୁ,
୧) ମେସର୍ସ ହୋଟେଲ ଗାଲାକ୍ସୀ ଇଣ୍ଟରନ୍ୟାସନାଲ୍, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୫୧୬/୧୭୧୯, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖ, କିଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର-୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ. ୨
୨) ହୋଟେଲ ଗାଲାକ୍ସୀ, ସ୍ୱତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୧୦୧୬/୧୫୦୪, ସବ୍ ପ୍ଲଟ୍ ନଂ.: ଇ-୨୧, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର-୭୫୧୦୦୯, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ.୩
**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ୍**
ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ. ୨୦୨୪ର ୩୯୬ ଦ୍ୱାରା ଟ.୫୩,୫୮,୯୦୪.୦୦ ମାତ୍ର ଋଣ ରାଶି ଏବଂ ତତ୍‌ସହିତ ଚଳିତ ଓ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସ୍‌ରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍ଦ୍ୱାରା ଉପରିଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର ୩୦ ଦିନ ମଧ୍ୟରେ କିମ୍ବା ତା୧୭.୦୬.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ରହି ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।
ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଅଛି କି ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।
ମୋ ଦ୍ୱାରା ଏବଂ ଏହି ପ୍ରାଧିକରଣର ସହି ମୋହର ସହ ଅଦ୍ୟ ଦିନାଙ୍କ ୨୬ ମାର୍ଚ୍ଚ, ୨୦୨୬ରେ ଆଦିଷ୍ଟ।
ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର

## ଓଡ଼ିଆ ଅସ୍ମିତାରେ ଭାଗବତ ଆଲୋଚନାଚକ୍ର

ଚୌଦ୍ୱାର,(ଆଶୁତୋଷ ଦାସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ଅଧୀନ ନିମାପଡ଼ା ଛକସ୍ଥିତ ଭାଗବତ ଗୃହ ପରିସରରେ ଉତ୍କଳୀୟ ଭାଷା ସୁରକ୍ଷା ଏବଂ ଓଡ଼ିଆ ଅସ୍ମିତାରେ ଭାଗବତ ଶୀର୍ଷକ ଏକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କନକେଶ୍ୱର ଚାରିଟେବଲ ଟ୍ରଷ୍ଟର ଅଧକ୍ଷ ସର୍ବେଶ୍ୱର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସତ୍ୟ ସନାତନ ଭାଗବତ ପ୍ରଚାର ସମିତିର ବିଭିନ୍ନ ପଞ୍ଚାୟତ ପ୍ରତିନିଧି, ସାଧୁସନ୍ଥ ଓ ବୁଦ୍ଧିଜୀବୀମାନେ ଆଲୋଚନାରେ ଅଂଶଗ୍ରହଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ଉତ୍କଳ ପ୍ରତିଭା ସିଦ୍ଧେଶ୍ୱର ନାୟକ, ପରମାନନ୍ଦ ସାହୁ, ଦିଲୀପ କୁମାର ବ୍ରହ୍ମା, ଅକ୍ଷୟ କୁମାର ପାଢ଼ୀ, କେଶବ ଚନ୍ଦ୍ର ଖିଲାର, ବିଜୟ କୁମାର ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**ସଂକ୍ଷେପରେ**

## ଶ୍ରୀଶ୍ରୀ ସପ୍ତେଶ୍ୱର ମହାମଣ୍ଡଳର ନୂତନ କର୍ମକର୍ତ୍ତା ଚୟନ

ଖୁଣ୍ଟୁଣୀ,୮।୪(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ନଦୀକୂଳ ଅଞ୍ଚଳର ଶ୍ରୀଶ୍ରୀ ସପ୍ତେଶ୍ୱର ମହାମଣ୍ଡଳର ନୂତନ କର୍ମକର୍ତ୍ତା ଚୟନ ଧୁରୁଷିଆ ହନୁମାନ ଜୀଉଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ପାଇଁ ସଭାପତି ଭାବେ ଅନାମ ଚରଣ ସାହୁ, କାର୍ଯ୍ୟକାରୀ ସଭାପତି କିରଣ ବିହାରୀ ଖଟୁଆ, ସମ୍ପାଦକ ସୁରେଶ ଚନ୍ଦ୍ର ଲେଙ୍କା ଓ କୋଷାଧ୍ୟକ୍ଷ ଭାବେ ପ୍ରକାଶ ଚନ୍ଦ୍ର ନାୟକ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। କମିଟି ଉପଦେଷ୍ଟା ଭାବେ ବିଷ୍ଣୁଚରଣ ମହାରଣା, ଗନ୍ଧର୍ବ ସେନ ଦାସ, ଶଙ୍କର୍ଷଣ ସାହୁ ଓ ଗଙ୍ଗାଧର ପ୍ରଧାନ ପ୍ରମୁଖଙ୍କୁ ଚୟନ କରାଯାଇଛି। ସଭାରେ ଉପସ୍ଥିତ ସଦସ୍ୟମାନେ ମହାମଣ୍ଡଳର ଉନ୍ନତି ନିମନ୍ତେ ତଥା ଏକ ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ବିସ୍ତୃତ ଆଲୋଚନା କରି ପ୍ରସ୍ତାବ ଆଗତ ହୋଇଥିଲା। ମହାମଣ୍ଡଳରେ ଅଧିକ ଯୁବଗୋଷ୍ଠୀ ତଥା ଅଭିଜ୍ଞମାନଙ୍କୁ ଗ୍ରହଣ କରି ଭଜନ ଓ କୀର୍ତ୍ତନକୁ ଅଧିକ ଲୋକାଦୃତ କରିବା ପାଇଁ ସ୍ଥିର କରାଗଲା। ଆଗାମୀ ଦିନରେ ମହାମଣ୍ଡଳର ସମସ୍ତ ସଦସ୍ୟ ଶ୍ରୀଜଗନ୍ନାଥ ଧାମ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ମତ ପ୍ରକାଶ ପାଇବାରୁ ଏହାକୁ ଗ୍ରହଣ କରାଗଲା। ପୂର୍ବତନ ସରପଞ୍ଚ ତଥା ସାମାଜିକ କର୍ମୀ କିରଣ ବିହାରୀ ଖଟୁଆଙ୍କୁ ସଂସ୍ଥାର କାର୍ଯ୍ୟକାରୀ ସଭାପତି ଭାବେ ଚୟନ କରଯାଇ ଥିବାରୁ ତାଙ୍କୁ ନବ ନିର୍ବାଚିତ କର୍ମକର୍ତ୍ତାମାନେ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଶିକ୍ଷା ମଣ୍ଡଳ ପକ୍ଷରୁ ସଚେତନତା ରଥକୁ ସ୍ୱାଗତ

ବ୍ରାହ୍ମଣଝରିଲୋ, ୮।୪

'ଓଡ଼ିଶା ଦିବସ'ରୁ ରାଜ୍ୟର ପ୍ରତ୍ୟେକ ସରକାରୀ ବିଦ୍ୟାଳୟରେ 'ପ୍ରବେଶ ଉତ୍ସବ' ତଥା 'ଖଡ଼ିଛୁଆଁ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବାରଙ୍ଗ ଶିକ୍ଷା ମଣ୍ଡଳ ପକ୍ଷରୁ ଏକ ସଚେତନତା ରଥ ପର୍ଯ୍ୟାୟକ୍ରମେ ବିଭିନ୍ନ ବିଦ୍ୟାଳୟ ଓ ଗ୍ରାମାଞ୍ଚଳ ପରିଦର୍ଶନ କରୁଛି। ଏହି ସଚେତନତା ରଥ କୁରାଙ୍ଗ ଶାସନସ୍ଥିତ ବାବା ଶ୍ରୀରାମ ପ୍ରସାଦ ସଂସ୍କୃତ ଏକାଡେମୀରେ ପହଞ୍ଚିଥିଲା। ଏଠାରେ ସିଆର୍‌ସିସି ରୁବିନା ଦିଦିଙ୍କ ତତ୍ତ୍ୱାବଧାନରେ ରଥକୁ ସ୍ୱାଗତ କରାଯାଇଥିଲା। ପରେ ପ୍ରଧାନ ପଣ୍ଡିତ ଘନଶ୍ୟାମ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥପ୍ରାନ୍ତ ସଭାରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ଗୁରୁତ୍ୱ, ନିୟମିତ ବିଦ୍ୟାଳୟ ଯିବା ଆବଶ୍ୟକତା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିକ୍ଷାର ଅବଦାନ ସମ୍ପର୍କରେ ଅବଗତ କରାଯାଇଥିଲା। ଅନ୍ଧୋଟି କ୍ଲଷ୍ଟର ସିଆର୍‌ସିସି ପ୍ରଦ୍ୟୁମ୍ନ ଦାଶ ଯୋଗଦେଇ ସଚେତନତା ରଥର ଉଦ୍ଦେଶ୍ୟ ଓ ତାହାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସୁଧାଂଶୁ ମହାନ୍ତି, ଭବାନୀ ମିଶ୍ର ଓ ଧୀରେନ୍ଦ୍ର ନନ୍ଦ ମୁଖ୍ୟ ଭୂମିକା ତୁଲାଇଥିଲେ। ଶେଷରେ ଅଜୟ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ଶିବିରରୁ ୪୯ ୟୁନିଟ୍ ରକ୍ତ ସଂଗ୍ରହ

ଚୌଦ୍ୱାର,୮।୪(ଆଶୁତୋଷ ଦାସ)

ଓଡ଼ିଆ ପକ୍ଷ ପାଳନ ଅବସରରେ ଚୌଦ୍ୱାର ମହାବିଦ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ବିଜ୍ଞାନ ବିଭାଗ ଶିକ୍ଷାୟତନ ହଲରେ ଆୟୋଜିତ ଶିବିରରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ବିଭିନ୍ନ ସେବାମୂଳକ ସଙ୍ଗଠନର ସଦସ୍ୟମାନେ ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। କଟକ ରେଡ୍‌କ୍ରସ ସଙ୍ଗଠନ କର୍ମକର୍ତ୍ତା ୪୯ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। କଲେଜ ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ଏଡିଏମ୍‌ଓ ଡା. ସତ୍ୟବ୍ରତ ମହାପାତ୍ର ଓ କଟକ ଏନ୍‌ସିସି ବାଟାଲିୟନର ମୁଖ୍ୟ କମାଣ୍ଡାଣ୍ଟ ଦେବବ୍ରତ ମୈତ୍ରୀ ଅତିଥି ବାବେ ଯୋଗଦେଇ ଉଦ୍‌ଘାଟନ କରି ରକ୍ତଦାନରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ମାନବ ସେବାରେ ଆଗୁଆ ହେବା ପାଇଁ ଆହ୍ୱାନ ଦେଇଥିଲେ। ଓଡ଼ିଆ ପକ୍ଷ ପାଳନର ଉପଦେଷ୍ଟା ଡ. ପ୍ରଫୁଲ୍ଲ କୁମାର ସାହୁ, ପ୍ରାଧ୍ୟାପକ ପ୍ରଭାକର ମିଶ୍ର, ଡ. ହରପ୍ରିୟା ମହାପାତ୍ର, ସୁମନ୍ତ ସାହୁ, ଲକ୍ଷ୍ମଣ କରଣ ଓ ସସ୍ମିତ ସାମଲ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଜାତୀୟ ସେବା ସଂସ୍ଥା, ସମର ଶିକ୍ଷାର୍ଥୀ ବାହିନୀ, ଯୁବ ରେଡ୍‌କ୍ରସ, ସ୍କାଉଟ୍ସ ଓ ଗାଇଡ୍ସ, ରୋଭର୍ସ ଏବଂ ରେଞ୍ଜର୍ସର ଛାତ୍ରୀଛାତ୍ର ଶିବିର ପରିଚାଳନା କରିଥିଲେ।

# ରାଜ୍ୟରେ ଶିଳ୍ପାୟନ, ନିଯୁକ୍ତିରେ ନୂଆ ଅଧ୍ୟାୟ: ମୁଖ୍ୟମନ୍ତ୍ରୀ

## ରାମଦାସପୁରରେ ପେଜ ଇଣ୍ଡଷ୍ଟ୍ରିଜ୍‌ର ଆପାରେଲ ୟୁନିଟ ଉଦ୍‌ଘାଟିତ

କଟକ,୮।୪(କାର୍ତ୍ତିକ ସାହୁ)

ବ୍ୟାପକ ଶିଳ୍ପାୟନ ଯୋଗୁ ଆଗାମୀ ଦିନରେ ଓ ନିଯୁକ୍ତି ପାଇଁ ଆଉ ମାଇଗ୍ରେଶନ ନ ହୋଇ, ରିଭର୍ସ ମାଇଗ୍ରେଶନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପ୍ରାୟ ୭୫୦ କୋଟି ଟଙ୍କା ବିନିଯୋଗରେ ସ୍ଥାପିତ ଏହି ଉଦ୍ୟୋଗ ଦ୍ୱାରା ୫,୮୦୦ରୁ ଅଧିକ ଯୁବତୀଯୁବକଙ୍କ ପାଇଁ ନୂତନ ନିଯୁକ୍ତି ସୃଷ୍ଟି ହୋଇଛି। କଟକ ଜିଲା ରାମଦାସପୁରଠାରେ ପେଜ ଇଣ୍ଡଷ୍ଟ୍ରିଜ ପକ୍ଷରୁ ସ୍ଥାପିତ ଏକ ବୃହତ ଆପାରେଲ ମ୍ୟାନୁଫାକ୍ଚରିଂ ୟୁନିଟ୍‌ର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଏଥିସହ ପେଜ-ଇଣ୍ଡଷ୍ଟ୍ରିଜ୍‌ର ଆଉ ଗୋଟିଏ ୟୁନିଟ୍ ଭୂଇଁପୁରଠାରେ ଶିଳାନ୍ୟାସ କରାଯାଇଛି। ୨୫୮ କୋଟି ଟଙ୍କା ବିନିଯୋଗରେ ଏହାର ଭୂଇଁପୁର ୟୁନିଟ୍‌ରେ ୩୫୦୦ ନିଯୁକ୍ତି ସୃଷ୍ଟି ହେବ। ଭୂଇଁପୁରଠାରେ ମଧ ମାସ୍ ଇଣ୍ଡିଆ କ୍ଲଦିଂ ପ୍ରାଇଭେଟ ଲିମିଟେଡ୍ ଟେକ୍ସଟାଇଲ ପ୍ଲାଣ୍ଟର ଶିଳାନ୍ୟାସ କରାଯାଇଛି।

ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟ ସରକାର ବୟନ ଓ ପୋଷାକ ଶିଳ୍ପ ଉପରେ ଫୋକସ ରଖିଛନ୍ତି। ଏହି କ୍ଷେତ୍ରରେ କମ ପୁଞ୍ଜି ବିନିଯୋଗରେ ଅଧିକ ନିଯୁକ୍ତି ଅବସର ମିଳିଥାଏ। ବିଶେଷ କରି ମହିଳାମାନଙ୍କୁ ଅଧିକ ନିଯୁକ୍ତି ମିଳେ। ଖୋର୍ଦ୍ଧା, କଟକ, ଗଞ୍ଜାମ ଏବଂ ଅନ୍ୟାନ୍ୟ ଜିଲାରେ ବ୍ୟାପକ ସଂଖ୍ୟାରେ ଟେକ୍ସଟାଇଲ ଓ ଆପାରେଲ ଉଦ୍ୟୋଗ ପ୍ରତିଷ୍ଠା କରାଯାଉଛି। ଶିଳ୍ପାୟନ ଦ୍ୱାରା କେବଳ ନିଯୁକ୍ତି ସୃଷ୍ଟି ନୁହେଁ, ବରଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଷ୍ଟାର୍ଟଅପ, ସ୍ଥାନୀୟ ସପ୍ଲାଇ ଚେନ୍ ଓ ଦକ୍ଷତା ବିକାଶରେ ମଧ ଏହାର ପ୍ରଭାବ ପଡ଼ିଥାଏ। ଆଜି ଓଡ଼ିଶା ପାଇଁ ଶିଳ୍ପ ଉନ୍ନତିରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଓଡ଼ିଶାକୁ ପୂର୍ବ ଭାରତର ସୁରଟ କିମ୍ବା ତିରୁପୁର ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ରାଜ୍ୟରେ ଆପାରେଲ ପାର୍କଗୁଡିକରେ 'ପ୍ଲଗ ଆଣ୍ଡ ପ୍ଲେ' ସୁବିଧା ଅର୍ଥାତ୍ ଜମି, ବିଜୁଳି, ପାଣି ଓ ଯାତାୟାତ ସହିତ ସମସ୍ତ ମୌଳିକ ଢାଞ୍ଚା ଉପଲବ୍ଧ କରାଯାଉଛି। ଏହାଦ୍ୱାରା ନିବେଶକମାନଙ୍କ ପାଇଁ ଓଡ଼ିଶା ଏକ ଆକର୍ଷଣୀୟ ଗନ୍ତବ୍ୟ ହୋଇପାରିଛି।



କଟକ ଜିଲା ରାମଦାସପୁରଠାରେ ପେଜ ଇଣ୍ଡଷ୍ଟ୍ରିଜ ପକ୍ଷରୁ ସ୍ଥାପିତ ବୃହତ ଆପାରେଲ ମ୍ୟାନୁଫାକ୍ଚରିଂ ୟୁନିଟ୍‌କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରୁଛନ୍ତି।

ଟେକ୍ସଟାଇଲ କ୍ଷେତ୍ରରେ ପ୍ରାୟ ୭,୨୧୨ କୋଟି ଟଙ୍କାର ବିନିଯୋଗ ଓ ୪୦ ହଜାର ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସାଲେପୁରର ଝିଅ ସ୍ୱର୍ଣ୍ଣପ୍ରଭା ରାଉତରାୟ ଓ ମୟୂରଭଞ୍ଜର ଝିଅ ଯମୁନା ଟୁଡୁ, ଯିଏକି ତାମିଲନାଡୁରୁ ଆସି ଓଡ଼ିଶା ଟେକ୍ସଟାଇଲ୍ ଇଣ୍ଡଷ୍ଟ୍ରିରେ କାର୍ଯ୍ୟ କରୁଛନ୍ତି ସେମାନଙ୍କ ସହ ବାର୍ତ୍ତାଳାପ କରି ତାଙ୍କର ଅଭିଜ୍ଞତା ଓ ଦକ୍ଷ କାର୍ଯ୍ୟ ପ୍ରଣାଳୀ ବିଷୟରେ ଜାଣିବାକୁ ପାଇଥିଲେ।

ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଶିଳ୍ପ ଜରିଆରେ ଅଧିକରୁ ଅଧିକ ନିଯୁକ୍ତି ସୃଷ୍ଟି କରାଯିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି କହିଥିଲେ। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଧନ୍ୟବାଦ ଦେଇ କହିଥିଲେ, ବୟନ ଶିଳ୍ପ ଓଡ଼ିଶାର ଶିଳ୍ପ ବିକାଶରେ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି। ଆମର ଦକ୍ଷ ମାନବ ସମ୍ବଳ ପାଇଁ ରାଜ୍ୟରେ ପୁଞ୍ଜି ନିବେଶ ଅନେକ ସହାୟକ ହେବ। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ପେଜ ଇଣ୍ଡଷ୍ଟ୍ରିଜ୍‌ର ମ୍ୟାନେଜିଂ ଡାଇରେକ୍ଟର ଭି.ଏସ. ଗଣେଶ ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ ଶ୍ରୀନିବାସନ ପ୍ରମୁଖ ଉପସ୍ଥିତ ଥିଲେ।

## ମତଦାତା ସହାୟତା କେନ୍ଦ୍ର ଉଦ୍‌ଘାଟିତ




ଜିଲାପାଳଙ୍କ କାର୍ଯ୍ୟାଳୟରେ ମତଦାତା ସହାୟତା କେନ୍ଦ୍ର ଉଦ୍‌ଘାଟନ କରାଯାଉଛି।

କଟକ,୮।୪(କାର୍ତ୍ତିକ ସାହୁ)

ମତଦାତାମାନଙ୍କୁ ନିର୍ବାଚନ ସମ୍ପର୍କିତ ସେବା ପ୍ରଦାନ ଲକ୍ଷ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ମତଦାତା ସହାୟତା କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ନିର୍ବାଚନ ଅଧିକାରୀ କମଳଜିତ ଦାସ ସହାୟତା କେନ୍ଦ୍ର ଉଦ୍‌ଘାଟନ କରି ଏହା ମାଧ୍ୟମରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ସମ୍ବନ୍ଧିତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମତଦାତାମାନଙ୍କୁ ମିଳିପାରିବ ବୋଲି କହିଛନ୍ତି। ମତଦାତାମାନେ ନିଜର ନାମ ଭୋଟର ତାଲିକାରେ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଏବଂ ତତ୍‌ସମ୍ବନ୍ଧୀୟ ସମସ୍ତ ସେବା ସହଜରେ ପାଇପାରିବେ। ସ୍ୱତନ୍ତ୍ର ସଘନ ସଂଶୋଧନ ନିମନ୍ତେ ଇସିଆଇ ନେଟ ଭଳି ଅନଲାଇନରେ ସହାୟତା ନେବାର ବ୍ୟବସ୍ଥା ମଧ ରହିଛି। ସହାୟତା କେନ୍ଦ୍ରରେ ପ୍ରଦର୍ଶିତ ସୂଚନାପଟ ମାଧ୍ୟମରେ ମତଦାତାମାନଙ୍କୁ ସଚେତନ କରାଯାଉଛି। ବୁକ ଏ କଲ ୱିଥ ବିଏଲଓ ଭଳି ସୁବିଧା ମଧ ଉପଲବ୍ଧ ରହିଛି, ଏହା ମାଧ୍ୟମରେ ମତଦାତାମାନେ ସିଧାସଳଖ ବୁଥସ୍ତରୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ସମସ୍ୟାର ସମାଧାନ ପାଇପାରିବେ। ପ୍ରଶିକ୍ଷିତ କର୍ମଚାରୀମାନେ ଏହି କେନ୍ଦ୍ରରେ ଉପସ୍ଥିତ ରହି ମତଦାତାମାନଙ୍କୁ ସମସ୍ତ ପ୍ରକାର ତଥ୍ୟ ପ୍ରଦାନ କରୁଛନ୍ତି। ଜିଲା ପ୍ରଶାସନ ଦ୍ୱାରା ମତଦାତାମାନଙ୍କୁ ସଚେତନ କରାଯାଇଛି, ସେମାନେ ନିଜର ତଥ୍ୟ ଠିକ ଭାବେ ପ୍ରଦାନ କରି ଏହି ମ୍ୟାପିଂ ପ୍ରକ୍ରିୟାରେ ସହଯୋଗ କରନ୍ତୁ। ଏହି ଏସ୍ଆଇଆର୍ ମ୍ୟାପିଂ ଅଭିଯାନ ମାଧ୍ୟମରେ ମତଦାତା ତାଲିକାକୁ ତ୍ରୁଟିହୀନ କରିବା ସହିତ ଆସନ୍ତା ନିର୍ବାଚନରେ ମତଦାନ ପ୍ରକ୍ରିୟାକୁ ସୁବିଧାଜନକ କରିବା ଜିଲା ପ୍ରଶାସନର ଲକ୍ଷ୍ୟ ବୋଲି କୁହାଯାଇଛି।

# ମେଟ୍ରୋ ପ୍ରକଳ୍ପ ବାତିଲ ପ୍ରତିବାଦରେ ବିକ୍ଷୋଭ



ବକ୍ସିବଜାର ଗୋଲେଇ ଛକ ନିକଟରେ ବିଜେଡି ପକ୍ଷରୁ ପ୍ରତିବାଦ କରାଯାଉଛି।

କଟକ,୮।୪(କୁମାରଶ୍ରୀ)

ଭୁବନେଶ୍ୱର-କଟକ ମେଟ୍ରୋ ପ୍ରକଳ୍ପକୁ ବାତିଲ କରି ଦିଆଯିବା ପ୍ରତିବାଦରେ ନଗର ବିଜେଡି ପକ୍ଷରୁ ବୁଧବାର ବିକ୍ଷୋଭ କରାଯାଇଛି। ବକ୍ସିବଜାର ଗୋଲେଇ ଛକ ନିକଟରେ ମେୟର ସୁବାସ ସିଂଙ୍କ ନେତୃତ୍ୱରେ ଭାଜପା ସରକାରଙ୍କ ବିରୋଧରେ ନାରାବାଜି କରାଯାଇଥିଲା। ବିଜେଡି ସରକାର ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ଜାନୁଆରୀ ୧ରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଭୁବନେଶ୍ୱର ବିମାନବନ୍ଦରଠାରୁ କଟକ ତ୍ରିଶୁଳିଆ ଛକ ପର୍ଯ୍ୟନ୍ତ ପ୍ରାୟ ୨୬ କି.ମି. ଦୂରତାର ମେଟ୍ରୋ ପ୍ରକଳ୍ପ ହୋଇଥାନ୍ତା। ଏହାଛଡ଼ା କଟକ ନେତାଜୀ ବସ୍ ଟର୍ମିନାଲ ଏବଂ ଏସ୍‌ସିବି ମେଡିକାଲ ପର୍ଯ୍ୟନ୍ତ ଏହା ବିସ୍ତାର ହୋଇଥାନ୍ତା। ପ୍ରକଳ୍ପଟି ୪ ବର୍ଷ ମଧ୍ୟରେ ଶେଷ ହୋଇଥାନ୍ତା। ୬୨୫୫ କୋଟି ଟଙ୍କା ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ବ୍ୟୟ ବରାଦ କରିଥିଲେ। ଏଥିରେ ପ୍ରାୟ ୨୦ ମେଟ୍ରୋ ଷ୍ଟେଶନର ବ୍ୟବସ୍ଥା ହୋଇଥାନ୍ତା। ଦ୍ୱୈତନଗର ବାସିନ୍ଦାଙ୍କ ଗମନାଗମନ ପାଇଁ ଏହି ପ୍ରକଳ୍ପ ବେଶ୍ ଲାଭଦାୟକ ହୋଇଥାନ୍ତା। କିନ୍ତୁ ରାଜ୍ୟରେ ଭାଜପା ସରକାର ଆସିବା ପରେ ଏହି ପ୍ରକଳ୍ପ କାର୍ଯ୍ୟ ବାତିଲ କରି ଦିଆଯାଇଛି। ୨୫ଟି ରାଜ୍ୟରେ ମେଟ୍ରୋ ବ୍ୟବସ୍ଥା ରହିଥିବା ବେଳେ ଓଡ଼ିଶାରେ କାହିଁକି ଏହା ହୋଇପାରିବ ନାହିଁ ବୋଲି ପ୍ରଶ୍ନ କରାଯାଇଥିଲା। କେନ୍ଦ୍ର ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ବିକ୍ଷୋଭ ସ୍ଥଳରେ ଚେତାବନୀ ଦିଆଯାଇଛି। ଜିଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ, କର୍ପୋରେଟର ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଏ. ଶ୍ରୀଦେବୀ, ମୋନାଲିସା ଦାସ, ପ୍ରକାଶ ସିଂ, ନନ୍ଦଲାଲ୍ ସିଂହ, ରମଜାନ ଖାନ, ଦେବେନ୍ଦ୍ର କାହାଳୀ, ଏକ୍ରାମ ହୁସେନ, ମହମଦ ସକିଲ, ପ୍ରଦୀପ କୁମାର ସାହୁ, ନିମାଇଁ ବିଶ୍ୱାଳଙ୍କ ସମେତ ଶତାଧିକ ବିଜେଡି ନେତା ଓ କର୍ମୀ ସାମିଲ ଥିଲେ।

## ବିଧାୟକଙ୍କ ଦ୍ୱାରା ନୂତନ ରାସ୍ତା, ଡ୍ରେନ୍ ଉଦ୍‌ଘାଟିତ

ଫୁଲନଖରା,୮।୪(ସତ୍ୟରଞ୍ଜନ ଦାସମହାପାତ୍ର)

ଫୁଲନଖରା ବଜାରଠାରୁ ଜୟାଗଡା ଓ ଫୁଲନଖରା ଛକଠାରୁ କାଚରାମାଳ ପର୍ଯ୍ୟନ୍ତ ନୂତନ ରାସ୍ତା, ଡ୍ରେନ ଓ ଆଲୋକୀକରଣ ପ୍ରକଳ୍ପକୁ ବୁଧବାର କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଉଦଘାଟନ କରିଛନ୍ତି। ଦୀର୍ଘ ଦିନରୁ ଅବହେଳିତ ଭାବେ ପଡିରହିଥିବା ଏହି ରାସ୍ତାର ଉନ୍ନତୀକରଣ ନିମନ୍ତେ ସ୍ଥାନୀୟ ଜନସାଧାରଣ ବହୁ ଦିନ ଧରି ଦାବି କରିଆସୁଥିଲେ। ଏହି ଅବସରରେ ବରିଷ୍ଠ ଭାଜପା ନେତା ସ୍ୱାଧୀନ ଚେତା ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ମମତା ମହାନ୍ତି, କାଚରାମାଳ ଗ୍ରାମ୍ୟ କମିଟି ସଭାପତି ଗୁଣନିଧି ପଟ୍ଟନାୟକ, ମୁରବି ଠାକୁର ପ୍ରସାଦ ଦାସ, ପ୍ରମୋଦ ଓଝା, ମଣ୍ଡଳ ସଭାପତି ନୀହାର ରଞ୍ଜନ ପଣ୍ଡା, ପ୍ରସନ୍ନ ପ୍ରଧାନ, ଦୀପ୍ତିରଞ୍ଜନ ଜେନା, ଆସିଷ୍ଟାଣ୍ଟ ଇଞ୍ଜିନିୟର ଗୀତାରାଣୀ ସାହୁ, ପ୍ରଶାନ୍ତ ଦଳାଇ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଫୁଲନଖରା ବଜାର କମିଟି ସଭାପତି କିଶୋର ପଟ୍ଟନାୟକ, କାଚରାମାଳ ଯୁବକ ସଂଘ କର୍ମକର୍ତ୍ତା, ଗ୍ରାମ୍ୟ କମିଟି ସଦସ୍ୟ ଓ ବହୁ ସଂଖ୍ୟାରେ ଭାଜପା କର୍ମୀମାନେ ଉପସ୍ଥିତ ଥିଲେ।

## ଓଡ଼ିଆ ପକ୍ଷ ଅବସରରେ ୬୬ ୟୁନିଟ୍ ରକ୍ତ ସଂଗ୍ରହ

କଟକ,୮।୪(କାର୍ତ୍ତିକ ସାହୁ)

ଓଡ଼ିଆ ପକ୍ଷ ପାଳନ ଅବସରରେ କଟକ ଜିଲାର ବିଭିନ୍ନ ସ୍ଥାନ ସମେତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ବୁଧବାର ଆୟୋଜିତ ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଉଦ୍‌ଘାଟନ କରିଥିଲେ। ରକ୍ତଦାନ ଏକ ମହତ ଦାନ ଏବଂ ଯୁବସମାଜ ଏହି ପବିତ୍ର କାର୍ଯ୍ୟରେ ସକ୍ରିୟ ଭାବେ ଯୋଗଦେବାକୁ ବିଧାୟକ ଉତ୍ସାହିତ କରିଥିଲେ। ଶିବିରରେ ସମୁଦାୟ ୬୬ ୟୁନିଟ ରକ୍ତ ସଂଗ୍ରହ ହୋଇଛି, ଯାହା ରକ୍ତଦାନ ଅଭିଯାନ ପ୍ରତି ଲୋକମାନଙ୍କ ଆଗ୍ରହ ଓ ସହଭାଗିତାକୁ ପ୍ରକାଶ କରିଛି। ଏପରି ସେବାମୂଳକ ପଦକ୍ଷେପ ଓଡ଼ିଆ ପକ୍ଷର ଉଦ୍ଦେଶ୍ୟକୁ ସୁଦୃଢ଼ କରିବା ସହ ଆଗାମୀ ଦିନରେ ଏହା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇ ବୋଲି ମତପ୍ରକାଶ ପାଇଛି।

## ଟାଇଁକଣା ଗ୍ରାମରେ ଚୈତ୍ର ମହୋତ୍ସବ



ପବିତ୍ର ଚୈତ୍ର ମହୋତ୍ସବରେ ଉପସ୍ଥିତ ଅତିଥି।

କଟକ ସଦର,୮।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କଳପଡ଼ା ପଞ୍ଚାୟତ ଟାଇଁକଣା ଗ୍ରାମରେ ବୁଧବାର ସନ୍ଧ୍ୟାରେ କୈବର୍ତ୍ତ ସାହିରେ ପବିତ୍ର ଚୈତ୍ର ମହୋତ୍ସବ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଲୋକମାନେ ଯୋଗଦେଇ ମହୋତ୍ସବର ଭରପୁର ଆନନ୍ଦ ଉଠାଇଥିଲେ। ପରମ୍ପରା ଅନୁଯାୟୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଟକ ସଦର ଅଞ୍ଚଳର ଅଗ୍ରଣୀ ସାମାଜିକ ସଙ୍ଗଠନ ୟୁନିୟନ ଫର କଟକ ସଦର ଡେଭଲପମେଣ୍ଟ ସଭାପତି ପ୍ରଫେସର ମନୋଜ କୁମାର ଯୋଗଦେଇ କୈବର୍ତ୍ତ ଭାଇମାନଙ୍କ ଘୋଡ଼ାନାଚ ଓ ଗୀତ ଆଜି କଟକ ଜିଲାର ପାରମ୍ପରିକ ନୃତ୍ୟ ଭାବେ ମାନ୍ୟତା ବଜାୟ ରଖିବାରେ ସକ୍ଷମ ହୋଇଛି ବୋଲି କହିଥିଲେ।

## ସମସ୍ତ ସାମ୍ବାଦିକଙ୍କୁ ଟୋଲ୍ ଆଦାୟ ଫ୍ରି କରାଯାଉ

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ସ୍ମାରକପତ୍ର

ଖୁଣ୍ଟୁଣୀ,୮।୪(ସଚ୍ଚିଦାନନ୍ଦ ପଣ୍ଡା)

ରାଜ୍ୟର ସମସ୍ତ ଟୋଲ ଗେଟରେ କର୍ତ୍ତବ୍ୟରତ ସାମ୍ବାଦିକମାନଙ୍କୁ ଟୋଲ ଗେଟରୁ ଟୋଲ ଫି ଆଦାୟ ନ କରିବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ଆଠଗଡ଼ ଉପଜିଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କୁ ଆଠଗଡ଼ ମିଡିଆ ହାଉସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟର ଥିବା ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ନିଜ ଜୀବନକୁ ବାଜି ଲଗାଇ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥାନ୍ତି। ହେଲେ ସେମାନଙ୍କ ଉପରେ ବିଭିନ୍ନ ସ୍ଥାନରେ ବିନା କାରଣରେ କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ତଥା ଅସାମାଜିକ ଲୋକ ତାଙ୍କ ଉପରେ ଆକ୍ରମଣ କରି ଅକ୍ଳେଶରେ ଖସି ଯାଉଥିବା ଅତୀତରେ ବହୁ ନଜିର ରହିଛି। ଏଣୁ ରାଜ୍ୟର ବିଭିନ୍ନ ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟ କରୁଥିବା ସମ୍ବାଦଦାତାମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମସ୍ତ ଟୋଲ ଗେଟରେ ସେମାନଙ୍କ ୪ ଚକିଆ ଯାନକୁ ଟୋଲ ମୁକ୍ତ କରିବା ପାଇଁ ମିଡିଆ ହାଉସ ପକ୍ଷରୁ ସଭାପତି ସଚ୍ଚିଦାନନ୍ଦ ପଣ୍ଡା, ଉପଦେଷ୍ଟା ଶ୍ୱେତକାନ୍ତ ବେହେରା, ସମ୍ପାଦକ ଦିଲ୍ଲୀପ କୁମାର ଦାସ, ଉପସଭାପତି ବିଜୟ ନାୟକ, କାର୍ଯ୍ୟକାରୀ ସଭାପତି ସୱରାଜ ପଣ୍ଡା, ମାନସ ସାହୁ, ଦେବବ୍ରତ ବେହେରା, ସୋନାଲି କାଳିଆ, ରଞ୍ଜିତ ରାଉତ, ମାୟାଧାର ରଥ, ସୁକାନ୍ତ ଦଳେଇ, ମହେଶ୍ୱର ବେହେରା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।

# ତଦନ୍ତ କରି ଫେରିଲା ୬ ଜଣିଆ କେନ୍ଦ୍ରୀୟ ଟିମ୍

**ଏସ୍‌ସିବି ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡ ଘଟଣା**

- ଟ୍ରମା ଆଇସିୟୁରେ ତନାଘନା
- ମେଡିକାଲ କର୍ତ୍ତୃପକ୍ଷ, ଡାକ୍ତର, ନର୍ସ ଓ ବିଭାଗୀୟ ଅଧିକାରୀଙ୍କୁ ପଚରାଉଚରା

କଟକ,୮।୪(ଶିକ୍ଷା ପ୍ରିୟଦର୍ଶିନୀ)

ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାର ତଦନ୍ତ ପାଇଁ ବୁଧବାର ମେଡିକାଲରେ ପହଞ୍ଚିଛନ୍ତି ୬ ଜଣିଆ ଉଚ୍ଚସ୍ତରୀୟ କେନ୍ଦ୍ରୀୟ ଟିମ। ମେଡିକାଲ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଟିମ୍ ପ୍ରାୟ ୨ଘଣ୍ଟା ଘଟଣା ସମୟରେ ଥିବା ଅଧିକାରୀଙ୍କୁ ପଚରାଉଚରା କରିବା ପରେ ଟିମ୍ ଜଳି ଯାଇଥିବା ଟ୍ରମା ଆଇସିୟୁରେ ପ୍ରାୟ ଅଧଘଣ୍ଟା ଯାଞ୍ଚ କରିଥିଲା। ଯାଞ୍ଚ ପରେ ଟିମ୍ ଫେରି ଯାଇଥିବାବେଳେ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ ବୋଲି ସୂଚନା ମିଳିଛି।

ମିଳିଥିବା ସୂଚନା ମୁତାବକ, ଜାତୀୟ ବିପର୍ଯ୍ୟୟ ପରିଚାଳନା ଅଥରିଟି କମାଣ୍ଡାଣ୍ଟ ଆଦିତ୍ୟ କୁମାର, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶକ ଡ. ଅରବିନ୍ଦ କୁମାର, ଡିଏମ୍ ମୁଖ୍ୟ ଡା. ଯୋଗେଶ, ଭାରତ ସରକାରଙ୍କ ସିଭିଲ ଡିଫେନ୍ସ ଏବଂ ହୋମଗାର୍ଡ ବିଭାଗର ପରାମର୍ଶଦାତା ପ୍ରଶାନ୍ତ ଲୋନକର, ଏନ୍‌ଡିଆର୍‌ଏଫ୍ କମାଣ୍ଡାଣ୍ଟ ନଗେନ୍ଦ୍ର ଶର୍ମାଙ୍କ ସମେତ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଅଥରିଟିର ସାଧାରଣ ପରିଚାଳକ ସୁନୀଲ କୁମାର ସାହୁ ପ୍ରମୁଖ ୬ ଜଣିଆ ଟିମ୍ ମେଡିକାଲ କଲେଜ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ମେଡିକାଲ କର୍ତ୍ତୃପକ୍ଷ, ଆଇସିୟୁରେ ଡ୍ୟୁଟିରେ ଥିବା ଡାକ୍ତର ଓ ନର୍ସଙ୍କୁ ବିଭିନ୍ନ ଦିଗ ସମ୍ପର୍କରେ ପଚରାଉଚରା କରିଥିଲା। କେଉଁ ସମୟରେ ନିଆଁ ଲାଗିଲା, ନିଆଁ ଲାଗିବା ପରେ ସ୍ପ୍ରିଙ୍କଲର କାମ କରିଥିଲା କି ନାହିଁ, ସାଇରନ ବାଜିଥିଲା ନା ନାହିଁ, ଘଟଣାସ୍ଥଳରେ କିଏ କିଏ ଉପସ୍ଥିତ ଥିଲେ। ପ୍ରଥମେ କେତେଜଣ ରୋଗୀଙ୍କୁ ଉଦ୍ଧାର କରାଯାଇଥିଲା, ଉଦ୍ଧାର କାର୍ଯ୍ୟରେ କିଏ କିଏ ନିୟୋଜିତ ରହିଥିଲେ ଏବଂ ମୁଖ୍ୟତଃ ଅଗ୍ନିଶମ ବାହିନୀକୁ କେତେବେଳେ ଖବର ଦିଆଯାଇଥିଲା। ଏହି ସମସ୍ତ ବିଷୟରେ ତନ୍ନତନ୍ନ କରି ଟିମ୍ ପଚରାଉଚରା କରିଥିବା ଜଣାପଡ଼ିଛି। ଏହାସହ ଅଗ୍ନିଶମ ଓ ଜିଇଡି ଅଧିକାରୀମାନଙ୍କ ରିପୋର୍ଟ ସଂଗ୍ରହ କରିବେ ବୋଲି ସୂଚନା ମିଳିଛି। ତେବେ ଏହି ଟିମ୍ ଯାଞ୍ଚ ଓ ରିପୋର୍ଟ ପ୍ରଦାନ କରିବା ପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ଏହା ଉପରେ ନଜର ରହିଛି। ଅନ୍ୟପଟେ କେବଳ ଟିମ୍ ଯାଞ୍ଚ କରି ଫେରିଥିବା ମେଡିକାଲ ଅଧୀକ୍ଷକ ଡା. ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ କହିଛନ୍ତି। ତଦନ୍ତ ବେଳେ ଜିଲା ପ୍ରଶାସନ, ଜିଇଡି, ଅଗ୍ନିଶମଙ୍କ ସମେତ ଅନ୍ୟ ବିଭାଗ ଅଧିକାରୀମାନେ ଉପସ୍ଥିତ ରହିଥିଲେ।



୬ ଜଣିଆ ଉଚ୍ଚସ୍ତରୀୟ କେନ୍ଦ୍ରୀୟ ଟିମ୍ ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାର ତଦନ୍ତ ପାଇଁ ଯାଉଛି।

**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓ.ଏ. ନଂ. ୨୦୨୪ର ୩୯୬

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ଭୁବନେଶ୍ୱର, ଓଡ଼ିଶା .....ଆବେଦନକାରୀ
ବନାମ
ସନ୍ଦୀପ ହରିଚନ୍ଦନ ଏବଂ ଅନ୍ୟମାନେ .....ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,
୧) ମେସର୍ସ ହୋଟେଲ ଗାଲାକ୍ସୀ ଇଣ୍ଟରନ୍ୟାସନାଲ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୫୧୬/୧୭୧୯, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖ, କିଟ୍ ସ୍କୋୟାର, ପଟିଆ, ଭୁବନେଶ୍ୱର-୭୫୧୦୨୪, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ. ୨
୨) ହୋଟେଲ ଗାଲାକ୍ସୀ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସନ୍ଦୀପ ହରିଚନ୍ଦନଙ୍କ ଦ୍ୱାରା ପ୍ରତିନିଧିତ୍ୱ, ପିତା: ପ୍ରମୋଦ କୁମାର ପାଇକରାୟ, ସା: ପ୍ଲଟ୍ ନଂ.: ୧୦୧୬/୧୫୦୪, ସବ୍ ପ୍ଲଟ୍ ନଂ.: ଇ-୨୧, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର-୭୫୧୦୦୯, ଜିଲ୍ଲା: ଖୋର୍ଦ୍ଧା (ଓଡ଼ିଶା) .....ପ୍ରତିବାଦୀ ନଂ.୩

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ୍**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ. ୨୦୨୪ର ୩୯୬ ଦ୍ୱାରା **ଟ.୫୩,୫୮,୯୦୪.୦୦** ମାତ୍ର ଋଣ ରାଶି ଏବଂ ତତ୍‌ସହିତ ଚଳିତ ଓ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସ୍‌ରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପରିଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର **୩୦ ଦିନ** ମଧ୍ୟରେ କିମ୍ବା **ତା୧୭.୦୬.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ରହି ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଅଛି କି ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ମୋ ଦ୍ୱାରା ଏବଂ ଏହି ପ୍ରାଧିକରଣର ସହି ମୋହର ସହ ଅଦ୍ୟ ଦିନାଙ୍କ **୨୬ ମାର୍ଚ୍ଚ, ୨୦୨୬**ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର



'ମୁରବୀ' ଫିଲ୍ମର ପୋଷ୍ଟର

## ରିଲିଜ ଅପେକ୍ଷାରେ

# ମୁରବୀ

ମୁରବୀ ହେଉଛନ୍ତି ପ୍ରତ୍ୟେକ ପରିବାରର ମୁଖ୍ୟ। ଗୋଟିଏ ପରିବାରକୁ ଗୋଟିଏ ସୂତ୍ରରେ ସେ ବାନ୍ଧି ରଖିବାକୁ ଚେଷ୍ଟା କରନ୍ତି। ତା'ସହ ସେହି ପରିବାର ସଦସ୍ୟଙ୍କୁ ଅନୁଶାସନର ପାଠ ପଢାଉଥିବା ଜଣେ ସମ୍ମାନସ୍ପଦ ବ୍ୟକ୍ତି ହେଉଛନ୍ତି ସିଏ। ଏହି ଚଳଚ୍ଚିତ୍ର ସେପରି ଏକ କାହାଣୀ ଉପରେ ଆଧାରିତ। ଚଳଚ୍ଚିତ୍ରରେ ଦୁଇଜଣ ପରିବାର ମୁଖ୍ୟଙ୍କ ବିପରୀତ ଚିନ୍ତାଧାରାକୁ ଦର୍ଶାଯାଇଛି । ଜଣେ କଠୋର ଶାସନ ଓ ନିୟମରେ ବିଶ୍ୱାସ କରୁଥିବାବେଳେ, ଅନ୍ୟଜଣେ ସ୍ନେହ, ମମତା ଓ ସ୍ୱାଧୀନତା ମାଧ୍ୟମରେ ପରିବାରକୁ ମଜଭୁତ ଭାବେ ଗଢିଛନ୍ତି। ଦୁଇ ପରିବାରର ସଂଘର୍ଷ ମାଧ୍ୟମରେ ସମ୍ପର୍କ ଓ ମୂଲ୍ୟବୋଧକୁ ନିଚ୍ଛକ ଭାବେ ଏଥିରେ ଦର୍ଶାଯାଇଛି । ତେବେ ପରବର୍ତ୍ତୀ ସମୟରେ କ'ଣ ଘଟୁଛି ତାହା ଏହି ସିନେମାରେ ଦେଖିବାକୁ ପାଇବେ। ଉକ୍ତ ଚିତ୍ରଟିର ଟାଇଟଲ ରହିଛି 'ମୁରବୀ', ଯାହା ଚଳିତ ମାସ ୧୪ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ମେଷ୍ଟିସ ଫିଲ୍ମସ ବ୍ୟାନରରେ ଏହାକୁ ପ୍ରଯୋଜନା କରିଛନ୍ତି 'ଦମନ' ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ବିଶାଳ ମୌର୍ଯ୍ୟ ଓ ଦେବୀ ପ୍ରସାଦ ଲେଙ୍କା। ଏହାର ସହ-ପ୍ରଯୋଜକ ଅଛନ୍ତି ସୁମନ୍ତ ବୈରାଗୀ ଓ ଅଗ୍ନିମିତ୍ର ବେହେରା। ଚଳଚ୍ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ପିନାକୀ ସିଂହ ଓ ଶିଶିର କୁମାର ସାହୁ। ଗୀତ ସହିତ ସଂଳାପ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି ପି. ସନ୍ତୋଷ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଗ୍ନିମିତ୍ରା ବେହେରା । କୁନା ତ୍ରିପାଠୀ, ଜୟପ୍ରକାଶ ଦାସ, ବିଜୟନୀ ମିଶ୍ର, ଅଙ୍କିତା ମହାନ୍ତି, ବି ଏମ ବୈଶାଳୀ,ଉଦିତ ଗୁରୁ ଓ ପ୍ରସେନଜିତଙ୍କ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

## ଅପେରା ହାଲ୍‌ଚାଲ୍

# ଦୀର୍ଘ ୧୪ ବର୍ଷ ପରେ...



ଟୁନି-ବାପି

ଜଲିଉଡ୍ ଜଗତର ଯେଉଁ କେତୋଟି ଆଗଧାଡିର ଯୋଡି ଭାବରେ ଗଣନା କରାଯାଏ ତନ୍ମଧ୍ୟରୁ ଅନ୍ୟତମ ହେଉଛି 'ବାପି-ଟୁନି' ଯୋଡି। ଓଡିଆ ଅପେରା ଜଗତରେ ଏପର୍ଯ୍ୟନ୍ତ ନିଜର ଆଧିପତ୍ୟ ବିସ୍ତାର କରିଥିବା ବାପି ପଣ୍ଡା ଏବଂ ଟ୍ରାଜେଡି କୁଇନ୍ ଟୁନିଆ ମଲ୍ଲିକ (ଟୁନି)ଙ୍କୁ ଯାତ୍ରାପ୍ରେମୀ ପୁଣି ଥରେ ମଞ୍ଚ ଉପରେ ଏକାଠି ଦେଖିବାକୁ ପାଇବେ। ଦୀର୍ଘ ୧୪ ବର୍ଷ ପରେ ଏହି ଯୋଡିକୁ ଏକତ୍ରିତ କରିବାରେ ସକ୍ଷମ ହୋଇଛନ୍ତି ନବଗଠିତ ବିଗବଜେଟ୍ ଯାତ୍ରାନୁଷ୍ଠାନ 'ଯାତ୍ରା କେଶରୀ'ର ଯୁବ ପ୍ରଯୋଜକ ଆଦର୍ଶ ରଞ୍ଜନ ସ୍ୱାଇଁ। ଏ ବିଷୟରେ ବାପି କହନ୍ତି, ''ଟୁନି ସହ ମୋର ପ୍ରଥମ ଅଭିନୟ ଆରମ୍ଭ ହୋଇଥିଲା ଗୌରୀ ଗଣନାଟ୍ୟରୁ। ୨୦୦୨ରେ ଆମ ଅଭିନୀତ ପ୍ରଥମ ନାଟକଟି ଥିଲା 'ଡାକବଙ୍ଗଳା'। ଏହାବ୍ୟତୀତ 'ଶହେ ମାନସିକ ତୋରି ପାଇଁ', 'ଚାରି ଛକରେ ତିନି ଝିଅ', 'ଅର୍ଦ୍ଧାଙ୍ଗିନୀ' ଏବଂ 'ମାୟା ମେମସାବ' ଆଦି ଅନେକ ନାଟକରେ ଆମ ଯୋଡି ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଥିଲା। ଆଉ ଏବେ ପୁଣି ଥରେ ଯାତ୍ରା କେଶରୀରେ ଏକାଠି ହେବାର ସୁଯୋଗ ମିଳିଛି। ପ୍ରଭୂ ଜଗନ୍ନାଥଙ୍କ କୃପାରୁ ଏହା ସମ୍ଭବ ହୋଇଛି ବୋଲି କହିବି।'' ଉକ୍ତ ପାର୍ଟିର ମୁଖ୍ୟ ପରିଚାଳକ ଅଛନ୍ତି ଅଭିଜ୍ଞ ଲୁଲୁ କର। ବାପି-ଟୁନି ଯୋଡି ବ୍ୟତୀତ ମଣ୍ଟୁ ଦାସ, ଖଳନାୟକ କୁନା, ପହଲି, ଅକ୍ଷୟ ସାହୁ, ଡାଙ୍ଗ ଏବଂ ଛନ୍ଦିତା ପ୍ରମୁଖ କଳାକାରଙ୍କୁ ଏହି ପାର୍ଟିରେ ମଧ୍ୟ ଦେଖିବାକୁ ମିଳିବ। ଯାତ୍ରା କେଶରୀର ନାଟକ ପ୍ରସ୍ତୁତି କାମ ଜୋରସୋରରେ ଚାଲୁ ରହିଛି।

# ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ : କିଛି କଥା

''ପ୍ରଯୋଜକଟିଏ ସିନେମା ନିର୍ମାଣ କରିବା ପୂର୍ବରୁ ସେ ବିଷୟରେ କିଛି ଜ୍ଞାନ ଆହରଣ କରନ୍ତୁ । ଏଭଳି ବ୍ୟକ୍ତିବିଶେଷଟିଏ ଠିକ୍ କରନ୍ତୁ, ଯିଏ ଜଣେ ନବାଗତ ପ୍ରଯୋଜକଙ୍କୁ ଠିକ୍ ବାଟରେ ଆଗେଇ ନେବ। ଏବେ ଏଭଳି ଅନେକ ସିନେମା ନିର୍ମିତ ହେଉଛି ଯାହାର କାହାଣୀରେ ବଳିଷ୍ଠତା ନାହିଁ ।''

ସିନେମାଟିଏ ନିର୍ମାଣ କରିବା ପୂର୍ବରୁ ଅନେକ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡିଥାଏ। ଆମ ଓଡ଼ିଆ ସିନେମାର ଇତିହାସକୁ ତର୍ଜମା କଲେ ଜଣାପଡେ ଯେ ଦିନ ଥିଲା ବଳିଷ୍ଠ କାହାଣୀ, ଉପଯୁକ୍ତ କଳାକାର ଚୟନ, ମନକୁ ଛୁଇଁ ପାରିବା ଭଳି ଗୀତ ଏବଂ କଳାକାରଙ୍କର ନିଖୁଣ ଅଭିନୟ ଅନେକ ସିନେମାକୁ ହିଟ୍ ପର୍ଯ୍ୟାୟଭୁକ୍ତ କରୁଥିଲା। ଦର୍ଶକଟିଏ ଥରେ ଦେଖିଲେ ଆଉ ଥରେ ସେହି ସିନେମା ଦେଖିବାକୁ ମନ ବଳାଉଥିଲା। କିନ୍ତୁ ଓଡ଼ିଆ ସିନେମା ଦିନକୁ ଦିନ ଯେତିକି ପରିପକ୍ୱତା ଲାଭ କରୁଛି ସେହି ଅନୁସାରେ ଭଲ ସିନେମାଟିଏ ନିର୍ମାଣ ସଂଖ୍ୟା କମି କମି ଚାଲିଛି କହିଲେ ଭୁଲ ହେବ ନାହିଁ। କେବଳ ପ୍ରଯୋଜକଟିଏ ସାଜି ଫିଲ୍ମଟିଏ ନିର୍ମାଣ କରିଦେଲେ ହେବ ନାହିଁ, ସେ ସମ୍ପର୍କିତ କିଛି ଜ୍ଞାନ ରହିବା ନିହାତି ଦରକାର। ଅନ୍ୟପକ୍ଷରେ କେତେକ ବ୍ୟକ୍ତିବିଶେଷ ପ୍ରଯୋଜକଙ୍କୁ ଆୟର ଉଚ୍ଚ ଆଶା ଦେଖାଇ ଫିଲ୍ମ ନିର୍ମାଣ କରିବାର ନଜୀର ରହିଛି। ହେଲେ ସେହି ଚିତ୍ରଟି ପ୍ରେକ୍ଷାଳୟକୁ ଆସିବା ପରେ ଯାହା ଅବସ୍ଥା ହେଉଛି ତାହା ନ କହିବା ଭଲ।



ପ୍ରଯୋଜକଟିଏ ସିନେମା ନିର୍ମାଣ କରିବା ପୂର୍ବରୁ ସେ ବିଷୟରେ କିଛି ଜ୍ଞାନ ଆହରଣ କରନ୍ତୁ। ଏଭଳି ବ୍ୟକ୍ତିବିଶେଷଟିଏ ଠିକ୍ କରନ୍ତୁ, ଯିଏ ଜଣେ ନବାଗତ ପ୍ରଯୋଜକଙ୍କୁ ଠିକ୍ ବାଟରେ ଆଗେଇ ନେବ। ଏବେ ଏଭଳି ଅନେକ ସିନେମା ନିର୍ମିତ ହେଉଛି ଯାହାର କାହାଣୀରେ ବଳିଷ୍ଠତା ନାହିଁ। ତରବରିଆ ଭାବରେ ଫିଲ୍ମର ନିର୍ମାଣ କାର୍ଯ୍ୟ ଶେଷ କରିଦିଆଯାଉଛି। ତେଣୁ ସେଥିରେ ଅନେକ ଦୋଷତ୍ରୁଟି ରିଲିଜ ହେବା ପରେ ଜଣାପଡୁଛି। ଏଭଳି ସିନେମା ନିର୍ମାଣ ଧାରା ଜାରି ରହିଲେ ଓଡ଼ିଆ ସିନେମାର ଭବିଷ୍ୟତ କୁଆଡେ ଗତି କରିବ ତାହା ସହଜରେ ଅନୁମେୟ।

ଓଡ଼ିଆ ଫିଲ୍ମର କାହାଣୀରେ କେବଳ ରୋମାଣ୍ଟିକ ନୁହେଁ, ପାରିବାରିକ ଛିଟା, ଦମଦାର କମେଡି, ଭାବପ୍ରବଣତା ଆଦି ଭରି ରହିବା ଦରକାର। ଏହାଦ୍ୱାରା ଫିଲ୍ମଟି ଦେଖିବା ବେଳେ ଦର୍ଶକଙ୍କର ମନ କେବଳ ଫିଲ୍ମରେ ହିଁ କେନ୍ଦ୍ରୀତ ହୋଇ ରହିବ। ପ୍ରଯୋଜଟିଏ ଅନ୍ୟମାନଙ୍କ କଥାକୁ ଗୁରୁତ୍ୱ ଦେବା ସମୟରେ ତାହାକୁ ଭଲ ଭାବରେ ତର୍ଜମା କରିବା ଦରକାର।

ଭଲ ସିନେମାଟିଏ ନିର୍ମାଣ ହେଲେ ତାହାକୁ ଦର୍ଶକ ନିଶ୍ଚୟ ଦେଖିବେ। ଗତ କିଛି ବର୍ଷ ଧରି ବେଶ୍ କେତୋଟି ଭଲ ସିନେମା ନିର୍ମିତ ହୋଇ ଭଲ ଆୟ କରିଛି। ତେଣୁ ସିନେମାଟିଏ ନିର୍ମାଣ କରିବା ସମୟରେ ସବୁ ଦିଗ ପ୍ରତି ନଜର ଦେଲେ ତାହା ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହେବ। ଏବେଠାରୁ ଏସବୁ ଦିଗ ପ୍ରତି ଦୃଷ୍ଟି ଦେଲେ ଆମ ଓଡ଼ିଆ ସିନେମା ପୁଣି ଥରେ ନିଶ୍ଚୟ ଦର୍ଶକାଦୃତ ହେବା ସହ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ସାଉଁଟିବା ସହ ପୁରସ୍କାର ହାସଲ କରିବାରେ ସକ୍ଷମ ହେବ।

**-ଦିଲୀପ ହାଲି,** ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# କେବଳ ଅଭିନୟ ପାଇଁ...

ରାକେଶ ରୋଶନଙ୍କ ପରି ନାମୀ ନିର୍ଦ୍ଦେଶକ ତାଙ୍କୁ ପ୍ରଥମେ ବ୍ରେକ୍ ଦେଇଥିଲେ। ଫିଲ୍ମଟିର ଟାଇଟଲ ଥିଲା 'କହୋ ନା ପ୍ୟାର ହେ'। ସିନେମାଟି ହିଟ୍ ହେଲା ସିନା ହେଲେ ଏହାର ସମସ୍ତ କ୍ରେଡିଟ ଯାଇଥିଲା ହ୍ରିତିକ ରୋଶନଙ୍କୁ। କିନ୍ତୁ ଅଭିନୟକୁ କ୍ୟାରିୟର କରିବା ଲାଗି ତାଙ୍କୁ ଆଉ ଏକ ଲକ୍ଷ୍ୟକୁ ବଳିଦାନ ଦେବାକୁ ପଡିଥିଲା। ଟଫ୍ଟସ ୟୁନିଭର୍ସିଟିରୁ ସେ ଅର୍ଥନୀତିରେ ଡିଗ୍ରୀ ହାସଲ କରିବା ସହ ଗୋଲ୍ଡ ମେଡାଲରେ ସମ୍ମାନିତ ହୋଇଥିଲେ। ଏହାପରେ ସେ ଏକ ଭଲ ଚାକିରି କରିବାକୁ ଆଶା ରଖିଥିଲେ। କିନ୍ତୁ ତାଙ୍କ ଭାଗ୍ୟରେ ଆଉ କିଛି ଲେଖା ଥିଲା। ପରବର୍ତ୍ତୀ ସମୟରେ ସେ ଆକ୍ଟିଂକୁ କ୍ୟାରିୟର ଭାବରେ ଗ୍ରହଣ କରିନେଇଥିଲେ। ସେ ହେଉଛନ୍ତି ଅମୀଷା ପଟେଲ। ତାଙ୍କର ଆଉ ଏକ ଅଭ୍ୟାସ ରହିଛି। ତାହା କ'ଣ ଜାଣନ୍ତି ? ଅମୀଷା ଯେତେବେଳେ କୌଣସି ଭଲ ଆଉ ନୂଆ ବ୍ରାଣ୍ଡର ଲକ୍‌ଜ୍ୟୁରି ବ୍ୟାଗ୍ ଦେଖନ୍ତି ତାହାକୁ ତୁରନ୍ତ କିଣିଥାଆନ୍ତି। ଏଭଳି ବ୍ୟାଗ୍ କଲେକଶନ କରିବା ତାଙ୍କର ଅଭ୍ୟାସରେ ପରିଣତ ହୋଇଯାଇଛି କହିଲେ ଭୁଲ ହେବ ନାହିଁ। ଅମୀଷାଙ୍କ ବୟସ ଏବେ ୫୦ ହେଲାଣି। ହେଲେ ସେ ଘର ସଂସାର ଠାରୁ ନିଜକୁ ବେଶ୍ ଦୂରରେ ରଖିଛନ୍ତି। କାରଣ ତାଙ୍କ ମୁଣ୍ଡକୁ ଏକଥା ଜୁଟିଥିଲା ଯେ ଯଦି ସେ ବାହା ହୁଅନ୍ତି ତେବେ ତାହା ତାଙ୍କର ଆକ୍ଟିଂ କ୍ୟାରିୟରକୁ ପ୍ରଭାବିତ କରିବ। ତେଣୁ ସେ ସାରା ଜୀବନ କୁଆଁରୀ ରହିବାକୁ ସ୍ଥିର କରିଥିଲେ। ଆଉ ଏ ନେଇ ସେ ମଧ୍ୟ ମନଦୁଃଖ କରନ୍ତି ନାହିଁ।



ଅମୀଷା

## ଶୁଟିଂ ଚାଲିଛି

# ନାଲି ଚୁଡ଼ା

ଏକ ନିପଟ ମଫସଲ ଗାଁର ଜଣେ ସରଳ ଯୁବକ, ଯାହାର ମୁଖ୍ୟ କାମ ହେଉଛି ଗାଈ ଜଗିବା। ଏହି ଗ୍ରାମର ଗ୍ରାମବାସୀ ତାକୁ ଭିନ୍ନ ଦୃଷ୍ଟିରେ ଦେଖନ୍ତି ଆଉ ବେଳେବେଳେ ତାକୁ ନାଲି ଚୁଡା ବୋଲି ଡାକି ଚିଡାଇଥାଆନ୍ତି। ହେଲେ ଏଭଳି ସମୟ ଆସିଛି ଭାଗ୍ୟଦେବୀ ତା' ପ୍ରତି ପ୍ରସନ୍ନ ହୋଇଛନ୍ତି। ଆଉ ତା'ପରେ ଯାହା ଘଟିଛି ତାହାକୁ ହୁଏତ ବିଶ୍ୱାସ କରିବା ସହଜ ହୋଇ ନ ପାରେ। ନିଜର ପ୍ରଗାଢ଼ ନିଷ୍ଠା ବଳରେ ସେ ପାଠ ପଢ଼ିଛି ପୁଣି ଶେଷରେ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହେଉଛି। ଏଭଳି ଏକ ସତ ଘଟଣାକୁ ଆଧାର କରି ବିନାୟକ ସିନେ କ୍ରିଏସନ ବ୍ୟାନରରେ ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ନାଲି ଚୁଡ଼ା'। ଏହାର କାହାଣୀ ଲେଖିଛନ୍ତି ଇନ୍ଦୁମତୀ ରାୟ। ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ରଜନୀଙ୍କ ରଚିତ ସମସ୍ତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଯଜ୍ଞ ଦାଶ। ଏହାର ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ରଞ୍ଜନ ମିଶ୍ର। ବର୍ତ୍ତମାନ ଶୁଟିଂ ଚାଲିଥିବା ଏହି ଫିଲ୍ମର କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ବିକାଶ ପଟ୍ଟନାୟକ। ଅଭିଷେକ ରଥ, ହେଲିନା, ରତନ ମେହେର, ନୀଳମଣି ସାହୁ, ଶୁଭ୍ରାଂଶୁ ନାୟକ, ସୁଶୀଲ ମିଶ୍ର ପ୍ରମୁଖ ଏଥିରେ ଅଭିନୟ କରୁଛନ୍ତି।



ଅଭିଷେକ-ହେଲିନା

# ରହିଗଲା ଅବସୋସ

ମଡେଲିଂରୁ ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲେ ପୂଜା ହେଗଡେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶିତ 'ମହେଞ୍ଜୋଦାରୋ'। କାରଣ ଏକଦା ସେ ରଣବୀର କପୁରଙ୍କ ସହ ଏକ ସ୍କୁଟିର ବିଜ୍ଞାପନ ପାଇଁ ଶୁଟିଂ କରୁଥିଲେ। ଏହି ସମୟରେ ଆଶୁତୋଷଙ୍କ ପତ୍ନୀ ସୁନୀତାଙ୍କ ନଜରୁ ସେ ଆସିଥିଲେ। ତା'ପରେ ତାଙ୍କ ସହ ଏ ନେଇ ଯୋଗାଯୋଗ କରାଯାଇଥିଲା। ଆଉ ଏହାକୁ ମଧ୍ୟ ପୂଜା ଗ୍ରହଣ କରିଥିଲେ। ଜଣେ ଅଭିନେତ୍ରୀ ଭାବରେ ସେ ଅନେକ ସୁନାମ ଅର୍ଜନ କରିଛନ୍ତି। ହେଲେ ତାଙ୍କ ମନରେ ଏକ ଅବସୋସ ରହିଯାଇଛି। ୨୦୧୦ରେ ସେ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ହେଲେ ଏଥିରେ ତାଙ୍କୁ ସେକେଣ୍ଡ ରନରଅପ୍ ଭାବରେ ସନ୍ତୁଷ୍ଟ ହେବାକୁ ପଡିଥିଲା।



ପୂଜା

# ଯାହା ଭାବୁଥିଲେ କରୀନା...

ବଲିଉଡ୍‌ରେ କରୀନା କପୁର ଖାନ୍ ନିଜର ଦୈନନ୍ଦିନ ଜୀବନଶୈଳୀକୁ ନେଇ ଚର୍ଚ୍ଚାରେ ରହିଥାଆନ୍ତି। ନିଜର 'ସାଇଜ ଜିରୋ' ଫିଗର ଅନେକଙ୍କ ପାଇଁ ପ୍ରେରଣାଦାୟକ ହୋଇଛି ବୋଲି କହିଲେ ଭୁଲ ହେବ ନାହିଁ। ୨୦୦୮ରେ ତାଙ୍କ ଅଭିନୀତ 'ଟସାନ୍' ରିଲିଜ ହୋଇଥିଲା। ଏହାର ଶୁଟିଂ ସମୟରେ ତାଙ୍କୁ ଓଜନ କମାଇବାକୁ ପଡିଥିଲା। ବାସ୍, ସେଇଠୁ ହିଁ ତାଙ୍କ ମନରେ ନିଜକୁ ଫିଟ୍‌ନେସ୍ ପ୍ରତି ଅଧିକ ସଚେତନ ରଖିବା କଥା ଉଦୟ ହୋଇଥିଲା। ନିଜର ଖାଦ୍ୟପେୟ ପ୍ରତି ସତର୍କ ରହିବା ସହ ନିୟମିତ ଏକ୍ସରସାଇଜ, ଯୋଗ ଏବଂ ପ୍ରାଣାୟାମ କରିବାକୁ ସେ ଆଦୌ ଭୁଲି ନ ଥାନ୍ତି। କରୀନା କେବେ ବାହାର ଖାଦ୍ୟ ଖାଆନ୍ତି ନାହିଁ। ସେ ସବୁବେଳେ ନିଜ ଘରେ ପ୍ରସ୍ତୁତ ଖାଦ୍ୟ ଖାଇଥାଆନ୍ତି। ଅବସର ମିଳିଲେ ସେ ନାମୀ ଲେଖକଙ୍କ ବହି ପଢ଼ିବାକୁ ଭଲ ପାଆନ୍ତି। ଆଉ ଅଭିନୟ କ୍ଷେତ୍ରରେ ସେ ଛଅ ଥର ଫିଲ୍ମ ଫେୟାର ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଛନ୍ତି।



କରୀନା

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଶୀତୁଳା ଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

## ସମାପନ ହେଲା ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା



ଉଭାସ୍ଥଳୀରେ ମା' ହିଙ୍ଗୁଳାଙ୍କ ଶୀତୁଳା ପୂଜା ଅନୁଷ୍ଠିତ ହେଉଛି।

**ତାଳଚେର,୮।୪(ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ନବଦିନାତ୍ମକ ଯାତ୍ରା ବୁଧବାର ଶୀତୁଳା ପର୍ବ ସହ ଶେଷ ହୋଇଛି। ଦିନଭରି ପ୍ରଚଣ୍ଡ ଖରା ଓ ଗରମ ସତ୍ତ୍ୱେ ମା' ହିଙ୍ଗୁଳାଙ୍କ ଏହି ଅନନ୍ୟ ଯାତ୍ରା ଦେଖିବା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅପରାହ୍ଣରେ ମା' ହିଙ୍ଗୁଳା ଓ କୁଟେଇଗୁଣୀଙ୍କ ଚଳନ୍ତି ପ୍ରତିମା ଆଲମଦ୍ୱୟକୁ ଦିଅଁଘରୁ ବଡ଼ମଣ୍ଡପ (ମୁଖ୍ୟ ମନ୍ଦିର)କୁ ଅଣାଯାଇଥିଲା। ମୁଖ୍ୟ ଦେହୁରୀ କିଶୋର ଚନ୍ଦ୍ର ଦେହୁରୀ ଷୋଡ଼ଶ ଉପଚାର ବିଧିରେ ମା' ହିଙ୍ଗୁଳାଙ୍କ ପୂଜାର୍ଚ୍ଚନା କରିଥିଲେ। ପୀଠ ପରିସରରେ ଥିବା ପଞ୍ଚପୀଢ଼ ଯଥା ମା' ହିଙ୍ଗୁଳା, ମା' କରଢ଼େଇ, କୁଟେଇଗୁଣୀ, ଖୁମ୍ବେଶ୍ୱରୀ ଓ କଳାପାଟଙ୍କ ପୂଜା ପାରମ୍ପରିକ ରୀତିନୀତି ଅନୁଯାୟୀ କରାଯାଇଥିଲା। ସନ୍ଧ୍ୟାରେ ମା' ହିଙ୍ଗୁଳାଙ୍କ ଚଳନ୍ତି ପ୍ରତିମା ଆଲମକୁ ଉଭାସ୍ଥଳୀକୁ ଭବ୍ୟ ଶୋଭାଯାତ୍ରାରେ ନିଆଯାଇଥିଲା। ସେଠାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା' ଅଗ୍ନିରୂପାଙ୍କ ପଞ୍ଚୋପଚାର ପୂଜା କରାଯିବା ସହ ଉଖୁଡା, ଗୁଡ଼, ଘିଅ, ମହୁ, ଛିଟ, ନୈବେଦ୍ୟ ଆଦି ଅର୍ପଣ କରାଯାଇଥିଲା। ଏହାପରେ ଶୀତୁଳା ପୂଜା ଅନୁଷ୍ଠିତ ହୋଇଥିଲା। ଏହି ପୂଜାରେ ତାଳଚେର ରାଜା ସପରିବାର ଉପସ୍ଥିତ ରହି ମା' ହିଙ୍ଗୁଳାଙ୍କ ପୂଜାର୍ଚ୍ଚନା କରିବା ସହ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଏହାପରେ ଉଭାସ୍ଥଳୀରେ ଥିବା ଚାନ୍ଦୁଆ ଲାଗି କରାଯାଇଥିଲା। ଶେଷରେ ବଡ଼ମଣ୍ଡପକୁ ମା' ହିଙ୍ଗୁଳାଙ୍କ ଆଲାମକୁ ବିଜେ କରାଯାଇ ଅଧରପଣା ନୀତି ସମ୍ପନ୍ନ କରାଯାଇଥିଲା।

# ଗଛରେ ବାଇକ୍ ପିଟି ହୋଇ ୨ ମୃତ, ଜଣେ ଗୁରୁତର

**ରାଜକନିକା,୮।୪(ସଞ୍ଜୟ କୁମାର ଦାଶ)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅନ୍ତର୍ଗତ ନମତରା ପଟଣାଗାଁର ୩ ଜଣ ଯୁବକ ବୁଧବାର କୌଣସି କାର୍ଯ୍ୟରେ ଓଳାଭର ମାର୍କେଟକୁ ଆସିଥିଲେ। ଅପରାହ୍ଣ ପ୍ରାୟ ୪ଟାରେ ଓଳାଭର ମାର୍କେଟରୁ କାମସାରି ବୁଲେଟ(ଓଡି ୨୯ ପି ୩୯୩୧) ଯୋଗେ ଗାଁକୁ ଫେରୁଥିବା ସମୟରେ ସିହପଡା-ହାଟସାହି ରାସ୍ତାରେ ଥିବା ଫାର୍ମହାଉସ୍ ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ପିଟି ହୋଇଥିବା ଗଛ ଅଧା ଉପୁଡି ପଡିଛି। ଘଟଣାସ୍ଥଳରେ ଦୁଇ ଜଣ ଯୁବକ ମାନସ ବଳ(୨୬) ଓ ମିକୁଲ ଦାସ(୨୧) ଙ୍କର ମୃତ୍ୟୁ ହୋଇଛି। ଅନ୍ୟଜଣେ ବିକାଶ ବେହେରା(୨୪) ଆହତ ହୋଇ ପ୍ରଥମେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରୁ ମୃତଦେହ ଅଣାଯାଇ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ଗୁରୁବାର ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ରାଜକନିକା ଥାନା ପକ୍ଷରୁ ସୂଚନା ମିଳିଛି।

## ପ୍ରଥମ ପୃଷ୍ଠାରୁ

ରାଜ୍ୟ ସଭା...

ସସ୍ମିତଙ୍କ ସହ ଯୋଗାଯୋଗ କରିବା ଲାଗି ତାଙ୍କୁ ବାରମ୍ବାର ଟେଲିଫୋନ କରିବା ସତ୍ତ୍ୱେ କୌଣସି ଉତ୍ତର ମିଳି ନ ଥିଲା। ଉଲ୍ଲେଖଯୋଗ୍ୟ, ଗତ ସୋମବାର ରାଜ୍ୟ ସଭା ସଦସ୍ୟ ଭାବେ ସଂତୃପ୍ତ ମିଶ୍ର ଶପଥ ଗ୍ରହଣ କଲେ। ସେହିଦିନ ହିଁ ବିଜେଡି ଏମ୍‌ପିମାନେ ସସ୍ମିତଙ୍କ ବିରୋଧରେ ଅଭିଯୋଗ କଲେ। ଏବେ ଯାହା ଶୁଣିବାକୁ ମିଳୁଛି, ନବୀନ ରାଜ୍ୟ ସଭା ସଂସଦୀୟ ଦଳର ନେତା ଭାବେ ବିଗତ ଦିନରେ ବିଜେଡି ସରକାର ସମୟରେ ଜଣେ ଦୁଇ ଜଣ ଅଫିସରଙ୍କ ଯୋଗୁ ବହୁ କ୍ଷମତାଶାଳୀ ପାଲଟିଯାଇଥିବା ଜଣେ ନେତାଙ୍କୁ ଦାୟିତ୍ୱ ଦେବାକୁ ସ୍ଥିର କରିଛନ୍ତି। ସେହିପରି ସଂତୃପ୍ତଙ୍କୁ ମଧ୍ୟ ବିଜେଡି ରାଜ୍ୟ ସଭା ଦଳର ମୁଖ୍ୟ ସଚେତକ ପଦ ମିଳିପାରେ ବୋଲି ଚର୍ଚ୍ଚା ହେଉଛି।

# ସରକାରଙ୍କ ଲକ୍ଷ୍ୟ 'ନୋ ଜିରୋ କନେକ୍ଟିଭିଟି': ମନ୍ତ୍ରୀ ରବି ନାଏକ

**ଭୁବନେଶ୍ୱର, ୮।୪(ରବିନାରାୟଣ ଜେନା)**

ଓଡ଼ିଶାର ପ୍ରତ୍ୟେକ ପଡ଼ାକୁ ଗାଁ ସହିତ ଏବଂ ଗାଁକୁ ସହର ସହ ଯୋଡ଼ାଯିବ। ଗ୍ରାମାଞ୍ଚଳ ଲୋକେ ଯେପରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ, ତାହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ 'ନୋ ଜିରୋ କନେକ୍ଟିଭିଟି' (କୌଣସି ପଡ଼ା ବା ଗ୍ରାମ ଅପହଞ୍ଚ ରହିବ ନାହିଁ) ଲକ୍ଷ୍ୟ ରଖାଯାଇଛି ବୋଲି ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି।

ଲୋକସେବା ଭବନସ୍ଥିତ ମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନାଏକ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକବର୍ଷରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୫ ହଜାର କି.ମି. ରାସ୍ତା ନିର୍ମାଣ କରାଯିବାକୁ ଲକ୍ଷ୍ୟ ରହିଥିଲା। ହେଲେ ବିଭାଗ ପକ୍ଷରୁ ୫,୨୧୧ କି.ମି.ର ରାସ୍ତା ନିର୍ମାଣ ସରିଛି, ଯାହାକି ଲକ୍ଷ୍ୟଧାର୍ଯ୍ୟଠାରୁ ପ୍ରାୟ ୫% ଅଧିକ। ସେହିପରି ୬୫୮ କି.ମି. ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା ମଧ୍ୟରୁ ୬୩୭.୭୮ କି.ମି. ନିର୍ମାଣ ସରିଛି। ୪୫ ସେତୁ ମଧ୍ୟରୁ ୪୪ଟିରେ ନିର୍ମାଣକାର୍ଯ୍ୟ ଶେଷ ହୋଇଥିବାବେଳେ ଆଉ ଗୋଟିଏର କାମ ଚାଲିଛି। ତେବେ ରାସ୍ତା ସଂଯୋଗ ନ ଥିବା ଅଞ୍ଚଳରେ ୩୧୮ କି.ମି. ସଡ଼କ ନିର୍ମାଣ ହୋଇଥିବାବେଳେ ୨୬୩.୬୬ କି.ମି. ରାସ୍ତାକୁ ଅନୁମୋଦନ ଦିଆଯାଇଛି। ଏ ବାବଦରେ ୧୭୭ କୋଟି ଟଙ୍କା ବିନିଯୋଗ ହୋଇଛି। ଅନ୍ୟପକ୍ଷରେ ସ୍ୱତନ୍ତ୍ର ପ୍ରଭାବିତ ଆଦିବାସୀ ଅଞ୍ଚଳରେ ୧୧୧ କି.ମି. ରାସ୍ତା କାମ ଶେଷ ହୋଇଛି।

ସେହିପରି ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୩ ହଜାର ୪୪୯,୯୬ କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ସେଥିମଧ୍ୟରୁ ୩,୪୪୦.୪୧ କୋଟି ଟଙ୍କା ମିଳିଛି, ଯାହାକି ୯୯.୭୨% ଅର୍ଥ ଖର୍ଚ୍ଚ କରିବାରେ ବିଭାଗ ସକ୍ଷମ ହୋଇଛି। ୨୦୨୪-୨୫ ବର୍ଷରେ ବିଭାଗ ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୪ହଜାର ୮୪ କି.ମି. ରାସ୍ତା ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଥିଲା ଏବଂ ସେଥିରୁ ୪,୫୦୦ କି.ମି. ଶେଷ କରିଛି।

ମନ୍ତ୍ରୀ ଆହୁରି କହିଛନ୍ତି, ମାଓବାଦୀ ପ୍ରଭାବିତ ଅଞ୍ଚଳରେ ୩୦୧୮.୭୯ କି.ମି.ର ୫୫ଟି ରାସ୍ତା କାମ ଶେଷ ହୋଇଛି। ସେତୁବନ୍ଧ ଯୋଜନାରେ ୭୫ ହଜାର କି.ମି. ରାସ୍ତା ନିର୍ମାଣ କରାଯିବ। ୫ ହଜାର ସେତୁ ନିର୍ମାଣ ହେବ। ତାଙ୍କ ବିଭାଗରେ ୫୦୦ ସେତୁ ନିର୍ମାଣ ପାଇଁ ଦାୟିତ୍ୱ ମିଳିଥିଲା, ସେଥିରୁ ୨୯୪ଟି ବ୍ରିଜ୍ ଶେଷ ହୋଇଛି। ଏହାଛଡ଼ା ୩୭୪ ନୂଆ ବ୍ରିଜ୍ କାମ ପାଇଁ ଅନୁମୋଦନ ଦିଆଯାଇଛି। ଆଗାମୀ ଦିନରେ ରାଜ୍ୟବାସୀଙ୍କୁ ଶତପ୍ରତିଶତ ପାଇପ୍ ଯୋଗେ ବିଶୁଦ୍ଧ ଜଳ ଯୋଗାଇବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ହାତକୁ ନିଆଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଖୁବ୍‌ଶୀଘ୍ର ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ୨୭ ସୁଦ୍ଧା ସବୁ ପିଲାଙ୍କୁ ମିଳିବ ସ୍କୁଲ ୟୁନିଫର୍ମ

## ଗାଇଡ୍‌ଲାଇନ୍ ଜାରି, ଡିଇଓଙ୍କୁ କଡ଼ା ନିର୍ଦ୍ଦେଶ

**ଭୁବନେଶ୍ୱର,୮।୪(ସୁଚିସ୍ମିତା ସାହୁ)**

ଚଳିତ ଶିକ୍ଷାବର୍ଷ ପାଇଁ ପିଲାଙ୍କୁ ଶୀଘ୍ର ସ୍କୁଲ ୟୁନିଫର୍ମ ପୋଷାକ ବଣ୍ଟନ କରାଯିବ। ଆସନ୍ତା ୨୭ ତାରିଖ କିମ୍ବା ଖରାଛୁଟି ହେବା ପୂର୍ବରୁ ଶିଶୁବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ପୋଷାକ ବଣ୍ଟନ ପ୍ରକ୍ରିୟା ସାରିବାକୁ ସମସ୍ତ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାଶ ବୁଧବାର ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିବା ସହ ଠିକ୍ ସମୟରେ କାର୍ଯ୍ୟାନ୍ୱୟନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ପୋଷାକ ବଣ୍ଟନ ପାଇଁ କୌଣସି ନୂତନ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କୁ ଚୟନ କରାଯିବ ନାହିଁ। ପୂର୍ବ ଶିକ୍ଷାବର୍ଷରେ ପୋଷାକ ଯୋଗାଇଥିବା ସଂସ୍ଥା ଚଳିତ ବର୍ଷ ମଧ୍ୟ ପୋଷାକ ଯୋଗାଇବେ। କଳା ତାଲିକାଭୁକ୍ତ ହୋଇଥିବା ସଂସ୍ଥାକୁ ବିଚାରକୁ ନିଆଯିବ ନାହିଁ। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ କମିଟି ବସି ପୋଷାକ ବିତରଣ ପାଇଁ ପ୍ରସ୍ତୁତି କରିବେ। ଆସନ୍ତା ୧୦ ତାରିଖ ସୁଦ୍ଧା ଛାତ୍ରୀଛାତ୍ରଙ୍କ ତଥ୍ୟ ବିଦ୍ୟାଳୟଗୁଡ଼ିକ ଦାଖଲ କରିବେ। ୧୨ ତାରିଖ ମଧ୍ୟରେ ଯାଞ୍ଚ ସହ ପୂର୍ବରୁ ମନୋନୀତ ସଂସ୍ଥାକୁ ପୋଷାକ ଯୋଗାଇବାକୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ। ଆସନ୍ତା ୨୭ ତାରିଖ ସୁଦ୍ଧା ସମସ୍ତ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ ସୁନିଶ୍ଚିତ କରାଯିବ। ପୋଷାକ ମାନ ଯାଞ୍ଚ କରିବା ସହ ସମସ୍ତ ଅଭିଯୋଗକୁ ୩୦ ତାରିଖ ମଧ୍ୟରେ ସମାଧାନ କରି ମେ ୨ ସୁଦ୍ଧା ଓସେପାକୁ ରିପୋର୍ଟ ପ୍ରଦାନ କରିବେ। ଏହି ସମୟ ଅବଧିର ଯେପରି ଖିଲାପ ନ ହୁଏ, ସେଥିପାଇଁ କଡ଼ା ତାଗିଦ କରାଯାଇଛି। ଠିକ୍ ସମୟରେ ପୋଷାକ ବଣ୍ଟନ ପାଇଁ ଡିଇଓମାନେ ନିୟମିତ ପ୍ରକ୍ରିୟାର ସମୀକ୍ଷା କରିବେ। ବ୍ଲକ୍ ଶିକ୍ଷା ଅଧିକାରୀମାନେ ପ୍ରତିଦିନ କାର୍ଯ୍ୟାନ୍ୱୟନ ସମ୍ପର୍କିତ ତଥ୍ୟ ଡିଇଓଙ୍କୁ ପ୍ରଦାନ କରିବେ ବୋଲି ଗାଇଡ୍‌ଲାଇନ୍‌ରେ କଡ଼ା ନିର୍ଦ୍ଦେଶ ରହିଛି।

# ପୁଣି ଧାରଣାରେ ବସିଲେ ପ୍ରାଥମିକ ଶିକ୍ଷକ

## ଜିଲା, ବ୍ଲକସ୍ତରରେ ଆନ୍ଦୋଳନ ଆହୁରି ତୀବ୍ର ହେବ

**ଭୁବନେଶ୍ୱର,୮।୪(ସୁଚିସ୍ମିତା ସାହୁ)**

ପୁଣି ଧାରଣାରେ ବସିଲେ ପ୍ରାଥମିକ ଶିକ୍ଷକ। ୨୦୦୧ରୁ ଏପର୍ଯ୍ୟନ୍ତ କାର୍ଯ୍ୟରତ ସମସ୍ତ ଶିକ୍ଷକଙ୍କ କାର୍ଯ୍ୟକାଳକୁ ଠିକା କାର୍ଯ୍ୟରୁ ଉଚ୍ଛେଦ କରି ମୂଳ ଚାକିରିରେ ଗଣନା କରି ୬ଟି ନୋଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ ଆଦି ୨ ଦଫା ଦାବି ନେଇ ବୁଧବାର ପ୍ରାଥମିକ ଶିକ୍ଷକ ମହାସଂଘ ଷ୍ଟିଅରିଂ କମିଟିର ସଦସ୍ୟମାନେ ଗାନ୍ଧୀମାର୍ଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମହାସଂଘ ଆବାହକ ରାମଲାଲ ପଟେଲଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଜିଲା ଏବଂ ବ୍ଲକର ଷ୍ଟିଅରିଂ କମିଟି ସଦସ୍ୟମାନେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଅପରାହ୍ଣ ୨ଟାରେ ଆଲୋଚନା ପାଇଁ ଆବାହକଙ୍କୁ ସରକାରଙ୍କ ପକ୍ଷରୁ ଡକରା ଆସିଥିଲା। ଆବାହକଙ୍କ ପରିବର୍ତ୍ତେ କମିଟିର ସଦସ୍ୟମାନେ ଯାଇଥିଲେ।





ପ୍ରାଥମିକ ଶିକ୍ଷକ ମହାସଂଘର କର୍ମକର୍ତ୍ତାମାନେ ଲୋୟର ପିଏମ୍‌ଜିରେ ଧାରଣାରେ ବସିଛନ୍ତି।

ତେବେ ଦାବି ପୂରଣ ନିମନ୍ତେ ଯଦି ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ ନ କରନ୍ତି, ତେବେ ଧାରଣା ଜାରି ରହିବ। ଆଗାମୀ ଦିନରେ ଆହୁରି ତୀବ୍ରତର କରିବା ପାଇଁ ଜିଲା ଓ ବ୍ଲକସ୍ତରକୁ ପ୍ରସାରିତ କରାଯିବ। ଏଥିପାଇଁ ଶିକ୍ଷା ବ୍ୟବସ୍ଥାରେ ଯେଉଁ ବାଧା ସୃଷ୍ଟି ହେବ, ସେଥିପାଇଁ ସରକାର ଦାୟୀ ରହିବେ ବୋଲି ସଦସ୍ୟମାନେ କହିଥିଲେ। ଏହି ଗଣଧାରଣାରେ ଷ୍ଟିଅରିଂ କମିଟି ସଦସ୍ୟ ସୁଶାନ୍ତ କୁମାର ବେହେରା, ଅଜିତ ମହାରଣା, ଶ୍ରୀକାନ୍ତ ବାରିକ, ଯୁଧିଷ୍ଠିର ସାହୁ, ସନ୍ତୋଷ ସାହୁ, ଅଜୟ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ଅସନ୍ତୋଷ ଝାଡ଼ିଲେ ସୋନାଲି



ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଖୋର୍ଦ୍ଧା ଗସ୍ତ ଅବସରରେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନାରେ ଅଟକ ରହିଥିବା କଂଗ୍ରେସ ମୁଖପାତ୍ର ସୋନାଲି ସାହୁ।

**ଭୁବନେଶ୍ୱର, ୮।୪(ରବିନାରାୟଣ ଜେନା)**

ଖୋର୍ଦ୍ଧା ଶିଳ୍ପାଞ୍ଚଳ ପୋଲିସର କାର୍ଯ୍ୟକାରିତାକୁ ନେଇ କଂଗ୍ରେସ ମୁଖପାତ୍ର ସୋନାଲି ସାହୁ ଅସନ୍ତୋଷ ପ୍ରକାଶ କରିବା ସହ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଖୋର୍ଦ୍ଧା ଭୂଇଁପୁର ଗସ୍ତ ଅବସରରେ ଶିଳ୍ପାଞ୍ଚଳ ପୋଲିସ ଯେଭଳି ଭାବେ ମୋତେ ପୂର୍ବାହ୍ଣ ୯ଟାରେ ଘରୁ ଉଠାଇନେଇ ୬ଘଣ୍ଟା ଅଟକ ରଖିଲା ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

ସେ ଆହୁରି କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ନାରୀ ନିର୍ଯ୍ୟାତନା ମଧ୍ୟ ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି କାଳେ କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯିବ ସେନେଇ ପୋଲିସକୁ ଲଗାଇ ଏଭଳି ଭାବେ ମହିଳା ନେତ୍ରୀଙ୍କୁ ଘରୁ ଉଠାଇନେବା ସରକାରଙ୍କ ମହିଳାଙ୍କ ପ୍ରତି କେତେ ଦରଦ ରହିଛି, ତାହା ସ୍ପଷ୍ଟ ବୁଝାପଡୁଛି। ରାଜ୍ୟରେ ଲୋକଙ୍କ ସରକାର ଓ ଲୋକଙ୍କ ମୁଖ୍ୟମନ୍ତ୍ରୀ ବୋଲି କୁହାଯାଉଛି। କିନ୍ତୁ ଭୁବନେଶ୍ୱରରୁ ବୋଲଗଡ଼ ମାତ୍ର କେଇ ସମୟର ବାଟ ଲାଗି ଲୋକଙ୍କ ଟିକସ ପଇସାକୁ ପାଣିରେ ପକାଇ ହେଲିକପ୍ଟରରେ ଯିବା କ'ଣ ଜରୁରୀ ଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି।

# ମେଟ୍ରୋ ରେଳ ପ୍ରକଳ୍ପକୁ ନେଇ ସରକାରଙ୍କୁ ଯୁବ କଂଗ୍ରେସର ଟାର୍ଗେଟ୍





ଖବରଦାତା ସମ୍ମିଳନୀରେ ଯୁବ କଂଗ୍ରେସ କର୍ମକର୍ତ୍ତା।

**ଭୁବନେଶ୍ୱର,୮।୪(ରବିନାରାୟଣ ଜେନା)**

ଓଡ଼ିଶାରେ ମେଟ୍ରୋ ରେଳ ପ୍ରକଳ୍ପ ଚୁକ୍ତିନାମା ବାତିଲକୁ ନେଇ ରାଜ୍ୟ ଯୁବ କଂଗ୍ରେସ ସରକାରଙ୍କୁ ଟାର୍ଗେଟ୍ କରିଛି।

ବୁଧବାର ରାଜ୍ୟ କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର କଂଗ୍ରେସ ଲୋକ ସଭା ପ୍ରାର୍ଥୀ ସୟଦ ୟାସିର ନୱାଜ୍ କହିଛନ୍ତି, ଭୁବନେଶ୍ୱରବାସୀଙ୍କ ସ୍ୱପ୍ନର କୋଣାର୍କକୁ ରାଜ୍ୟ ସରକାର ଧୂଳିସାତ୍ କରିଦେଇଛନ୍ତି। ଦେଶରେ ପାଖାପାଖି ୧୮ଟି ସହରରେ ମେଟ୍ରୋ ରେଳ ପ୍ରକଳ୍ପ ରହିଛି। ପୂର୍ବ ସରକାର ଭୁବନେଶ୍ୱରରେ ମେଟ୍ରୋ ରେଳ ପାଇଁ ସଂକଳ୍ପ ନେଇ କାର୍ଯ୍ୟ ଆରମ୍ଭ କରିଥିଲେ। ୬ ହଜାର ୨୨୫ କୋଟି ଟଙ୍କା ବ୍ୟୟରେ ମେଟ୍ରୋ ପ୍ରକଳ୍ପ ନିର୍ମାଣ ପାଇଁ ତ୍ରିଶୂଳିଆଠାରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏଥିରେ ୨୦ଟି ଷ୍ଟେଶନ ରହିବା ସହିତ ତ୍ରିଶୂଳିଆଠାରୁ ଏୟାରପୋର୍ଟ ପର୍ଯ୍ୟନ୍ତ ୨୬ କି.ମି. ରାସ୍ତା ନିର୍ମାଣ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ସ୍ଥିର ହୋଇଥିଲା। ୩୨୬ କୋଟି ଟଙ୍କା ବ୍ୟୟରେ ଦିଲ୍ଲୀ ମେଟ୍ରୋ ରେଳ ବିଭାଗ ଏହାର କାର୍ଯ୍ୟ ପରିଚାଳନା ପାଇଁ ମୁଖ୍ୟ କନ୍‌ସଲଟାଣ୍ଟ ଭାବେ ଦାୟିତ୍ୱ ନେଇଥିଲା। ହେଲେ ରାଜ୍ୟ ସରକାର ଏପ୍ରିଲ ୪ରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍‌ରେ ଏହି ଚୁକ୍ତି ବାତିଲ କରି ସବୁଦିନ ପାଇଁ ରାଜ୍ୟବାସୀଙ୍କ ଆଶାକୁ ଧୂଳିସାତ୍ କରିଦେଇଛନ୍ତି ବୋଲି ନୱାଜ୍ କହିଛନ୍ତି।

ଏହି ଅବସରରେ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ସୁଦୀପ ସାମଲ କହିଛନ୍ତି, ପୂର୍ବତନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ କଥା ସହ ମୁଖ୍ୟମନ୍ତ୍ରୀ ଏବଂ ରେଳମନ୍ତ୍ରୀଙ୍କ କଥାରେ କୌଣସି ତାଳମେଳ ରହୁନାହିଁ। ଯଦି ମେଟ୍ରୋ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରା ନ ଯାଏ ତା'ହେଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରାଜଧାନୀ ରାସ୍ତାରେ ଯୁବ କଂଗ୍ରେସ ପକ୍ଷରୁ ତୀବ୍ର ବିରୋଧର ସମ୍ମୁଖୀନ ହେବା ସହ ମୁଖ୍ୟମନ୍ତ୍ରୀ ଏବଂ ପୂର୍ବତନମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସାମଲ କହିଛନ୍ତି। ଏହି ସମ୍ମିଳନୀରେ ଯୁବ କଂଗ୍ରେସର ଗୋପନ ମାର୍ଥା, ଜାଭେଦ୍ ଅକ୍ତାର ସାମିଲ ଥିଲେ।


# Classified Everyday
0674-2580101, 9692975378





Newly open Jyoti spa positively health benefits (Expert therapist). 8458067955. D-76960

Newly open SPA health benefits relax refresh good therapist. 8658466886. D-76959

All types hair cutting/ massage by smart female, one hour 700/- , - Room services available. Contact: 9937833100. D-76308

All types of physiotherapy and massage contact 9556924059 / 7656969134. D-06

## AFFIDAVIT

By virtue of an affidavit sworn before Executive Magistrate, BHUBANESWAR, dated 06.04.2026, I, HARSHA MISHRA, Address AT- TIARSAHI, POST- KENDUPALLI, DIST- CUTTACK, STATE- ODISHA, PIN- 754009 declare that I have changed my name from PAPU GURU to HARSHA MISHRA. Henceforth, I shall be known as HARSHA MISHRA for all purposes.
(HARSHA MISHRA)
D-67

I, Sachindra Nath Sukla, S/o.- Late Bireswar Sukla, Resident of New Colony, Chitrakar Sahi, Puri-01, 752001 declare by this affidavit No. 25, Dtd.- 08.04.2026 that now onwards I shall be known as Sachindra Nath Sukla instead of Sachindra Nath Shukla for all future purposes. D-69

By virtue of an affidavit sworn before the Notary Public, Rairakhol, Dtd.- 30.03.2026, I, Sanjeeb Meher, S/o.- Padmalochan Meher, R/o. At/P.O.- Kuanarmunda, P.S./ Dist.- Sundargarh declare that in order to correct the Birth Certificate of my daughter, henceforth she shall be known as Anwesha Meher instead of Prachishree Meher for all purposes
Sanjeeb Meher
D-68

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସୌଦାମିନୀ ବେହେରା
ଭବାନିନଗର, କୋରାପୁଟ
ଆବିର୍ଭାବ: ୧୦।୧୦।୧୯୪୫
ତିରୋଧାନ: ୨୦।୦୪।୨୦୨୫
ମାଆ, ଆଜି ତୁମ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ, ଆମ ହୃଦୟରେ ତୁମ ଅନୁପସ୍ଥିତି ସ୍ପଷ୍ଟ ଭାବେ ଅନୁଭବ ହେଉଛି। ତୁମେ ନ ଥିଲେ ମଧ୍ୟ ତୁମ ଶିକ୍ଷା, ଆଦର ଓ ଆଶୀର୍ବାଦ ସଦାସର୍ବଦା ଆମ ସହିତ ଅଛି। ତୁମ ଆତ୍ମାର ଶାନ୍ତି ପାଇଁ ଆମେ ଭଗବାନଙ୍କୁ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଓ ସମ୍ପର୍କୀୟ।

ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଣ୍ଟତାରାମଣୀ ମିଶ୍ର
ସ୍ୱାମୀ: ଣ୍ଟଉଦୟନାଥ ମିଶ୍ର
ଗ୍ରାମ: ଗୋକୁଳପୁର, ପୁରୀ
ତିରୋଧାନ: ୦୫।୦୪।୨୦୧୦
ଜୀବନର ଚଲାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୦

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଣ୍ଟମିହିର କୁମାର ସାହୁ
ବିଜୟ ଭବନ, ପ୍ଲଟ୍ ନଂ.୨୯୩/୬୦୦, ଗଙ୍ଗନଗର ଛକ, ଭୁବନେଶ୍ୱର
ଆବିର୍ଭାବ: ୦୫.୦୭.୧୯୭୩ | ତିରୋଧାନ: ୩୦.୦୩.୨୦୨୬
ଆପଣଙ୍କର ଅମର ଆତ୍ମା ଈଶ୍ୱରଙ୍କ ଆଶୀର୍ବାଦ ଲାଭ କରୁ, ଆପଣଙ୍କର ଅପାର ଧୈର୍ଯ୍ୟ, ସାହସ ଓ ସେବା ସଦା ସର୍ବଦା ଆମ ପାଇଁ ଆଦର୍ଶ ଓ ସ୍ମରଣୀୟ ରହିବ। ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ
ସାହୁ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୦୭

ଧରିତ୍ରୀ 52 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୯/୨୦୨୬ Bhubaneswar, Thursday, April 9/ 2026



କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଭିନ୍ନ ଧରଣର ସର୍ବଭାରତୀୟ ରୋଇଂ ଚାମ୍ପିୟନଶିପ୍ ପୂର୍ବରୁ ବୁଧବାର ପ୍ରତିଯୋଗୀଙ୍କ ଅଭ୍ୟାସ। (ଫଟୋ: ରାଜକିଶୋର ମହାନ୍ତି)

# ଭାରତୀୟ ଦଳରେ ଓଡ଼ିଶାର ସୁନେଲିତା

**ନୂଆଦିଲ୍ଲୀ, ୮।୪**

ଏଫ୍‌ଆଇଏଚ୍ ହକି ବିଶ୍ୱକପ୍-୨୦୨୬ ଓ ଏସିଆନ୍ ଗେମ୍ସ ପାଇଁ ପ୍ରସ୍ତୁତି ଲାଗି ଭାରତୀୟ ମହିଳା ହକି ଦଳ ଆର୍ଜେଣ୍ଟିନା ଗସ୍ତକରି ୪ଟି ମ୍ୟାଚ୍ ଖେଳିବ। ଏହି ଏକ୍ସପୋଜର ଟୁର୍ ପାଇଁ ବୁଧବାର ଘୋଷିତ ୨୪ ଜଣିଆ ଦଳରେ ଓଡ଼ିଶାର ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି। ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ମ୍ୟାଚ୍‌ଗୁଡ଼ିକ ଆସନ୍ତା ୧୩ରୁ ୧୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଯୁବ ଓ ଅଭିଜ୍ଞ

**ଆର୍ଜେଣ୍ଟିନା ଗସ୍ତ ପାଇଁ ମହିଳା ହକି ଦଳ ଘୋଷିତ**

ଖେଳାଳିଙ୍କୁ ନେଇ ଗଠିତ ଭାରତୀୟ ଦଳର ନେତୃତ୍ୱ ନେବେ ସାଲିମା ଟେଟେ। ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଫରୱାର୍ଡ ଦୀପିକାଙ୍କୁ ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ସ୍ୱାଗତ କରିଛନ୍ତି। ସେହିପରି ନିକଟରେ ଅନୁଷ୍ଠିତ କ୍ୱାଲିଫାୟର ମିସ୍ କରିଥିବା ପ୍ରତିଷ୍ଠିତ ଗୋଲ୍‌କିପର ସବିତା ମଧ୍ୟ ଦଳକୁ ଫେରିଛନ୍ତି। ତାଙ୍କ ପ୍ରତ୍ୟାବର୍ତ୍ତନରେ ଭାରତୀୟ ରକ୍ଷଣଭାଗ ଦୃଢ଼ ହୋଇଛି। ଡିଫେଣ୍ଡର ଜ୍ୟୋତି ଓ ଫରୱାର୍ଡ ମୁମ୍‌ତାଜ ଖାଁଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। ଏମାନେ କ୍ୱାଲିଫାୟର ଖେଳିପାରି ନ ଥିଲେ। ଆସନ୍ତା ୧୩, ୧୪, ୧୬ ଓ ୧୭ ତାରିଖରେ ମ୍ୟାଚ୍‌ଗୁଡ଼ିକ ଭାରତୀୟ ସମୟ ସନ୍ଧ୍ୟା ୭ଟା ୩୦ରେ ଖେଳାଯିବ।

**ଭାରତୀୟ ଦଳ**

ଗୋଲ୍‌କିପର: ସବିତା, ବିଚୁଦେବୀ ଖରିବାମ୍। ଡିଫେଣ୍ଡର୍ସ: ନିକ୍କି ପ୍ରଧାନ, ଇଶିକା ଚୌଧାରୀ, ସୁଶୀଳା ଚାନୁ ପୁଖରମବାମ, ମନୀଷା ଚୌହାନ, ଲାଲଥାନଲୁଆଙ୍ଗି, ଜ୍ୟୋତି, ଉଦିତା। ମିଡ୍‌ଫିଲ୍ଡର୍ସ: ବୈଷ୍ଣବୀ ଭିଥାଲ ଫାଲ୍‌କେ, ସାକ୍ଷୀ ରାଣା, ସୁନେଲିତା ଟପ୍ପୋ, ସାଲିମା ଟେଟେ, ନେହା, ଦୀପିକା ସୋରେଙ୍ଗ, ଋତୁଜା ଦାଦାସୋ ପିସାଲ, ଇଶିକା। ଫରୱାର୍ଡ୍ସ: ବଲ୍‌ଜିତ କୌର, ନଭନିତ୍ କୌର, ଦୀପିକା, ଅନ୍ନୁ, ବିୟୁଟି ଡୁଙ୍ଗ୍‌ଡୁଙ୍ଗ, ଲାଲ୍‌ରେମ୍‌ସିଆମି, ମୁମ୍‌ତାଜ ଖାଁ।



ସୁନେଲିତା ଟପ୍ପୋ

# ଶିବାନୀଙ୍କ ଡବଲରେ ଭାରତ ବିଜୟୀ

**ପଥୁମ ଥାନି (ଥାଇଲାଣ୍ଡ), ୮।୪**

ଶିବାନୀ ଦେବୀ ନଙ୍ଗମେଇକାପାମଙ୍କ ଡବଲ ଗୋଲ ବଳରେ ଭାରତ ଏଏଫ୍‌ସି ୨୦ ବର୍ଷରୁ କମ୍ ମହିଳା ଏସିଆ କପ୍ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ଏକ ଗ୍ରୁପ୍ 'ସି' ମ୍ୟାଚରେ ଚାଇନିଜ୍ ତାଇପେକୁ ୩-୧ ଗୋଲରେ ପରାସ୍ତ କରିଛି। ଏଥିସହ ଭାରତୀୟ ଦଳ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବାର ଆଶା ଉଜ୍ଜୀବିତ ରଖିଛି।

**ଏଏଫ୍‌ସି ୨୦ ବର୍ଷରୁ କମ୍ ମହିଳା ଏସିଆ କପ୍**

ମ୍ୟାଚର ୨୬ତମ ମିନିଟରେ ଭୂମିକା ଦେବୀ ଖୁମୁକଚାମ ଏକ ଗୋଲ ଦେଇ ଭାରତକୁ ଅଗ୍ରଣୀ କରିଥିଲେ। ଶିବାନୀ ଦେବୀ ୩୨ତମ ମିନିଟରେ ଆଉ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ୮୭ତମ ମିନିଟରେ ଶିବାନୀ ବ୍ୟକ୍ତିଗତ ଦ୍ୱିତୀୟ ଗୋଲଦେଇ ଭାରତର ଅଗ୍ରଣୀ ବ୍ୟବଧାନକୁ ୩-୦ରେ ପହଞ୍ଚାଇଥିଲେ। ତେବେ ଇଞ୍ଜୁରି ଟାଇମ୍ ୯୦+୩ ମିନିଟରେ ବଦଳ ଖେଳାଳି କାଓ ହସିନ ଚାଇନିଜ୍ ତାଇପେ ପକ୍ଷରୁ ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ୨୦୦୪ ପରେ ୨୦ ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍‌ରେ ଭାରତର ଏହା ହେଉଛି ପ୍ରଥମ ବିଜୟ। ଏହି ମ୍ୟାଚପରେ ଭାରତ ଗ୍ରୁପ୍ 'ସି'ରେ ୩ ମ୍ୟାଚରୁ ୩ ପଏଣ୍ଟ ପାଇଁ ଲିଗ୍ ପର୍ଯ୍ୟାୟ ଶେଷ କରିଛି। ପ୍ରଥମ ୨ଟି ମ୍ୟାଚରେ ଦଳ ଜାପାନଠାରୁ ୦-୬ ଏବଂ ଅଷ୍ଟ୍ରେଲିଆଠାରୁ ୦-୫ ଗୋଲରେ ହାରି ଯାଇଥିଲା। ମାତ୍ର ଚାଇନିଜ୍ ତାଇପେ ବିପକ୍ଷ ମ୍ୟାଚକୁ ଭାରତୀୟ ଦଳ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇଥିଲା।


ଗୋଲ ଦେବା ପରେ ଉଲ୍ଲସିତ ଶିବାନୀ ଦେବୀ ନଙ୍ଗମେଇକାପାମ।

# ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା: ଗୁଜରାଟର ପ୍ରସ୍ତୁତି ବୁଲି ଦେଖିଲା ପ୍ରତିନିଧି ଦଳ

**ଅହମଦାବାଦ, ୮।୪**

୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ସହରର ପ୍ରସ୍ତୁତିକୁ ଯାଞ୍ଚ କରିବା ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଏକ ପ୍ରତିନିଧି ଦଳ ୪ଦିନିଆ ଗସ୍ତରେ ଯାଇ ବୁଧବାର ଅହମଦାବାଦରେ ପହଞ୍ଚିଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ସଭାପତି ଡୋନାଲ୍ଡ ରୁକାରେଙ୍କ ନେତୃତ୍ୱାଧୀନ ୫ ଜଣିଆ ପ୍ରତିନିଧି ଦଳ ସହିତ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ଅଧିକାରୀମାନେ ପ୍ରଥମେ ଗୁଜରାଟ ରାଜଧାନୀ ଗାନ୍ଧୀନଗରଠାରେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଓ କ୍ରୀଡ଼ା ମନ୍ତ୍ରୀ ଡ. ଜୟରାମ ଗାମିଟଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ୍ କରିଥିଲେ। ପରେ ପ୍ରତିନିଧି ଦଳ ଅହମଦାବାଦ ଗସ୍ତ ଆରମ୍ଭ କରିଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ା ସଭାପତି ଡୋନାଲ୍ଡ ଓ ସିଇଓ କାଟି ସାଡଲେର ଗୁଜରାଟରେ ପହଞ୍ଚିବା ପରେ ସେମାନଙ୍କୁ ମିଳିଥିବା ସ୍ୱାଗତ ସମ୍ବର୍ଦ୍ଧନା ଓ ଆତିଥ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଇଭେଣ୍ଟକୁ ସଫଳତାର ସହ ଆୟୋଜନ କରିବା ପାଇଁ ସମସ୍ତ ପ୍ରକାର ଆବଶ୍ୟକ ବ୍ୟବସ୍ଥା ଓ ଭିତ୍ତିଭୂମି ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ଅନ୍ୟପକ୍ଷରେ ରୁକାରେ ଓ ସାଡଲେର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ରଙ୍କୁ ଜୁଲାଇ ୨୩ରୁ ଅଗଷ୍ଟ ୨ ପର୍ଯ୍ୟନ୍ତ ଗ୍ଲାସ୍‌ଗୋଠାରେ ହେବାକୁଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଦେଖିବା ଲାଗି ଆମନ୍ତ୍ରଣ କରିଛନ୍ତି। ଏହି ୪ଦିନିଆ ଗସ୍ତରେ ପ୍ରତିନିଧି ଦଳ ବୀର ସାବରକର ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ନରେନ୍ଦ୍ର ମୋଦି ଷ୍ଟାଡିୟମ, ଇକେଏ ଏରିନା, ଭଦୋଦରା କ୍ରିକେଟ ଷ୍ଟାଡିୟମ ଆଦି ସମସ୍ତ ଭେନ୍ୟୁର ଯାଞ୍ଚ କରିବ।

# ଭାରତୀୟ ବାଳିକା ଦଳର ପ୍ରଭାବୀ ପ୍ରଦର୍ଶନ


ଭାରତୀୟ ବାଳିକା ଚେସ୍ ଦଳ।

**ଭୁବନେଶ୍ୱର, ୮।୪(ତପନ ସ୍ୱାଇଁ)**

**ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍**

କାଜାଖସ୍ତାନର ଅଲ୍‌ମାଟିରେ ଚାଲିଥିବା ଫିଡେ ଆଇଏସ୍‌ସିଏଫ୍ ୱାର୍ଲ୍ଡ ସ୍କୁଲ ଟିମ୍ ଚେସ୍ ଚାମ୍ପିୟନଶିପ୍‌ରେ ଭାରତୀୟ ୧୪ ବର୍ଷରୁ କମ୍ ବାଳିକା ଦଳ ପ୍ରଭାବୀ ପ୍ରଦର୍ଶନ କରିଛି। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ(କିସ୍)ର ୪ ଖେଳାଳି ମୋହିନୀ ନାଏକ. ମୋନାଲିସା ଭୋଇ, ଶ୍ରେୟା ନାୟକ ଓ ହୁମେଶ୍ୱରୀ ମଲିକଙ୍କୁ ନେଇ ଗଠିତ ଭାରତୀୟ ଦଳ ତୃତୀୟ ରାଉଣ୍ଡରେ ସିଙ୍ଗାପୁରକୁ ୩-୧ରେ ପରାସ୍ତ କରିଛି। ଭାରତୀୟ ଦଳ ୪ର୍ଥ ରାଉଣ୍ଡରେ ତୁର୍କମେନିସ୍ତାନକୁ ଭେଟିବ। ପ୍ରଭାବୀ ପ୍ରଦର୍ଶନ କରି ବିଜୟ ଜାରି ରଖିଥିବାରୁ ବାଳିକା ଦଳର ଖେଳାଳିମାନଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

**ବିଲ୍ ଜିନ କପ୍ ଟେନିସ**

# ଥାଇଲାଣ୍ଡଠାରୁ ୨-୧ରେ ହାରିଲା ଭାରତ

**ନୂଆଦିଲ୍ଲୀ,୮।୪(ପି.ଟି.)**

ମହିଳା ଡବଲ୍ସରେ ଋତୁଜା ଭୋସଲେ ଓ ଅଙ୍କିତା ରାଇନାଙ୍କ ବିଜୟ ସତ୍ତ୍ୱେ ଏଠାରେ ଚାଲିଥିବା ବିଲ ଜିନ କିଙ୍ଗ କପ୍‌ର ଏସିଆ/ଓସେନିଆ ଗ୍ରୁପ୍-ଆଇ ମୁକାବିଲାରେ ଭାରତୀୟ ଦଳ ୧-୨ ବ୍ୟବଧାନରେ ଥାଇଲାଣ୍ଡଠାରୁ ପରାସ୍ତ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ବର୍ଷା କାରଣରୁ ସ୍ଥଗିତ ରଖାଯାଇଥିବା ସିଙ୍ଗଲ୍ସ ମ୍ୟାଚ୍‌ରେ ୱାର୍ଲ୍ଡ ନଂ. ୩୮୪ ସହଜା ୟମଲାପାଲି ୪-୬, ୬-୧, ୪-୬ ସେଟ୍‌ରେ ୪୪୯ତମ ମାନ୍ୟତା ପ୍ରାପ୍ତ ପାତଚରିନଙ୍କଠାରୁ ପରାସ୍ତ ହୋଇଥିଲା। ଏହି ମ୍ୟାଚ୍ ୨ ଘଣ୍ଟା ୨୫ ମିନିଟ୍ ଧରି ଚାଲିଥିଲା। ପରେ ଡବଲ୍ସରେ ଭୋସଲେ ଓ ରାଇନା ୬-୩, ୬-୪ ସେଟ୍‌ରେ ଥାସାପର୍ନ ନାକଲୋ ଓ ପିଆଙ୍ଗଟାର୍ନ ପ୍ଲିପୁଏଚଙ୍କୁ ପରାସ୍ତ କରିଥିଲେ। ଏଥିପୂର୍ବରୁ ମଙ୍ଗଳବାର ପଦାର୍ପଣକାରୀ ବୈଷ୍ଣବୀ ଆଡକର ୧-୬, ୩-୬ ସେଟ୍‌ରେ ଆଉଞ୍ଜିସା ଚାଣ୍ଟାଙ୍କଠାରୁ ପରାସ୍ତ ହୋଇଥିଲେ।

# ଫାଇନାଲରେ ପାରାମାଉଣ୍ଟ

**ଭୁବନେଶ୍ୱର, ୮।୪(ତପନ ସ୍ୱାଇଁ)**

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବୁଧବାର ହାଇ-ଟେକ୍ ମେଡିକାଲ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ରିକେଟ (ଆଇଆଇସି)କୁ ୧୩୦ ରନ୍‌ରେ ହରାଇ ପାରାମାଉଣ୍ଟ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ପାରାମାଉଣ୍ଟ ସ୍ୱାଗତ ମିଶ୍ରଙ୍କ

**ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ**

ଶତକ ସହାୟତାରେ ନିର୍ଦ୍ଧାରିତ ୩୦ ଓଭରରେ ୫ ଉଇକେଟ ହରାଇ ୨୨୫ ରନ୍ କରିଥିଲା। ସ୍ୱାଗତ ୭୪ ବଲ୍‌ରୁ ୧୧୬ ରନ୍‌କରି ଅପରାଜିତ ରହିଥିବାବେଳେ ସାଇଦିତ୍ୟ ମହାନ୍ତି ୪୨ ରନ୍ କରିଥିଲେ। ଜବାବରେ ଆଇଆଇସି ଦଳ ୧୯ ଓଭରରେ ୯୫ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ବିଜୟୀ ଦଳର ବୋଲର ଶୁଭମ୍ ପରିଡ଼ା ୪ଟି ଓ ଏମ୍‌ଡି ସାଜବ ଆଲମ୍ ୩ଟି ଉଇକେଟ ନେଇଥିଲେ। ସ୍ୱାଗତଙ୍କୁ ଦୁଇ ଅମ୍ପାୟର ପ୍ରଦୀପ ଜେନା ଓ ପ୍ରମୋଦ ନାରାୟଣ ଦାସ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରୀ ଜୟଦେବ କ୍ରୀଡ଼ା ସଂଘର ସହସମ୍ପାଦକ ଦୀପ୍ତିରଞ୍ଜନ ପଣ୍ଡା, ସଦସ୍ୟ ଚଣ୍ଡୀ ପ୍ରସନ୍ନ ମହାପାତ୍ର, ସୂର୍ଯ୍ୟ ତ୍ରିପାଠୀ ଓ ଟୁର୍ନାମେଣ୍ଟ ଆବାହକ ଗିରୀଶ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବର୍ଷା କାରଣରୁ କ୍ଲବ୍ ଦି ରେଡ୍ ଷ୍ଟାର ଓ ଗ୍ରୀନ୍ସ କ୍ରିକେଟ ଏକାଡେମୀ ମଧ୍ୟରେ ମଙ୍ଗଳବାର ହୋଇପାରି ନ ଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍ ଗୁରୁବାର ଖେଳାଯିବ ବୋଲି ଆୟୋଜକ ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ ସମ୍ପାଦକ ଶରତ ଚନ୍ଦ୍ର ସାହୁ ପ୍ରକାଶ କରିଛନ୍ତି।



ସ୍ୱାଗତ ମିଶ୍ରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

# ବିଶ୍ୱର ନଂ.୭କୁ ହରାଇଲେ ଆୟୁଷ

**ନିଙ୍ଗବୋ (ଚାଇନା), ୮।୪(ପି.ଟି.)**

ଏଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ରେ ବୁଧବାର ଭାରତର ଉଦୀୟମାନ ପ୍ରତିଭା ଆୟୁଷ ଶେଟ୍ଟି ବିଶ୍ୱର ୭ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଚାଇନାର ଲି ଶି ଫେଙ୍ଗ୍‌ଙ୍କୁ ପରାସ୍ତ କରିଛନ୍ତି। ଫଳରେ ସେ ପ୍ରତିଯୋଗିତାର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୫୧ ମିନିଟ୍‌ବିଶିଷ୍ଟ ମୁକାବିଲାରେ ଆୟୁଷ ୨୧-୧୩, ୨୧-୧୬ ପଏଣ୍ଟରେ ବିଜୟୀ ହୋଇଛନ୍ତି। ପୂର୍ବତନ ବିଶ୍ୱ ଚାମ୍ପିୟନ ପି.ଭି. ସିନ୍ଧୁ ଓ ଭେଟେରାନ ଏଚ୍.ଏସ୍. ପ୍ରଣୟ ମଧ୍ୟ ପ୍ରି-କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ସିନ୍ଧୁ ମହିଳା ସିଙ୍ଗଲ୍ସର ଏକ ମ୍ୟାଚରେ ମାଲେସିଆର ୱଙ୍ଗ ଲିଙ୍ଗ୍ ଚିଙ୍ଗ୍‌ଙ୍କୁ ୧୫-୨୧, ୨୧-୧୧, ୨୧-୧୯ରେ ହରାଇଛନ୍ତି। ସେହିପରି ପୁରୁଷ ସିଙ୍ଗଲ୍ସରେ ପ୍ରଣୟ ଭିଏତ୍‌ନାମର ଏନ୍‌ଗୁଏନ ହାଇ ଡାଙ୍ଗ୍‌ଙ୍କୁ ୨୪-୨୨, ୨୧-୧୨ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ଲକ୍ଷ୍ୟ ସେନ୍, କିଦାମ୍ବି ଶ୍ରୀକାନ୍ତ, ମାଳବିକା ବନସୋଦ ଓ ତନ୍‌ଭି ଶର୍ମା ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି।

# ଭାରତ ଆଶା ଉଜ୍ଜୀବିତ ରଖିଲେ ବୈଶାଳୀ



ମ୍ୟାଚ୍ ଶେଷ ହେବା ପରେ ଆର୍. ବୈଶାଳୀ ଓ ଦିବ୍ୟା ଦେଶମୁଖ ହାତ ମିଳାଉଛନ୍ତି।

**ପାଫୋସ (ସାଇପ୍ରସ), ୮।୪ (ପି.ଟି.)**

**କ୍ୟାଣ୍ଡିଡେଟ୍ସ ଚେସ୍**

ଏଠାରେ ଚାଲିଥିବା ମହିଳା କ୍ୟାଣ୍ଡିଡେଟ୍ସ ଚେସ୍‌ରେ ଭାରତ ଆଶା ଉଜ୍ଜୀବିତ ରଖିଛନ୍ତି ଆର. ବୈଶାଳୀ। ବୁଧବାର ଅନୁଷ୍ଠିତ ୯ମ ରାଉଣ୍ଡରେ ସେ ସାଥି ଖେଳାଳି ଦିବ୍ୟା ଦେଶମୁଖଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ସହ ବୈଶାଳୀ ଚାଇନାର ଜିନର ଝୁଙ୍କ ସମକକ୍ଷ ୫.୫ ପଏଣ୍ଟ ପାଇ ଯୁଗ୍ମ ଅଗ୍ରଣୀ ଲାଭ କରିଛନ୍ତି। ପ୍ରତିଯୋଗିତାରେ ଆହୁରି ୫ ରାଉଣ୍ଡ ଖେଳ ବାକି ଥିବାବେଳେ ପୂର୍ବରୁ ଅଗ୍ରଣୀ ହାସଲ କରିଥିବା ଆନା ମୁଝିଚୁକ୍ ୦.୫ ପଏଣ୍ଟ ପଛରେ ରହି ଯାଇଛନ୍ତି। ଦିବ୍ୟାଙ୍କ ସମେତ ୟୁକ୍ରେନର କାଟରିନା ଲାଗ୍ନୋ ୪.୫ ଏବଂ କାଜାଖସ୍ତାନର ବିବିସାରା ଆସୁଆବାୟେଭା ୪ ପଏଣ୍ଟ ପାଇଛନ୍ତି। ତେବେ ପୂର୍ବତନ ଚାମ୍ପିୟନ ଚାଇନାର ଟାନ ଝୋଙ୍ଗୟି ଏକମାତ୍ର ଖେଳାଳିଭାବେ ଟାଇଟଲ ଦୌଡ଼ରୁ ବାଦ ପଡ଼ି ଯାଇଛନ୍ତି। ଏପର୍ଯ୍ୟନ୍ତ ଗୋଟିଏ ହେଲେ ମ୍ୟାଚ ଜିତିପାରି ନ ଥିବା ଟାନ୍ ମାତ୍ର ୩ ପଏଣ୍ଟ ପାଇଛନ୍ତି।

ଓପନ ବର୍ଗରେ ପ୍ରି-ଇଭେଣ୍ଟ ଫେଭରାଇଟ ଆମେରିକାର ଫାବିଆନୋ କାରୁଆନାଙ୍କୁ ପରାସ୍ତ କରିଛନ୍ତି ନେଦରଲାଣ୍ଡ୍ସର ଆନିଶ ଗିରି। ଫଳରେ ଆନିଶ ୫.୫ ପଏଣ୍ଟରେ ପହଞ୍ଚିଥିବାବେଳେ କାରୁଆନା ୪.୫ରେ ରହିଛନ୍ତି। ଟୁର୍ନାମେଣ୍ଟ ଲିଡର ଉଜବେକିସ୍ତାନର ଜାଭୋଖିର ସିଣ୍ଡାରୋଭଙ୍କ ପଏଣ୍ଟ ସଂଖ୍ୟା ୭ରେ ପହଞ୍ଚିଛି। ଭାରତର ଆର. ପ୍ରଜ୍ଞାନନ୍ଦ ଚାଇନାର ୱେଇ ଇ'ଙ୍କ ସହ ମ୍ୟାଚ ଡ୍ର ରଖି ୪ ପଏଣ୍ଟରେ ପହଞ୍ଚିଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ